ଧରିତ୍ରୀ
DHARITRI
ଧରିତ୍ରୀ 50 Years
ଭୁବନେଶ୍ୱର, ଶୁକ୍ରବାର, ସେପ୍ଟେମ୍ବର ୧୩/୨୦୨୪ (୨୦ ପୃଷ୍ଠା) Bhubaneswar, Friday, September 13/2024 Page 20 ₹ 7.00
୫୦ଶ ଭାଗ ୨୯୦ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 50 ISSUE 290 ମୂଲ୍ୟ ₹୭/-

# ବିବାହିତ ଝିଅଙ୍କୁ ବି ମିଳିବ ଅନୁକମ୍ପାମୂଳକ ନିଯୁକ୍ତି

## କ୍ୟାବିନେଟ୍ ନିଷ୍ପତ୍ତି

ଭୁବନେଶ୍ୱର,୧୨।୯(ଅନିଲ ଦାସ)

ସରକାରୀ ଚାକିରି କରିଥିବା ମାତାପିତାଙ୍କ ଉପରେ ନିର୍ଭରଶୀଳ ଅବିବାହିତ ଝିଅ ଓ ଅବିବାହିତ ସାବତ ଝିଅଙ୍କ ଭଳି ବିବାହିତ ଝିଅ ଓ ବିବାହିତ ସାବତ ଝିଅମାନଙ୍କୁ (ବିବାହ ସ୍ଥିତି ନିର୍ବିଶେଷରେ) ଅନୁକମ୍ପାମୂଳକ ସହାୟତା ନିଯୁକ୍ତି ମିଳିବ। ସେମାନଙ୍କ ଆବେଦନକୁ ନିଯୁକ୍ତି ପାଇଁ ରାଜ୍ୟ ସରକାର ବିଚାରକୁ ନେବେ। ଏଥିପାଇଁ ଓଡ଼ିଶା ବେସାମରିକ ସେବା (ପୁନର୍ବାସ ସହାୟତା) ନିୟମାବଳୀ–୨୦୨୦ରେ ସଂଶୋଧନ କରାଯାଇଛି। ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ ଗୁରୁବାର କ୍ୟାବିନେଟ୍ ମଞ୍ଜୁରୀ ମିଳିଛି। ଏହି ସଂଶୋଧନ ଦ୍ୱାରା ଏଣିକି ସରକାରୀ କର୍ମଚାରୀ ଥିବା ମାତାପିତାଙ୍କ ମୃତ୍ୟୁ ଘଟିଲେ ତାଙ୍କ ଉପରେ ନିର୍ଭର କରୁଥିବା ବିବାହିତା ଝିଅ ଓ ସାବତ ଝିଅଙ୍କୁ ମଧ୍ୟ ଅନୁକମ୍ପାମୂଳକ ନିଯୁକ୍ତି ମିଳିପାରିବ। ଏଥିପାଇଁ ସେମାନେ ଯୋଗ୍ୟ ବିବେଚିତ ହୋଇପାରିବେ। ପୂର୍ବରୁ ଓଡ଼ିଶା ବେସାମରିକ ସେବା (ପୁନର୍ବାସ ସହାୟତା) ନିୟମାବଳୀ–୨୦୨୦ ଅନୁଯାୟୀ କେବଳ ଅବିବାହିତା ଝିଅ ଓ ଅବିବାହିତା ସାବତ ଝିଅମାନଙ୍କୁ ଅନୁକମ୍ପାମୂଳକ ନିଯୁକ୍ତି ପାଇଁ ବିଚାର କରାଯାଉଥିଲା।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନଠାରେ ରାଜ୍ୟ କ୍ୟାବିନେଟ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଛି। ଏଥିରେ ‘ଓଡ଼ିଶା ଅବସରପ୍ରାପ୍ତ ଅଗ୍ନିବୀର(ୟୁନିଫର୍ମ ସେବାରେ ନିଯୁକ୍ତି) ନିୟମାବଳୀ, ୨୦୨୪’ର ପ୍ରଣୟନକୁ ମଧ୍ୟ ଅନୁମୋଦନ କରାଯାଇଛି। ଏହି ନିୟମାବଳୀ ଅନୁଯାୟୀ ରାଜ୍ୟରେ ସମସ୍ତ ୟୁନିଫର୍ମ ସେବାର ତୃତୀୟ ଓ ଚତୁର୍ଥ ଶ୍ରେଣୀ ପଦବୀରେ ନିଯୁକ୍ତି ନିମନ୍ତେ ଅଗ୍ନିବୀରଙ୍କୁ କୌଣସି ଶାରୀରିକ ପରୀକ୍ଷା ଦେବାକୁ ପଡ଼ିବ ନାହିଁ। ସେମାନଙ୍କୁ ଅତିରିକ୍ତ ୧୦ ପ୍ରତିଶତ ସଂରକ୍ଷଣ ସହିତ ବୟସ ସୀମା ୩ ବର୍ଷ ପର୍ଯ୍ୟନ୍ତ କୋହଳ ସୁବିଧା ମିଳିବ। ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଛନ୍ତି, ପ୍ରତ୍ୟକ୍ଷ ନିଯୁକ୍ତି ଦ୍ୱାରା ପୂରଣ ହେଉଥିବା ରାଜ୍ୟର ୟୁନିଫର୍ମ ସେବାରେ ଅବସରପ୍ରାପ୍ତ ଅଗ୍ନିବୀରଙ୍କୁ ଯଥେଷ୍ଟ ନିଯୁକ୍ତି ସୁଯୋଗ ଦେବା ନିମନ୍ତେ ରାଜ୍ୟ କ୍ୟାବିନେଟ୍ ଓଡ଼ିଶା ଅବସରପ୍ରାପ୍ତ ଅଗ୍ନିବୀର ନିୟମାବଳୀ–୨୦୨୪ର ପ୍ରଣୟନକୁ ମଞ୍ଜୁରୀ ଦେଇଛି। ରାଜ୍ୟର ୟୁନିଫର୍ମ ସେବାରେ ପ୍ରତ୍ୟକ୍ଷ ନିଯୁକ୍ତି ଦ୍ୱାରା ପୂରଣ ହେଉଥିବା ସମସ୍ତ ତୃତୀୟ ଓ ଚତୁର୍ଥ ଶ୍ରେଣୀ ବର୍ଗର ☞ ପୃଷ୍ଠା–୪

**ସୂଚନା:** ଅନିବାର୍ଯ୍ୟ କାରଣବଶତଃ ଏ ସପ୍ତାହର ଫିଚର୍ ପୃଷ୍ଠା ‘କ୍ରୀଡ଼ା ଜଗତ’ ପ୍ରକାଶ ପାଇପାରୁନାହିଁ।

**ଆଜିର ସମ୍ପାଦକୀୟ**

**ବିକଳ୍ପ ନୀତି ଆବଶ୍ୟକ**






# ପୂର୍ବତନ ସରପଞ୍ଚଙ୍କୁ ମହିଳାଙ୍କ ଜୋତା ମାଡ଼

ବାସୁଦେବପୁର,୧୨।୯(ନାରାୟଣ ପ୍ରସାଦ ବାରିକ୍)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ଗୁରୁବାର ମଧ୍ୟାହ୍ନରେ ଜଣେ ମହିଳା ସର୍ବସମ୍ମୁଖରେ ବାଲିମେଦ ପଞ୍ଚାୟତର ପୂର୍ବତନ ସରପଞ୍ଚଙ୍କୁ ଗାଳିଗୁଲଜ କରିବା ସହ ଜୋତାରେ ମାଡ଼ ମାରିଛନ୍ତି। ଏହାକୁ ନେଇ ବ୍ଲକ ଅଫିସ ପରିସରରେ କିଛି ସମୟ ପାଇଁ ଅପ୍ରୀତିକର ପରିସ୍ଥିତି ଉପୁଜିଥିବା ବେଳେ ବାସୁଦେବପୁର ପୋଲିସ ଉକ୍ତ ମହିଳାଙ୍କୁ ଥାନାକୁ ନେଇ ଅଟକ ରଖିଛି। ସୂଚନା ଅନୁଯାୟୀ, ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ ପଳିତା ବ୍ଲକ ଅଫିସ୍ ପରିସରରେ ଥିବାବେଳେ ହଠାତ୍ ମହିଳା ଜଣକ ଆସି କାହିଁକି ତାଙ୍କ ନାମରେ ଲୋକଙ୍କ ପାଖରେ ଭିନ୍ନ ମନ୍ତବ୍ୟ ଦେଉଛନ୍ତି ବୋଲି ପ୍ରଶ୍ନ କରିଥିଲେ। ଗାଳିଗୁଲଜ କରିବା ସହ ହଠାତ୍ ଜୋତା କାଢ଼ି ତାଙ୍କୁ ମାଡ଼ ମାରିଥିଲେ। ସେଠାରେ ଉପସ୍ଥିତ ଲୋକେ ଏହାକୁ ବିରୋଧ କରିଥିଲେ। ପୂର୍ବତନ ସରପଞ୍ଚ ଓ ମହିଳାଙ୍କ ମଧ୍ୟରେ ଠେଲାପେଲା ହୋଇଥିଲା। ବାସୁଦେବପୁର ପୋଲିସ ପହଞ୍ଚି ସମ୍ପୃକ୍ତ ମହିଳାଙ୍କୁ ଥାନାକୁ ନେଇଯାଇଥିଲା। ମହିଳା ଜଣକ ତାଙ୍କୁ ଏକାଧିକବାର ଗାଳିଗୁଲଜ କରିଥିବା ବେଳେ ଅତର୍କିତ ଭାବେ ମାଡ଼ ମାରିଛନ୍ତି ବୋଲି ପ୍ରଫୁଲ୍ଲ କହିଛନ୍ତି। ଅପରପକ୍ଷେ ପୂର୍ବତନ ସରପଞ୍ଚ ତାଙ୍କ ବିରୋଧରେ ଅଶ୍ଳୀଳ କଥା କହୁଥିବା ମହିଳା ଜଣକ ପ୍ରକାଶ କରିଛନ୍ତି। ଦୁଇପକ୍ଷର ଅଭିଯୋଗ ଆଧାରରେ ତଦନ୍ତ କରାଯିବ ବୋଲି ଆଇଆଇସି ଲୋପାମୁଦ୍ରା ନାୟକ କହିଛନ୍ତି।

# ଆକାଶମାର୍ଗରୁ ବର୍ଷା କ୍ଷୟକ୍ଷତି ଅନୁଧ୍ୟାନ



ମାଲକାନଗିରି ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଗୁରୁବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଅନ୍ୟମାନେ ଜିଲାରେ ବର୍ଷାଜନିତ କ୍ଷୟକ୍ଷତି ସମ୍ପର୍କରେ ସମୀକ୍ଷା କରୁଛନ୍ତି।

## ମାଲକାନଗିରିରେ ମୁଖ୍ୟମନ୍ତ୍ରୀ

## ୭ ଦିନରେ କ୍ଷୟକ୍ଷତି ରିପୋର୍ଟ ଦେବାକୁ ନିର୍ଦ୍ଦେଶ

ମାଲକାନଗିରି,୧୨।୯(ଦୁର୍ଯ୍ୟୋଧନ ପାତ୍ର)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦିନିକିଆ ମାଲକାନଗିରି ଜିଲାକୁ ଯାଇ ଲଗାଣ ବର୍ଷାଜନିତ କ୍ଷୟକ୍ଷତି ସମ୍ପର୍କରେ ଅନୁଧ୍ୟାନ କରିଛନ୍ତି। ମୁଖ୍ୟମନ୍ତ୍ରୀ ଆକାଶ ମାର୍ଗରୁ ପ୍ରଭାବିତ ଅଞ୍ଚଳ ପରିଦର୍ଶନକରି ବିଏସ୍ଏଫ୍ ହେଲିପ୍ୟାଡ୍‌ରେ ଅବତରଣ କରିଥିଲେ। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ସ୍ୱତନ୍ତ୍ର ରିଲିଫ କମିଶନର ଦେଓରଞ୍ଜନ ସିଂ, ନବରଙ୍ଗପୁର ଏମ୍‌ପି ବଳଭଦ୍ର ମାଝି, ମାଲକାନଗିରି ବିଧାୟକ ନରସିଂହ ମାଡକାମି, ଦକ୍ଷିଣାଞ୍ଚଳ ଡିଆଇଜି ଚରଣ ସିଂ ମୀନା, ଜିଲାପାଳ ଆଶିଷ ଈଶ୍ୱର ପାଟିଲ ଓ ଆରକ୍ଷୀ ଅଧୀକ୍ଷକ ନୀତେଶ ବାଧ୍ୱାନୀ ପ୍ରମୁଖ ମଞ୍ଚାସୀନ ଥିଲେ। ୭ ଦିନ ମଧ୍ୟରେ ସମସ୍ତ କ୍ଷୟକ୍ଷତି ଆକଳନକରି ରିପୋର୍ଟ ପ୍ରେରଣ କରିବାକୁ ମୁଖ୍ୟମନ୍ତ୍ରୀ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅଗ୍ରାଧିକାର ଭିତ୍ତିରେ ଭାଙ୍ଗିଯାଇଥିବା କଚ୍ଚାଘର ନିମନ୍ତେ ସହାୟତା ଓ ବିଜୁଳି ସଂଯୋଗକୁ ସେ ଗୁରୁତ୍ୱ ଦେଇଥିଲେ। ଜଣେ ମଧ୍ୟ କ୍ଷତିଗ୍ରସ୍ତ ବ୍ୟକ୍ତି ଯେପରି ସରକାରୀ ସହାୟତା ପାଇବାରୁ ବଞ୍ଚିତ ନ ହୁଅନ୍ତି ସେଥିପ୍ରତି ଯତ୍ନବାନ୍ ହେବାକୁ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରବଳ ବର୍ଷା ଯୋଗୁ ଜଳଜନିତ ରୋଗକୁ ପ୍ରତିହତ କରିବା ପାଇଁ ପର୍ଯ୍ୟାପ୍ତ ପରିମାଣରେ ବିଶୁଦ୍ଧ ପାନୀୟ ଜଳ ଯୋଗାଇଦେବା ପାଇଁ କୁହାଯାଇଛି। ଜିଲା ଓ ପୋଲିସ ପ୍ରଶାସନର ପୂର୍ବ ପ୍ରସ୍ତୁତି ଯୋଗୁ ଜିରୋ କାଜୁଆଲ୍‌ଟି ସମ୍ଭବ ହୋଇପାରିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ପାଣିପାଗ ବିଭାଗରୁ ପ୍ରାପ୍ତ ସୂଚନା ଜିଲାପାଳମାନଙ୍କୁ ପ୍ରେରଣ କରାଯାଇ ସତର୍କ ରହିବାକୁ କୁହାଯାଇଥିଲା। ଏଥିସହ ରାଜ୍ୟ ଆପତ୍‌କାଳୀନ ପରିଚାଳନା କେନ୍ଦ୍ରରୁ ପରିସ୍ଥିତି ଉପରେ ୨୪ ଘଣ୍ଟିଆ ନଜର ରଖାଯାଉଥିଲା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏଭଳି ସମ୍ବେଦନଶୀଳ ସମୟରେ ଓଡ୍ରାଫ୍ ଓ ଅଗ୍ନିଶମ କର୍ମଚାରୀଙ୍କ ସେବା ପ୍ରଶଂସନୀୟ ବୋଲି ରାଜସ୍ୱ ମନ୍ତ୍ରୀ ପୂଜାରୀ ମତ ଦେଇଥିଲେ। ରିଲିଫ୍ କୋଡ୍ ଅନୁଯାୟୀ ସମସ୍ତ କ୍ଷୟକ୍ଷତିର ଆକଳନ କରାଯାଇ ପର୍ଯ୍ୟାପ୍ତ ସହାୟତା ରାଶି ପ୍ରଦାନ କରାଯିବ ବୋଲି ପୂଜାରୀ କହିଛନ୍ତି।

ସୂଚନାଯୋଗ୍ୟ, ସେପ୍ଟେମ୍ବର ୫ରେ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଥିଲା। ଏହା କ୍ରମେ ଘନୀଭୂତ ହୋଇ ୮ ତାରିଖରେ ଗଭୀର ଅବପାତରେ ପରିଣତ ହୋଇଥିଲା । ଏହାର ପ୍ରଭାବରେ ୯ ଓ ୧୦ତାରିଖରେ ମାଲକାନଗିରି ଜିଲାରେ ଅତି ପ୍ରବଳ ବର୍ଷା ହୋଇଥିଲା। ଏଥି ନିମନ୍ତେ ମୁଖ୍ୟମନ୍ତ୍ରୀ ଆକାଶ ମାର୍ଗରେ ପ୍ରଭାବିତ ଅଞ୍ଚଳ ପରିଦର୍ଶନକରି ବିଏସ୍ଏଫ୍ ହେଲିପ୍ୟାଡ୍‌ରେ ଅବତରଣ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଯୁଗ୍ମ ସଚିବ ତ୍ରିଲୋଚନ ମହାନ୍ତିଙ୍କ ସମେତ ବରିଷ୍ଠ ଅଧିକାରୀ ଓ ଜିଲାସ୍ତରୀୟ ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ।

# ସବୁ ଜିଲା ତଥା ପୌରାଞ୍ଚଳରେ ସୁଗମ କାର୍ଯ୍ୟକାରିତା ଉପରେ ଗୁରୁତ୍ୱ

## 'ସ୍ୱଚ୍ଛତା ହିଁ ସେବା' ଅଭିଯାନର ପ୍ରସ୍ତୁତି ନେଇ ସମୀକ୍ଷା ବୈଠକ

ଭୁବନେଶ୍ୱର, ୧୨।୯(ସୁନିତ୍ ମିଶ୍ର)

ସ୍ୱଚ୍ଛତା ହିଁ ସେବା ଅଭିଯାନର ପ୍ରସ୍ତୁତି ଉପରେ ମିଳିତ ସମୀକ୍ଷା ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଗୃହ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀ ଏବଂ ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ ପ୍ରମୁଖ ସଚିବ ଏସ୍. କେ. ଲୋହାନି ମିଳିତ ଭାବେ ଏହି ସମୀକ୍ଷା କରିଛନ୍ତି। ଉକ୍ତ ସମୀକ୍ଷା ଓଡ଼ିଶାର ସମସ୍ତ ଜିଲା ତଥା ପୌରାଞ୍ଚଳ ମଧ୍ୟରେ ଅଭିଯାନର ସୁଗମ କାର୍ଯ୍ୟକାରିତାକୁ ସୁନିଶ୍ଚିତ କରିବାକୁ ଲକ୍ଷ୍ୟ ରଖାଯାଇଛି। ଭୁବନେଶ୍ୱରଠାରେ ଆୟୋଜିତ ଏହି ବୈଠକରେ ଜିଲାପାଳମାନଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଅଂଶଗ୍ରହଣ କରିଛନ୍ତି। ଉଭୟେ ପାଢ଼ୀ ଏବଂ ଲୋହାନି ସ୍ୱଚ୍ଛତା ହିଁ ସେବା ନିର୍ଦ୍ଦେଶାବଳୀ ପାଳନ କରିବା ଏବଂ ଅଭିଯାନ କାର୍ଯ୍ୟକଳାପ ଠିକ୍ ସମୟରେ ସମାପ୍ତହେବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଏକ ପରିଷ୍କାର ତଥା ସ୍ୱାସ୍ଥ୍ୟକର ଓଡ଼ିଶା ଲକ୍ଷ୍ୟ ହାସଲ କରିବା ପାଇଁ ଜିଲା ପ୍ରଶାସନ, ପୌରାଞ୍ଚଳ ଏବଂ ସମ୍ପ୍ରଦାୟ ମଧ୍ୟରେ ସମନ୍ୱିତ ପ୍ରୟାସର ଆବଶ୍ୟକତା ଉପରେ ସେମାନେ ଗୁରୁତ୍ୱାରୋପ କରିଛନ୍ତି। ଉଷା ପାଢ଼ୀ ସ୍ୱଚ୍ଛ ଭାରତ ମିଶନ ଲକ୍ଷ୍ୟ ହାସଲ କରିବାରେ ସ୍ୱଚ୍ଛତା ହିଁ ସେବା ଅଭିଯାନର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ବିଶେଷ ଭାବେ ବର୍ଜ୍ୟବସ୍ତୁ ପରିଚାଳନା, ଜନସାଧାରଣଙ୍କ ଅଂଶଗ୍ରହଣ ଏବଂ ନିରନ୍ତର ପରିମଳ ଅଭ୍ୟାସ ଉପରେ ଧ୍ୟାନ ଦେଇଛନ୍ତି। ଏହି ଅଭିଯାନକୁ ଏକ ଜନ ଆନ୍ଦୋଳନ କରିବାକୁ ନାଗରିକ, ସମ୍ପ୍ରଦାୟ ସଙ୍ଗଠନ ଏବଂ ସ୍ଥାନୀୟ ହିତାଧିକାରୀଙ୍କୁ ନିୟୋଜିତ କରିବାକୁ ସେ ଜିଲା ଅଧିକାରୀମାନଙ୍କୁ ଅନୁରୋଧ କରିଛନ୍ତି। ଲୋହାନି ତାଙ୍କ ବକ୍ତବ୍ୟରେ ଗ୍ରାମାଞ୍ଚଳରେ ଏବଂ ସହରାଞ୍ଚଳ କର୍ତ୍ତୃପକ୍ଷଙ୍କ ମଧ୍ୟରେ ଘନିଷ୍ଠ ସହଯୋଗର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଏହି ଅଭିଯାନର ସଫଳତାରେ ତୃଣମୂଳସ୍ତରରେ ପ୍ରଭାବଶାଳୀ ଯୋଗାଯୋଗ ଏବଂ ନିରବଚ୍ଛିନ୍ନ ସମନ୍ୱୟ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ। ସମୀକ୍ଷା ବୈଠକରେ ମନିଟରିଂ ମେକାନିଜମ୍, ବର୍ଜ୍ୟବସ୍ତୁ ପୃଥକତା ପାଇଁ ସର୍ବୋତ୍ତମ ଅଭ୍ୟାସ ଏବଂ ଜନସାଧାରଣଙ୍କ ଯୋଗଦାନ ପାଇଁ ଅଭିନବ ଉପାୟ ଉପରେ ଆଲୋଚନା ମଧ୍ୟ କରାଯାଇଛି।

# ଗରମ ଡାଲି ପଡ଼ି ଛାତ୍ର ଗୁରୁତର

## ଡେରିଗା ଆଶ୍ରମ ସ୍କୁଲରେ ଅଘଟଣ

ପଦ୍ମପୁର, ୧୨।୯ (ପ୍ରଶାନ୍ତ କୁମାର କର)

ରାୟଗଡ଼ା ଜିଲା ପଦ୍ମପୁର ବ୍ଲକ୍ ଅନ୍ତର୍ଗତ ଡେରିଗା ଆଶ୍ରମ ସ୍କୁଲରେ ଏକ ଅଭାବନୀୟ ଘଟଣା ଘଟିଛି। ବୁଧବାର ରାତିରେ ଖାଦ୍ୟ ପାଇଁ ପ୍ରସ୍ତୁତ ହେଉଥିବା ଗରମ ଡାଲିକୁ ସ୍କୁଲ ପିଅନ ନେଇ ଯାଉଥିବାବେଳେ ଜଣେ ୫ମ ଶ୍ରେଣୀ ଛାତ୍ର ମାନସ ଶବର (୧୧)ଙ୍କ ଉପରେ ପଡ଼ିଯିବାରୁ ସେ ଗୁରୁତର ଆହତ ହୋଇଛନ୍ତି। ତାଙ୍କ ଶରୀରର ପ୍ରାୟ ୨୫ ଭାଗ ପୋଡ଼ିଯାଇଛି। ତେବେ ଘଟଣାକୁ ଲୁଚାଇବାକୁ ସମ୍ପୃକ୍ତ ପିଅନ ଛାତ୍ରଙ୍କୁ ତାଙ୍କ ଘରେ ଛାଡ଼ି ଦେଇଥିଲେ। ଗୁରୁବାର ସକାଳୁ ଜଳାପୋଡ଼ାରେ ଛଟପଟ ପିଲାକୁ ଧରି ବିଧବା ମା' ପଦ୍ମପୁର ମେଡିକାଲରେ ପହଞ୍ଚିଥିଲେ। ଖବରପାଇ ବ୍ଲକ୍ ମଙ୍ଗଳ ଅଧିକାରୀ ସସ୍ମିତା ରଥ ପଦ୍ମପୁର ମେଡିକାଲରେ ପହଞ୍ଚି ଶିଶୁର ସ୍ୱାସ୍ଥ୍ୟାବସ୍ଥା ଅନୁଧ୍ୟାନ କରିଥିଲେ। ପିଲା ଗୁରୁତର ଥିବାରୁ ଡାକ୍ତର ତାଙ୍କୁ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟର ବର୍ନ ୟୁନିଟ୍‌କୁ ସ୍ଥାନାନ୍ତର କରିଛନ୍ତି। ଡେରିଗା ଆଶ୍ରମ ସ୍କୁଲରେ ବୁଧବାର ରାତିରେ ଖାଦ୍ୟ ପାଇଁ ପ୍ରସ୍ତୁତ ହେଉଥିବା ଗରମ ଡାଲିକୁ ପିଅନ ସୂର୍ଯ୍ୟାରାଓ କାଡକ୍କା ନେଉଥିବାବେଳେ ଛାତ୍ର ମାନସଙ୍କ ଉପରେ ପଡ଼ିଯାଇଥିଲା। ତେବେ ଘଟଣା ପ୍ରଘଟ ହେବା ଭୟରେ ପିଅନ କାଡକ୍କା ସ୍କୁଲରେ କାହାକୁ ନ ଜଣାଇ ତାଙ୍କ ଘରେ ଛାଡ଼ିଦେଇଥିବା ମାନସଙ୍କ ମା' କୁମାରୀ ଶବର କହିଛନ୍ତି। ଘଟଣା ସମ୍ପର୍କରେ ପଦ୍ମପୁରର କିଛି ଗଣମାଧ୍ୟମ ପ୍ରତିନିଧି ଜାଣିବା ପରେ ସ୍ଥାନୀୟ ବିଡିଓ ଶିବ ପ୍ରସାଦ ପଟ୍ଟନାୟକ ଓ ବ୍ଲକ୍ ମଙ୍ଗଳ ଅଧିକାରୀ ସସ୍ମିତା ରଥଙ୍କୁ ଅବଗତ କରିଥିଲେ। ମେଡିକାଲ ପକ୍ଷରୁ ଏ ନେଇ ପଦ୍ମପୁର ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ଉକ୍ତ ଘଟଣାକୁ କେଉଁ କାରଣରୁ ଲୁଚାଇବାକୁ ଉଦ୍ୟମ କରାଯାଉଥିଲା, ନା ଏଥିରେ ଆଉ କିଏ ସମ୍ପୃକ୍ତ ଅଛନ୍ତି, ସେ ନେଇ ତଦନ୍ତ କରାଯିବାକୁ ଦାବି ହୋଇଛି। ପଦ୍ମପୁର ପୋଲିସ ଘଟଣାର ତଦନ୍ତ କରୁଥିବା ଜଣାପଡ଼ିଛି।



ଚିକିତ୍ସିତ ହେଉଥିବା ଛାତ୍ର




# ଲଘୁଚାପ: ୧୪ରୁ ୧୬ ପ୍ରବଳ ବର୍ଷା ସମ୍ଭାବନା

## ମହାନଦୀରେ ବନ୍ୟା ଆଶଙ୍କା

ଭୁବନେଶ୍ୱର,୧୨।୯(ଅନିଲଦାସ)

ବାଂଲାଦେଶ ଉପକୂଳ ଓ ଏହାର ଆଖପାଖ ଅଞ୍ଚଳରେ ଏକ ଘୂର୍ଣ୍ଣିବଳୟ କ୍ଷେତ୍ର ସୃଷ୍ଟି ହୋଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଏହା ଲଘୁଚାପରେ ପରିଣତ ହେବାର ସମ୍ଭାବନା ରହିଛି। ଏହା ଧୀରେ ଧୀରେ ପଶ୍ଚିମ-ଉତ୍ତର-ପଶ୍ଚିମ ଦିଗକୁ ଗତିକରି ପଶ୍ଚିମବଙ୍ଗ ଉପକୂଳ ଏବଂ ଉତ୍ତର ପଶ୍ଚିମ ବଙ୍ଗୋପସାଗରରେ ଗଭୀର ଅବପାତ (ଡିପ୍ରେସନ)ରେ ପରିଣତ ହେବ। ଲଘୁଚାପ ପ୍ରଭାବରେ ଆସନ୍ତା ୧୩ରୁ ୧୬ ତାରିଖ ମଧ୍ୟରେ ପଶ୍ଚିମ ଓଡ଼ିଶାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଶୁକ୍ରବାର କଳାହାଣ୍ଡି ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ମୟୂରଭଞ୍ଜ, କେନ୍ଦୁଝର, ଢେଙ୍କାନାଳ ଏବଂ ସୁନ୍ଦରଗଡ଼ ଜିଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲାପାଇଁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି।

ତେବେ ଲଘୁଚାପ ଯୋଗୁ ୧୪ ରୁ ୧୬ ତାରିଖ ଯାଏ ମଧ୍ୟ ପ୍ରଦେଶ ଓ ଛତିଶଗଡରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏଥିଯୋଗୁ ମହାନଦୀରେ ବନ୍ୟା ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି । ମହାନଦୀ ଫୁଲିଲେ ଏହାର ଶାଖା ନଦୀଗୁଡ଼ିକରେ ବନ୍ୟା ପରିସ୍ଥିତି ସୃଷ୍ଟି ହେବା ନେଇ ଆକଳନ କରାଯାଇଛି। ଲଘୁଚାପ ଯୋଗୁ ଉପକୂଳରେ ଘଣ୍ଟାକୁ ୪୦ରୁ ୫୦ କି.ମି. ବେଗରେ ପବନ ବହିବା ସମ୍ଭାବନା ଅଛି। ସମ୍ଭାବ୍ୟ ଲଘୁଚାପକୁ ଦୃଷ୍ଟିରେ ରଖି ମତ୍ସ୍ୟଜୀବୀଙ୍କୁ ୧୩ରୁ ୧୫ ତାରିଖ ଯାଏ ସମୁଦ୍ରକୁ ନ ଯିବା ପାଇଁ ପରାମର୍ଶ ଦିଆଯାଇଛି। ଯେଉଁମାନେ ଗଭୀର ସମୁଦ୍ରରେ ଅଛନ୍ତି ସେମାନେ ତୁରନ୍ତ କୂଳକୁ ଫେରି ଆସିବାକୁ ପରାମର୍ଶ ଦିଆଯାଇଛି। ଏଥିସହିତ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ୬ ଜିଲା ଗଞ୍ଜାମ, ପୁରୀ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଭଦ୍ରକ ଓ ବାଲେଶ୍ୱର ଜିଲାପାଳଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି।

# ବିଦ୍ୟୁତ୍ ତାରରେ ଛନ୍ଦିହୋଇ ମାଈ ହାତୀର ମୃତ୍ୟୁ

ବାରିପଦା(ନୀଳାଦ୍ରି ବିହାରୀ ଦଣ୍ଡପାଟ)/ବୈଶିଙ୍ଗା(ରତନ ଦାଶ)/ ମୋରଡ଼ା(ସ୍ମାରକ ମାଜୀ),୧୨।୯

ମୟୂରଭଞ୍ଜ ଜିଲା ବେତନଟୀ ରେଞ୍ଜ ଅଧୀନ ସଇତପୁର ପଞ୍ଚାୟତର ଜାମଶୁଳୀ ଗ୍ରାମରେ ଗୁରୁବାର ବିଦ୍ୟୁତ୍ ସଂସ୍ପର୍ଶରେ ଏକ ମାଈ ହାତୀର ମୃତ୍ୟୁ ଘଟିଛି। ଧାନକ୍ଷେତର ସୁରକ୍ଷା ପାଇଁ ଜିଆଇ ତାର ବିଛାଇ ବିଦ୍ୟୁତ୍ ସଂଯୋଗ କରାଯାଇଥିବା ବେଳେ ଏଥିରେ ଛନ୍ଦିହୋଇ ହାତୀର ପ୍ରାଣ ଯାଇଥିବା ବାରିପଦା ବନଖଣ୍ଡ ଅଧିକାରୀ ଏ. ଉମା ମହେଶ କହିଛନ୍ତି। ଘଟଣାସ୍ଥଳରେ ବନ ବିଭାଗ କର୍ମଚାରୀ ପହଞ୍ଚି ମୃତ୍ୟୁର କାରଣ ସମ୍ପର୍କରେ ଅନୁସନ୍ଧାନ ଚଳାଇଛନ୍ତି।

ସୂଚନାଯୋଗ୍ୟ, ବେତନଟୀ ରେଞ୍ଜ ଅଧୀନ ବଡ଼ାମ ସେକ୍ସନ ଅଞ୍ଚଳରେ ୧୯ଟି ହାତୀ ବିଚରଣ କରୁଥିଲେ। ଗୋଠରୁ ଅଲଗାହୋଇ ୧୩ ବର୍ଷର ଏକ ମାଈ ହାତୀ ଜାମଶୁଳୀ ଗାଁମୁହାଁ ହୋଇଥିଲା। ଗାଁ ପାଖରେ ଧାନକ୍ଷେତକୁ ସୁରକ୍ଷା ଦେବା ପାଇଁ ବିଛାଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ତା'ର ମୃତ୍ୟୁ ହୋଇଥିଲା। ହାତୀ ଶୁଣ୍ଢରେ ବିଦ୍ୟୁତ୍ ତାର ଲାଗିଥିବା ଦେଖିବାକୁ ମିଳିଛି। ବନ ବିଭାଗ କର୍ମଚାରୀମାନେ ପହଞ୍ଚି ରାମ ହେମ୍ବ୍ରମଙ୍କ ଜମିରେ ପଡ଼ିଥିବା ହାତୀ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଛନ୍ତି । ଡାକ୍ତରୀ ଦଳ, ଭୁବନେଶ୍ୱରରୁ ଆସିଥିବା ଏସ୍‌ଟିଏଫ୍‌ର ଅଧିକାରୀ, ବାରିପଦା ଡିଏଫ୍‌ଓ, ବେତନଟୀ ରେଞ୍ଜର ମନଓ୍ୱର ଖାଁ, ସାଇଣ୍ଟିଫିକ୍ ଟିମ୍‌ଙ୍କ ଉପସ୍ଥିତିରେ ଭିଡିଓ ରେକର୍ଡିଂ କରାଯାଇ ହାତୀ ମୃତଦେହ ବ୍ୟବଚ୍ଛେଦ କରାଯାଇଥିଲା। ତେବେ ବିଦ୍ୟୁତ୍ ତାର ବିଛାଇବାରେ ଏକାଧିକ ଲୋକ ସାମିଲଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିବା ବନ ବିଭାଗ ସୂଚନା ଦେଇଛି। ବିଦ୍ୟୁତ୍ ସଂଯୋଗ କରି ହାତୀକୁ ମାରିଥିବା ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବନଖଣ୍ଡ ଅଧିକାରୀ ମହେଶ ପ୍ରକାଶ କରିଛନ୍ତି। ଉଲ୍ଲେଖଯୋଗ୍ୟ, ୨ ମାସ ପୂର୍ବେ ରାସଗୋବିନ୍ଦପୁର ରେଞ୍ଜ ନାକିଚୁଆ ସେକ୍ସନ ଚିଆଖାଇ ଅଞ୍ଚଳରେ ଏକ ୬ ବର୍ଷର ହାତୀ ବିଦ୍ୟୁତ୍ ସଂସ୍ପର୍ଶରେ ପ୍ରାଣ ହରାଇଥିଲା। ଏହି ଘଟଣାରେ ବନ ବିଭାଗ ୩ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା ।



ମୃତ ମାଈ ହାତୀ

# ଜବାହର ନବୋଦୟ ବିଦ୍ୟାଳୟରେ ଛାତ୍ରଙ୍କୁ ରାଗିଂ

ହାଟଡ଼ିହୀ(ଶୁଭକାନ୍ତ ନାୟକ)/ ଛେନାପଦି(ନିରାକାର ପରିଡ଼ା),୧୨।୯

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ଅଧୀନ ହଦଗଡ଼ ପିଏମ୍‌ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟରେ ରାଗିଂ ଅଭିଯୋଗ ହୋଇଛି। ନବମ ଶ୍ରେଣୀ ଛାତ୍ରଙ୍କୁ ସିନିୟର ଛାତ୍ରମାନେ ମାଡ଼ ମାରୁଥିବା ନେଇ ଛାତ୍ରଙ୍କ ଅଭିଭାବକ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ମାମଲା(ନଂ.୧୭୧/୨୦୨୪) ରୁଜୁକରି ତଦନ୍ତ ଆରମ୍ଭ କରିଛି।

ଅଭିଯୋଗ ମୁତାବକ, ସୋସୋ ଥାନା ବାଲିଆ ଗ୍ରାମର ମନ୍ଦରଧର ରାଉତଙ୍କ ପୁଅ ହଦଗଡ଼ ଜବାହର ନବୋଦୟ ବିଦ୍ୟାଳୟରେ ପଢୁଛନ୍ତି। ସେ ୬ଷ୍ଠ ଶ୍ରେଣୀରେ ପଢ଼ିବା ସମୟରୁ କେତେଜଣ ସିନିୟର ଛାତ୍ର ମାଡ଼ମାରି ଆସୁଛନ୍ତି। ଏ ସମ୍ପର୍କରେ ଅଭିଭାବକ ସ୍କୁଲ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ଏବେ ଛାତ୍ର ୯ମ ଶ୍ରେଣୀରେ ପଢୁଥିବା ବେଳେ ମାର୍ଚ୍ଚ ୨୯ରେ ସିନିୟର ପିଲାମାନେ ମାଡ଼ ମାରି ଛାତ୍ରଙ୍କ ଗାଲ, ମୁହଁ ଫୁଲାଇ ଦେଇଥିଲେ। ସେ ସମୟରେ ମଧ୍ୟ ସ୍କୁଲ କର୍ତ୍ତୃପକ୍ଷ ଘଟଣାକୁ ଚପାଇଦେଇଥିଲେ। ଗତ ବୁଧବାର ଭୋପାଳରୁ ଅତିରିକ୍ତ କମିଶନର ଆସିଥିବା ଜାଣି ଛାତ୍ରଙ୍କ ବାପା ମନ୍ଦରଧର ଓ ଭଉଣୀ ମନୋଜା ଅଭିଯୋଗ କରିବାକୁ ଆସିଥିଲେ। ସେହି ସମୟରେ କ୍ଲାସ୍ ରୁମ୍‌ରେ ଛାତ୍ରଙ୍କୁ କେତେଜଣ ଛାତ୍ର ମାଡ଼ ମାରୁଥିବା ଦେଖିଥିଲେ। ଏ ସଂକ୍ରାନ୍ତରେ ମନ୍ଦରଧର ନିକଟସ୍ଥ ସୋସୋ ଥାନାରେ ଅଭିଯୋଗ କରିଥିଲେ। ୩ ଛାତ୍ରଙ୍କ ନାମରେ ମାମଲା ରୁଜୁ ହୋଇଥିବା ସୋସୋ ଆଇଆଇସି ବିଜୟ ବିହାରୀ ବିଦ୍ୟାଳୟକୁ ଯାଇ ତଦନ୍ତ କରିଛନ୍ତି। ଅଧ୍ୟକ୍ଷ ପି. ମଣିକଣ୍ଠନ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ଜବାହର ନବୋଦୟ ବିଦ୍ୟାଳୟର ମୁଖ୍ୟ ଅଫିସ ଭୋପାଳର ଅତିରିକ୍ତ କମିଶନର ପି. ମୁନିରାମେୟା କହିଛନ୍ତି, ଘଟଣାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ଅନ୍ୟପକ୍ଷରେ ଅଭିଭାବକ କମିଟି, ଅଧ୍ୟକ୍ଷ ପି. ମଣିକନ୍ଦନ, ଭୋପାଳରୁ ଆସିଥିବା ଅତିରିକ୍ତ ଆୟୋଗ ଭି. ମୁନିରାମେୟା, ନୟାଗଡ଼ ନବୋଦୟ ବିଦ୍ୟାଳୟର ଉପାଧ୍ୟକ୍ଷ ପ୍ରମୋଦ ବାରିକ, କଟକର ଅଧ୍ୟକ୍ଷ ରାମରାଜ ସିଂ ପ୍ରମୁଖଙ୍କ ନିଷ୍ପତ୍ତିକ୍ରମେ ପୀଡ଼ିତ ଛାତ୍ରଙ୍କୁ ଅନ୍ୟତ୍ର ନବୋଦୟ ବିଦ୍ୟାଳୟକୁ ସ୍ଥାନାନ୍ତର ପ୍ରସ୍ତାବ ନିଆଯାଇଥିଲା। ମାତ୍ର ଏଥିରେ ଛାତ୍ରଙ୍କ ବାପା ମନ୍ଦରଧର ରାଜି ହୋଇ ନ ଥିଲେ।



ଛାତ୍ରଙ୍କ ଭଉଣୀ ଅଭିଯୋଗପତ୍ର ଦେଖାଉଛନ୍ତି।

# ୧୨ ଘଣ୍ଟିଆ ତେଲକୋଇ ବନ୍ଦ

- ଚକଦର ଜଳସେଚନ ପ୍ରକଳ୍ପକୁ ବିରୋଧ
- ଜାତୀୟ ରାଜପଥରେ ଗାଡ଼ି ଚଳାଚଳ ଠପ୍



ରାସ୍ତା କଡ଼ରେ ଅଟକି ରହିଥିବା ଟ୍ରକ୍

କେନ୍ଦୁଝର/ତେଲକୋଇ (ନରେଶ ଚନ୍ଦ୍ର ପଟ୍ଟନାୟକ/ରଞ୍ଜିତ ବିଶ୍ୱାଳ),୧୨।୯

କେନ୍ଦୁଝର ଜିଲା ତେଲକୋଇ ବ୍ଲକ୍‌ରେ ଥିବା ସମାକୋଇ ନଦୀରେ ପ୍ରସ୍ତାବିତ ଚକଦର ଜଳସେଚନ ପ୍ରକଳ୍ପ ନିର୍ମାଣକୁ ଅଞ୍ଚଳବାସୀ ବିରୋଧ କରିଆସୁଛନ୍ତି। ଏହାର ପ୍ରତିବାଦରେ ଚକଧର ପ୍ରକଳ୍ପ ସମନ୍ୱୟ ସମିତି ପକ୍ଷରୁ ଗୁରୁବାର ତେଲକୋଇ ୧୨ ଘଣ୍ଟା ବନ୍ଦ ହୋଇଥିଲା। ଏ ନେଇ ଜଗମୋହନପୁର ଛକରେ ୪୯ ନମ୍ବର ଜାତୀୟ ରାଜପଥ ଅବରୋଧ କାରଣରୁ ରାସ୍ତାର ୨ ପାର୍ଶ୍ୱରେ ଅନେକ ଶହ ସଂଖ୍ୟାରେ ଲାଇନ୍ ଟ୍ରକ୍, ଟ୍ରେଲର, ବସ୍ ସମେତ ଗାଡ଼ି ଅଟକି ରହିଥିଲା। ରାସ୍ତାରେ ଗାଡ଼ି ଚଳାଚଳ ଠପ୍ ହୋଇଯାଇଥିଲା।

ପ୍ରକାଶ ଯେ, ମୋହନ ସରକାରଙ୍କ ପ୍ରଥମ ବଜେଟରେ ଅନୁଗୁଳ ସମାକୋଇ ବ୍ୟାରେଜ ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ ଘୋଷଣା ହୋଇଛି। ଯାହାର ନିର୍ମାଣସ୍ଥଳ କେନ୍ଦୁଝର ଜିଲା କରଦାଙ୍ଗି ପଞ୍ଚାୟତ ଚକଧରଠାରେ ରହିଛି। ଏହି ପ୍ରକଳ୍ପ ଅନୁମୋଦନ ଲାଭ କରିବା ପରେ ତେଲକୋଇ ବ୍ଲକ୍‌ରେ ବହୁ ଗାଁ ଜଳମଗ୍ନ ହେବା ଆଶଙ୍କା ଥିବାରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଫଳରେ ଅଗଷ୍ଟ ୨୭ରେ ତେଲକୋଇ ବନ୍ଦ ଡାକରା ଦେଇ ପ୍ରକଳ୍ପ ବନ୍ଦ କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ଦିଆଯାଇଥିଲା। କିନ୍ତୁ ସରକାରଙ୍କ ପାଖରୁ କୌଣସି ଉତ୍ତର ନ ଆସିବାରୁ ତେଲକୋଇ ବନ୍ଦ ସହିତ ୪୯ ନମ୍ବର ଜାତୀୟ ରାଜପଥକୁ ଅବରୋଧ କରାଯାଇଛି। ବହୁ ସଂଖ୍ୟାରେ ମହିଳା, ପୁରୁଷ ଆନ୍ଦୋଳନରେ ସାମିଲହୋଇ ପ୍ରତିବାଦ ଜଣାଇଛନ୍ତି। ଆନ୍ଦୋଳନକାରୀମାନେ ସକାଳୁ ୬ଟାରୁ ଜଗମୋହନପୁର ଛକ ନିକଟରେ ଜାତୀୟ ରାଜପଥକୁ ଅବରୋଧ କରିଥିଲେ। ଫଳରେ ଅତ୍ୟାବଶ୍ୟକ ସାମଗ୍ରୀ ପରିବହନ ବାଧାପ୍ରାପ୍ତ ହୋଇଥିଲା। ତେଲକୋଇରେ ଦୋକାନ ବଜାର, ସ୍କୁଲ କଲେଜ, ସରକାରୀ ଓ ବେସରକାରୀ ଅନୁଷ୍ଠାନ ବନ୍ଦ ରହିଥିଲା। ପ୍ରକଳ୍ପ ପ୍ରତ୍ୟାହାର ନ ହେଲେ ଆନ୍ଦୋଳନ ଜୋର୍‌ଦାର ହେବ ବୋଲି ଆନ୍ଦୋଳନକାରୀ କହିଛନ୍ତି। କେନ୍ଦୁଝର ଉପଜିଲାପାଳ ଉମାଶଙ୍କର ଦଳେଇ ଘଟଣାସ୍ଥଳକୁ ଯାଇ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ୭ ଦିନ ମଧ୍ୟରେ ପ୍ରଶାସନ ଓ ଜଳସେଚନ ବିଭାଗ ଅଧିକାରୀଙ୍କୁ ଡକାଇ ଆଲୋଚନା କରାଯାଇ ନିଷ୍ପତ୍ତି ନିଆଯିବ ବୋଲି ଉପଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ। ପରେ ରାସ୍ତା ଅବରୋଧ ଉଠିଥିଲା।

ଧରିତ୍ରୀ 50 Years
ଧରିତ୍ରୀ
DHARITRI





ଭିଏତ୍‌ନାମ୍‌ରେ ପ୍ରଳୟଙ୍କାରୀ ବନ୍ୟାରେ ମୃତ୍ୟୁସଂଖ୍ୟା ୨୨୬ରେ ପହଞ୍ଚିଥିବାବେଳେ ହାନୋଇରେ ଏକ ଶିଶୁଙ୍କୁ ବକେଟ୍‌ରେ ଉଦ୍ଧାର କରି ନିଆଯାଉଛି।

# ଆଦାନୀ ୯୫% ମାଲିକ

## ଗୋପାଳପୁର ବନ୍ଦର

### ମାଲିକାନା ସ୍ୱତ୍ୱ ହସ୍ତାନ୍ତରକୁ ରାଜ୍ୟ କ୍ୟାବିନେଟ୍‌ର ମଞ୍ଜୁରୀ

**ଭୁବନେଶ୍ୱର,୧୨।୯(ଅନିଲ ଦାସ)**

ଦେଶର ୧ ନମ୍ବର ଧନୀ ଗୌତମ ଆଦାନୀଙ୍କ ସଂସ୍ଥା ଗଞ୍ଜାମ ଜିଲାର ଗୋପାଳପୁର ବନ୍ଦରର ୯୫ ପ୍ରତିଶତ ମାଲିକାନା ସ୍ୱତ୍ୱ ପାଇଛି। ଗୁରୁବାର ରାଜ୍ୟ କ୍ୟାବିନେଟ୍‌ରେ ଗୋପାଳପୁର ବନ୍ଦର ମାଲିକାନା ସ୍ୱତ୍ୱ ହସ୍ତାନ୍ତର ଓ ସଂଶୋଧିତ ରିହାତି ଚୁକ୍ତିନାମା ସ୍ୱାକ୍ଷର ପ୍ରସ୍ତାବକୁ ଅନୁମୋଦନ କରାଯାଇଛି। ଗୋପାଳପୁର ପୋର୍ଟ୍ସ ଲିମିଟେଡ୍‌ରେ ୨ଟି ସଂସ୍ଥା ଶାପୁରଜୀ ପାଲୋଞ୍ଜି ପୋର୍ଟ ମେଣ୍ଟେନାନ୍ସ ପ୍ରାଇଭେଟ୍ ଲିମିଟେଡ୍ ଏବଂ ଓଡ଼ିଶା ଷ୍ଟିଭେଡର୍ସ ଲିମିଟେଡ୍‌ର ୯୫% ଅଂଶଧନ ରହିଥିଲା। ଧାର୍ଯ୍ୟ ପ୍ରକ୍ରିୟା ଅନୁସରଣ କରାଯାଇ ଏହି ଦୁଇ ସଂସ୍ଥାର ସମସ୍ତ ୯୫% ଅଂଶଧନକୁ ଆଦାନୀ ବନ୍ଦର ଓ ସ୍ୱତନ୍ତ୍ର ଅର୍ଥନୈତିକ ଅଞ୍ଚଳ ଲିମିଟେଡ୍ (ଏସ୍‌ଇଜେଡ୍)କୁ ହସ୍ତାନ୍ତର ସାଙ୍ଗକୁ ସଂଶୋଧିତ ରିହାତି ଚୁକ୍ତିନାମାକୁ ରାଜ୍ୟ କ୍ୟାବିନେଟ୍ ମଞ୍ଜୁର କରିଛି।

ଗୋପାଳପୁର ପୋର୍ଟ୍ସ ଲିମିଟେଡ୍‌ରେ ଓଡ଼ିଶା ଷ୍ଟିଭେଡର୍ସ ଲିମିଟେଡ୍, ନେବୋଲ ଗ୍ରୁପ୍ ଓ ସାରା ଇଣ୍ଟରନ୍ୟାଶନାଲ ଯଥାକ୍ରମେ ୩୪, ୩୩ ଓ ୩୩ ପ୍ରତିଶତ ଲେଖାଏ ଅଂଶଧନ ଥିଲା। ୨୦୧୦ ଓ ୨୦୧୭ରେ ଏହି ବନ୍ଦରର ଅଂଶଧନରେ ପରିବର୍ତ୍ତନ ହୋଇଥିଲା। ପରେ ଏହି ଅଂଶଧନରେ ସଂଶୋଧନ ହୋଇଥିଲା। ବନ୍ଦରର ବିକାଶ ତଥା ସମ୍ପ୍ରସାରଣ ନିମନ୍ତେ ଗୋପାଳପୁର ପୋର୍ଟ୍ସ ଲିମିଟେଡ୍ ଉପରୋକ୍ତ ୨ ସଂସ୍ଥାର ୯୫ ପ୍ରତିଶତ ଅଂଶଧନକୁ ଆଦାନୀ ବନ୍ଦର ଓ ଏସ୍‌ଇଜେଡ୍‌କୁ ହସ୍ତାନ୍ତର ନିମନ୍ତେ ରାଜ୍ୟ ସରକାରଙ୍କ ସମ୍ମତି ମାଗିଥିଲା। ରାଜ୍ୟ କ୍ୟାବିନେଟ୍ ଏହାକୁ ଅନୁମୋଦନ ଦେବା ପରେ ଆଦାନୀ ସଂସ୍ଥା ଗୋପାଳପୁର ବନ୍ଦରର ୯୫% ମାଲିକ ହୋଇଛି।

ସୂଚନାଯୋଗ୍ୟ, ଗୋପାଳପୁର ବନ୍ଦରକୁ ପିପିପି ମୋଡ୍‌ରେ ବିକାଶ ନିମନ୍ତେ ରାଜ୍ୟ ସରକାର ଗୋପାଳପୁର ପୋର୍ଟ୍ସ ଲିମିଟେଡ୍‌କୁ ଏକ ଆନ୍ତର୍ଜାତିକ ପ୍ରତିଯୋଗିତାମୂଳକ ବିଡ଼ିଂ ପ୍ରକ୍ରିୟାରେ ଚୟନ କରାଯାଇଥିଲା। ବର୍ତ୍ତମାନ ଗୋପାଳପୁର ବନ୍ଦର ୧୧.୪୩ ନିୟୁତ ମେଟ୍ରିକ ଟନ୍ ପଣ୍ୟ ପରିବହନ କରୁଛି। ଏହାର ମୋଟ ଆୟରୁ ୭.୫ ପ୍ରତିଶତ ରାଜ୍ୟ ସରକାରଙ୍କୁ ରାଜସ୍ୱ ଅଂଶ ଭାବେ ପ୍ରଦାନ କରୁଛି। ୨୦୨୩-୨୪ ଆର୍ଥିକ ବର୍ଷରେ ଗୋପାଳପୁର ବନ୍ଦର ରାଜ୍ୟ ସରକାରଙ୍କ ରାଜସ୍ୱ ଅଂଶ ଭାବେ ପ୍ରାୟ ୩୮ କୋଟି ଟଙ୍କା ପଇଠ କରିଛି। ଏବେ ଗୋପାଳପୁର ବନ୍ଦରରେ ପ୍ରାୟ ୪,୦୦୦ ଲୋକ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ନିଯୁକ୍ତି ପାଇଛନ୍ତି। ବନ୍ଦରର ସମ୍ପ୍ରସାରଣ କରାଗଲେ ଏହା ସରକାରଙ୍କ ରାଜସ୍ୱ ଅଂଶ ବୃଦ୍ଧି କରିବା ସହିତ ଜନସାଧାରଣଙ୍କୁ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ନିଯୁକ୍ତି ବୃଦ୍ଧିରେ ସୁଯୋଗ ସୃଷ୍ଟି କରିପାରିବ।

# ଅକ୍ଟୋବର ୨୭ରେ ଓଡ଼ିଶା ସିଭିଲ ସର୍ଭିସ୍ ପ୍ରିଲିମ୍

**କଟକ,୧୨।୯ (କାର୍ତ୍ତିକ ସାହୁ)**

ଓଡ଼ିଶା ପବ୍ଲିକ ସର୍ଭିସ୍ କମିଶନ୍(ଓପିଏସ୍‌ସି) ଦ୍ୱାରା ପରିଚାଳିତ ଓଡ଼ିଶା ସିଭିଲ ସର୍ଭିସ୍ ପ୍ରିଲିମିନାରୀ ପରୀକ୍ଷା-୨୦୨୩ ଆସନ୍ତା ଅକ୍ଟୋବର ୨୭ରେ ଅନୁଷ୍ଠିତ ହେବ। କମିଶନ୍ ପକ୍ଷରୁ ଏନେଇ ବିଧିବଦ୍ଧ ଭାବେ ନିଷ୍ପତ୍ତି ନିଆଯାଇଛି। ୨୦୨୩-୨୪ ବିଜ୍ଞପ୍ତି ନଂ. ୨୦ ଅନୁଯାୟୀ ହେବାକୁ ଥିବା ଏହି ପରୀକ୍ଷାର ବିସ୍ତୃତ କାର୍ଯ୍ୟସୂଚୀ ନିମନ୍ତେ ପରବର୍ତ୍ତୀ ସମୟରେ ବିଜ୍ଞପ୍ତି ପ୍ରକାଶ ପାଇବ। ଆବେଦନକାରୀମାନେ http://opsc.gov.inରୁ ପରବର୍ତ୍ତୀ ସୂଚନା ସଂଗ୍ରହ ପାଇଁ କମିଶନ୍ ପକ୍ଷରୁ ପରାମର୍ଶ ଦିଆଯାଇଛି।

# ୪୭୬ ନିଯୁକ୍ତିପତ୍ର ବାଣ୍ଟିଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୧୨।୯(ସୁନିତ୍ ମିଶ୍ର)**

### ଏହା କେବଳ କର୍ମନିଯୁକ୍ତି ନୁହେଁ, ଗୁରୁଦାୟିତ୍ୱ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ଲୋକସେବା ଭବନ କନ୍‌ଭେନସନ୍ ସେଣ୍ଟରଠାରେ ବିଭିନ୍ନ ବିଭାଗରେ ୪୭୬ ଜଣ ଅଧିକାରୀ ଓ କର୍ମଚାରୀଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିଛନ୍ତି। ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଆୟୋଜିତ ଏକ ନିଯୁକ୍ତି ମେଳା ମାଧ୍ୟମରେ ଏହି ନିଯୁକ୍ତିପତ୍ର ପ୍ରଦାନ କରାଯାଇଛି। ଏହି ଅବସରରେ ନବନିଯୁକ୍ତ ଅଧିକାରୀ ଓ କର୍ମଚାରୀମାନଙ୍କୁ ମୁଖ୍ୟମନ୍ତ୍ରୀ ଅଭିନନ୍ଦନ ଜଣାଇ କହିଛନ୍ତି, ପ୍ରତ୍ୟେକ ବ୍ୟକ୍ତି ପାଇଁ ପ୍ରଥମ କର୍ମନିଯୁକ୍ତିର ଦିନଟି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଓ ଆନନ୍ଦଦାୟକ ହୋଇଥାଏ। ବର୍ତ୍ତମାନ ଆପଣମାନେ ଲୋକଙ୍କ ସେବାରେ ନିଯୁକ୍ତ ହେଉଛନ୍ତି। ଏହି ସେବା କେବଳ ଏକ କର୍ମନିଯୁକ୍ତି ନୁହେଁ, ଏହା ଆପଣମାନଙ୍କ ପାଇଁ ଏକ ଗୁରୁଦାୟିତ୍ୱ। ଗଣତନ୍ତ୍ରରେ ସରକାର ହେଉଛନ୍ତି ଲୋକଙ୍କ ଆସ୍ଥା ଓ ବିଶ୍ୱାସର ପ୍ରତୀକ। ଜନସାଧାରଣଙ୍କ ସମସ୍ୟା ଓ ତା'ର ସମାଧାନ ସରକାର ଓ ସରକାରୀ କର୍ମଚାରୀଙ୍କ ଦାୟିତ୍ୱ। ସରକାରଙ୍କ ଜନହିତକାରୀ ଯୋଜନାର ସୁଫଳ କିଭଳି ସମାଜର ଶେଷ ଧାଡ଼ିରେ ଥିବା ବ୍ୟକ୍ତି ପାଖରେ ପହଞ୍ଚିପାରିବ, ଏହାକୁ ନିଶ୍ଚିତ କରିବା ସରକାରୀ କର୍ମଚାରୀଙ୍କ ଦାୟିତ୍ୱ। ସରକାର ଯୋଜନା ଓ କାର୍ଯ୍ୟକ୍ରମ ତିଆରି କରିବେ, କିନ୍ତୁ ସେସବୁକୁ ପରିଚାଳନା ଓ କାର୍ଯ୍ୟକାରୀ କରିବା ଆପଣମାନଙ୍କ ଦାୟିତ୍ୱ। ଆପଣମାନଙ୍କ ନିଷ୍ଠା ଓ କର୍ମପ୍ରବଣତା ଯଦି ଜନସାଧାରଣଙ୍କ ମୁହଁରେ ହସ ଫୁଟାଇପାରିଲା, ତେବେ ତାହା ହିଁ ହେବ ଆପଣଙ୍କ ନିଯୁକ୍ତିର ଯଥାର୍ଥତା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ପୂର୍ବ ସରକାର ସରକାରୀ ଚାକିରିରେ ପଦବୀ ପୂରଣ ଓ ଆତ୍ମନିଯୁକ୍ତି ସୃଷ୍ଟି କ୍ଷେତ୍ରରେ ଆଖିଦୃଶିଆ ପଦକ୍ଷେପ ନେବାରେ ବିଫଳ ହୋଇଥିଲେ। ଆମ ନୂଆ ସରକାର ନିଷ୍ପତ୍ତି ନେଇଛନ୍ତି ଆସନ୍ତା ୫ ବର୍ଷରେ ଦେଢ଼ ଲକ୍ଷ ସରକାରୀ ପଦବୀ ପୂରଣ କରାଯିବ। ଏବେ ଏହାର ମୂଳଦୁଆ ପଡ଼ିଲା। ଏଣିକି ସବୁ ଚୟନ ପଦ୍ଧତି ମେରିଟ୍ ଆଧାରରେ ହେବ। ଏହା ସହ ଶିଳ୍ପକ୍ଷେତ୍ରରେ ୩.୫୦ ଲକ୍ଷ ଯୁବତୀଯୁବକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟିକରିବାକୁ ଆମେ ପଦକ୍ଷେପ ନେଉଛୁ। ନୂତନ ଭାବେ ନିଯୁକ୍ତି ପାଇଥିବା ଅଧିକାରୀ ଓ କର୍ମଚାରୀମାନଙ୍କୁ କର୍ମକ୍ଷେତ୍ରରେ କର୍ତ୍ତବ୍ୟ ପରାୟଣତା, ସମୟାନୁବର୍ତ୍ତିତା, ସାଧୁତା ଓ ସଚ୍ଚୋଟତା ଅବଲମ୍ବନ କରିବା ପାଇଁ ପରାମର୍ଶ ଦେବା ସହ ଲୋକଙ୍କ ଅଭିଯୋଗ ଶୁଣିବାକୁ ପ୍ରାଥମିକତା ଦେଇ ରାଜ୍ୟର ବିକାଶରେ ଗୁରୁତ୍ୱପୂର୍ଣ୍ଣ ☞ପୃଷ୍ଠା-୪



ଭୁବନେଶ୍ୱରସ୍ଥିତ ଲୋକସେବା ଭବନ କନ୍‌ଭେନ୍‌ସନ୍ ସେଣ୍ଟରଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଯୁକ୍ତିପତ୍ର ବଣ୍ଟନ କରୁଛନ୍ତି।

# ସୀତାରାମ ୟେଚୁରୀଙ୍କ ପରଲୋକ

**ନୂଆଦିଲ୍ଲୀ (ପି.ଟି.)/ ଭୁବନେଶ୍ୱର (ଅନିଲ ଦାସ), ୧୨।୯**

ସିପିଆଇ(ଏମ୍) ସାଧାରଣ ସମ୍ପାଦକ ସୀତାରାମ ୟେଚୁରୀଙ୍କର ଗୁରୁବାର ଦିଲ୍ଲୀ ଏମ୍ସରେ ପରଲୋକ ହୋଇଯାଇଛି। ତାଙ୍କୁ ୭୨ ବର୍ଷ ହୋଇଥିଲା। ସେ ଦୀର୍ଘଦିନ ହେଲା ଅସୁସ୍ଥ ଥିଲେ। ତାଙ୍କ ଶ୍ୱାସନଳୀରେ ସଂକ୍ରମଣ ଯୋଗୁ ଏମ୍ସର ଆଇସିୟୁରେ ରଖାଯାଇ ଚିକିତ୍ସା କରାଯାଉଥିଲା। ୨ ଦିନ ପୂର୍ବରୁ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଅବନତି ଦେଖାଦେବାରୁ ରେସ୍ପିରେଟୋରି ସପୋର୍ଟରେ ରଖାଯାଇଥିଲା। ଗୁରୁବାର



(୧୨ ଅଗଷ୍ଟ ୧୯୫୨ - ୧୨ ସେପ୍ଟେମ୍ବର ୨୦୨୪)

ଅପରାହ୍ନ ୩ଟା ୫ ମିନିଟ୍ ସମୟରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି।

### ଶୋକବ୍ୟକ୍ତ କଲେ ମୁଖ୍ୟମନ୍ତ୍ରୀ

ନିମୋନିଆ ଭଳି ଛାତି ସଂକ୍ରମଣର ଚିକିତ୍ସା ପାଇଁ ୟେଚୁରୀଙ୍କୁ ଅଗଷ୍ଟ ୧୯ରେ ଦିଲ୍ଲୀ ଏମ୍ସରେ ଭର୍ତ୍ତି କରାଯାଇଥିଲା। ତାଙ୍କ ଫୁସ୍‌ଫୁସ୍‌ରେ ସଂକ୍ରମଣ ହୋଇଥିବା ଏକ ସୂତ୍ରରୁ ଜଣାପଡ଼ିଛି। ତାଙ୍କ ମରଶରୀରକୁ ପରିବାର ଲୋକେ ଏମ୍ସକୁ ଦାନ କରିଛନ୍ତି। ଶିକ୍ଷା ଓ ଗବେଷଣା ଉଦ୍ଦେଶ୍ୟରେ ଏହାକୁ ବ୍ୟବହାର କରାଯିବ। ୟେଚୁରୀଙ୍କ ମରଶରୀରକୁ ☞ପୃଷ୍ଠା-୪

# ୧୮ରୁ ଯୁକ୍ତ୨ ପରୀକ୍ଷା ଫର୍ମ ପୂରଣ

**ଭୁବନେଶ୍ୱର,୧୨।୯(ଶର୍ମିଷ୍ଠା ପାଣିଗ୍ରାହୀ)**

ଯୁକ୍ତ୨ ପରୀକ୍ଷା ୨୦୨୫ ଲାଗି ଆସନ୍ତା ୧୮ ତାରିଖରୁ ଫର୍ମ ପୂରଣ ଆରମ୍ଭ ହେବ। ଏନେଇ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଗୁରୁବାର ସୂଚନା ଦିଆଯାଇଛି। ସେପ୍ଟେମ୍ବର ୧୮ରୁ ଯୁକ୍ତ୨ କଳା, ବାଣିଜ୍ୟ, ବିଜ୍ଞାନ ଓ ଧନ୍ଦାମୂଳକ ପାଠ୍ୟକ୍ରମଗୁଡ଼ିକର ପରୀକ୍ଷା ପାଇଁ ଫର୍ମ ଫିଲ୍‌ଅପ୍ ହେବ। ଅକ୍ଟୋବର ୧ ପର୍ଯ୍ୟନ୍ତ ବିନା ଜରିମାନା ଦେୟରେ ଛାତ୍ରୀଛାତ୍ର ଫର୍ମ ଫିଲ୍‌ଅପ୍ କରିପାରିବେ। ସେହିପରି ଅକ୍ଟୋବର ୪ରୁ ୧୪ ତାରିଖ ମଧ୍ୟରେ ଫର୍ମ ଫିଲ୍‌ଅପ୍ କଲେ ୨୦୦ ଟଙ୍କା ଫାଇନ ଦେବାକୁ ପଡିବ। ନଭେମ୍ବର ୧୧ରୁ ୧୮ ତାରିଖ ମଧ୍ୟରେ ଫର୍ମ ଫିଲ୍‌ଅପ୍ ପାଇଁ ୬୦୦ ଟଙ୍କା ଜରିମାନା ଲାଗିବ। ସମସ୍ତ ରେଗୁଲାର ଓ ଏକ୍ସ-ରେଗୁଲାର ଛାତ୍ରୀଛାତ୍ର ଫର୍ମ ପୂରଣ କରିବେ ବୋଲି ସୂଚନା ଦିଆଯାଇଛି।

# ଅବସରପ୍ରାପ୍ତ ବାବୁଙ୍କ ପୁନଃ ନିଯୁକ୍ତି ନିୟମ କଡ଼ାକଡ଼ି

## ମୁଖ୍ୟ ଶାସନ ସଚିବଙ୍କ ନିଷ୍ପତ୍ତି ପରେ ମୁଖ୍ୟମନ୍ତ୍ରୀ ଦେବେ ଅନୁମୋଦନ

**ଭୁବନେଶ୍ୱର,୧୨।୯(ସୁନିତ୍ ମିଶ୍ର)**

ଓଡ଼ିଶାରେ ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କ ପୁନଃ ନିଯୁକ୍ତି ବା ଥଇଥାନ ଉପରେ ରାଜ୍ୟ ସରକାର ଗୁରୁତ୍ୱର ସହ ବିଚାର କରିଛନ୍ତି। ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତା ବିଶିଷ୍ଟ ୪ ଜଣିଆ କମିଟିର ସୁପାରିସ ଓ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ବିନା ଅବସରପ୍ରାପ୍ତ କର୍ମଚାରୀଙ୍କୁ ଆଉ ପୁନଃ ନିଯୁକ୍ତି ମିଳିପାରିବ ନାହିଁ। ଏପରି କି କୌଣସି ପୁନଃ ନିଯୁକ୍ତିକୁ ପିଛିଲା ଭାବେ ମଧ୍ୟ ଅନୁମୋଦନ ମିଳିବ ନାହିଁ। ଯଦି ଅତ୍ୟନ୍ତ ଜରୁରୀ ନ ହୁଏ ତେବେ ପୁନଃ ନିଯୁକ୍ତି ମିଳିବା ସମ୍ଭବପର ହେବନାହିଁ। ସମସ୍ତ ପୁନଃ ନିଯୁକ୍ତି କେବଳ ବିରଳ କ୍ଷେତ୍ରରେ ବିଚାର କରାଯିବ। ଏହା ବ୍ୟତୀତ ଯେଉଁ ଅଫିସର ବା କର୍ମଚାରୀଙ୍କୁ ପୁନଃ ନିଯୁକ୍ତି ଦିଆଯିବ ସେ ଅବସର ପୂର୍ବରୁ କ୍ରମାଗତ ୫ ବର୍ଷ ପାଇଁ ତାଙ୍କର ସିସିଆର୍/ପିଏଆର୍ 'ଆଉଟଷ୍ଟାଣ୍ଡିଂ' ରହିବା ଜରୁରୀ। ତାଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ କିମ୍ବା ଆପରାଧିକ ମାମଲା ମଧ୍ୟ ବିଚାରାଧୀନ ନ ଥିବ କିମ୍ବା ସେ କୌଣସି ଅସଦାଚରଣ ମାମଲାରେ ଦଣ୍ଡିତ ହୋଇ ନ ଥିବେ। ରାଜ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱାଧୀନ ଭାଜପା ସରକାର ଗୁରୁବାର ବିଜେଡି ସରକାରଙ୍କ ଦ୍ୱାରା ୨୦୧୪ ଅଗଷ୍ଟ ୨୭ରେ ଜାରି ପୁନଃ ନିଯୁକ୍ତି ସଂକ୍ରାନ୍ତ ସଂକଳ୍ପକୁ ଖାରଜକରି ନୂଆ ସଂଶୋଧିତ ସଂକଳ୍ପ ଜାରି କରିଛନ୍ତି।

ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି 'ସଂକଳ୍ପ' ଜରିଆରେ ସରକାର କହିଛନ୍ତି, ଅବସରପ୍ରାପ୍ତ କର୍ମଚାରୀଙ୍କ ପୁନଃ ନିଯୁକ୍ତି ବ୍ୟତିକ୍ରମ ପରିବର୍ତ୍ତେ ଏକ ନିୟମ ହୋଇଯାଇଥିବା ସରକାରଙ୍କ ନଜରକୁ ଆସିଛି। ରାଜ୍ୟରେ ନିଯୁକ୍ତି ପ୍ରକ୍ରିୟାରେ ବିଳମ୍ବ, ଦକ୍ଷ ମାନବ ସମ୍ବଳର ଅଭାବକୁ ଦୃଷ୍ଟିରେ ରଖି ୨୦୧୪ ଅଗଷ୍ଟ ୨୭ ରେ ସାଧାରଣ ପ୍ରଶାସନ ବିଭାଗ ଯେଉଁ ସଂକଳ୍ପ ଜାରି ନିଯୁକ୍ତି ନିୟମାବଳୀର କୋହଳ ପାଇଁ ଅନୁମତି ଦିଆଯାଇଥିଲା, ବାସ୍ତବରେ ତା'ର ଉଦ୍ଦେଶ୍ୟ ଏହା ନ ଥିଲା। ବିଭିନ୍ନ ପାରିଶ୍ରମିକ ଓ ସର୍ତ୍ତାବଳୀ ସହ ☞ପୃଷ୍ଠା-୪

# ପ୍ରଜାକୋର୍ଟରେ ୨ ଆଦିବାସୀଙ୍କୁ ଫାଶୀ

**ମାଲକାନଗିରି,୧୨।୯(ଦୁର୍ଯ୍ୟୋଧନ ପାତ୍ର)**

ଛତିଶଗଡ଼ ବିଜାପୁର ଜିଲାରେ ପୋଲିସ ଇନ୍‌ଫର୍ମର ଅଭିଯୋଗରେ ମାଓବାଦୀମାନେ ୨ ଗ୍ରାମବାସୀଙ୍କୁ ପ୍ରଜାକୋର୍ଟରେ ଗୁରୁବାର ଫାଶୀ ଦେଇଛନ୍ତି। ମୃତକ ହେଲେ କାପମେର୍କା ଗ୍ରାମର ମାଡଭି ସୁନା ଓ ପୋଡିୟମ କୋସା। ଏହି ପ୍ରଜାକୋର୍ଟରେ ଜଣେ ଛାତ୍ରଙ୍କୁ ମାଓବାଦୀ ମୁକ୍ତ କରିଛନ୍ତି। ଛାତ୍ରଙ୍କୁ କ'ଣ ପାଇଁ ମାଓବାଦୀମାନେ ନେଇ ତାଙ୍କୁ ଛାଡ଼ି ଦେଇଥିଲେ ତାହା ଜଣାପଡିନାହିଁ। ଦୁଇଦିନ ପୂର୍ବେ ମାଓବାଦୀମାନେ ବୈରମଗଡ଼ ଥାନା ଅନ୍ତର୍ଗତ କାପେମାର୍କା ଅଞ୍ଚଳରେ ଜଣେ ଛାତ୍ରଙ୍କ ସମେତ ୩ ଜଣଙ୍କୁ ନେଇ ଏକ ପ୍ରଜାକୋର୍ଟ ଡାକିଥିଲେ। ଏଥିରେ ୨ ଜଣଙ୍କୁ ହତ୍ୟା କରିଛନ୍ତି। ଭୈରମଗଡ଼ ଏରିଆ କମିଟି ମାଓବାଦୀ ଏହି ଜଘନ୍ୟ ହତ୍ୟାକାଣ୍ଡର ଦାୟୀ ବୋଲି ଏକ ପୋଷ୍ଟରରେ ଉଲ୍ଲେଖ ରହିଛି। ଫାଶୀରେ ଝୁଲୁଥିବା ୨ ଗ୍ରାମବାସୀଙ୍କ ଛାତିରେ ପୋଷ୍ଟର ଲଗାଇ ଫେରାର ହୋଇଯାଇଛନ୍ତି ମାଓବାଦୀ।

# ମହାକାଶରେ ପ୍ରଥମ ପ୍ରାଇଭେଟ୍ ସ୍ପେସ୍‌ୱାକ୍

**ୱାଶିଂଟନ, ୧୨।୯**

ଆମେରିକୀୟ ମହାକାଶଯାନ ନିର୍ମାତା କମ୍ପାନୀ 'ସ୍ପେସ୍‌ଏକ୍ସ'ର 'ପୋଲାରିସ୍ ଡନ୍' ମିଶନକୁ ଗୁରୁବାର ସଫଳତା ମିଳିଛି। ପ୍ରଥମ ନନ୍‌ପ୍ରଫେଶନାଲ ଆଷ୍ଟ୍ରନଟ୍ ଭାବେ ସ୍ପେସ୍‌ୱାକ୍ କରି ଆମେରିକୀୟ ଉଦ୍ୟୋଗୀ ତଥା କ୍ରେଡିଟ୍ କାର୍ଡ ପ୍ରସେସିଂ କମ୍ପାନୀ 'ସିଫ୍ଟ୍‌ସ୍ ଫର୍ ପେମେଣ୍ଟସ୍'ର ପ୍ରତିଷ୍ଠାତା ଜରେଡ୍ ଇସାକ୍‌ମ୍ୟାନ(୪୧) ଇତିହାସ ରଚିଛନ୍ତି। ଗତ ୫୦ ବର୍ଷ ମଧ୍ୟରେ ପ୍ରଥମ ବ୍ୟକ୍ତି ଭାବେ ସେ ମହାକାଶର ସର୍ବାଧିକ ଉଚ୍ଚତାରେ ସ୍ପେସ୍‌ୱାକ୍ କରିଛନ୍ତି। ଏପରି କରିପାରିଥିବା ଅଳ୍ପ କେତେଜଣ ପେସାଦାର ମହାକାଶଚାରୀଙ୍କ ତାଲିକାରେ ମଧ୍ୟ ଆଇସେକ୍‌ମ୍ୟାନ ସାମିଲ ହୋଇଛନ୍ତି।

ଗୁରୁବାର ଡ୍ରାଗନ କ୍ୟାପ୍‌ସୁଲ୍‌ର ହ୍ୟାଚ୍ ଖୋଲିବା ପରେ ଇସାକ୍‌ମ୍ୟାନଙ୍କର ଏହି ଐତିହାସିକ ସ୍ପେସ୍ ଯାତ୍ରା ଆରମ୍ଭ ହୋଇଥିଲା। ଏହା ପୂର୍ବରୁ ସେ କ୍ୟାପ୍‌ସୁଲର ଚାପ କମ୍ ହେବା ପର୍ଯ୍ୟନ୍ତ ଅପେକ୍ଷା କରି ରହିଥିଲେ। ଯୋଜନା ମୁତାବକ ପ୍ରଥମେ ଇସାକ୍‌ମ୍ୟାନ କ୍ୟାପ୍‌ସୁଲରୁ ବାହାରକୁ ଆସିଥିଲେ। ସ୍ପେସ୍‌ୱାକ୍ କରୁଥିବା ସମୟରେ ସେ ପିନ୍ଧିଥିବା ନୂତନ ସ୍ପେସ୍ ସୁଟ୍ ଠିକ୍ ଭାବେ କାମ କରୁଛି କି ନାହିଁ ତାହା ସୁନିଶ୍ଚିତ କରିବାକୁ ପୂରା ସମୟ ତାଙ୍କୁ ତାଙ୍କ ହାତ କିମ୍ବା ଗୋଡ଼କୁ କ୍ୟାପ୍‌ସୁଲ ସହ ସଂଲଗ୍ନ ରଖିବାକୁ ପଡ଼ିଥିଲା। ୨ ଘଣ୍ଟା ଧରି ତାଙ୍କର ଏହି ସ୍ପେସ୍‌ୱାକ୍ ଚାଲିଥିଲା। ଇସାକ୍‌ମ୍ୟାନ ସ୍ପେସ୍‌ୱାକ୍ ଆରମ୍ଭ କରିବାର ୧୫ ମିନିଟ୍ ପରେ ସ୍ପେସ୍‌ଏକ୍ସ'ର ସ୍ପେସ୍ ଅପରେଶନ ଇଞ୍ଜିନିୟର ତଥା 'ପୋଲାରିସ୍ ଡନ୍' ମିଶନର ଅନ୍ୟତମ କ୍ରୁ ସଦସ୍ୟ ସାରାହ ଗିଲ୍‌ସ କ୍ୟାପଶୁଲରୁ ବାହାରି ଇସାକ୍‌ମ୍ୟାନଙ୍କୁ ଅନୁସରଣ କରିଥିଲେ। ମଙ୍ଗଳବାର ନାସାର ଫ୍ଲୋରିଡାସ୍ଥିତ କେନେଡି ମହାକାଶ କେନ୍ଦ୍ରରୁ 'ପୋଲାରିସ୍ ଡନ୍' ମିଶନକୁ ଲଞ୍ଚ କରାଯାଇଥିଲା। ଏହାପରେ 'ସ୍ପେସ୍ ଏକ୍ସ'ର ଡ୍ରାଗନ କ୍ୟାପ୍‌ସୁଲ ୪ ଜଣ ନନ୍ ପ୍ରଫେଶନାଲ ☞ପୃଷ୍ଠା-୪

### ସ୍ପେସ୍‌ଏକ୍ସର 'ପୋଲାରିସ୍ ଡନ୍' ମିଶନରେ ଇତିହାସ ରଚିଲେ ଟେକ୍ ବିଲିୟନେୟାର ଜରେଡ୍ ଇସାକ୍‌ମ୍ୟାନ୍





ଜରେଡ୍ ଇସାକ୍‌ମ୍ୟାନ



ସାରାହ ଗିଲ୍‌ସ

# ଭିଏଲ୍-ଏସ୍‌ଆରଏସ୍‌ଏମ୍‌ର ସଫଳ ପରୀକ୍ଷଣ

**ବାଲେଶ୍ୱର,୧୨।୯(ବାଞ୍ଛାନିଧି ଦେ)**

ବାଲେଶ୍ୱର ଜିଲା ଚାନ୍ଦିପୁରସ୍ଥିତ ଆଇଟିଆର୍‌ର ୩ ନମ୍ବର ଲଞ୍ଚପ୍ୟାଡ୍‌ରୁ ଗୁରୁବାର ଅପରାହ୍ନ ୩ଟା ୧୯ମିନିଟ୍‌ରେ 'ଭିଏଲ୍-ଏସ୍‌ଆର୍‌ଏସ୍‌ଏମ୍' (ଭର୍ଟିକାଲ ଲଞ୍ଚ ସର୍ଟ ରେଞ୍ଜ ସରଫେସ୍ ଟୁ ଏୟାର ମିଶାଇଲ)ର ସଫଳ ପରୀକ୍ଷଣ ହୋଇଛି। ଭୂପୃଷ୍ଠରୁ ଆକାଶମାର୍ଗକୁ ଲକ୍ଷ୍ୟଭେଦ କରିପାରୁଥିବା ସ୍ୱଳ୍ପ ଦୂରଗାମୀ ଏହି କ୍ଷେପଣାସ୍ତ୍ରର ପରୀକ୍ଷଣ ପରେ ରାଡାରରୁ ମିଳିଥିବା ତଥ୍ୟକୁ ଡିଆରଡିଓର ବୈଜ୍ଞାନିକମାନେ ସମୀକ୍ଷା କରିଛନ୍ତି। ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଏହି କ୍ଷେପଣାସ୍ତ୍ରର ଲକ୍ଷ୍ୟଭେଦ କ୍ଷମତା ୮୦କିଲୋମିଟର। ଏହାର ଲମ୍ବ ୩.୯୩ମିଟର ଏବଂ ଓଜନ ୧୭୦କିଲୋଗ୍ରାମ୍। ଏହି ପରୀକ୍ଷଣର ସଫଳତା ପାଇଁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏବଂ ପ୍ରତିରକ୍ଷା ଅନୁସନ୍ଧାନ ଓ ବିକାଶ ବିଭାଗର ଅଧ୍ୟକ୍ଷ ଡ. ସମୀର ଭି. କମାଟ ପରୀକ୍ଷଣରେ ନିୟୋଜିତ ଡିଆର୍‌ଡିଓ ଓ



ଭାରତୀୟ ନୌସେନା ଦଳକୁ ପ୍ରଶଂସା କରିଛନ୍ତି। ସୂଚନାଯୋଗ୍ୟ, ଏହି କ୍ଷେପଣାସ୍ତ୍ର ପରୀକ୍ଷଣ ପାଇଁ ଗୁରୁବାର ୩ ନମ୍ବର ଲଞ୍ଚପ୍ୟାଡ୍‌ର ଅଢ଼େଇ ☞ପୃଷ୍ଠା-୪

**ଆଜିର ମନ୍ତବ୍ୟ**

"ମେହବୁବା ମୁଫ୍ତିଙ୍କ ଦଳ ପାଇଁ ଏନ୍‌ସି ଦ୍ୱାର ବନ୍ଦ କରିନାହିଁ। ବିଭିନ୍ନ ପ୍ରସଙ୍ଗରେ ଏନ୍‌ସିକୁ ଟାର୍ଗେଟ କରି ସେ ନିଜ ଆଡୁ ଏହି ଦ୍ୱାର ବନ୍ଦ କରିଛନ୍ତି।"
–ଓମର ଅବଦୁଲ୍ଲା, ଏନ୍‌ସି ନେତା

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଭାରତ ସରକାରଙ୍କ ମତ୍ସ୍ୟ, ପ୍ରାଣୀପାଳନ ଓ ଦୁଗ୍ଧ ଉତ୍ପାଦନ ମନ୍ତ୍ରଣାଳୟର ମୌସୁମୀ ବୈଠକ, ସ୍ଥାନ: କନ୍‌ଭେନଶନ୍ ସେଣ୍ଟର, ଲୋକସେବା ଭବନ, ସମୟ: ସକାଳ: ୯ଟା।
- ବାୟୋଏଜେଣ୍ଟସ୍ ମାସ୍ ପ୍ରଡକ୍ସନ ୟୁନିଟ୍‌ର ଶିଳାନ୍ୟାସ ଏବଂ ଫାର୍ମସ ଟ୍ରେନିଂ ପ୍ରୋଗ୍ରାମ, ସ୍ଥାନ: ଆଇସିଏଆର୍– ସିଟିସିଆର୍‌ଆଇ, ରିଜିଓନାଲ ଷ୍ଟେଶନ, ଡୁମଡୁମା ହାଉସିଂ ବୋର୍ଡ, ସମୟ: ପୂର୍ବାହ୍ନ ୧୦ଟା।
- ମା'ଆଦିଶକ୍ତି ଚାରିଟେବଲ ଟ୍ରଷ୍ଟ ଇଣ୍ଡିଆ ଆନୁକୂଲ୍ୟରେ ମାତା କା ଜାଗରଣ କାର୍ଯ୍ୟକ୍ରମ, ସ୍ଥାନ: ଉଇନର ଆସୋସିଏଶନ, ଇନ୍ଦ୍ରା ପାର୍କ ନିକଟ, ଶହୀଦନଗର, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ

- ତହସିଲ ସ୍ଥାନାନ୍ତରକୁ ନେଇ ଖବରଦାତା ସମ୍ମିଳନୀ, ସ୍ଥାନ: ଚୌଦ୍ୱାର ଯାତ୍ରା ପଡିଆ ନିକଟ ୪୪ ମଣ୍ଡଳ ରାଜଦୋଳ ସମିତି ଗୃହ, ସମୟ: ପୂର୍ବାହ୍ନ ୧୧ଟା।

## ପୁରୀ

- ନିମାପଡ଼ା ବ୍ଲକ ବିଦ୍ୟାଳୟ କ୍ରୀଡ଼ା ସଂଗଠନ ପକ୍ଷରୁ ମଣ୍ଡଳସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାର ଉଦ୍‌ଘାଟନୀ, ସ୍ଥାନ: ନିମାପଡ଼ା ବାରବାଟୀ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ସତ୍ୟବାଦୀରେ ସୁଭଦ୍ରା ସଚେତନତା ରଥ ପରିକ୍ରମା, ସ୍ଥାନ: କେତକୀପାଟଣା, ମୂଳଅଲସା, ରାୟଖଣ୍ଡି, ପରଜାପଡ଼ା ଓ କାଦୁଆ ପଞ୍ଚାୟତ, ସମୟ: ପୂର୍ବାହ୍ନ ୧୦ଟା।
- ପୁରୀ ବାର୍ ଆସୋସିଏଶନ୍ ପକ୍ଷରୁ ସମ୍ବର୍ଦ୍ଧନା ସଭା, ସ୍ଥାନ: ବାର୍ ଆସୋସିଏଶନ ସଭାଗୃହ, ସମୟ: ଅପରାହ୍ନ ୩ଟା।
- ସୀତାରାମ ୟେଚୁରୀଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ଭକ୍ତ ସାଲବେଗ ପୀଠ, ପୁରୀ, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀକୃଷ୍ଣ ଲୀଳା ଅବସରରେ ଆଠସାହି ଆଖଡ଼ା ମିଳିତ ସମନ୍ୱୟ ସମିତି ପକ୍ଷରୁ କଂସ ବଧ ଓ ମଥୁରା ବିଜୟ ଉତ୍ସବ, ସ୍ଥାନ: ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖ, ସମୟ: ସନ୍ଧ୍ୟା ୭ଟା।

## ଖୋର୍ଦ୍ଧା

- ବ୍ଲକସ୍ତରୀୟ ବୁଦ୍ଧିମତା ପ୍ରତିଯୋଗିତା, ସ୍ଥାନ: ବାମନ ସରକାରୀ ଉଚ୍ଚ ବିଦ୍ୟାଳୟ, ବୋଲଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ପେନସନ ଅଦାଲତ, ସ୍ଥାନ: ଜିଲାପରିଷଦ ସମ୍ମିଳନୀ କକ୍ଷ, ଖୋର୍ଦ୍ଧା, ସମୟ: ପୂର୍ବାହ୍ନ ୧୦ଟା ୩୦।

## ବାଲେଶ୍ୱର

- ବ୍ଲକସ୍ତରୀୟ ଖେଳ ପ୍ରତିଯୋଗିତା, ସ୍ଥାନ: ଶାରୀରିକ ଶିକ୍ଷା ମହାବିଦ୍ୟାଳୟ, ବାଲିଆପାଳ, ସମୟ: ସକାଳ ୮ଟା।
- ମାଛ ଯାଆଁଳ ପୋଖରୀର ପରିଚାଳନା ସମ୍ପର୍କିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ସ୍ଥାନ: କୃଷି ବିଜ୍ଞାନ କେନ୍ଦ୍ର, ରାଣୀତାଲ, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ଖେଳ ଓ ଦୌଡ଼ ପ୍ରତିଯୋଗିତା ଓ ଚୟନ, ସ୍ଥାନ: ଶ୍ରୀ ଶ୍ରୀ ବରାଳ ବାଲୁଙ୍କେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟ, ଶିଖରପୁର, ଜଳେଶ୍ୱର, ସମୟ:ପୂର୍ବାହ୍ନ ୧୦ଟା।

## ଭଦ୍ରକ

- ବୃଦ୍ଧାଶ୍ରମ ଉଦ୍‌ଘାଟନ ଓ ଚକ୍ଷୁ ଚିକିତ୍ସା ଶିବିର, ସ୍ଥାନ: ବାଉଁଶବାଗ, ସୟା, ତିହିଡ଼ି, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତ ସମିତି ବୈଠକ, ସ୍ଥାନ: ଭଣ୍ଡାରିପୋଖରୀ ବ୍ଲକ ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ସୁଭଦ୍ରା ରଥ ପରିକ୍ରମା, ସ୍ଥାନ: ଝୁଟୁଣା ପଞ୍ଚାୟତ, ଭଣ୍ଡାରିପୋଖରୀ ଓ ଧାମରା, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୦ଟା। ସ୍ଥାନ: ତେସିଙ୍ଗା ପଞ୍ଚାୟତ, ଭଣ୍ଡାରିପୋଖରୀ ଓ ଦୋସିଙ୍ଗା, ଚାନ୍ଦବାଲି, ସମୟ: ମଧ୍ୟାହ୍ନ ୧୨ଟା। ସ୍ଥାନ: ବାଲିପୋଖରୀ ପଞ୍ଚାୟତ, ଭଣ୍ଡାରିପୋଖରୀ, ସମୟ: ଅପରାହ୍ନ ୨ଟା।

## କେନ୍ଦୁଝର

- ବିଭିନ୍ନ ଉନ୍ନୟନ କାର୍ଯ୍ୟରେ ସମୀକ୍ଷା, ସ୍ଥାନ: ହାଟଡିହୀ ବ୍ଲକ, ସମୟ: ଅପରାହ୍ନ ୩ ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ଭଜନ ସମାରୋହ, ସ୍ଥାନ: ଶାଳନିଆଁ, ହାଟଡିହୀ, ସମୟ: ସନ୍ଧ୍ୟା ୭ଟା।
- ମା ତାରିଣୀ ମନ୍ଦିରରେ ଭଜନ, କୀର୍ତ୍ତନ ସମାରୋହ, ସ୍ଥାନ:ମରେଇଗାଁ, ହାଟଡିହୀ, ସମୟ:ସନ୍ଧ୍ୟା ୭ଟା।

## ମୟୂରଭଞ୍ଜ

- ଦିବ୍ୟାଙ୍ଗ ସହାୟକ ଯନ୍ତ୍ର ପ୍ରଦାନ ନିମନ୍ତେ ଚିହ୍ନଟ ଶିବିର,ସ୍ଥାନ: ଶୁକ୍ଳି ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- କରମ ପୂଜା ଉପଲକ୍ଷେ ସନ୍ଦେଶ ଓ ଜାଗରଣ,ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ସୁରେଇଡ଼ିହି, ମୋରଡ଼ା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା ଓ ସନ୍ଧ୍ୟା ୬ଟା।
- ବିଜ୍ଞାନ ମେଳା ଓ ଗଣିତ ହାଟ, ସ୍ଥାନ: ରାଇକମା ଆଶ୍ରମ ବିଦ୍ୟାଳୟ, ବେତନଟୀ ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ଜିଲାସ୍ତରୀୟ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା, ସ୍ଥାନ:ବିଞ୍ଝୁଆ ଉଚ୍ଚ ବିଦ୍ୟାଳୟ ପରିସର, ବହଳଦା ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।

## ଢେଙ୍କାନାଳ

- ମିଳିତ ଗଣେଶ ପୂଜା ଭସାଣି ଶୋଭାଯାତ୍ରା, ସ୍ଥାନ: ଢେଙ୍କାନାଳ ମିନି ଷ୍ଟାଡିୟମ, ସମୟ: ସକାଳ ୯ଟା।
- ତପୋବନ ନବାନ୍ନ ଉତ୍ସବ, ସ୍ଥାନ: ଢେଙ୍କାନାଳ କାଦୁଆସ୍ଥିତ ତପୋବନ ପୀଠ, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦ୍ରାପଡ଼ା

- ସୁଭଦ୍ରା ଯୋଜନା ସଚେତନତା ରଥ ଭ୍ରମଣ, ସ୍ଥାନ: ତୁଙ୍ଗା ପଞ୍ଚାୟତ କାର୍ଯ୍ୟାଳୟ, ଆଳି, ଶାସନ, ପଟ୍ଟାମୁଣ୍ଡାଇ, ପଳସିଂହା ପଞ୍ଚାୟତ କାର୍ଯ୍ୟାଳୟ, କେନ୍ଦ୍ରାପଡ଼ା, ପଳସୁଧା ପଞ୍ଚାୟତ କାର୍ଯ୍ୟାଳୟ, ଗରଦପୁର, ପରକୁଳା ପଞ୍ଚାୟତ କାର୍ଯ୍ୟାଳୟ, ମାର୍ଶାଘାଇ, ସମୟ: ପୂର୍ବାହ୍ନ ୧୦ଟା।
- ମା' ପାଇଁ ଗଛଟିଏ, ସ୍ଥାନ: ବଟିରା, ମାର୍ଶାଘାଇ, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର

- ଜାରକା ବଜାର ଗଣେଶ ପୂଜା କମିଟି ପକ୍ଷରୁ ବାଦିପାଲା, ସ୍ଥାନ: ଧର୍ମଶାଳା ବ୍ଲକ୍ ଅଧୀନ ଜାରକା ଗଣେଶ ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।

## ନୟାଗଡ଼

- ଶ୍ରୀମଦ୍ ଭାଗବତ ସପ୍ତାଙ୍ଗ ମହାଯଜ୍ଞ, ପାରାୟଣ ଓ ପ୍ରବଚନର ୩ୟ ଦିବସ, ସ୍ଥାନ:ଦଶପଲ୍ଲା ସହରର ଦୁର୍ଗାବଜାର କଲୋନୀ, ସମୟ: ପାରାୟଣ ସକାଳ ୭ଟା ଏବଂ କପିଳ ଦେବହୁତି ସମ୍ବାଦ, ଦକ୍ଷ ଯଜ୍ଞ, ଧ୍ରୁବ ଚରିତ ଉପରେ ପ୍ରବଚନ ସନ୍ଧ୍ୟା ୭ଟା।

## ରାୟଗଡ଼ା

- ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ଶାସନ ସଚିବଙ୍କ ସୁଭଦ୍ରା ଯୋଜନା ନେଇ ସମୀକ୍ଷା ବୈଠକ, ସ୍ଥାନ: ଜିଲା ପରିଷଦ କନ୍‌ଫରେନ୍ସ ହଲ, ରାୟଗଡା, ସମୟ: ଅପରାହ୍ନ ୩ ଟା।

## ନବରଙ୍ଗପୁର

- ରାଜ୍ୟସ୍ତରୀୟ ଉଚ୍ଚ ବିଦ୍ୟାଳୟ ସମୂହ ଫୁଟବଲ ପ୍ରତିଯୋଗିତା ପ୍ରସ୍ତୁତି ବୈଠକ, ସ୍ଥାନ: ନବରଙ୍ଗପୁରସ୍ଥିତ ଅଶୋକ ମେହେଟ୍ଟା ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସ୍ୱଚ୍ଛତା ହିଁ ସେବା ପ୍ରସ୍ତୁତି ବୈଠକ, ସ୍ଥାନ: ନବରଙ୍ଗପୁର ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

## କୋରାପୁଟ

- କୋରାପୁଟ ମ୍ୟୁନିସିପାଲିଟିରେ ସୁଭଦ୍ରା ଯୋଜନା ନେଇ ତୃତୀୟ ସ୍ୱତନ୍ତ୍ର କ୍ୟାମ୍ପ, ସ୍ଥାନ: ଟାଉନ ହଲ, କୋରାପୁଟ, ସମୟ: ସକାଳ ୯ଟା।
- ଅବିଭକ୍ତ ଦେଶିଆଞ୍ଚଳ ମୁକ୍ତିମୋର୍ଚ୍ଚାର ଖବରଦାତା ସମ୍ମିଳନୀ, ସ୍ଥାନ: ଆଦିବାସୀ ସଂଗ୍ରାହଳୟ ସଭା ଗୃହ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ ଟା।
- ଶିଶୁ ଅଧିକାର ନେଇ କର୍ମଶାଳା, ସ୍ଥାନ: ଦକ୍ଷତା ତାଲିମ କେନ୍ଦ୍ର ସଭାଗୃହ, କୋରାପୁଟ, ସମୟ : ପୂର୍ବାହ୍ନ ୧୧ଟା ୩୦।

## ସମ୍ବଲପୁର

- ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ହାୱା ମଇଦାନ, ସମୟ : ସକାଳ ୭ଟା।
- ଯୋଗ ଶିବିର, ସ୍ଥାନ : ସହଯୋଗ ନଗର ସ୍ଥିତ ରାଧାକୃଷ୍ଣ ମନ୍ଦିର, ସମୟ : ସକାଳ ୭ଟା।
- ପଶ୍ଚିମ ଓଡିଶା ଦଳିତ ସୁରକ୍ଷା ପରିଷଦର ସମାବେଶ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ଅପରାହ୍ନ ୫ଟା।

## ବଲାଙ୍ଗୀର

- ଲୋଇସିଂହା ବ୍ଲକ ଖାରମୁଣ୍ଡା ଆଦର୍ଶ ବିଦ୍ୟାଳୟର ୧୦ମ ପ୍ରତିଷ୍ଠା ଦିବସ, ସ୍ଥାନ: ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଜିଲାସ୍ତରୀୟ ନକ୍‌ଆଉଟ୍ ଫୁଟବଲ ଟୁର୍ନାମେଣ୍ଟର ତୃତୀୟ ଦିନ, ସ୍ଥାନ: ମିଶନ ପଡିଆ, ଖୁଜେନପାଲି ଓ ସଦାଇପାଲି ଖେଳପଡିଆ, ବଲାଙ୍ଗୀର, ସମୟ: ଅପରାହ୍ନ ୩ଟା।

## ସୁବର୍ଣ୍ଣପୁର

- ସ୍ୱତନ୍ତ୍ର ପୂଜାର୍ଚ୍ଚନା, ସ୍ଥାନ: ଗୌଡଗାଡ ଶିବ ମନ୍ଦିର,ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ନୃସିଂହ ପୁରାଣ ପଠନ, ସ୍ଥାନ:ଭାଲୁଡୁଙ୍ଗୁରି ଭାଗବତ ମନ୍ଦିର, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।

## ବରଗଡ଼

- ପଶ୍ଚିମ ଓଡ଼ିଶା କଳାକାର ସଂଘର ନୂଆଁଖାଇ ଭେଟ୍, ସ୍ଥାନ: ଅଗ୍ରଗାମୀ ଯୁବକ ସଂଘ, ବରଗଡ଼, ସମୟ: ସକାଳ ୯ଟା।
- ମହିଳା ଦିଶା କାର୍ଯ୍ୟକ୍ରମ, ସ୍ଥାନ: ବିଜୁ ପଟ୍ଟନାୟକ ଟାଉନ ହଲ, ବରଗଡ଼, ସମୟ: ଅପରାହ୍ନ ୫ଟା ୩୦।

## ଝାରସୁଗୁଡ଼ା

- ସ୍ୱତନ୍ତ୍ର ପୂଜାର୍ଚ୍ଚନା, ସ୍ଥାନ: ସହରସ୍ଥିତ ପୁରୁଣା ବସଷ୍ଟାଣ୍ଡ ସନ୍ତୋଷୀ ମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୭ଟା।
- ମୁସଲିମ ସମ୍ପ୍ରଦାୟର ସାମୂହିକ ନମାଜ ପାଠ, ସ୍ଥାନ: ସହରସ୍ଥିତ ଜେଟଲୀ ପଡ଼ା ଓ ମଙ୍ଗଳ ବଜାର ମସଜିଦ, ସମୟ: ମଧ୍ୟାହ୍ନ ୧୨ ଟା।

## ରାଉରକେଲା

- ଗୀତା ପ୍ରବଚନ କାର୍ଯ୍ୟକ୍ରମର ୪ର୍ଥ ଦିବସ, ସ୍ଥାନ: ରାଉରକେଲା ରେଳଷ୍ଟେଶନ ସ୍ଥିତ ହନୁମାନ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।
- ବନ୍ଦେ ଭାରତ ଟ୍ରେନ ଶୁଭାରମ୍ଭ ପ୍ରସ୍ତୁତି ବୈଠକ, ସ୍ଥାନ: ରାଉରକେଲା ରେଲୱେ ଷ୍ଟେଶନ, ସମୟ: ଅପରାହ୍ନ ୫ଟା।
- ରାଜୀ ପାଡ଼ହା ପକ୍ଷରୁ କରମା ପୂଜା, ସ୍ଥାନ: ଜଗଦା, ସମୟ: ସନ୍ଧ୍ୟା ୬ଟା।
- ମାସିକ ସାରସ୍ୱତ ସମାରୋହ, ସ୍ଥାନ: ଗୋପବନ୍ଧୁ ପାଠାଗାର, ଛେଣ୍ଡ, ସମୟ: ସନ୍ଧ୍ୟା ୭ଟା।
- ନନ୍ଦ ଗାଁରେ ରାଧାଷ୍ଟମୀକୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ସେକ୍ଟର–୧୪, ନନ୍ଦ ଗାଁ, ସମୟ: ଅପରାହ୍ନ ୫ଟା।

## ଦେବଗଡ଼

- ଶ୍ରୀଶ୍ରୀ ଗଣେଶ ପୂଜା, ସ୍ଥାନ: ଗଣେଶ ପୂଜା ମଣ୍ଡପ, ଦେବଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ଗଣେଶ ମେଳା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ଓଡ଼ିଶା ସଂସ୍କୃତି ବିଭାଗ ଦ୍ୱାରା ପ୍ରଯୋଜିତ, ଗୀତମ ମଧୁରମ, ଭଦ୍ରକ, ସ୍ଥାନ: ଗୋପବନ୍ଧୁ ଛକ, ଦେବଗଡ଼, ସମୟ: ଅପରାହ୍ନ ୩ଟା ୩୦।
- ଗଣେଶ ମେଳା ଅବସରରେ କଂସ ଦରବାର ଓ ନଗର ପରିକ୍ରମା, ସ୍ଥାନ: ଦେବଗଡ଼ ସହର, ସମୟ: ଅପରାହ୍ନ ୪ଟା।
- ଗଣେଶ ମେଳା ଅବସରରେ କ୍ଷୀରି ବଣ୍ଟନ, ସ୍ଥାନ: ସଭାଗଲି ଛକ,ଦେବଗଡ଼, ସମୟ : ସନ୍ଧ୍ୟା ୬ଟା।
- ଶ୍ରୀ ଗଣେଶଙ୍କ ସନ୍ଧ୍ୟା ଆଳତୀ, ସ୍ଥାନ: ପୂଜା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆରତୀ, ସ୍ଥାନ, ମଠ ସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ଗଣେଶ ମେଳା ଅବସରରେ ମେଲୋଡ଼ି ଗୀତ ସମ୍ରାଟ, ଭଦ୍ରକ ଗୌତମ ବାରିକ ଓ ଗ୍ରୁପ, ସ୍ଥାନ: ଗୋପବନ୍ଧୁ ଛକ, ଦେବଗଡ଼, ସମୟ: ରାତି ୮ଟା।
- ଗଣେଶ ମେଳା ଅବସରରେ ଟିକେଟ ଶୋ ଅପେରା ସ୍ୱର୍ଣ୍ଣ ମନ୍ଦିର, ସ୍ଥାନ: ପ୍ରଧାନପାଟ ରୋଡ଼, ବଡ ବଗିଚା, ସମୟ: ରାତ୍ର ୧୧ଟା।
- ଗଣେଶ ମେଳା ଅବସରରେ ଫ୍ରି ଶୋ ଅପେରା , ନ୍ୟୁବାଦଲ, ଢେଙ୍କାନାଳ, ସ୍ଥାନ: ଗୋପାଳଜୀ ମନ୍ଦିର ପଡ଼ିଆ, ସମୟ: ରାତ୍ର ୧୧ଟା।

## କଳାହାଣ୍ଡି

- ସୁଭଦ୍ରା ରଥ ଉଦ୍‌ଘାଟନ ସମାରୋହ, ସ୍ଥାନ: କର୍ଲାମୁଣ୍ଡା ବ୍ଲକ କାର୍ଯ୍ୟାଳୟ, ସମୟ: ସକାଳ ୮ଟା।
- ମା' ମାଣିକେଶ୍ୱରୀଙ୍କ ମନ୍ଦିରରେ ନବାନ୍ନ ଲାଗି, ସ୍ଥାନ: ଭବାନୀପାଟଣା ଷ୍ଟାଚ୍ୟୁ ନିକଟ, ସମୟ: ସକାଳ ୯ଟା।

## ବୌଦ୍ଧ

- ପୃଷ୍ଟପୋଷକତା ଯୋଜନା ନେଇ ଅଭିଭାବକ ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ବୌଦ୍ଧ, ସମୟ: ପୂର୍ବାହ୍ନ ୧୦ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ସହକର୍ମୀଙ୍କ ସାହାଯ୍ୟ ପାଇ କାମକୁ ତ୍ୱରାନ୍ୱିତ କରିବା ନିଷ୍ପତ୍ତି ନେବେ। ଅବହେଳାରୁ ସ୍ୱାସ୍ଥ୍ୟରେ ବ୍ୟତିକ୍ରମ ଦେଖା ଦେଇପାରେ। ପ୍ରଶାସନ, ଆଇନ ଅଦାଲତ, ସଭା ସମିତି ଓ ରପ୍ତାନି ବାଣିଜ୍ୟ, ବ୍ୟବସାୟ କ୍ଷେତ୍ରରେ ଉପକୃତ ହେବେ। ଜନକଲ୍ୟାଣ ଦିଗରେ ଅଗ୍ରଣୀ ଭୂମିକା ଗ୍ରହଣ କରି ସାମାଜିକ ସ୍ତରରେ ପ୍ରଶଂସିତ ହୋଇପାରନ୍ତି।

**ବୃଷ** ଆଜିର ବ୍ୟୟବହୁଳ ଜୀବନଯାତ୍ରା ହେତୁ ମାନସିକ ସ୍ଥିତି ସେତେଟା ଭଲ ରହି ନ ପାରେ। ବନ୍ଧୁଙ୍କଠାରୁ ସାହାଯ୍ୟର ପ୍ରତିଶ୍ରୁତି ପାଇ ଟେନ୍‌ସନ ଦୂର ହେବ। କଳା ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା ଓ ଚଳଚ୍ଚିତ୍ରକ୍ଷେତ୍ରରୁ ସୁଫଳ ଓ ଆନନ୍ଦ ମିଳିବ। ସାଧାରଣ କଥାକୁ କେନ୍ଦ୍ରକରି ବାଦବିବାଦଜନିତ ପରିବାରରେ ଅଶାନ୍ତି ସୃଷ୍ଟି ହୋଇପାରେ।

**ମିଥୁନ** ପରିବାରରେ ଭୁଲ୍ ବୁଝାମଣା କାରଣରୁ ବିବାଦୀୟ ପରିସ୍ଥିତି ଉପୁଜିପାରେ। ଶିକ୍ଷା, ପରୀକ୍ଷା, ବନ୍ଧୁ ସମ୍ପର୍କ ସ୍ଥାପନରେ ଆଶା ଅନୁଯାୟୀ ଫଳ ପାଇବେ। କର୍ମଦକ୍ଷତା ହେତୁ ଉପର ଅଧିକାରୀ ଆପଣଙ୍କ ପ୍ରଶଂସା କରିପାରନ୍ତି। ରାଜନୈତିକ କିମ୍ବା ସାଙ୍ଗଠନିକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ।

**କର୍କଟ** ଯେତେ ଭଲ ଚିନ୍ତା କଲେ ମଧ୍ୟ ଅନ୍ୟମାନେ ଆପଣଙ୍କ ମନୋଭାବକୁ ସହଜରେ ବୁଝିପାରିବେ ନାହିଁ। ଅଟକି ରହିଥିବା କାମ ସମ୍ପନ୍ନ ହେବାରେ ବନ୍ଧୁ ସାହାଯ୍ୟ କରିବେ। ଅଂଶୀଦାରଙ୍କ ପରାମର୍ଶରେ ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟରେ ସଫଳତା ହାସଲ କରିବେ। ପାରିବାରିକ କ୍ଷେତ୍ରରେ ଅନ୍ୟଦ୍ୱାରା ପ୍ରଭାବିତ ହୋଇ ନିଜ ଲୋକଙ୍କୁ ଭୁଲ୍ ବୁଝିପାରନ୍ତି।

**ସିଂହ** ଆପଣଙ୍କ ଉନ୍ନତିରେ ପଡ଼ୋଶୀ ଈର୍ଷାପରାୟଣ ହୋଇ ବିଭିନ୍ନ ପ୍ରକାରର ସମସ୍ୟା ସୃଷ୍ଟି କରିପାରନ୍ତି। ଆର୍ଥିକ ସ୍ୱଚ୍ଛଳତା ଊଣା ନ ହେଲେ ମଧ୍ୟ ମାନସିକ ଶାନ୍ତି ବ୍ୟାହତ ହୋଇପାରେ। ଅଫିସରେ ବନ୍ଧୁଙ୍କ ଅବଦାନ ଅବିସ୍ମରଣୀୟ ରହିବାର ଆଶା ରହିଛି। କ୍ରୀଡ଼ା, ସଙ୍ଗୀତ ଓ ବାଣିଜ୍ୟ, ବ୍ୟବସାୟ କ୍ଷେତ୍ରରେ ପ୍ରତିଯୋଗିତା ଲାଗିରହିବ।

**କନ୍ୟା** ଆନୁଷଙ୍ଗିକ ସାହାଯ୍ୟ ସହଯୋଗରୁ ଆଜିର କାମ ସାଧନ କରିପାରିବେ। ମିତ୍ରମାନେ ସୁପରାମର୍ଶ ନ ଦେଇ କିଛି ସମସ୍ୟାମୂଳକ କାମ ପ୍ରତି ପ୍ରଲୋଭିତ କରାଇ ପାରନ୍ତି। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରି ପ୍ରଶଂସିତ ହେବେ। ପାରିବାରିକ ସ୍ତରରେ ସାଧାରଣ କଥାକୁ ଜଟିଳ ଆକାରରେ ଗ୍ରହଣ କରି ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି।

**ତୁଳା** ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ସାମୟିକ ଆଶ୍ୱସ୍ତିଲାଭ କରିବେ। ପରୋକ୍ଷଶତ୍ରୁତା କାରଣରୁ କର୍ମକ୍ଷେତ୍ରରେ ବିଭିନ୍ନ ପ୍ରକାରର ସମସ୍ୟା ଦେଖା ଦେଇପାରେ। ଆଜି ପ୍ରିୟ ବନ୍ଧୁମାନଙ୍କ ସହ ବିଭିନ୍ନ ସ୍ଥାନ ପରିଦର୍ଶନର ମଉକା ଜୁଟିବ। ପରିବାର, କର୍ମକ୍ଷେତ୍ର, ଅର୍ଥ ସମ୍ପର୍କିତ କଥା ଆଲୋଚନା ପାଇଁ ସମୟ ପ୍ରାୟତଃ ଅନୁକୂଳ ରହିବ।

**ବିଛା** ଦୀର୍ଘଦିନରୁ ଅଟକି ରହିଥିବା କାମଟି ଉପରିସ୍ଥଙ୍କ ସୌଜନ୍ୟରୁ ହୋଇଯିବ। ଦୃଢ଼ ପଦକ୍ଷେପ ନେଇ ବକେୟା ଅର୍ଥକୁ ହାସଲ କରିବାରେ ବନ୍ଧୁ ସାହାଯ୍ୟ କରିବେ। ବ୍ୟବସାୟୀମାନଙ୍କ ଆର୍ଥିକ ସ୍ଥିତିରେ ଅବନତି ଆସିପାରେ। ଆକସ୍ମିକ କେତେକ ସମସ୍ୟା ଦେଖାଦେବାରୁ ଆଗାମୀ ଆନୁଷ୍ଠାନିକ କାର୍ଯ୍ୟ ସକାଶେ ବିବ୍ରତ ହୋଇପାରନ୍ତି।

**ଧନୁ** ସକାଳୁ ସକାଳୁ ଜଣେ ବନ୍ଧୁ ଆସି କୌଣସି ଗୁରୁତ୍ୱପୂର୍ଣ୍ଣ କଥା କହିପାରନ୍ତି। କର୍ମକ୍ଷେତ୍ରରେ ମିଥ୍ୟାଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିବାକୁ ବାଧ୍ୟ ହେବେ। ବିଳାସ ଉପକରଣ କ୍ରୟ କରିବା ସକାଶେ ଘରୁ ବରାଦ ପାଇପାରନ୍ତି। ପରୋକ୍ଷ ଶତ୍ରୁତା ଯୋଗୁ କର୍ମକ୍ଷେତ୍ର ବିବାଦୀୟ ହେବାର ଆଶଙ୍କା ରହିଛି।

**ମକର** ଆଜି ଯାହା କିଛି କରିବେ ସେଥିରେ ସାମାନ୍ୟ ବ୍ୟତିକ୍ରମ ଦେଖା ଦେଇ ପାରେ। ପ୍ରତ୍ୟେକ କ୍ଷେତ୍ରରେ ପୂର୍ବଶତ୍ରୁତା ପ୍ରତି ସତର୍କ ରହି କାମ କରିବା ଭଲ ହେବ। ଅବଶ୍ୟ ଆପଣ ମୁହଁ ଖୋଲିଲେ ପାଖ ପଡ଼ୋଶୀଙ୍କ ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ। ସାଧାରଣ ଘଟଣାରେ ବନ୍ଧୁଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିପାରନ୍ତି।

**କୁମ୍ଭ** ମନୋବଳ ବୃଦ୍ଧି କାରଣରୁ କର୍ମକ୍ଷେତ୍ରରେ ଅଗ୍ରଗାମୀ ହେବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ, ନିର୍ମାଣ, କଚେରି ମାମଲାରେ ଉନ୍ନତି ହେବ। ପରିବାର ଭିତରେ ବସନ ଭୂଷଣ ପ୍ରଭୃତି କ୍ରୟ କରିବା ନେଇ ସମସ୍ୟା ଦେଖା ଦେଇପାରେ। ବନ୍ଧୁଙ୍କ ସହ ପାରସ୍ପରିକ ଅସହଯୋଗ କେତେକ ସାଧାରଣ ସମସ୍ୟା ସୃଷ୍ଟି କରିବାର ସୂଚନା ରହିଛି।

**ମୀନ** ସାମାନ୍ୟ ବିଳମ୍ବ ହେଲେ ମଧ୍ୟ ହାତକୁ ନେଇଥିବା କାମ ଅଟକି ରହିବ ନାହିଁ। କର୍ମକ୍ଷେତ୍ରର କେତେକ ଫାଇଲ୍ କାମ ସକାଶେ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ଆନୁଷ୍ଠାନିକ କିମ୍ବା ସାମାଜିକ କାମରେ ଖଟଣି ବଢ଼ିଯିବ। ବ୍ୟବସାୟ, ପରିବହନ ଓ ଯାତ୍ରାରେ ସୁଫଳ ପାଇବାର ଆଶା ରହିଛି।

ଆଜି ସେପ୍ଟେମ୍ବର ୧୩ ତାରିଖ, ଭାଦ୍ରବ ଶୁକ୍ଳ ଦଶମୀ ଶୁକ୍ରବାର, ଶ୍ରୀମନ୍ଦିରରେ କୃଷ୍ଣଲୀଳା, କଂସବଧ ପ୍ରସ୍ତାବ, ଲବଣିଖିଆ ଓ ମଥୁରାହାଟ ଜୁର। ରାଶିନକ୍ଷତ୍ର–ପୂର୍ବାଷାଢ଼ା/ଧନୁ, ଦଶମୀର ଏକୋଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫.୩୭ ଗତେ ଘ.୦୬.୨୫ ମଧ୍ୟେ, ଘ.୦୭.୧୪ ଗତେ ଘ.୦୮.୩୯ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୦।୧୧ ଗତେ ଘ.୧୧.୪୨ ମଧ୍ୟେ ରାହୁ କାଳ।

# ବାର୍ଡ ଫ୍ଲୁ ସ୍ଥିତିରେ ସୁଧାର ଆସିଲା

ଭୁବନେଶ୍ୱର, ୧୨।୯ (ବନ୍ଦନା ସେଠୀ)

ରାଜ୍ୟରେ ବାର୍ଡ ଫ୍ଲୁ ସ୍ଥିତିରେ ସୁଧାର ଆସିଛି। ଯେଉଁ ଅଞ୍ଚଳରେ ବାର୍ଡଫ୍ଲୁ ସଂକ୍ରମଣ ହୋଇଥିଲା, ସେଠାରେ କଲିଂ କରି ସମସ୍ତ କୁକୁଡାଙ୍କୁ ମରାଯାଇଛି। ସଂକ୍ରମିତ କୁକୁଡ଼ା ଆଉ ନାହାନ୍ତି। ତେଣୁ ଏବେ ଲୋକମାନେ ଚିକେନ୍ ଓ ଅଣ୍ଡା ଖାଇପାରିବେ। ତେବେ ଚିକେନ୍ କିଣିବା ପୂର୍ବରୁ ସମ୍ପୃକ୍ତ ଚିକେନ୍ ସଂକ୍ରମିତ ଅଞ୍ଚଳରୁ ଆସିଛି କି ନାହିଁ ତାହା ଜାଣିବା ଦରକାର ବୋଲି ଜନସ୍ୱାସ୍ଥ୍ୟ

### ଚିକେନ୍, ଅଣ୍ଡା ଖାଇପାରିବେ

ନିର୍ଦ୍ଦେଶକ ଡା. ନୀଳକଣ୍ଠ ମିଶ୍ର କହିଛନ୍ତି। ସେହିପରି ଚିକେନ୍ କିଣିବା ସମୟରେ କିଛି ଦିଗକୁ ଧ୍ୟାନ ଦିଆଯିବ ଦରକାର। ଯେଉଁ କୁକୁଡ଼ାମାନେ ଘୁମାଉଥିବେ, ଅସୁସ୍ଥ ଲାଗୁଥିବେ ସେହି ଦୋକାନରୁ ଚିକେନ୍ ନ ଆଣିବା ଉଚିତ। ଏହାବାଦ୍ ଚିକେନ୍‌କୁ ଭଲଭାବେ ଡିପ୍ ଫ୍ରାଏ କରି ଖାଇବା ଉଚିତ ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି।

# ରାଜ୍ୟରେ ୫ହଜାର ଡେଇଁଲା ଡେଙ୍ଗୁ ସଂକ୍ରମଣ

ଭୁବନେଶ୍ୱର, ୧୨।୯ (ବନ୍ଦନା ସେଠୀ)

ରାଜ୍ୟରେ ଡେଙ୍ଗୁ ସଂକ୍ରମଣ ଥମିବାର ନାଁ ଧରୁନାହିଁ। ଇତି ମଧ୍ୟରେ ଡେଙ୍ଗୁ ରୋଗୀ ସଂଖ୍ୟା ୫ ହଜାର ଟପିଛି। ଜାନୁଆରୀରୁ ସେପ୍ଟେମ୍ବର ୧୧ ମଧ୍ୟରେ ମୋଟ୍ ୫ହଜାର ୧୩୮ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ତେବେ ସଂକ୍ରମଣରେ ଗତବର୍ଷ ଖୋର୍ଦ୍ଧା ଜିଲା ଆଗରେ ଥିବାବେଳେ ଏବର୍ଷ ସୁନ୍ଦରଗଡ଼ ଜିଲାରୁ ସର୍ବାଧିକ ୧୫୭୭ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏହାପଛକୁ ଖୋର୍ଦ୍ଧା ଜିଲାରେ ୧୦୫୩ଜଣ ଡେଙ୍ଗୁରେ ଆକ୍ରାନ୍ତ ହୋଇଛନ୍ତି। ସେହିପରି ଗତବର୍ଷ ତୁଳନାରେ ଚଳିତବର୍ଷ ରାଜ୍ୟରେ ୩୦ହଜାର ଅଧିକ ଅର୍ଥାତ୍ ମୋଟ୍

### ସୁନ୍ଦରଗଡ଼ରେ ସର୍ବାଧିକ ରୋଗୀ

୯୯ ହଜାର ୭୮୦ ଟେଷ୍ଟିଂ ହୋଇଛି। ଗତବର୍ଷ ଏହି ସମୟରେ ୫ ହଜାର ୩୩୪ ପଜିଟିଭ୍ ବାହାରିଥିବାବେଳେ ଚଳିତ ବର୍ଷ ସଂଖ୍ୟା କମ୍ ରହିଛିବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନୀଳକଣ୍ଠ ମିଶ୍ର ସୂଚନା ଦେଇଛନ୍ତି। ସଂକ୍ରମଣରେ ଖୋର୍ଦ୍ଧା ପଛକୁ କଟକ, ବାଲେଶ୍ୱର ରହିଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ସଂକ୍ରମିତଙ୍କ ସଂଖ୍ୟା ୮୪୦ ଛୁଇଁଥିବାବେଳେ ପଟିଆ ହଟ୍‌ସ୍ପଟ୍ ପାଲଟିଛି। ଏଠାରୁ ସର୍ବାଧିକ ୭୫ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଚନ୍ଦ୍ରଶେଖରପୁରରୁ ୫୩ଜଣ, ସାଲିଆସାହିରୁ ୪୪ଜଣ ଏବଂ ନୟାପଲ୍ଲୀରୁ ୪୩ଜଣ ରୋଗୀ ବାହାରିଥିବାବେଳେ ଅନ୍ୟ ଅଞ୍ଚଳରୁ ମଧ୍ୟ ଏକାଧିକ ରୋଗୀ ଚିହ୍ନଟ ହେଉଛନ୍ତି। ଅନ୍ୟପକ୍ଷରେ ଖୋର୍ଦ୍ଧା ଜିଲାରେ ଟେଷ୍ଟିଂ କରି ପଜିଟିଭ୍ ଚିହ୍ନଟ ହୋଇଥିବା ୪୩୭ ଜଣଙ୍କର ପତ୍ତା ମିଳୁନାହିଁ। ସେମାନେ ନିଜ ନାମ, ଠିକଣା ଭୁଲ୍ ଦେଇଥିବାରୁ ସେମାନଙ୍କୁ ଠାବ କରାଯାଇ ପାରୁନାହିଁ। ସେହିପରି ରାଜ୍ୟରେ ମଙ୍କିପକ୍ସ ଗୋଟିଏ ଚିହ୍ନଟ ହୋଇଥିବାବେଳେ ଏନେଇ ସରକାରଙ୍କ ପକ୍ଷରୁ ଆଡଭାଇଜରି ଜାରି ହେବା ସହ ନଜର ରଖାଯାଉଥିବା ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି।

**ପ୍ରଥମ ପୃଷ୍ଠାରୁ...**

## ବିବାହିତ ଝିଅଙ୍କୁ...

ପଦପଦବୀରେ ଅବସରପ୍ରାପ୍ତ ଅଗ୍ନିବୀରଙ୍କ ପାଇଁ ୧୦% ସଂରକ୍ଷଣ ବ୍ୟବସ୍ଥା ରହିବ। ଏହି ସଂରକ୍ଷଣ ଅବସରପ୍ରାପ୍ତ ସୈନିକଙ୍କ ପାଇଁ ଲାଗୁ ହେଉଥିବା ସଂରକ୍ଷଣ ସହିତ ଅତିରିକ୍ତ ୧୦ ପ୍ରତିଶତ ସଂରକ୍ଷଣ ରହିବ। ତେବେ ଅଗ୍ନିବୀର ପ୍ରମାଣପତ୍ର ପ୍ରଦାନ ତାରିଖରେ ସମ୍ପୃକ୍ତ ନିଯୁକ୍ତି ନିୟମାବଳୀ ଅନୁସାରେ ପଦବୀ ପାଇଁ ନିର୍ଦ୍ଧାରିତ ସର୍ବନିମ୍ନ ଯୋଗ୍ୟତା ପୂରଣ କରିବା ଆବଶ୍ୟକ। ଅଗ୍ନିବୀରଙ୍କ ପାଇଁ ଚାକିରିର ନିର୍ଦ୍ଧାରିତ ବୟସସୀମାକୁ ୩ ବର୍ଷ କୋହଳ କରାଯିବ। ଅବସରପ୍ରାପ୍ତ ଅଗ୍ନିବୀରଙ୍କୁ ଶାରୀରିକ ଦକ୍ଷତା ପରୀକ୍ଷାରୁ ଅବ୍ୟାହତି ଦେବାକୁ ଏହି ନିୟମାବଳୀରେ ବ୍ୟବସ୍ଥା ରହିଛି।

ଏଠାରେ ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀ ଜୁଲାଇ ୨୬ରେ ୟୁନିଫର୍ମ ସେବା ନିଯୁକ୍ତିରେ ଅଗ୍ନିବୀରଙ୍କୁ ନିର୍ଦ୍ଧାରିତ ବୟସସୀମାରେ ୫ ବର୍ଷ କୋହଳ କରାଯିବ ବୋଲି ଘୋଷଣା କରିଥିଲେ। ମାତ୍ର କ୍ୟାବିନେଟ୍‌ରେ ଏହି ବୟସସୀମାକୁ ୩ ବର୍ଷ କୋହଳ ବୋଲି ଦର୍ଶାଯାଇଛି।

## ୪୭୬ ନିଯୁକ୍ତିପତ୍ର...

ଭୂମିକା ଗ୍ରହଣ କରିବା ପାଇଁ ମୁଖ୍ୟମନ୍ତ୍ରୀ କହିଛନ୍ତି। ସୂଚନାଯୋଗ୍ୟ, ବିଭିନ୍ନ ବିଭାଗରେ ନିଯୁକ୍ତି ପାଇଥିବା ଅଧିକାରୀ ଓ କର୍ମଚାରୀମାନଙ୍କ ମଧ୍ୟରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗର ୮୨ ଜଣ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ୩୯ ଜଣ, ଉଚ୍ଚଶିକ୍ଷା ବିଭାଗର ୨୪ ଜଣ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ୨୩୧ ଜଣ, ସୂଚନା ଓ ଲୋକ ସମ୍ପର୍କ ବିଭାଗର ୫ ଜଣ, ଯୋଜନା ଓ ସଂଯୋଜନ ବିଭାଗର ୬୧ ଜଣ ଏବଂ ଅନୁସୂଚିତ ଜନଜାତି ଓ ଜାତି ବିଭାଗର ୩୪ ଜଣ ଏହିପରି ସର୍ବମୋଟ ୪୭୬ ଜଣ ନବନିଯୁକ୍ତ ଅଧିକାରୀ ଓ କର୍ମଚାରୀ ଅଛନ୍ତି। ସେଥିମଧ୍ୟରେ ଗ୍ରୁପ୍–ଏ ବର୍ଗର ୯୮ ଜଣ, ଗ୍ରୁପ୍–ବି ବର୍ଗର ୧୩୦ ଜଣ ଏବଂ ଗ୍ରୁପ୍–ସି ବର୍ଗର ୨୪୮ ଜଣ କର୍ମଚାରୀ ଅଛନ୍ତି। କାର୍ଯ୍ୟକ୍ରମରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ମନ୍ତ୍ରୀ ଗୋକୁଳାନନ୍ଦ ମଲିକ ଏବଂ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଉପସ୍ଥିତ ଥିଲେ।

## ଅବସରପ୍ରାପ୍ତ ବାବୁଙ୍କ...

ସାମୟିକ ଭାବେ ନିର୍ଦ୍ଦିଷ୍ଟ ସମୟ ପାଇଁ ଚୁକ୍ତିଭିତ୍ତିକ ଭାବେ ପୁନଃ ନିଯୁକ୍ତି ଦେବାର ବ୍ୟବସ୍ଥା ହୋଇଥିଲା। ଯଦି କୌଣସି ଅବସରପ୍ରାପ୍ତ କର୍ମଚାରୀଙ୍କ ପୁନଃ ନିଯୁକ୍ତି ଜରୁରୀ ହୁଏ ତା'ହେଲେ ଖୋଲା ବିଜ୍ଞାପନ କିମ୍ବା ସରକାରଙ୍କ ଦ୍ୱାରା ସ୍ଥିର କରାଯାଉଥିବା ପଦ୍ଧତି ଦ୍ୱାରା ବ୍ୟକ୍ତି ଚୟନ କରାଯିବ। ସମ୍ପୃକ୍ତ ପ୍ରଶାସନିକ ବିଭାଗ ଅବସରପ୍ରାପ୍ତ କର୍ମଚାରୀଙ୍କ ପୁନଃ ନିଯୁକ୍ତି ନିମନ୍ତେ ପ୍ରସ୍ତାବ ଉପରେ ମୁଖ୍ୟ ସଚିବଙ୍କ ଅଧ୍ୟକ୍ଷତାରେ ଥିବା ୪ଜଣିଆ ସଦସ୍ୟ(ଅତିରିକ୍ତ ମୁଖ୍ୟ ସଚିବ, ଅର୍ଥ ସଚିବ ଓ ସମ୍ପୃକ୍ତ ବିଭାଗୀୟ ସଚିବ) ନିଷ୍ପତ୍ତି ନେବେ। ବିଭାଗୀୟ ସଚିବଙ୍କୁ ସମ୍ପୃକ୍ତ ଅବସରପ୍ରାପ୍ତ କର୍ମଚାରୀଙ୍କୁ ପୁନଃ ନିଯୁକ୍ତିର ବାଧ୍ୟତାମୂଳକ କାରଣ ସମ୍ପର୍କରେ ସନ୍ତୁଷ୍ଟ କରାଇବାକୁ ପଡ଼ିବ। ମୁଖ୍ୟ ସଚିବଙ୍କ ଅଧ୍ୟକ୍ଷତା ବିଶିଷ୍ଟ କମିଟି ଯଦି ସମ୍ପୃକ୍ତ ବିଭାଗ ଦେଇଥିବା ଯଥାର୍ଥ କାରଣରେ ସନ୍ତୁଷ୍ଟ ହୁଅନ୍ତି ତା'ହେଲେ ସେହି ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ପାଇଁ ପଠାଯିବ। ସୂଚନାଯୋଗ୍ୟ, ଅବସର ପରେ ପୁନଃ ନିଯୁକ୍ତି ପ୍ରକ୍ରିୟା ନେଇ ଗତ ବିଧାନସଭାର ବଜେଟ ଅଧିବେଶନ ସମୟରେ ସରକାରୀ ଦଳର ଅନେକ ସଦସ୍ୟ ଗୃହରେ ପ୍ରଶ୍ନ ଉଠାଇଥିଲେ।

## ମହାକାଶରେ ପ୍ରଥମ...

ମହାକାଶଚାରୀଙ୍କୁ ପୃଥିବୀଠାରୁ ୧୪୦୦ କିଲୋମିଟର ଉଚ୍ଚତାରେ ପହଞ୍ଚାଇଥିଲା। ସ୍ପେସ୍ଏକ୍ସ'ର ୪ କ୍ରିଉ ସଦସ୍ୟ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର(ଆଇଏସ୍ଏସ୍)ର ୩ ଗୁଣା ଉଚ୍ଚରେ ରବିବାର ପର୍ଯ୍ୟନ୍ତ ଅତିବାହିତ କରିବେ। ଇସାକ୍‌ମ୍ୟାନ ସ୍ପେସ୍‌ୱାକ୍ କରିବା ପୂର୍ବରୁ ମିଶନରେ ଥିବା ସମସ୍ତ ୪ କ୍ରିଉ ସଦସ୍ୟ ମହାକାଶର ଶୂନ୍ୟତାରୁ ରକ୍ଷା ପାଇବା ପାଇଁ ଉଦ୍ଦିଷ୍ଟ ସ୍ପେସ୍‌ୱାକ୍ ସୁଟ୍ ପିନ୍ଧିଥିଲେ। ଯେତେବେଳେ ଇସାକ୍‌ମ୍ୟାନ ଓ ସାରାହ ସ୍ପେସ୍‌ୱାକ୍ କରୁଥିଲେ, ସେତେବେଳେ ମିଶନର ଅନ୍ୟ ୨ କ୍ରିଉ ସଦସ୍ୟ ପାଇଲଟ ସ୍କଟ୍ ପୋଟିଟ୍ ଏବଂ ସ୍ପେସ୍ଏକ୍ସ ଇଞ୍ଜିନିୟର ଅନ୍ନା ମେନନ୍ କ୍ୟାପ୍‌ସୁଲ ମଧ୍ୟରେ ନିଜ ଆସନରେ ବସି ରହିଥିଲେ। ଉଭୟେ ଇସାକ୍‌ମ୍ୟାନ ଏବଂ ସାରାହଙ୍କ ଉପରେ ନଜର ରଖିଥିଲେ। ଏହି ମିଶନ ଆରମ୍ଭ ହେବା ପୂର୍ବରୁ ସମସ୍ତ ୪ କ୍ରିଉ ସଦସ୍ୟଙ୍କୁ ସ୍ପେସ୍ ଏକ୍ସ ପକ୍ଷରୁ ବ୍ୟାପକ ପ୍ରଶିକ୍ଷଣ ଦିଆଯାଇଥିଲା। ତେବେ ଇସାକ୍‌ମ୍ୟାନଙ୍କୁ ସଫଳତା ମିଳିବା ପରେ ସ୍ପେସ୍ଏକ୍ସ ମୁଖ୍ୟ ଏଲନ ମସ୍କ 'ପୋଲାରିସ୍ ଡନ୍' ମିଶନକୁ ପ୍ରଶଂସା କରିଛନ୍ତି। ବ୍ରହ୍ମାଣ୍ଡର ବିଭିନ୍ନ ରହସ୍ୟ ଉନ୍ମୋଚନ କରିବା ପାଇଁ ଏହି ମିଶନର ଉଦ୍ଦେଶ୍ୟ ସଫଳ ହୋଇଛି ବୋଲି ସେ କହିଛନ୍ତି।

## ସୀତାରାମ ୟେଚୁରୀଙ୍କ...

ସର୍ବସାଧାରଣଙ୍କ ଦର୍ଶନ ପାଇଁ ଶନିବାର ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ପାର୍ଟି ମୁଖ୍ୟାଳୟରେ ରଖାଯିବ ବୋଲି ସିପିଆଇ(ଏମ୍) ପକ୍ଷରୁ କୁହାଯାଇଛି। ଏହା ପରେ ମୃତଦେହକୁ ଏମ୍ସ ନିଆଯାଇ ମେଡିକାଲ ଗବେଷଣା ପାଇଁ ଦାନ କରାଯିବ। ଏହା ୟେଚୁରୀଙ୍କର ଇଚ୍ଛା ଥିଲା ବୋଲି ଦଳ କହିଛି।

୧୯୫୨ ଅଗଷ୍ଟ ୧୨ରେ ଚେନ୍ନାଇରେ ଜନ୍ମିତ ୟେଚୁରୀ ଭାରତୀୟ ରାଜନୀତିରେ ଜଣେ ଖ୍ୟାତନାମା ବ୍ୟକ୍ତିତ୍ୱ। ନୂଆଦିଲ୍ଲୀର ଜବାହରଲାଲ୍ ନେହେରୁ ୟୁନିଭର୍ସିଟି (ଜେଏନ୍‌ୟୁ)ରେ ପାଠ ପଢ଼ିବା ସମୟରେ ଛାତ୍ର ଜୀବନରୁ ରାଜନୀତିରେ ପାଦ ଦେଇ ସେ ଷ୍ଟୁଡେଣ୍ଟସ୍ ଫେଡେରେଶନ ଅଫ୍ ଇଣ୍ଡିଆ (ଏସ୍ଏଫ୍ଆଇ)ର ସଦସ୍ୟ ଥିଲେ। ୧୯୮୪ରେ ସେ ସିପିଆଇ(ଏମ୍) କେନ୍ଦ୍ରୀୟ କମିଟି ସଦସ୍ୟ ହୋଇଥିଲେ। ୧୯୯୨ରେ ୟେଚୁରୀ ପଲିଟ୍‌ବ୍ୟୁରୋକୁ ନିର୍ବାଚିତ ହୋଇଥିଲେ। ୨୦୦୫ରୁ ୨୦୧୭ ପର୍ଯ୍ୟନ୍ତ ସେ ରାଜ୍ୟ ସଭା ସଦସ୍ୟ ରହିଥିଲେ ଏବଂ ପ୍ରକାଶ କରାଟଙ୍କ ପରେ ସିପିଆଇ(ଏମ୍)ର ୫ମ ସାଧାରଣ ସମ୍ପାଦକ ହୋଇଥିଲେ। ବିରୋଧୀ ମେଣ୍ଟ ଇଣ୍ଡିଆ ବ୍ଲକ୍‌ରେ ତାଙ୍କର ଉଲ୍ଲେଖନୀୟ ଭୂମିକା ରହିଥିଲା। ତାଙ୍କ ପରଲୋକରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି। ୟେଚୁରୀଙ୍କ ପାଖରେ ସ୍ତ୍ରୀ ତଥା ଦି ୱେର୍ ନ୍ୟୁଜ୍ ପୋର୍ଟାଲର ସମ୍ପାଦକ ସୀମା ଚିସ୍ତି ଉପସ୍ଥିତ ଥିଲେ। ତାଙ୍କର ୨ ପୁଅ ଓ ଗୋଟିଏ ଝିଅ ମଧ୍ୟରୁ ୨୦୨୧ରେ ପୁଅ ଆଶିଷ ୟେଚୁରୀଙ୍କର କୋଭିଡ୍‌ରେ ମୃତ୍ୟୁ ଘଟିଥିଲା।

ୟେଚୁରୀଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିଛନ୍ତି। ଶୋକବାର୍ତ୍ତାରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ସ୍ୱର୍ଗତ ୟେଚୁରି ଭାରତୀୟ ରାଜନୀତିର ଜଣେ ଧୂରୀଣ ରାଜନୀତିଜ୍ଞ ଥିଲେ। ଦୀର୍ଘ ବର୍ଷ ଧରି ସେ ଦେଶରେ କମ୍ୟୁନିଷ୍ଟ ଚିନ୍ତାଧାରାର ପ୍ରସାରରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ। ଜଣେ ଜ୍ଞାନୀ ଓ ଦକ୍ଷ ସାଂସଦ ଭାବରେ ଦେଶର ସଂସଦୀୟ ପରମ୍ପରାର ମୂଲ୍ୟବୋଧକୁ ବଜାୟ ରଖିବାରେ ତାଙ୍କର ଅବଦାନ ପାଇଁ ସେ ସର୍ବଦା ସ୍ମରଣୀୟ ରହିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ପରଲୋକଗତ ଆତ୍ମାର ସଦ୍‌ଗତି କାମନା କରିବା ସହିତ ମୁଖ୍ୟମନ୍ତ୍ରୀ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କ ପ୍ରତି ସମବେଦନା ପ୍ରକାଶ କରିଛନ୍ତି।

## ଭିଏଲ୍‌-ଏସ୍‌ଆରଏସ୍‌ଏମ୍‌ର...

କିଲୋମିଟରର ଦୂରତା ମଧ୍ୟରେ ବାସ କରୁଥିବା ୬ ଗ୍ରାମର ୩୧ଶହ ଲୋକଙ୍କୁ ୩ଟି ଅସ୍ଥାୟୀ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯାଇଥିଲା। ସେହିପରି ଶୁକ୍ରବାର ଚାନ୍ଦିପୁରର ଏହି ଲଞ୍ଚପ୍ୟାଡ୍‌ରୁ ପୁଣି ଏକ କ୍ଷେପଣାସ୍ତ୍ର ପରୀକ୍ଷଣ କରାଯିବ। ଏହାକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ପକ୍ଷରୁ ଉକ୍ତ ଅଞ୍ଚଳର ବାସିନ୍ଦାଙ୍କୁ ଅସ୍ଥାୟୀ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯିବ ବୋଲି କୁହାଯାଇଛି।

**ଭାରତକୁ ବୁଡ଼ା ଜାହାଜ ବିଧ୍ୱଂସୀ ଅସ୍ତ୍ର 'ସୋନବୁଏ' ବିକିବ ଆମେରିକା**

ଭାରତର ସାମୁଦ୍ରିକ ଶକ୍ତି ବୃଦ୍ଧି ପାଇବାକୁ ଯାଉଛି। ୫୨.୮ ମିଲିୟନ ଡଲାର ମୂଲ୍ୟର ହାଇ ଅଲ୍ଟିଚ୍ୟୁଡ୍ ଆଣ୍ଟି ସବ୍ ମାରାଇନ୍ ୱାରଫେୟାର୍ 'ସୋନବୁଏ'କୁ ଆମେରିକା ଭାରତକୁ ବିକ୍ରି କରିବ। ଏନେଇ ଆମେରିକୀୟ ପ୍ରତିରକ୍ଷା ବିଭାଗ କଂଗ୍ରେସକୁ ସୂଚନା ଦେଇଛି। ଏହି ଉପକରଣକୁ ଭାରତ ସଶସ୍ତ୍ର ବାହିନୀରେ ସାମିଲ କରିପାରିବ ବୋଲି ପେଣ୍ଟାଗନ କହିଛି।

# ଇସ୍ତଫା ଦେବାକୁ ପ୍ରସ୍ତୁତ: ମମତା

**ନୂଆଦିଲ୍ଲୀ,୧୨।୯(ପି.ଟି.)**

କୋଲକାତାର ଆର୍.ଜି. କର ହସ୍ପିଟାଲରେ ମହିଳା ଟ୍ରେନି ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ଘଟଣାରେ ନ୍ୟାୟ ଦାବିରେ ଜୁନିୟର ଡାକ୍ତରମାନେ ମାସେରୁ ଊର୍ଦ୍ଧ୍ୱ ସମୟ ହେଲା କାର୍ଯ୍ୟବନ୍ଦ ଆନ୍ଦୋଳନ ଚଳାଇଥିବାବେଳେ ଅଚଳାବସ୍ଥାର ସମାଧାନ ପାଇଁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସେମାନଙ୍କୁ ଗୁରୁବାର ଆଲୋଚନା ପାଇଁ ଡାକିଥିଲେ। ତେବେ ଅଚଳାବସ୍ଥା ଦୂର କରିବାରେ ସରକାର ବିଫଳ ହୋଇଥିବା ଆନ୍ଦୋଳନକାରୀ ଡାକ୍ତରମାନେ କହିଛନ୍ତି। କାର୍ଯ୍ୟବନ୍ଦ ଆନ୍ଦୋଳନ ଯୋଗୁ ରୋଗୀ ସେବାରେ ଅଚଳାବସ୍ଥା ଦେଖାଦେଇଛି।

**ଆଲୋଚନା ନ କରି ଫେରିଗଲେ ଡାକ୍ତର**



ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରୁଛନ୍ତି ମମତା ବାନାର୍ଜୀ।

ଏଥିପାଇଁ ମମତା ଡାକ୍ତରମାନଙ୍କୁ ଦାୟୀ କରିଥିଲେ। ସରକାର ନିଜ ଜିଦ୍‌ରେ ଅଟଳ ରହିବାରୁ ଆଲୋଚନା ହୋଇନାହିଁ। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଡାକ୍ତରମାନେ କହିଛନ୍ତି।

ଆଲୋଚନା ପାଇଁ ୨ ଘଣ୍ଟା ଅପେକ୍ଷା କରିବା ପରେ ମମତା ଗଣମାଧ୍ୟମକୁ ଏକ ଆବେଗଭରା ଭାଷଣରେ କହିଥିଲେ, ମୁଖ୍ୟମନ୍ତ୍ରୀ ପଦ ତାଙ୍କ ପାଇଁ ବଡ଼ ନୁହେଁ। ଜନସାଧାରଣଙ୍କ ସ୍ୱାର୍ଥ ପାଇଁ ସେ ପଦ ଛାଡ଼ିବାକୁ ପ୍ରସ୍ତୁତ। ଆନ୍ଦୋଳନରତ ଡାକ୍ତରମାନେ କାର୍ଯ୍ୟରେ ଯୋଗଦେଲେ, ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯିବ ନାହିଁ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। କେତେଜଣ ନ୍ୟସ୍ତସ୍ୱାର୍ଥ ଲୋକ ଆନ୍ଦୋଳନ ପଛର ମାଷ୍ଟରମାଇଣ୍ଡ ରହିଛନ୍ତି। ସୋସିଆଲ ମିଡିଆରେ ସରକାରୀ ବିରୋଧୀ ବାର୍ତ୍ତା ପୋଷ୍ଟ କରାଯାଉଛି। ଏହାକୁ ରାଜନୈତିକ ରୂପ ଦିଆଯାଉଥିବା ସାଧାରଣ ଲୋକେ ଜାଣନ୍ତି ନାହିଁ ବୋଲି ମମତା କହିଥିଲେ। ରାଜନୈତିକ ରଙ୍ଗ ଦେଉଥିବା ଲୋକେ ନ୍ୟାୟ ଚାହାନ୍ତି ନାହିଁ, ସେମାନେ ଚୌକି ଚାହାନ୍ତି ବୋଲି ମମତା ଖବରଦାତା ସମ୍ମିଳନୀରେ କହିଛନ୍ତି।

ଆନ୍ଦୋଳନରତ ଡାକ୍ତରମାନଙ୍କ ପ୍ରତିନିଧି ଦଳ ଗୁରୁବାର ସନ୍ଧ୍ୟାରେ ଆଲୋଚନା ପାଇଁ ରାଜ୍ୟ ସଚିବାଳୟ ଫାଟକ ପର୍ଯ୍ୟନ୍ତ ଆସିଥିଲେ। ଆଲୋଚନାର ସିଧା ପ୍ରସାରଣ ପାଇଁ ସେମାନଙ୍କ ଦାବିକୁ ସରକାର ଗ୍ରହଣ ନ କରିବାରୁ ସେମାନେ ସଚିବାଳୟରେ ପ୍ରବେଶ କରିବାକୁ ମନା କରିଦେଇଥିଲେ। ମମତା କହିଛନ୍ତି, ଡାକ୍ତରମାନେ କେତେଜଣ ବିରୋଧୀ ନେତାଙ୍କ କଥାରେ କାର୍ଯ୍ୟ କରୁଛନ୍ତି। ଅଧିକାଂଶ ପ୍ରତିନିଧି ଆଲୋଚନା ଚାହୁଁଥିଲେ। ବାହାରୁ ୨/୩ ଜଣ ସେମାନଙ୍କୁ ଆଲୋଚନା ନ କରିବାକୁ ପରାମର୍ଶ ଦେଉଥିଲେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ପୁଟିନ୍‌ଙ୍କୁ ଭେଟିଲେ ଏନ୍‌ଏସ୍‌ଏ ଡୋଭାଲ


ଅଜିତ ଡୋଭାଲ

**ନୂଆଦିଲ୍ଲୀ,୧୨।୯**

ଭାରତର ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ଅଜିତ ଡୋଭାଲ ଗୁରୁବାର ସେଣ୍ଟ ପିଟର୍ସବର୍ଗଠାରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କୁ ଭେଟିଛନ୍ତି। କନ୍‌ଷ୍ଟାଣ୍ଟିନୋଭସ୍କି ପ୍ୟାଲେସ୍‌ରେ ସେମାନଙ୍କ ମଧ୍ୟରେ ଅନୁଷ୍ଠିତ ବୈଠକରେ ଡୋଭାଲ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବାର୍ତ୍ତା ରୁଷିଆ ରାଷ୍ଟ୍ରପତିଙ୍କୁ ଦେଇଛନ୍ତି। ନିକଟରେ ମୋଦି ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କିଙ୍କୁ ଭେଟି ଆଲୋଚନା କରିଥିଲେ। ଜେଲେନ୍‌ସ୍କିଙ୍କ ସହ ହୋଇଥିବା କଥାବାର୍ତ୍ତା ସମ୍ପର୍କରେ ଡୋଭାଲ ପୁଟିନ୍‌ଙ୍କୁ ଜଣାଇଛନ୍ତି। ରୁଷିଆ ଏବଂ ୟୁକ୍ରେନ୍ ମଧ୍ୟରେ ୯୩୦ ଦିନ ହେଲା ଯୁଦ୍ଧ ଲାଗିରହିଥିବାବେଳେ ଏହାର ଅବସାନ ପାଇଁ ମୋଦି ଚାହୁଁଛନ୍ତି। ଶାନ୍ତି ପ୍ରକ୍ରିୟାରେ ସହଯୋଗ ପାଇଁ ଭାରତ ଆଗ୍ରହୀ ବୋଲି ମୋଦି ଜେଲେନ୍‌ସ୍କିଙ୍କୁ କହିଥିଲେ। ପ୍ରଧାନମନ୍ତ୍ରୀ ମୋଦି ଜୁଲାଇରେ ରୁଷିଆ ଏବଂ ଅଗଷ୍ଟରେ ୟୁକ୍ରେନ୍ ଗସ୍ତରେ ଯାଇଥିଲେ। ଉଭୟ ଗସ୍ତରେ ପ୍ରଧାନମନ୍ତ୍ରୀଙ୍କ ସହ ଡୋଭାଲ ରହିଥିଲେ। ୟୁକ୍ରେନ୍ ଆଲୋଚନା ସମ୍ପର୍କରେ ପୁଟିନ୍‌ଙ୍କୁ ବ୍ୟକ୍ତିଗତ ଭାବେ ଜଣାଇବା ପାଇଁ ଡୋଭାଲ ଯାଇଥିବାରୁ ଯୁଦ୍ଧର ସମାଧାନ ନିମନ୍ତେ ଶାନ୍ତି ଆଲୋଚନା ଆଗେଇବା ନେଇ ଆଶା କରାଯାଉଛି।

## ଛାତ୍ରନେତାରୁ ସିପିଆଇ(ଏମ୍) ସାଧାରଣ ସମ୍ପାଦକ

**ନୂଆଦିଲ୍ଲୀ,୧୨।୯**


ସୀତାରାମ ୟେଚୁରୀ
(୧୯୫୨ ଅଗଷ୍ଟ ୧୨ରୁ ୨୦୨୪ ସେପ୍ଟେମ୍ବର ୧୨)

ବର୍ଷୀୟାନ କମ୍ୟୁନିଷ୍ଟ ନେତା ତଥା ସିପିଆଇ(ଏମ୍) ସାଧାରଣ ସମ୍ପାଦକ ସୀତାରାମ ୟେଚୁରୀଙ୍କର ୭୨ ବର୍ଷ ବୟସରେ ଗୁରୁବାର ପରଲୋକ ହୋଇଯାଇଛି। ସେ ଉଦାରବାଦୀ ତଥା ସ୍ପଷ୍ଟବାଦୀ ନେତା ଥିଲେ। ବହୁ ଭାଷାରେ ତାଙ୍କର ପାରଦର୍ଶିତା ଥିଲା। ଛାତ୍ର ଜୀବନରୁ ରାଜନୀତି ଆରମ୍ଭ କରିଥିବା ୟେଚୁରୀ ୨୦୧୫ ଏପ୍ରିଲରେ ସିପିଆଇ(ଏମ୍)ର ସାଧାରଣ ସମ୍ପାଦକ ନିର୍ବାଚିତ ହେବା ସହ ୨୦୧୮ ଏବଂ ୨୦୨୧ରେ ପୁନର୍ବାର ଉକ୍ତ ପଦବୀକୁ ନିର୍ବାଚିତ ହୋଇଥିଲେ। ବିରୋଧୀ ଦଳଗୁଡ଼ିକୁ ଏକାଠି କରି ମେଣ୍ଟ ଗଠନ କରିବାରେ ତାଙ୍କର ପ୍ରମୁଖ ଭୂମିକା ରହିଥିଲା। ୨୦୦୪ରୁ ୨୦୧୪ ଉପା ସରକାରକୁ ସିପିଆଇ(ଏମ୍) ସମର୍ଥନ ଦେଇଥିଲା।

୧୯୫୨ ଅଗଷ୍ଟ ୧୨ରେ ଚେନ୍ନାଇରେ ଜନ୍ମିତ ୟେଚୁରୀ ଦିଲ୍ଲୀର ସେଣ୍ଟ ଷ୍ଟିଫେନ୍ସ କଲେଜ ଏବଂ ଜବାହରଲାଲ୍ ନେହେରୁ ୟୁନିଭର୍ସିଟି (ଜେଏନ୍‌ୟୁ)ରେ ଶିକ୍ଷାଲାଭ କରିଥିଲେ। ସେହି ସମୟରେ ସେ ଷ୍ଟୁଡେଣ୍ଟସ୍ ଫେଡେରେଶନ ଅଫ୍ ଇଣ୍ଡିଆର ସଦସ୍ୟ ହୋଇଥିଲେ। ୧୯୭୫ରେ ସେ କମ୍ୟୁନିଷ୍ଟ ପାର୍ଟିର ସଦସ୍ୟ ହେବା ପରେ ଜରୁରୀ ପରିସ୍ଥିତି ଜାରି ହେବାରୁ କିଛି ମାସ ପାଇଁ ଜେଲ ଯାଇଥିଲେ। ଜେଲରୁ ବାହାରିବା ପରେ ସେ ୩ ଥର ଜେଏନ୍‌ୟୁ ଛାତ୍ର ସଂଗଠନର ଅଧ୍ୟକ୍ଷ ହୋଇଥିଲେ। ୧୯୭୮ରେ ସେ ଏସ୍‌ଏଫ୍‌ଆଇର ସର୍ବଭାରତୀୟ ଯୁଗ୍ମ ସମ୍ପାଦକ ଓ ପରେ ଏହାର ସଭାପତି ହୋଇଥିଲେ।

୧୯୮୫ରେ ସିପିଆଇ(ଏମ୍) କେନ୍ଦ୍ରୀୟ କମିଟିକୁ ୟେଚୁରୀ ନିର୍ବାଚିତ ହେବା ପରେ ୧୯୯୨ରେ ଏହାର ପଲିଟ୍‌ବ୍ୟୁରୋ ସଦସ୍ୟ ହୋଇଥିଲେ। ବାମଦଳରେ ସେ ସବୁଠୁ ପରିଚିତ ଚେହେରା ଥିଲେ ଏବଂ ୟୁନାଇଟେଡ୍ ଫ୍ରଣ୍ଟ ସରକାରର ସର୍ବନିମ୍ନ ସାଧାରଣ କାର୍ଯ୍ୟକ୍ରମ ଠିକ ପ୍ରସ୍ତୁତିରେ କଂଗ୍ରେସ ନେତା ପି. ଚିଦାମ୍ବରମଙ୍କ ସହ ଏକାଠି କାମ କରିଥିଲେ। ୨୦୦୮ରେ ଭାରତ-ଆମେରିକା ଆଣବିକ ଚୁକ୍ତିକୁ ନେଇ ବାମଦଳ ଉପା ସରକାରରୁ ସମର୍ଥନ ପ୍ରତ୍ୟାହାର ପାଇଁ ନିଷ୍ପତ୍ତି ନେଇଥିବାବେଳେ ଏହି ପ୍ରସଙ୍ଗରେ ସରକାରଙ୍କ ସହ ଆଲୋଚନାରେ ୟେଚୁରୀ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲେ। ଫଳରେ ସୃଷ୍ଟ ଅଚଳାବସ୍ଥା ଦୂର ହୋଇଥିଲା। ୧୨ ବର୍ଷ ରାଜ୍ୟ ସଭା ସଦସ୍ୟ ରହିଥିବାବେଳେ ୟେଚୁରୀ ବିରୋଧୀ ଦଳର ଶାଣିତ ସ୍ୱର ଥିଲେ। କୃଷକଙ୍କ ସମସ୍ୟାଠାରୁ ଆରମ୍ଭ କରି କର୍ମଜୀବୀମାନଙ୍କ ଅସୁବିଧା, ସରକାରଙ୍କ ଅର୍ଥନୀତି ଓ ବିଦେଶ ନୀତି ଏବଂ ସାମ୍ପ୍ରଦାୟିକତାବାଦର ବିପଦ ଆଦି ବିଭିନ୍ନ ପ୍ରସଙ୍ଗରେ ୟେଚୁରୀ ସ୍ୱର ଉଠାଉଥିଲେ। ଇଣ୍ଡିଆ ବ୍ଲକ୍ ଗଠନରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା।

ୟେଚୁରୀଙ୍କ ପରଲୋକରେ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ଶୋକବାର୍ତ୍ତାରେ ୟେଚୁରୀଙ୍କୁ ବାମଦଳର ନେତୃତ୍ୱର ଆଲୋକବର୍ତ୍ତିକା ବୋଲି କହିଛନ୍ତି। ତାଙ୍କର ସବୁ ଦଳର ନେତାମାନଙ୍କ ସହ ଭଲ ସମ୍ପର୍କ ରହିଥିଲା। ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ୟେଚୁରୀଙ୍କୁ ଜଣେ ବନ୍ଧୁ ବୋଲି କହିବା ସହ ସେ ଭାରତୀୟ ବିଚାରଧାରାର ରକ୍ଷକ ଥିଲେ ବୋଲି କହିଛନ୍ତି। ୟେଚୁରୀ ସିପିଆଇ(ଏମ୍)ର ଅନ୍ୟତମ ସ୍ତମ୍ଭ ଏବଂ ଜଣେ ଶ୍ରେଷ୍ଠ ପାର୍ଲାମେଣ୍ଟାରିଆନ୍ ଥିଲେ ବୋଲି କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି। ୟେଚୁରୀଙ୍କ ଅବଦାନ ସ୍ମରଣୀୟ ହୋଇ ରହିବ ବୋଲି କେନ୍ଦ୍ରମନ୍ତ୍ରୀ ନୀତିନ ଗଡ଼କରୀ କହିଛନ୍ତି।

## ନାଗମଙ୍ଗଲାରେ ସାମ୍ପ୍ରଦାୟିକ ସଂଘର୍ଷ



**ମହୀଶୂର,୧୨।୯**

କର୍ନାଟକର ମାଣ୍ଡ୍ୟା ଜିଲା ଅନ୍ତର୍ଗତ ନାଗମଙ୍ଗଲା ତାଲୁକରେ ବୁଧବାର ରାତିରେ ଗଣେଶ ଶୋଭାଯାତ୍ରା ବେଳେ ସାମ୍ପ୍ରଦାୟିକ ସଂଘର୍ଷ ଘଟିଛି। ଏକ ଧାର୍ମିକ କେନ୍ଦ୍ର ନିକଟ ଦେଇ ଶୋଭାଯାତ୍ରା ଯାଉଥିବାବେଳେ ଦୁର୍ବୃତ୍ତମାନେ ଟେକାମାଡ଼ କରିବାରୁ ସାମ୍ପ୍ରଦାୟିକ ସଂଘର୍ଷ ସୃଷ୍ଟି ହୋଇଥିଲା। ଉତ୍ତ୍ୟକ୍ତ ଲୋକେ ୬ଟି ଦୋକାନରେ ନିଆଁ ଲଗାଇଦେବା ସହ ୧୩ଟି ପ୍ରତିଷ୍ଠାନରେ ଭଙ୍ଗାରୁଜା କରିଥିଲେ। ଫଳରେ ଲକ୍ଷ ଲକ୍ଷ ଟଙ୍କାର ସାମଗ୍ରୀ ଜଳି ପାଉଁଶ ହୋଇଯାଇଛି। ନାଗମଙ୍ଗଲାରେ ୧୪ ତାରିଖ ମଧ୍ୟରାତ୍ର ପର୍ଯ୍ୟନ୍ତ ୧୪୪ ଧାରା ଜାରି ହେବା ସହ ସ୍କୁଲ୍ କଲେଜ ଛୁଟି କରିଦିଆଯାଇଛି। ସଂଘର୍ଷରେ ସମ୍ପୃକ୍ତ ୪୬ ଜଣଙ୍କୁ ଗିରଫ କରାଯାଇଥିବା ପୋଲିସ କହିଛି। ଗିରଫ ଯୁବକମାନଙ୍କ ପରିବାର ସଦସ୍ୟ ଗୁରୁବାର ସକାଳେ ନାଗମଙ୍ଗଲା ଟାଉନ ଥାନାରେ ପହଞ୍ଚି ପ୍ରତିବାଦ କରିଥିଲେ। ଗିରଫଙ୍କ ମଧ୍ୟରୁ କେତେଜଣ ନାବାଳକ ଏବଂ ନିରୀହ ବୋଲି ସେମାନେ କହିବା ସହ ସେମାନଙ୍କୁ ଛାଡ଼ିଦେବାକୁ ଦାବି କରିଛନ୍ତି।

## ସିଜେଆଇଙ୍କ ଘରେ ମୋଦିଙ୍କ ଗଣେଶ ପୂଜାକୁ ନେଇ ବିବାଦ

**ନୂଆଦିଲ୍ଲୀ,୧୨।୯**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୁଧବାର ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ବାସଭବନକୁ ଯାଇ ସେଠାରେ ଗଣେଶ ପୂଜା କରିବାକୁ ନେଇ ବିବାଦ ଦେଖାଦେଇଛି। ସୁପ୍ରିମକୋର୍ଟର କେତେଜଣ ବରିଷ୍ଠ ଆଇନଜୀବୀ ଏବଂ ବିରୋଧୀ ଦଳର ନେତା ଏହାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି।

ସିଜେଆଇ ଚନ୍ଦ୍ରଚୂଡ଼ ଏବଂ ତାଙ୍କ ସ୍ତ୍ରୀ କଳ୍ପନା ଦାସଙ୍କ ସହ ପ୍ରଧାନମନ୍ତ୍ରୀ ମୋଦି ଏକାଠି ଗଣେଶ ପୂଜା କରୁଥିବାର ଭିଡିଓ ଭାଇରାଲ ହୋଇଛି। ଏହାକୁ ନିନ୍ଦା କରିବା ପାଇଁ ବରିଷ୍ଠ ଆଇନଜୀବୀ ତଥା ପୂର୍ବତନ ଅତିରିକ୍ତ ସଲିସିଟର ଜେନେରାଲ ଇନ୍ଦିରା ଜୟସିଂ ସୁପ୍ରିମକୋର୍ଟ ବାର୍ ଆସୋସିଏଶନ (ଏସ୍‌ସିବିଏ)କୁ ନିବେଦନ କରିଛନ୍ତି। ଏଭଳି ଘଟଣା ନ୍ୟାୟପାଳିକା ଓ କାର୍ଯ୍ୟପାଳିକା ମଧ୍ୟରେ ରହିଥିବା ସୀମାରେଖାକୁ ଅସ୍ପଷ୍ଟ କରିଦେଇଛି। ପ୍ରଧାନ ବିଚାରପତି କାର୍ଯ୍ୟପାଳିକା ଏବଂ ନ୍ୟାୟପାଳିକା ମଧ୍ୟରେ ରହିଥିବା କ୍ଷମତା ବିଭାଜନ ସହ ସାଲିସ୍ କରିଥିବା ଜୟସିଂ ଅଭିଯୋଗ କରିଛନ୍ତି। ସିଜେଆଇ ପ୍ରଧାନମନ୍ତ୍ରୀଙ୍କୁ ଗଣେଶ ପୂଜା ପାଇଁ ଡାକିବା ନିଷ୍ପତ୍ତି ଏକ ଖରାପ ଲକ୍ଷଣ ବୋଲି ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ ଭୂଷଣ କହିଛନ୍ତି। ନାଗରିକଙ୍କ ମୌଳିକ ଅଧିକାରର ସୁରକ୍ଷା କରିବା ଏବଂ ସମ୍ବିଧାନର ଅନୁପାଳନ ଲାଗି ସରକାରଙ୍କୁ ସୁନିଶ୍ଚିତ କରାଇବା ନ୍ୟାୟପାଳିକାର କାର୍ଯ୍ୟ। ନ୍ୟାୟପାଳିକା ଓ କାର୍ଯ୍ୟପାଳିକା ମଧ୍ୟରେ ସ୍ପଷ୍ଟ ପ୍ରାର୍ଥକ୍ୟ ରହିବା ଜରୁରୀ ବୋଲି ଭୂଷଣ କହିଛନ୍ତି। ସମ୍ବିଧାନର ତତ୍ତ୍ୱାବଧାରକ ଯଦି ରାଜନେତାଙ୍କୁ ଭେଟନ୍ତି, ତେବେ ଏହା ଜନସାଧାରଣଙ୍କ ମନରେ ସନ୍ଦେହ ସୃଷ୍ଟି କରିବ ବୋଲି ଶିବସେନା (ୟୁବିଟି) ନେତା ସଞ୍ଜୟ ରାଉତ କହିଛନ୍ତି।


ସିଜେଆଇଙ୍କ ବାସଭବନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗଣେଶ ପୂଜା କରୁଛନ୍ତି।

## ୨୦ ବର୍ଷରେ ୫,୨୪୯ ମାଓବାଦୀ ନିହତ

**ରାୟପୁର, ୧୨।୯**

ଦେଶବ୍ୟାପୀ ୨୦୦୪ରୁ ୨୦୨୪ ମଧ୍ୟରେ ୫,୨୪୯ ଜଣ ମାଓବାଦୀ ନିହତ ହୋଇଛନ୍ତି। ଗୁରୁବାର ମାଓବାଦୀଙ୍କ କେନ୍ଦ୍ରୀୟ କମିଟି ପକ୍ଷରୁ ଜାରି ୨୫ ପୃଷ୍ଠା ବିଶିଷ୍ଟ ବୁକ୍‌ଲେଟ୍‌ରେ ଏହି ତଥ୍ୟ ଉଲ୍ଲେଖ କରାଯାଇଛି। ଗତ ୨୦ ବର୍ଷ ମଧ୍ୟରେ ୧ ହଜାର ମହିଳା ମାଓବାଦୀ ମୃତ୍ୟୁବରଣ କରିଥିବା ଏହି ରିପୋର୍ଟ କହିଛି। ସେହିପରି ଛତିଶଗଡ଼, ଓଡ଼ିଶା, ଝାଡ଼ଖଣ୍ଡ ଆଦି ରାଜ୍ୟରେ ୪,୦୭୩ଟି ମାଓବାଦୀ ହିଂସା ଘଟିଥିବାବେଳେ ଏଥିରେ ୩,୦୯୦ ଯବାନଙ୍କର ମୃତ୍ୟୁ ଘଟିଛି। ସେହିପରି ୪,୦୭୭ ଜଣ ଯବାନ ଆହତ ହୋଇଛନ୍ତି। କେବଳ ୨୦୨୧ରୁ ୨୦୨୪ ମଧ୍ୟରେ ଘଟିଥିବା ବିଭିନ୍ନ ମାଓହିଂସାରେ ୨୬୧ ଜଣ ଯବାନ ମୃତ୍ୟୁବରଣ କରିଥିବାବେଳେ ୫୧୬ ଜଣ ଆହତ ହୋଇଛନ୍ତି। ପୋଲିସର ଆକ୍ରମଣାତ୍ମକ କାର୍ଯ୍ୟାନୁଷ୍ଠାନ ଯୋଗୁ ବିଭିନ୍ନ ମାଓବାଦୀ ସଙ୍ଗଠନ କ୍ରମେ ଦୁର୍ବଳ ହୋଇ ପଡ଼ିଛନ୍ତି ବୋଲି ଏହାର କେନ୍ଦ୍ରୀୟ କମିଟି ସ୍ୱୀକାର କରିଛି।

## ୨ ସେନା ଅଫିସରଙ୍କୁ ଆକ୍ରମଣ: ବାନ୍ଧବୀଙ୍କୁ ଗଣବଳାତ୍କାର

**ଭୋପାଳ,୧୨।୯**

ମଧ୍ୟପ୍ରଦେଶର ଇନ୍ଦୋରରେ ୨ ଜଣ ଯୁବ ସେନା ଅଫିସରଙ୍କୁ ଦୁର୍ବୃତ୍ତମାନେ ମାଡ଼ ମାରିବା ସହ ସେମାନଙ୍କର ବାନ୍ଧବୀଙ୍କୁ ଗଣବଳାତ୍କାର କରିଛନ୍ତି। ମଙ୍ଗଳବାର ରାତିରେ ଏହି ଘଟଣା ଘଟିଛି। ଆକ୍ରମଣକାରୀମାନେ ଡକାୟତି କରିବା ଉଦ୍ଦେଶ୍ୟରେ ଆସିଥିଲେ। ପୋଲିସ ସେମାନଙ୍କ ମଧ୍ୟରୁ ୨ ଜଣଙ୍କୁ ଗିରଫ କରିଛି।

ସୂଚନା ଅନୁଯାୟୀ, ୨ ସେନା ଅଫିସର ଇନ୍ଦୋର ନିକଟ ସେନା କଲେଜରେ ଟ୍ରେନିଂ ନେଉଥିବାବେଳେ ମଙ୍ଗଳବାର ଅପରାହ୍ନରେ ସେମାନଙ୍କର ଦୁଇଜଣ ବାନ୍ଧବୀଙ୍କ ସହ ଛୋଟିଜାମ୍ ଫାୟାରିଂ ରେଞ୍ଜ ନିକଟରେ ଥିବା ଏକ ସ୍ଥାନକୁ ବଣଭୋଜି କରିବାକୁ ଯାଇଥିଲେ। ହଠାତ୍ ୮ ଜଣ ସଶସ୍ତ୍ର ଯୁବକ ସେମାନଙ୍କୁ ଘେରିଯାଇଥିଲେ। ସେମାନେ ଟ୍ରେନି ଅଫିସର ଓ ୨ ମହିଳାଙ୍କୁ ମାଡ଼ ମାରିବା ପରେ ସେମାନଙ୍କ ପାଖରେ ଥିବା ଟଙ୍କା ଲୁଟି ନେଇଥିଲେ। ଏହା ପରେ ସେମାନେ ଜଣେ ସେନା ଅଫିସର ଓ ତାଙ୍କ ବାନ୍ଧବୀଙ୍କୁ ପଣବନ୍ଦୀ ରଖି ୧୦ ଲକ୍ଷ ଟଙ୍କା ଆଣିବା ପାଇଁ ଅନ୍ୟ ୨ ଜଣଙ୍କୁ ପଠାଇ ଦେଇଥିଲେ। ସେମାନେ ସେନା ୟୁନିଟ୍‌ରେ ପହଞ୍ଚି କମାଣ୍ଡିଂ ଅଫିସରଙ୍କୁ ସବୁ କଥା ଜଣାଇବା ପରେ ପୋଲିସକୁ ଖବର ଦିଆଯାଇଥିଲା। ପୋଲିସ ଓ ସେନା ଯବାନମାନେ ଘଟଣାସ୍ଥଳକୁ ଯିବାବେଳେ ସେମାନଙ୍କ ଗାଡ଼ି ଦେଖି ଆକ୍ରମଣକାରୀମାନେ ଫେରାର ହୋଇଯାଇଥିଲେ।

ଆହତ ୨ ସେନା ଅଧିକାରୀ ଓ ୨ ମହିଳାଙ୍କୁ ମହୁ ସରକାରୀ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଡାକ୍ତରୀ ମାଇନାରୁ ଜଣେ ମହିଳାଙ୍କୁ ବଳାତ୍କାର କରାଯାଇଥିବା ଜଣାପଡ଼ିଛି। ପୋଲିସ ଆକ୍ରମଣକାରୀମାନଙ୍କ ବିରୋଧରେ ଭାରତୀୟ ନ୍ୟାୟ ସଂହିତାର ବିଭିନ୍ନ ଦଫାରେ ମାମଲା ରୁଜୁ କରିଛି। ୨ ଜଣ ଗିରଫ ହୋଇଥିବାବେଳେ ଅନ୍ୟମାନଙ୍କୁ ଧରିବା ପାଇଁ ପୋଲିସ ତନାଘନା ଜାରି ରଖିଛି।

**ଫୁର୍‌ସତ**

## ମାଧୁରୀଙ୍କୁ ବିବାହ କରିବାକୁ ଚାହୁଁଥିଲେ ଗୋବିନ୍ଦା



**ମୁମ୍ବାଇ:** ବଲିଉଡ୍ ଅଭିନେତା ଗୋବିନ୍ଦା ଗୁରୁବାର ଏକ ଟିଭି ପ୍ରୋଗ୍ରାମରେ ସ୍ତ୍ରୀ ସୁନୀତା ଆହୁଜାଙ୍କ ସହ ଯୋଗଦେଇ ମାଧୁରୀ ଦୀକ୍ଷିତ୍ ତାଙ୍କର ପ୍ରିୟ ଅଭିନେତ୍ରୀ ହୋଇଥିବା କହିଛନ୍ତି। ଗୋବିନ୍ଦା ଉକ୍ତ ପ୍ରୋଗ୍ରାମରେ କହିଛନ୍ତି, ମାଧୁରୀ ହେଉଛନ୍ତି ତାଙ୍କର ପ୍ରିୟ ଅଭିନେତ୍ରୀ। ମାଧୁରୀଙ୍କର ସୌନ୍ଦର୍ଯ୍ୟ, ପ୍ରକୃତି, ଆଚରଣ, ଶୈଳୀ, ଶାନ୍ତ ସ୍ୱଭାବ ସର୍ବଦା ତାଙ୍କୁ ପ୍ରଭାବିତ କରିଆସିଛି। ଗୋବିନ୍ଦା ଆହୁରି କହିଛନ୍ତି, ସେତେବେଳେ ସେ ମାଧୁରୀଙ୍କ ପ୍ରତି ବହୁ ମାତ୍ରାରେ ଆକୃଷ୍ଟ ଥିଲେ। ଯଦି ସେ ସୁନୀତାଙ୍କୁ ବିବାହ କରି ନ ଥାନ୍ତେ, ତେବେ ମାଧୁରୀଙ୍କୁ ବିବାହ ପାଇଁ ଅନୁରୋଧ କରିଥାନ୍ତେ ବୋଲି ଗୋବିନ୍ଦା କହିଛନ୍ତି। ଗୋବିନ୍ଦାଙ୍କ ଏହି ଉକ୍ତି ଶୁଣି ସ୍ତ୍ରୀ ସୁନୀତା ଓ ଉପସ୍ଥିତ ହୋଷ୍ଟ ହସିବାରେ ଲାଗିଥିଲେ। ଗୋବିନ୍ଦା କହିଛନ୍ତି, ମାଧୁରୀଙ୍କ ସହ ତାଙ୍କର ଭଲ ବନ୍ଧୁତା ରହିଛି। ଜଣେ ଟ୍ୟାଲେଣ୍ଟେଡ ଅଭିନେତ୍ରୀ ଭାବେ ସର୍ବଦା ସେ ମାଧୁରୀଙ୍କୁ ସମ୍ମାନ କରିଥାନ୍ତି। ଉକ୍ତ ପ୍ରୋଗ୍ରାମରେ ସୁନୀତା ମଧ୍ୟ ମାଧୁରୀଙ୍କୁ ପ୍ରଶଂସା କରୁଥିବା ଦେଖିବାକୁ ମିଳିଛି। ତେବେ ପ୍ରୋଗ୍ରାମର ହୋଷ୍ଟ ଜଣକ ଗୋବିନ୍ଦାଙ୍କୁ ପଚାରିଛନ୍ତି, ସେ ମାଧୁରୀଙ୍କୁ ବିବାହ ପ୍ରସ୍ତାବ ଦେଇଛନ୍ତି କି ନାହିଁ। ଉତ୍ତରରେ ଗୋବିନ୍ଦା ହସି କରି କହିଛନ୍ତି, ମତେ ସେଥିପାଇଁ ସୁଯୋଗ ମିଳି ନ ଥିଲା। ଗୋବିନ୍ଦାଙ୍କ ଏହି ବିନ୍ଦାସ ଅନ୍ଦାଜକୁ ବହୁ ଦର୍ଶକ ପସନ୍ଦ କରିଛନ୍ତି।

DSPL - 108
ଓଡ଼ିଶା ଶାସନ
ପରିଧାନ ଉଷ୍ମାୟନ କେନ୍ଦ୍ର
ଶୁଭ ଉଦ୍‌ଘାଟନ





ଆମର ଲକ୍ଷ୍ୟ ଯୁବ ଉଦ୍ୟୋଗୀମାନଙ୍କୁ ପ୍ରୋତ୍ସାହନ ଏବଂ ଯୁବ ପିଢ଼ିମାନଙ୍କୁ କର୍ମ ସଂସ୍ଥାନ
ତା.୧୩ ସେପ୍ଟେମ୍ବର ୨୦୨୪
ପୂର୍ବାହ୍ନ ୧୦:୩୦ ଘଟିକା
ସ୍ଥାନ- ପ୍ଲଟ୍ ନଂ ୫୧୬/୩୩୭୨, ଚନ୍ଦକା ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର (ଏନ୍.ଆଇ.ଏଫ୍.ଟି ପାର୍ଶ୍ୱ)
ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ
OIPR-31004/13/0036/2425

ଈଶ୍ୱରଙ୍କ ହାତରେ ସବୁତକ ସମୟ ଅଛି – ତେଣୁ ସେ କୌଣସି କାର୍ଯ୍ୟରେ ତରବର ହୁଅନ୍ତି ନାହିଁ। ସେ ମଧ ତାଙ୍କ ଲକ୍ଷ୍ୟ ସମ୍ବନ୍ଧେ ନିଶ୍ଚିତ। ତାଙ୍କର ସଫଳତା ସମ୍ବନ୍ଧେ ବି ନିଶ୍ଚିତ। ତେଣୁ ସେ ସହସ୍ରବାର କାର୍ଯ୍ୟରୁ ବିରତ ହେଲେ ବି, ବ୍ୟସ୍ତ ହୁଅନ୍ତି ନାହିଁ। କାରଣ ତଦ୍ୱାରା ସେ ପୂର୍ଣ୍ଣତାର ନିକଟବର୍ତ୍ତୀ ହୁଅନ୍ତି। –ଶ୍ରୀଅରବିନ୍ଦ



# ବିକଳ୍ପ ନୀତି ଆବଶ୍ୟକ



ଡାନି ରୋଡ୍ରିକ

୨୦୦୦ରେ ମୁଁ 'ଦି ପଲିଟିକାଲ ଟ୍ରାଇଲେମା ଅଫ ଦି ୱାର୍ଲ୍ଡ ଇକୋନୋମି' ଶୀର୍ଷକ ଏକ ପ୍ରବନ୍ଧ ଲେଖିଥିଲି। ଟ୍ରାଇଲେମା କହିଲେ, ବୈଶ୍ୱିକ ଅର୍ଥ ବ୍ୟବସ୍ଥାର ତିନୋଟି ଗୁରୁତ୍ୱପୂର୍ଣ୍ଣ ବିଷୟକୁ ଗ୍ରହଣ କରିବାରେ କଠିନ ରାଜନୈତିକ ସ୍ଥିତି ବା ଦ୍ୱନ୍ଦ୍ୱକୁ ବୁଝାଏ। ମୋର ଦାବି ଥିଲା ଯେ ଜଗତୀକରଣର ଉନ୍ନତ ଢାଞ୍ଚା, ଷ୍ଟେଟ-ନେଶନ (ସମାନ ସଂସ୍କୃତି, ଭାଷା ଓ ଇତିହାସ ଆଦିର ଏକ ଗୋଷ୍ଠୀ ଦ୍ୱାରା ଗଠିତ ଏକ ସ୍ୱାଧୀନ ଦେଶ) ଏବଂ ଗଣରାଜନୀତି ଏକାଠି ହୋଇ ରହିପାରିବେ ନାହିଁ। ସମାଜଗୁଡ଼ିକ ଶେଷରେ ତିନିଟି ବିଷୟ ମଧ୍ୟରୁ ଦୁଇଟିକୁ (ପ୍ରାୟତଃ) ଗ୍ରହଣ କରିବାକୁ ହେବ । ମୁଁ ପରାମର୍ଶ ଦେଇଥିଲି ଯେ, ଭବିଷ୍ୟତରେ କୌଣସି ସମୟରେ ଷ୍ଟେଟ-ନେଶନ ଭୁଶୁଡ଼ି ପଡ଼ିବ। ଜଗତୀକରଣ ଦ୍ୱାରା ସୃଷ୍ଟି ହୋଇଥିବା ବଣ୍ଟନ ଏବଂ ଶାସନର ଆହ୍ୱାନଗୁଡ଼ିକର ସମାଧାନ ପାଇଁ ସରକାରମାନେ ଜାତୀୟ ସାର୍ବଭୌମତ୍ୱକୁ ପୁନଃସ୍ଥାପିତ କରିବାକୁ ଚେଷ୍ଟା କରିବେ। ପ୍ରଥମ ଆର୍ଟିକିଲ୍‌ର ଏକ ଦଶନ୍ଧି ପରେ ମୋ ବହି 'ଦି ଗ୍ଲୋବାଲାଇଜେଶନ ପାରାଡକ୍ସ' ମଧ ଟ୍ରାଇଲେମା ବିଚାରକୁ ସାମ୍ନାକୁ ଆଣିଥିଲା। ଅତ୍ୟଧିକ ଜଗତୀକରଣ, ୟୁରୋପୀୟ ସଂଘରୁ ଇଂଲଣ୍ଡ ଓହରିଯିବା, ଚରମ ଦକ୍ଷିଣପନ୍ଥୀଙ୍କ ଉତ୍‌ଥାନ ଏବଂ ଇୟୁରେ ଗଣତନ୍ତ୍ରର ଭବିଷ୍ୟତ ସମେତ ଅନ୍ୟ ସବୁ ସମସ୍ୟାକୁ ବିଚାରକୁ ନେଲେ ଏହି ଟ୍ରାଇଲେମା ବିଚାରଧାରାକୁ ବୁଝିବା ସହଜ ହୋଇଯିବ। ସମ୍ପ୍ରତି ଆଉ ଏକ ଟ୍ରାଇଲେମାରେ ବିଭ୍ରାଟ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହା ଜଳବାୟୁ ପଦକ୍ଷେପ ବିକଶିତ କରିବାରେ, ଅର୍ଥ ବ୍ୟବସ୍ଥାରେ ମଧ୍ୟବିତ୍ତଙ୍କୁ ଶକ୍ତିଶାଳୀ କରିବା ଏବଂ ବୈଶ୍ୱିକ ଦାରିଦ୍ର୍ୟ ହ୍ରାସ କରିବା କାର୍ଯ୍ୟ ଏକାବେଳକେ କରିବା ଅସମ୍ଭବ ହୋଇଯିବ। ଏବକାର ନୀତିଗତ ଧାରାଗୁଡ଼ିକରେ ଯେକୌଣସି ଦୁଇଟି ଲକ୍ଷ୍ୟକୁ ଏକାଠି କଲେ ତାହା ତୃତୀୟଟିର କ୍ଷତି କରିବ।

ଯୁଦ୍ଧ ପରବର୍ତ୍ତୀ ଦଶନ୍ଧି ମଧ୍ୟରେ ବିକଶିତ ତଥା ବିକାଶଶୀଳ ଦେଶଗୁଡ଼ିକର ନୀତିସବୁ ଅର୍ଥନୈତିକ ଅଭିବୃଦ୍ଧି ଏବଂ ଆଭ୍ୟନ୍ତରୀଣ ସାମାଜିକ ସ୍ଥିରତା ଉପରେ ସମାନ ଭାବେ ଗୁରୁତ୍ୱ ଦେଇଥିଲେ । ବିକଶିତ ଅର୍ଥ ବ୍ୟବସ୍ଥାଗୁଡ଼ିକ ବ୍ୟାପକ କଲ୍ୟାଣକାରୀ ପରିବେଶ ଗଠନ କରିଥିଲେ ଏବଂ ଧୀରେ ଧୀରେ ଗରିବ ଦେଶର ରପ୍ତାନି ପାଇଁ ସେମାନଙ୍କ ବଜାର ମଧ ଅଧିକ ମୁକ୍ତ ରଖିଥିଲେ। ପରିଣାମ ସ୍ୱରୂପ ଧନୀ ଦେଶରେ ସମ୍ମିଳିତ ଅଭିବୃଦ୍ଧି ହେବା ସହିତ ବିକାଶଶୀଳ ଦେଶରେ ଦାରିଦ୍ର୍ୟ ହ୍ରାସ ପାଇଲା। ଏହି ରଣନୀତି ସଫଳ ହୋଇଥିଲେ ବି ଏହା ଜଳବାୟୁ ପରିବର୍ତ୍ତନର ବିପଦକୁ ଅଣଦେଖା କରିଥିଲା । ସମୟକ୍ରମେ ଅର୍ଥନୈତିକ ଅଭିବୃଦ୍ଧିରେ



ସହାୟକ ହେଉଥିବା ଜୀବାଶ୍ମ ଇନ୍ଧନଜନିତ ପରିଣାମକୁ ଦୂରେଇବା କଷ୍ଟକର ହୋଇଯାଇଛି। ଅତ୍ୟଧିକ ଜଗତୀକରଣ ପୂର୍ବରୁ ଥିବା ବ୍ରେଟନ ଉଡ୍ସ ମଡେଲକୁ ଦୂରେଇଦେବା ଫଳରେ ବିକଶିତ ଅର୍ଥ ବ୍ୟବସ୍ଥାଗୁଡ଼ିକର ଶ୍ରମ ବଜାରରେ ଅଧିକ ବ୍ୟାଘାତ ଘଟାଇବା ସହ ମଧ୍ୟବିତ୍ତ ବର୍ଗ ତଥା ଗଣତନ୍ତ୍ରକୁ କ୍ଷୁଣ୍ଣ କରିଛି। ଏହି ଦୁଇଟି ବିଷୟ ପାଇଁ ନୂତନ ରଣନୀତି ଆବଶ୍ୟକ ।

ଆମେରିକାରେ ରାଷ୍ଟ୍ରପତି ଜୋ. ବାଇଡେନ୍‌ଙ୍କ ପ୍ରଶାସନ ଏହି ନୂତନ ବାସ୍ତବତାକୁ ମୁକାବିଲା କରିଛି। ଜଳବାୟୁ ପରିବର୍ତ୍ତନର ମୁକାବିଲା କରିବା ପାଇଁ ନବୀକରଣ ଯୋଗ୍ୟ ତଥା ସବୁଜ ଶିଳ୍ପରେ ବିପୁଳ ନିବେଶକୁ ପ୍ରୋତ୍ସାହିତ କରି ଭିନ୍ନ ପ୍ରକାର ପଦକ୍ଷେପ ନେଇଛି ଏବଂ ଏହା ସୁଚିନ୍ତିତ ଭାବରେ ଚାହିଦା ମୁତାବକ ଶ୍ରମଶକ୍ତିକୁ ପ୍ରୋତ୍ସାହନ ଦେଇ, ଉତ୍ପାଦନକୁ ପୁନଃସ୍ଥାପିତ ତଥା ଚାଇନାରୁ ଆମଦାନୀ ଦ୍ୱାରା ପ୍ରଭାବିତ ହେଉଥିବା ଅଞ୍ଚଳରେ ନିଯୁକ୍ତି ସୃଷ୍ଟି କରି ମଧ୍ୟବିତ୍ତ ବର୍ଗର ପୁନରୁଦ୍ଧାର ପାଇଁ ଲକ୍ଷ୍ୟ ରଖିଛି । ଜଳବାୟୁ ଏବଂ ମଧ୍ୟବିତ୍ତ ବର୍ଗଙ୍କ ଉପରେ ଗୁରୁତ୍ୱ ଦେବାର ଏହି ନୂତନ ଧାରା ବହୁ ପୂର୍ବରୁ ଅଣଦେଖା ହୋଇ ରହିଛି। ଏବର ଶିଳ୍ପ ନୀତିଗୁଡ଼ିକ ଏବଂ ଅନ୍ୟାନ୍ୟ ନିୟମାବଳୀ ପ୍ରାୟତଃ ଭେଦଭାବପୂର୍ଣ୍ଣ ଏବଂ ବିକାଶଶୀଳ ଦେଶରୁ ଉତ୍ପାଦିତ ସାମଗ୍ରୀକୁ ଦୂରେଇ ରଖିବା ଭଳି ବିପଦ ସୃଷ୍ଟି କରେ।

ଆମେରିକାରେ ଲାଗୁ ହୋଇଥିବା ସବୁଜ ସବ୍‌ସିଡି ବିଶେଷକରି ଆମଦାନୀ ସାମଗ୍ରୀ କବଳରୁ ଘରୋଇ ଉତ୍ପାଦନକୁ ସୁରକ୍ଷା ଦେଉଥିବା ନୀତିକୁ ଉତ୍ସାହିତ କରେ । ବିକାଶଶୀଳ ଦେଶରୁ ଅସାଧୁ ରପ୍ତାନିକାରୀଙ୍କୁ ଅତିରିକ୍ତ ଶୁଳ୍କ ଦେବା କ୍ଷେତ୍ରରେ ୟୁରୋପୀୟ ସଂଘର କାର୍ବନ ପ୍ରାଇସିଂ(ସବୁଜ ଗୃହ ବାଷ୍ପ ନିର୍ଗମନ କ୍ଷତିର ମୂଲ୍ୟ ନିର୍ଦ୍ଧାରଣ)ପଦ୍ଧତିର ଆବଶ୍ୟକତା ରହିବ। ହେଲେ ଗରିବ ଦେଶ ସରକାରମାନେ ବିଶ୍ୱାସ କରନ୍ତି ଯେ, ପୂର୍ବ ଏସୀୟ ଦେଶଗୁଡ଼ିକର ରପ୍ତାନିଭିତ୍ତିକ ଶିଳ୍ପାୟନକୁ ପୁନର୍ବାର ଚାଲୁ ରଖିବାରେ ସେମାନଙ୍କ ପ୍ରୟାସକୁ ଏହି ପଦକ୍ଷେପ କ୍ଷତି ପହଞ୍ଚାଇବ।

ତେବେ ଗରିବ ଦେଶ ତଥା ଜଳବାୟୁ ଉପରେ ଗୁରୁତ୍ୱ ଦେଉଥିବା ବିକଳ୍ପ ନୀତି ବିଷୟରେ ଆମେ ଚିନ୍ତା କରିପାରିବା। ଆବଶ୍ୟକ ଜଳବାୟୁ ନିବେଶକୁ ଗ୍ରହଣ କରିବା ସହ ଜଳବାୟୁ ପ୍ରଭାବକୁ ହ୍ରାସ କରିବା ଲାଗି ଏହା ଉତ୍ତରର ଧନୀ ଦେଶଗୁଡ଼ିକରୁ ଦକ୍ଷିଣରେ ଥିବା ଗରିବଦେଶଗୁଡ଼ିକୁ ଆର୍ଥିକ ଏବଂ ବୈଷୟିକ ଜ୍ଞାନକୌଶଳର ସ୍ଥାନାନ୍ତରଣକୁ ସାମିଲ କରିବ। ଏହି ନୀତିରେ ଗରିବ ଦେଶଗୁଡ଼ିକର ଶ୍ରମିକମାନଙ୍କ ଆର୍ଥିକ ସୁଯୋଗଗୁଡ଼ିକୁ ବୃଦ୍ଧି କରିବାକୁ ହେବ । ଏଥିପାଇଁ ଉତ୍ତରର ବଜାରରେ ଦ୍ରବ୍ୟ, ସେବା ସହ ଦକ୍ଷିଣର ଗରିବ ଦେଶର ଶ୍ରମିକମାନଙ୍କ ଅଧିକ ଉପଲବ୍ଧତା ନିଶ୍ଚିତ କରିବାକୁ ପଡ଼ିବ। ଏହି ନୀତି ଗଢ଼ିବା ନୈତିକ ଦୃଷ୍ଟିରୁ ଆକର୍ଷଣୀୟ ହେବ ଓ ଏହା ଦାର୍ଶନିକ ଜନ ରାଓଲ୍ସଙ୍କ ବୈଶ୍ୱିକ ନ୍ୟାୟର ନୀତିକୁ ଫଳପ୍ରଦ ଭାବରେ ପ୍ରୟୋଗ କରିବ। କିନ୍ତୁ ଏଠାରେ ମଧ ଟ୍ରାଇଲେମାର ସମସ୍ୟା ଅଛି । ଉନ୍ନତ ଅର୍ଥ ବ୍ୟବସ୍ଥାଗୁଡ଼ିକରେ ମଧ୍ୟବିତ୍ତ ଶ୍ରେଣୀର ପୁନରୁଦ୍ଧାରରେ ବିଫଳ ହେବ। କଲେଜ କିମ୍ବା ବୃତ୍ତିଗତ ଡିଗ୍ରୀ ନ ଥିବା ଶ୍ରମିକମାନଙ୍କ ଦରମା ହ୍ରାସ କରି ସେମାନଙ୍କ ମଧ୍ୟରେ ଅଧିକ ପ୍ରତିଯୋଗିତା ସୃଷ୍ଟି କରିବ। ଏହା ସେମାନଙ୍କର ମାନବ ପୁଞ୍ଜି ଏବଂ ଭୌତିକ ଭିତ୍ତିଭୂମିରେ ନିବେଶ ପାଇଁ ଉପଲବ୍ଧ ଆର୍ଥିକ ସମ୍ବଳକୁ ମଧ ହ୍ରାସ କରିବ । ସୌଭାଗ୍ୟବଶତଃ ଏହି ସବୁ ଦ୍ୱନ୍ଦ୍ୱ ବା ବିବାଦ ମଧ୍ୟରୁ କେତେକ ବାସ୍ତବ ଅପେକ୍ଷା ଅଧିକ ସ୍ପଷ୍ଟ ଜଣାପଡ଼ନ୍ତା। ବିଶେଷ ଭାବରେ, ଉନ୍ନତ ଅର୍ଥ ବ୍ୟବସ୍ଥା ଏବଂ ଗରିବ ଦେଶଗୁଡ଼ିକର ନୀତି ନିର୍ଦ୍ଧାରଣକାରୀମାନେ ସମାନ ଭାବେ ବୁଝିବା ଆବଶ୍ୟକ ଯେ, ଭବିଷ୍ୟତରେ ସାମଗ୍ରୀ, ମଧ୍ୟବିତ୍ତ ଚାକିରିର ସିଂହଭାଗ ମାନୁଫାକ୍‌ଚରିଂରୁ ନୁହେଁ, ବରଂ ସେବାରୁ ଆସିବା ଦରକାର । ଏହାସହ ବିକାଶଶୀଳ ଅର୍ଥ ବ୍ୟବସ୍ଥାଗୁଡ଼ିକରେ ଅର୍ଥନୈତିକ ଅଭିବୃଦ୍ଧି ଏବଂ ଦାରିଦ୍ର୍ୟ ହ୍ରାସ ହେବ । ଶ୍ରମ ଗ୍ରହଣକାରୀ କ୍ଷେତ୍ର ଯଥା ସେବା, ଖୁଚୁରା, ଶିକ୍ଷା ଏବଂ ଅନ୍ୟାନ୍ୟ ବ୍ୟକ୍ତିଗତ ସେବା ଅଧିକାଂଶ ସମୟରେ ଅଣ-ବାଣିଜ୍ୟ ହୋଇଥାଏ । ସେସବୁକୁ ପ୍ରୋତ୍ସାହିତ କରାଯିବା ଦରକାର।

ବିକାଶଶୀଳ ଦେଶଗୁଡ଼ିକର ଅଧିକ ସହଯୋଗ ବିନା ଜଳବାୟୁ ପରିବର୍ତ୍ତନର ମୁକାବିଲା କରିବା ଅସମ୍ଭବ ହୋଇଯିବ। ଆମେରିକା ଏବଂ ୟୁରୋପରୁ ନିର୍ଗମନ ହ୍ରାସ ପାଉଥିବାବେଳେ ବିକାଶଶୀଳ ଦେଶଗୁଡ଼ିକର ନିର୍ଗମନ ଏବେ ସୁଦ୍ଧା ବୃଦ୍ଧିପାଉଛି। କେତେକ କ୍ଷେତ୍ରରେ ଏହାର ଦ୍ରୁତ ବୃଦ୍ଧି ଘଟୁଛି ଏବଂ ତାହା ଖୁବ୍‌ଶୀଘ୍ର ବୈଶ୍ୱିକ ନିର୍ଗମନର ୫୦ ପ୍ରତିଶତକୁ ଟପିଯିବ। ଏଣୁ ଧନୀ ଦେଶସବୁ ସବୁଜ କ୍ଷେତ୍ରକୁ ପରିବର୍ତ୍ତନ କରିବାର ନୀତିକୁ ପ୍ରୋତ୍ସାହିତ କରିବାକୁ ହେବ, ଯାହାକୁ ଗରିବ ଦେଶଗୁଡ଼ିକ ସେମାନଙ୍କ ନିଜସ୍ୱ ଅଭିବୃଦ୍ଧିର ଏକ ଅଂଶ ଭାବେ ଗ୍ରହଣ କରିବେ।

ଜଳବାୟୁ ପରିବର୍ତ୍ତନ ଆମ ଅସ୍ତିତ୍ୱ ପ୍ରତି ବିପଦ । ଏକ ବୃହତ୍ ଏବଂ ସ୍ଥାୟୀ ମଧ୍ୟବିତ୍ତ ବର୍ଗ ହେଉଛି ଉଦାରବାଦୀ ଗଣତାନ୍ତ୍ରିକ ରାଷ୍ଟ୍ରର ମୂଳଦୁଆ । ବର୍ତ୍ତମାନ ବିଶ୍ୱରୁ ଦାରିଦ୍ର୍ୟ ହ୍ରାସ କରିବା ଏକ ନୈତିକ ଆବଶ୍ୟକତା । ତଥାପି ଆମର ସାମ୍ପ୍ରତିକ ନୀତିଗତ ଢାଞ୍ଚା, ପରୋକ୍ଷ ତଥା ବଳପୂର୍ବକ ଭାବେ ଏହି ତିନୋଟି ଗୁରୁତ୍ୱପୂର୍ଣ୍ଣ ବିଷୟକୁ ଗ୍ରହଣ କରିବାରେ ଆମକୁ ଦ୍ୱନ୍ଦ୍ୱରେ ପକାଇ ଦେଇଛି, ଯାହା ଦୂର କରିବା କଷ୍ଟକର ମନେହୁଏ । ଏକ ସଫଳ ତଥା ପରବର୍ତ୍ତୀ ନବଉଦାରବାଦର ପରିବର୍ତ୍ତନରେ ଆମକୁ ନୂତନ ନୀତି ପ୍ରସ୍ତୁତ କରିବାକୁ ପଡ଼ିବ ; ଯାହା ଏହି ବିପରୀତ ଓ ଦ୍ୱନ୍ଦ୍ୱାତ୍ମକ ସ୍ଥିତିଗୁଡ଼ିକରୁ ଆମକୁ ଚିନ୍ତାମୁକ୍ତ କରିପାରିବ।

**–ପ୍ରଫେସର ଅଫ୍ ଇଣ୍ଟରନ୍ୟାଶନାଲ ପଲିଟିକାଲ ଇକୋନୋମି, ହାର୍ଭାର୍ଡ କେନେଡି ସ୍କୁଲ**

# ମଣିପୁର ହିଂସାରେ ଡ୍ରୋନ୍



ସୌଭାଗ୍ୟ ରଞ୍ଜନ ମହାନ୍ତି

୨୦୨୩ ମସିହା ମେ' ମାସରୁ ମଣିପୁରରେ 'ମେଇତି' ଏବଂ 'କୁକି' ମଧ୍ୟରେ ଲାଗିରହିଥିବା ଜାତିଆଣ ହିଂସା ଥମିବା ପରିବର୍ତ୍ତେ ଦିନକୁ ଦିନ ଉଗ୍ରରୂପ ନେବା ସହ 'ଡ୍ରୋନ୍' ମୋର୍ଟାର ବ୍ୟବହାର ବିବାଦକୁ ନୂଆ ମୋଡ଼ ଦେଇଛି । ଏହା କେବଳ ଦଙ୍ଗାଗ୍ରସ୍ତ ମଣିପୁରରେ ଆଇନ ଶୃଙ୍ଖଳା ପରିସ୍ଥିତିକୁ ଆହୁରି ନିମ୍ନଗାମୀ କରିଛି, ସମସ୍ୟା ସମାଧାନ କରିବାରେ ଉଭୟ କେନ୍ଦ୍ର, ରାଜ୍ୟ ସରକାର ଏବଂ ସୁରକ୍ଷାକର୍ମୀଙ୍କ ବିଫଳତାକୁ ପ୍ରମାଣିତ କରୁଛି ବୋଲି କହିଲେ ହୁଏତ ଅତିରଞ୍ଜିତ ହୋଇ ନ ପାରେ। ମେଇତି ସମ୍ପ୍ରଦାୟ ଅଧ୍ୟୁଷିତ ଇମ୍ଫାଲ ପଶ୍ଚିମ ଜିଲାର ଏକ ଗ୍ରାମ ଉପରେ ଚରମପନ୍ଥୀଙ୍କ ଡ୍ରୋନ୍ ଆକ୍ରମଣରେ ୨ଜଣଙ୍କର ମୃତ୍ୟୁ ଘଟିବା ସଙ୍ଗେ ୯ଜଣ ଗୁରୁତର ଆହତ ହୋଇଛନ୍ତି। ଡ୍ରୋନ୍ ସହାୟତାରେ ଚରମପନ୍ଥୀମାନେ ବୋମା ମାଡ଼ କରିଥିବା କୁହାଯାଇଥିବାବେଳେ ଏହି ଆକ୍ରମଣରେ କୁକି ସମ୍ପ୍ରଦାୟର ମିଲିଟାଣ୍ଟ ସଂଗଠନ ଭାବେ ପରିଚିତ କୁକି-ଜୋ'ର ହାତ ଥିବା ଅନୁମାନ କରାଯାଏ। ଏହି ଅଞ୍ଚଳରେ କୁକି-ଜୋ'ର ଲୋକଙ୍କ ଉପରେ ମେଇତିର ଉଗ୍ରପନ୍ଥୀ ଗୋଷ୍ଠୀର ଆକ୍ରମଣର ପ୍ରତିଶୋଧ ସ୍ୱରୂପ ଡ୍ରୋନ୍ ଆକ୍ରମଣ ହୋଇଥିବା କୁହାଯାଏ। ତେବେ ଏଭଳି ଏକ ଆକ୍ରମଣ ପାଇଁ କୌଣସି ସଂଗଠନ ନିଜକୁ ଦାୟୀ କରି ନ ଥିବାବେଳେ କିମ୍ବା ସ୍ପଷ୍ଟ ଭାବେ କୌଣସି ପ୍ରମାଣ ମିଳି ନ ଥିବାବେଳେ ଡ୍ରୋନ୍ ଆକ୍ରମଣ ଯେ ଜାତିଆଣ ଦଙ୍ଗା ସୃଷ୍ଟିକାରୀଙ୍କ ଏକ ନୂତନ କୌଶଳ ଏହା ସ୍ୱୀକାର କରିବାକୁ ହେବ।

ଏହା ନିଃସନ୍ଦେହ ଯେ, ମଣିପୁରରେ ସନ୍ଦିଗ୍ଧ ଉଗ୍ରପନ୍ଥୀଙ୍କ ବୋମାମାଡ଼ ଏବଂ ସୁରକ୍ଷା ବାହିନୀ ଉପରେ ଆକ୍ରମଣ ପାଇଁ ଡ୍ରୋନ୍ ବ୍ୟବହାର ନିଶ୍ଚିତ ଭାବେ ଚିନ୍ତାଜନକ। ଏହି ଡ୍ରୋନ୍ ଆକ୍ରମଣରେ ଅନୁଧ୍ୟାନ ଏବଂ ଏହାର ମୁକାବିଲା ପାଇଁ ଏକ ଉଚ୍ଚସ୍ତରୀୟ କମିଟି ଗଠନ ହୋଇଛି। ଏହା ସତ୍ୟ ଯେ, ବିଶ୍ୱରେ ବିଭିନ୍ନ ଅଞ୍ଚଳରେ ବିବାଦୀୟ ଜୋନ୍‌ଗୁଡିକରେ ଡ୍ରୋନ୍ ବ୍ୟବହାର ଏବେ ଏକ ସାଧାରଣ ଘଟଣାରେ ପରିଣତ ହୋଇଛି। ୟେମେନର ହୁଟି ଆତଙ୍କବାଦୀ ସଂଗଠନ ଲୋହିତ ସାଗରରେ ଜାହାଜ ଚଳାଚଳକୁ ହାରାଶ କରିବା ପାଇଁ ଡ୍ରୋନ୍ ବ୍ୟବହାର କରିଥିବାବେଳେ ୨୦୨୦ରେ ଆଜରବୈଜାନ ଏବଂ ଆର୍ମେନିଆ ମଧ୍ୟରେ ନାଗୋର୍ଣ୍ଣୋକାରବାଗ ଦ୍ୱିତୀୟ ଯୁଦ୍ଧରେ ଆଜେରି ବାହିନୀ ବ୍ୟାପକ ଡ୍ରୋନ୍ ବ୍ୟବହାର କରିଥିଲେ। ଗତ କିଛିବର୍ଷ ଧରି ଭାରତୀୟ ସୀମାର ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍‌ଓସି) ନିକଟରେ ପାକିସ୍ତାନୀ ଡ୍ରୋନ୍‌ଗୁଡ଼ିକ ବ୍ୟାପକ ଅସ୍ତ୍ରଶସ୍ତ୍ର ଓ ନିଷିଦ୍ଧ ଔଷଧ ବାରମ୍ବାର ପକାଇଥିଲେ, ଯାହାକି ଭାରତ ସରକାର ଏବଂ ଭାରତୀୟ ସେନା ପାଇଁ ମୁଣ୍ଡବିନ୍ଧାର କାରଣ ହୋଇଛି। ମଣିପୁର ଘଟଣାରେ ଡ୍ରୋନ୍‌ରେ ରାଜ୍ୟ ଅସ୍ତ୍ରାଗାର ଏବଂ ବିଭିନ୍ନ ଥାନାରୁ ଲୁଟ ହୋଇଥିବା ଅସ୍ତ୍ରଶସ୍ତ୍ର, ଗୁଳିଗୋଳା, ବୋମା ଖଞ୍ଜାଯାଇଥିବା ବିଶ୍ୱାସ କରାଯାଉଛି। ତେବେ ମଣିପୁରରେ ଡ୍ରୋନ୍ ଆକ୍ରମଣ ଘଟଣା ୨୦୨୧ରେ ଭାରତ ସରକାରଙ୍କ ଡ୍ରୋନ୍ ନୀତି ଉପରେ କୌଣସି ପ୍ରଭାବ ପକାଇବ ନାହିଁ ବୋଲି ଆଶା କରାଯାଏ। ଡ୍ରୋନ୍ ସହାୟତାରେ ଦେଶର ବିଭିନ୍ନ ହସ୍ପିଟାଲକୁ ଜୀବନ ରକ୍ଷାକାରୀ ଔଷଧ, ରକ୍ତ, କିଡ୍‌ନୀ, ମାନବ ଅଙ୍ଗ ପଠାଯାଉଛି। ଯାହାକି ଭାରତ ସରକାରଙ୍କ କୋହଳ ନୀତି ଯୋଗୁ ସମ୍ଭବ ହୋଇପାରିଛି। ତେବେ ମାନବ ସମାଜର ଅହିତକର ଓ ଧ୍ୱଂସର ତାଣ୍ଡବ ରଚୁଥିବା ଘଟଣାରେ ଡ୍ରୋନ୍ ବ୍ୟବହାରର ମୁକାବିଲା ପାଇଁ ଏବେ ସମୟ ଉପନୀତ ହୋଇଛି । ମଣିପୁର ହିଂସାକୁ ଇତିମଧ୍ୟରେ ୧୬ମାସ ପୂରିବାକୁ ଯାଉଥିବାବେଳେ କୌଣସି ଫଳପ୍ରଦ ପଦକ୍ଷେପ ଗ୍ରହଣ କରାଯାଇ ନ ଥିବା ମନେହୁଏ। କେବଳ ବ୍ୟାପକ ଅର୍ଦ୍ଧସାମରିକ ବାହିନୀ ଯବାନ ମୁତୟନ ଏବଂ ସିବିଆଇ ତଦନ୍ତ ନିର୍ଦ୍ଦେଶ ଦେଇ ଉଭୟ କେନ୍ଦ୍ର ଓ ରାଜ୍ୟସରକାର ନିଜର କର୍ତ୍ତବ୍ୟ ସାରିଦେଇଥିବା କୁହାଯାଇପାରେ। ଗଲା ଲୋକ ସଭା ନିର୍ବାଚନରେ ରାଜ୍ୟର ଦୁଇଟି ଯାକ ଆସନରେ ଭାଜପାର ଶୋଚନୀୟ ପରାଜୟ ସତ୍ତ୍ୱେ ଏଥିରୁ ଦଳ କିମ୍ବା ସରକାର କିଛି ଗ୍ରହଣ କରି ନ ଥିବା ମନେହୁଏ। ଯାହାର ପରିଣତି ସ୍ୱରୂପ ହିଂସାକାଣ୍ଡ ଉଗ୍ରରୂପ ନେବା ସହ ଦିନକୁ ଦିନ ମୃତ୍ୟୁ ସଂଖ୍ୟା ବଢ଼ିଚାଲିଛି। ମଣିପୁରରେ ଶାନ୍ତି ପ୍ରତିଷ୍ଠା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ବଳିଷ୍ଠ ପଦକ୍ଷେପ ନେବା ଜରୁରୀ। ଅନ୍ୟଥା ପାହାଡିଆ ରାଜ୍ୟର ପରିସ୍ଥିତି ଚରମପନ୍ଥୀ ହାତକୁ ଚାଲିଯାଇପାରେ। ଯାହାର ଜ୍ୱଳନ୍ତ ଉଦାହରଣ ହେଉଛି ଡ୍ରୋନ୍‌ରେ ବୋମାମାଡ଼।

**ଗଙ୍ଗୋତ୍ରୀ ନଗର, ଶିଶୁପାଳଗଡ଼, ଭୁବନେଶ୍ୱର**
**ମୋ:୯୪୩୭୯୯୪୩୭୯**

## ଏଇ ଭାରତରେ

ଜାସ୍ କାଲ୍‌ରାଙ୍କ ବୟସ ମାତ୍ର ୨୫, ହେଲେ ତାଙ୍କ କାର୍ଯ୍ୟ ପ୍ରଶଂସନୀୟ। ଏହି ବୟସରେ ସେ ଗୁର୍‌ଗାଁଓରେ ଏକ ଆଶ୍ରୟସ୍ଥଳୀରେ ୧,୨୦୦ ଅସହାୟ ଲୋକଙ୍କୁ ରଖି ସେମାନଙ୍କ ଯତ୍ନ ନେଉଛନ୍ତି। ସେମାନଙ୍କ ଚିକିତ୍ସା ବ୍ୟବସ୍ଥା କରିବା ସହ ଦୈନନ୍ଦିନ ଆବଶ୍ୟକତା ମଧ ପୂରଣ କରୁଛନ୍ତି। ଜାସ୍ ମୁଖ୍ୟତଃ ରାସ୍ତାରେ ଜୀବନ କାଟୁଥିବା ଅସହାୟ ଲୋକଙ୍କୁ ଉଦ୍ଧାର କରି ଆଶ୍ରୟସ୍ଥଳୀରେ ରଖୁଛନ୍ତି। ଏହି ଆଶ୍ରୟ ସ୍ଥଳୀରେ ସେ ୫,୦୦୦ ଲୋକ ରହିବା ଭଳି ବ୍ୟବସ୍ଥା କରିଛନ୍ତି ଓ ଏହା ହେଉଛି ବିଶ୍ୱର ସବୁଠୁ ବଡ଼ ମାଗଣାରେ ସେବା ଯୋଗାଉଥିବା ଆଶ୍ରୟସ୍ଥଳୀ। ଏହା 'ଆର୍ଥ ସର୍‌ଭାଇବର ଫାଉଣ୍ଡେଶନ' ଅଧୀନରେ ଚାଲୁଛି ଓ ଏହାର ମୁଖ୍ୟ ଭାବେ ଜାସ୍ ଦାୟିତ୍ୱ ତୁଲାଉଛନ୍ତି। ଜାସ୍‌ଙ୍କ ପିତା ରବି କାଲ୍‌ରା ସମାଜସେବୀ ଭାବେ କାର୍ଯ୍ୟ କରନ୍ତି ଓ ତାଙ୍କ ପ୍ରେରଣାରେ ସେ ଏହି କାର୍ଯ୍ୟ ଜାରି ରଖିଛନ୍ତି। କେବଳ ଏତିକି ନୁହେଁ, ଜାସ୍ ୩୦୦୦ରୁ ଅଧିକ ଲୋକଙ୍କୁ ଉଦ୍ଧାର କରି ସେମାନଙ୍କ ପରିବାରକୁ ହସ୍ତାନ୍ତର କରିପାରିଛନ୍ତି। କେବଳ ଏତିକି ନୁହେଁ, ହସ୍ପିଟାଲ କିମ୍ବା ରାସ୍ତାରେ ମୃତ୍ୟୁ ଘଟୁଥିବା ୩୦୦୦ ପରିଚୟହୀନ ମୃତଦେହ ସେ ଦାହ କରିସାରିଲେଣି।

## ୫୦ ବର୍ଷ ତଳର ଧରିତ୍ରୀ

**୧୩ ସେପ୍ଟେମ୍ବର ୧୯୭୫**

- ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ସିଦ୍ଧାର୍ଥ ଶଙ୍କର ରାୟ ଓଡ଼ିଶା ଓ ବିହାର ବନ୍ୟା ବିପନ୍ନ ଲୋକମାନଙ୍କ ରିଲିଫ୍ ପାଣ୍ଠି ପାଇଁ ୫ କୋଟି ୭୪ ଲକ୍ଷ ଟଙ୍କା ସାହାଯ୍ୟ ପାଇଥିବା ସରକାରୀ ପ୍ରେସ୍ ବିଜ୍ଞପ୍ତିରେ ପ୍ରକାଶ।
- ଭାରତ ଓ ହଙ୍ଗେରୀ ମଧ୍ୟରେ ଏକ ଅର୍ଥନୈତିକ, ବୈଜ୍ଞାନିକ ଓ କାରିଗରୀ ସହଯୋଗ ରାଜିନାମା ସ୍ୱାକ୍ଷରିତ।
- ପାକିସ୍ତାନ ବେଲୁଚିସ୍ଥାନ ପ୍ରଦେଶରେ ସରକାରୀ ବିରୋଧୀ ଗରିଲାଙ୍କ ଆକ୍ରମଣ ଫଳରେ ୩୪ ଜଣ ସାମରିକ ବାହିନୀ କର୍ମଚାରୀ ନିହତ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 5 | | 6 | 8 | | | |
| | | 8 | | | | | 9 | |
| | 7 | | | 5 | | 1 | | |
| 6 | 9 | 2 | | | 7 | | | |
| | | | | | 6 | | | |
| | | | | 8 | | 3 | | 7 |
| 4 | 6 | | | | | | | |
| | | | | 1 | | 2 | 4 | |
| | | 3 | | 9 | 5 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 8 | 7 | 1 | 3 | 4 | 5 | 6 | 9 |
| 4 | 9 | 5 | 6 | 2 | 7 | 3 | 1 | 8 |
| 3 | 1 | 6 | 5 | 9 | 8 | 2 | 7 | 4 |
| 6 | 3 | 9 | 8 | 4 | 1 | 7 | 5 | 2 |
| 7 | 2 | 1 | 9 | 5 | 3 | 4 | 8 | 6 |
| 5 | 4 | 8 | 2 | 7 | 6 | 1 | 9 | 3 |
| 1 | 5 | 2 | 3 | 6 | 9 | 8 | 4 | 7 |
| 8 | 6 | 4 | 7 | 1 | 2 | 9 | 3 | 5 |
| 9 | 7 | 3 | 4 | 8 | 5 | 6 | 2 | 1 |

ଗତକାଲିର ଉତ୍ତର

# ମହିଳାଙ୍କ ଅଧିକାରରେ ସ୍ତ୍ରୀ ଧନ



ସୌର ଚନ୍ଦ୍ର ମହାପାତ୍ର

ବର୍ଷ ବର୍ଷର ସଂସ୍କୃତି ଓ ପରମ୍ପରା ସହ ସ୍ତ୍ରୀ ଧନ ଜଡ଼ିତ ଥିବାବେଳେ ନିକଟରେ ଏକ ବୈବାହିକ ମାମଲା ପ୍ରସଙ୍ଗରେ ସୁପ୍ରିମ୍‌କୋର୍ଟରେ ବିଚାରପତି ଦୀପଙ୍କର ଦତ୍ତ ଓ ସଞ୍ଜୀବ ଖାନା ସ୍ପଷ୍ଟ କରିଛନ୍ତି ଯେ ସ୍ତ୍ରୀ ଧନ ସ୍ୱାମୀ ଓ ସ୍ତ୍ରୀ ଦୁଇଜଣଙ୍କ ମିଳିତ ସମ୍ପତ୍ତି ହୋଇପାରିବ ନାହିଁ। ଏହାର କାରଣ ମଧ ରହିଛି, ତାହା ହେଉଛି ପତ୍ନୀଙ୍କ ସମ୍ପତ୍ତି ଓ ସମସ୍ତ ଧନ ସାମଗ୍ରୀ ଉପରେ ପତିଙ୍କର କୌଣସି ଆଇନଗତ ଅଧିକାର ନାହିଁ। କେବଳ ସେତିକି ନୁହେଁ, କୌଣସି ଜରୁରୀ ଆବଶ୍ୟକତା ହେଉ ବା ଅଭାବ ଅସୁବିଧା ଏପରି ପରିସ୍ଥିତିରେ ମଧ ସ୍ୱାମୀ ଯଦି ସ୍ତ୍ରୀଙ୍କ ସମ୍ପତ୍ତି ବା ଧନ ବ୍ୟବହାର କରନ୍ତି, ତାହାହେଲେ ତାହା ନିଶ୍ଚିତ ଭାବେ ପତ୍ନୀଙ୍କୁ ଶୁଝିବା ପାଇଁ ପଡ଼ିବ। ଏହାସହିତ ମାନ୍ୟବର କୋର୍ଟ ଏହା ମଧ ସ୍ପଷ୍ଟ କରିଛନ୍ତି ଯେ ସ୍ତ୍ରୀ ଧନ ଉପରେ ସମ୍ପୂର୍ଣ୍ଣ ଅଧିକାର କେବଳ ମହିଳାଙ୍କର ଓ ଏଥିରେ କେହି ଭାଗୀଦାର ପାଇଁ ଦାବି ରଖିପାରିବେ ନାହିଁ। ଏହା ମହିଳା ଅଧିକାର ସୁରକ୍ଷା କ୍ଷେତ୍ରରେ ଏକ ଐତିହାସିକ ରାୟ କୁହାଯାଉଥିଲେ ମଧ ବର୍ଷ ବର୍ଷର ଭାରତୀୟ ସାମାଜିକ ଓ ପାରିବାରିକ କ୍ଷେତ୍ରରେ ଏହା ଏକ ଭୁଲ୍ ବୁଝାମଣା ପାଇଁ ବାଟ ଫିଟାଇବ ବୋଲି କେତେକ ମହଲରୁ ଦାବି ଉଠୁଛି।

ଆମ ପରମ୍ପରାରେ ସ୍ତ୍ରୀ ଧନ ହେଉଛି ସେହି ଧନ, ଯାହା ସେ ତାଙ୍କ ବିବାହ ବେଳେ ପିତା ବା ବନ୍ଧୁବର୍ଗଙ୍କଠାରୁ ପାଇଥାନ୍ତି ଏବଂ ବିବାହ ପରେ ବ୍ୟକ୍ତିଗତ ଭାବେ ସେ ଯେଉଁ ଉପହାର ବା ସମ୍ପତ୍ତି ଆହରଣ କରିଥାନ୍ତି। ଏହା ପଛରେ ଜଣେ ବିବାହିତ ନାରୀଙ୍କୁ ଆର୍ଥିକ ନିରାପତ୍ତା ଓ ଜରୁରିକାଳୀନ ସହାୟତା ଦେବାର ବିଚାର ରହିଛି। ତେବେ ଏଯାବତ୍ ରହିଆସିଥିବା ବ୍ୟବସ୍ଥା ଅନୁଯାୟୀ ସ୍ତ୍ରୀ ଧନକୁ ମହିଳାଙ୍କ ଦ୍ୱାରା ନିଜ ଝିଅ ବା ବୋହୂଙ୍କୁ ଉତ୍ତରାଧିକାରୀ ସୂତ୍ରରେ ଦେବାର ପରମ୍ପରା ଗଢ଼ିଆସିଛି। କେବଳ ସେତିକି ନୁହେଁ, ପରିବାରର କୌଣସି ଆର୍ଥିକ ଦୁଃସ୍ଥିତି ସମୟରେ ପତ୍ନୀଙ୍କ ସହମତିରେ ଗୃହକର୍ତ୍ତା ପତି ତାଙ୍କ ଅର୍ଥ ଏପରିକି ଆବଶ୍ୟକସ୍ଥଳେ ସୁନା, ରୁପାର ଗହଣାଗାଣ୍ଠିକୁ ବିକ୍ରି ବା ବନ୍ଧାଛନ୍ଦା କରିଥାନ୍ତି। ହେଲେ ପରମ୍ପରାରେ ସ୍ତ୍ରୀ ଧନ ସୁରକ୍ଷିତ ଏବଂ ଏହା ଉପରେ ସମ୍ପୃକ୍ତ ନାରୀଙ୍କ ବ୍ୟତୀତ ସେଥିରେ ଅନ୍ୟର ଅଧିକାର ନ ଥାଏ। ତେବେ ସୁପ୍ରିମ୍‌କୋର୍ଟଙ୍କ ଏହି ରାୟ ସ୍ତ୍ରୀ ଧନକୁ ପରିଶୋଧ କରିବା ପାଇଁ ସ୍ୱାମୀ ଏକରକମର ବାଧ। ତେବେ ଭାରତୀୟ ଆଇନ ଓ ସାମାଜିକ ବ୍ୟବସ୍ଥାରେ ଯେଉଁ ବିଶେଷତା ଏଯାବତ୍ ରହିଆସିଛି ତାହା ହେଉଛି ଜଣେ ମହିଳାଙ୍କୁ ବିବାହ ପୂର୍ବରୁ, ବିବାହ ସମୟରେ ଓ ବିବାହ ପରେ ମଧ ତାଙ୍କ ମାତା-ପିତା, ବନ୍ଧୁ, ଜ୍ଞାତିକୁଟୁମ୍ବ, ସମ୍ପର୍କୀୟ, ପରିଚିତ ଓ ବିବାହ ସମୟର ଅତିଥିମାନଙ୍କଠାରୁ ମିଳିଥିବା ଉପହାର ହେଉ ବା ସୁନା କିମ୍ବା ଟଙ୍କା, ଜମିବାଡ଼ି ଭୂସମ୍ପତ୍ତି ହେଉ ବା ବାସନକୁସନ। ଯେକୌଣସି ଘରୋଇ ଉପକରଣ ସ୍ତ୍ରୀ ଧନ ଭାବେ ଅନ୍ତର୍ଭୁକ୍ତ ରହୁଥିଲା। ଏହାର ରକ୍ଷଣାବେକ୍ଷଣ, ବିନିଯୋଗ ଓ ଦାୟିତ୍ୱ ନିର୍ବାହ ସମ୍ପୃକ୍ତ ମହିଳାଙ୍କ ଅଧିକାର ପରିସରଭୁକ୍ତ। ତେବେ ଜୋର୍‌ଜବରଦସ୍ତ ବା ବାଧ୍ୟବାଧକତା ଭାବେ ସ୍ତ୍ରୀ ଧନକୁ ଆତ୍ମସାତ୍ କଲେ ବା ଖର୍ଚ୍ଚ କଲେ ସମ୍ପୃକ୍ତ ସ୍ୱାମୀ ହୁଅନ୍ତୁ ବା ତାଙ୍କ ପରିବାରବର୍ଗ ସେମାନଙ୍କ ବିରୁଦ୍ଧରେ ଧାରା ୪୧୬ରେ ଫୌଜଦାରି ମାମଲାର ବ୍ୟବସ୍ଥା ରହିଛି।



ତେବେ ଏହି ନୂଆ ଐତିହାସିକ ରାୟ ସ୍ତ୍ରୀ ଧନରେ ମହିଳାଙ୍କର ସମ୍ପୂର୍ଣ୍ଣ ଅଧିକାରକୁ ସାବ୍ୟସ୍ତ କରେ। ଏହାକୁ ମହିଳା ସଶକ୍ତୀକରଣ ଦିଗରେ ଆଉ ଏକ ବଡ଼ ଓ ପ୍ରଭାବୀ ପଦକ୍ଷେପ କୁହାଯାଇପାରେ।

ଭାରତୀୟ ସାମାଜିକ ଓ ପାରିବାରିକ ଜୀବନ ବ୍ୟବସ୍ଥାରେ ସ୍ତ୍ରୀ ଧନ ଉପରେ ମହିଳାଙ୍କର ସମ୍ପୂର୍ଣ୍ଣ ଓ ନିରଙ୍କୁଶ ଅଧିକାରର ବ୍ୟବସ୍ଥାକୁ ଗ୍ରହଣ କରାଯାଇ ନ ଥାଏ। ଏକ ଯୌଥ ପରିବାରରେ ଚଳୁଥିବାବେଳେ ପରିବାର, ସ୍ୱାମୀ ବା ପିଲାମାନଙ୍କ ଆବଶ୍ୟକତାକୁ ଦେଖି ସ୍ତ୍ରୀ ଧନରୁ ଯାହାକିଛି ଖର୍ଚ୍ଚ ହେଲେ ମଧ ମହିଳା ଜଣଙ୍କ ନୀରବ ରହିବାକୁ ବାଧ ହୋଇଥାନ୍ତି। ଅନେକ ସମୟରେ ମହିଳାଙ୍କର ଯେଉଁ ସମ୍ପତ୍ତି ଯାହା ଖର୍ଚ୍ଚ ହୋଇଯାଇଥାଏ ବା ବିକ୍ରି ହୋଇଯାଇଥାଏ ଏହା ଫେରିବାର ସମ୍ଭାବନା ନ ରହିଲେ ସମ୍ପୃକ୍ତ ମହିଳାଙ୍କର ମାନସିକ ଚାପ ବଢ଼ିବା ସହ ପରିବାରରେ ମଧ ମତାନ୍ତର ଓ ମନାନ୍ତର ଦେଖାଦିଏ। ସ୍ତ୍ରୀ ଧନ ମାମଲାର ପରିଚାଳନା ପାଇଁ ପରିବାର ଅଦାଲତ ବ୍ୟବସ୍ଥାରେ କୌଣସି ସ୍ପଷ୍ଟ ଓ ସ୍ୱତନ୍ତ୍ର ନିୟମ ମଧ ନାହିଁ। ଏହି ଆଇନଗତ ଦୁର୍ବଳତା ଯୋଗୁ ନାରୀଟି ନିଜ ସମ୍ପତ୍ତିଗତ ପ୍ରସଙ୍ଗରେ ଏକପ୍ରକାର ଅଧିକାର ହରାଇ ଚୁପ୍ ରହିବା ପାଇଁ ବାଧ୍ୟହୁଏ। ବର୍ତ୍ତମାନ ଡିଭୋର୍ସ ମାମଲା ବଢ଼ୁଥିବାବେଳେ ଅନେକ ଲୋକ ନିଜ ସ୍ତ୍ରୀଙ୍କ ଧନସମ୍ପତ୍ତିକୁ ଆତ୍ମସାତ୍ କରିବାକୁ ପଛାଉନାହାନ୍ତି। ତେଣୁ ଏଭଳି ଏକ ମୁହୂର୍ତ୍ତରେ ସୁପ୍ରିମ୍‌କୋର୍ଟଙ୍କ ଏହି ରାୟଟି ଯୁଗାନ୍ତକାରୀ ସାବ୍ୟସ୍ତ ହେବ। ଏହା କେବଳ ମହିଳାଙ୍କ ଆର୍ଥିକ କ୍ଷେତ୍ରକୁ ମଜଭୁତ କରିବ ନାହିଁ ବରଂ ଆତ୍ମବିଶ୍ୱାସକୁ ବଢ଼ାଇ ସେମାନଙ୍କୁ ସଶକ୍ତ କରାଇପାରିବ। ଅନେକ କ୍ଷେତ୍ରରେ ଦେଖାଯାଏ ବହୁ ବ୍ୟକ୍ତି ଅର୍ଦ୍ଧାଙ୍ଗିନୀଙ୍କ ଅର୍ଜିତ ଧନରେ ଭାଗ ବସାଇବା ସହ ପଇସା ଉଡ଼ାଇଥାନ୍ତି, ଯାହାଦ୍ୱାରା ଘରର ଆର୍ଥିକ କ୍ଷେତ୍ର ମଜଭୁତ ହୋଇପାରି ନ ଥାଏ ଏବଂ ଘରେ ବିଶୃଙ୍ଖଳାର କାରଣ ହୋଇଥାଏ। ତେବେ ସର୍ବୋଚ୍ଚ ଅଦାଲତଙ୍କର ଏହି ଐତିହାସିକ ଓ ଗୁରୁତ୍ୱପୂର୍ଣ୍ଣ ରାୟ ପତ୍ନୀଙ୍କ ଆୟରେ ଜୀବନ ନିର୍ବାହ କରୁଥିବା ପୁରୁଷଙ୍କ ଉପରେ ମଧ ଏହାର ପ୍ରଭାବ ପକାଇବ।

ବଡ଼କଥା ହେଉଛି, ସ୍ତ୍ରୀ ଧନ ବ୍ୟବସ୍ଥାକୁ ଦୃଢ଼ଭାବେ ନ୍ୟାୟିକ କ୍ଷେତ୍ରରେ ସୁରକ୍ଷା ମିଳିଲେ ଓ ଏହାକୁ ଯେଉଁ ଅମାନିଆମାନେ ଉଲ୍ଲଂଘନ କରୁଛନ୍ତି ସେମାନଙ୍କ ପାଇଁ କଠୋରରୁ କଠୋରତମ ଦଣ୍ଡବିଧାନ ବ୍ୟବସ୍ଥା ରହିଲେ ଆମ ସମାଜରେ ମହିଳାଙ୍କ ମର୍ଯ୍ୟାଦା ଓ ସମ୍ମାନ ବଢ଼ିବା ସହ ପତି ପତ୍ନୀଙ୍କ ମଧ୍ୟରେ ଅସମାନତା, ମତାନ୍ତର ଓ ଭୁଲ୍ ବୁଝାମଣା ଆଉ ସମ୍ଭବ ହୋଇପାରିବ ନାହିଁ। ସଂସାର ଗଠନରେ କେବଳ ନାରୀଟିର ନୁହେଁ, ଉଭୟଙ୍କର ଗୁରୁଦାୟିତ୍ୱ ରହିଛି। ପାରସ୍ପରିକ ଭଲପାଇବା, ବିଶ୍ୱାସ ଓ ଦୃଢ଼ ବୁଝାମଣା ହିଁ ସଂସାର ଡଙ୍ଗାକୁ ଆଗେଇ ନେଇଥାଏ। ଜୀବନ ନିର୍ବାହ କ୍ଷେତ୍ରରେ ଉଭୟ ପୁରୁଷ ଓ ନାରୀ ପରିବାରର ମର୍ଯ୍ୟାଦା ବଢ଼ାଇବା ହେଉ ବା ପିଲାମାନଙ୍କୁ ଗଢ଼ିବା କ୍ଷେତ୍ରରେ ଅନେକ ତ୍ୟାଗ ସ୍ୱୀକାର କରିଥାନ୍ତି। ତେଣୁ ପରିବାରର ଗଠନ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରୁଥିବା ଘରଣୀଙ୍କ ଧନକୁ ଯଦି ଅନୁପଯୋଗ ଭାବେ ଖର୍ଚ୍ଚ କରାଯାଏ ତାହା ଏକ ଅସୁସ୍ଥ ପରମ୍ପରା ସୃଷ୍ଟି କରିବ। ଏହି ଆପତ୍‌କାଳୀନ ସ୍ତ୍ରୀ ଧନ ବିନିଯୋଗ ପ୍ରକ୍ରିୟା ଏବେଠାରୁ ଆଇନଗତ ଭାବରେ ହିଁ ହେବ ଏବଂ ଏହାର ଉଲ୍ଲଂଘନ ଦ୍ୱାରା ଏହା ଆଇନଗତ ମାମଲା ଭାବେ ବିଚାର କରାଯିବ। ସ୍ତ୍ରୀ ଧନ ପରମ୍ପରାର ସୁରକ୍ଷା ରଖିବା କ୍ଷେତ୍ରରେ ସର୍ବୋଚ୍ଚ ଅଦାଲତଙ୍କ ଏହି ରାୟକୁ ଅନେକ ମହଲରେ ସ୍ୱାଗତ କରାଯାଉଛି।

**ବରିଷ୍ଠ ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ମୋ:୯୪୩୭୦୦୪୪୬୬**

## ପାଠକ ଶ୍ରେଷ୍ଠ ବିଚାରକ

### ଟ୍ରେନରେ ସୁଷମ ଖାଦ୍ୟ ଦିଆଯାଉ

ମହାଶୟ,

ରେଳ ବିଭାଗ ନିଜର ଦାୟିତ୍ୱ ସୂଚାରୁ ରୂପେ ତୁଲାଇବା ଉଚିତ। ଯାତ୍ରା ସୁଗମ ହେବା ପାଇଁ ଯାତ୍ରୀମାନଙ୍କ ପାଇଁ ସମସ୍ତ ବନ୍ଦୋବସ୍ତ କରାଯାଉ। ଶୌଚାଳୟକୁ ସଫାସୁତୁରା ରଖିବା ସହିତ ଅସାମାଜିକ କାର୍ଯ୍ୟକଳାପକୁ ରୋକିବା ନିହାତି ଜରୁରୀ। ଏତଦ୍‌ବ୍ୟତୀତ ସଫାଚାଦର, ତକିଆ ଯୋଗାଇବା ମଧ ଆବଶ୍ୟକ। ଦୂର ଦୂରାନ୍ତକୁ ଯାତ୍ରା ବେଳେ ଏହାକୁ ଅତ୍ୟାବଶ୍ୟକ କାର୍ଯ୍ୟ ଭାବେ ନଜର ରଖାଯାଉ। ତା'ଛଡ଼ା ଯାତ୍ରୀମାନଙ୍କ ପାଇଁ ଯେଉଁ ଖାଦ୍ୟ ପରଷାଯାଉଛି, ତା'ର ପରୀକ୍ଷଣ ନିଶ୍ଚୟ ଆବଶ୍ୟକ। ଖାଦ୍ୟ ତଟକା ରହିବା ସହିତ ସୁଷମ ହେବା ଉଚିତ। କାରଣ ଅଖାଦ୍ୟ ଯୋଗୁଁ ହେଉ ବା ଖାଦ୍ୟରେ କିଛି ପୋକ ପଡ଼ିଥିବା ମଧ ବେଳେବେଳେ ଦେଖାଯାଉଛି। ଏସବୁ କାରଣ ପାଇଁ ଯାତ୍ରୀମାନେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ରେଳ ବିଭାଗ ଏସବୁ ଉପରେ ଦୃଷ୍ଟି ପକାନ୍ତୁ।

**–ପୁଷ୍ପା ମହାନ୍ତି, ସାଇବିହାର, ଭୁବନେଶ୍ୱର**

### ଚିରନ୍ତନୀ

ସନ୍ଧ୍ୟାପଥେ
ଚରଣ ଚାଳି
ରୂପସୀ କେଉଁ ବାଳୀ
ଲୁଚାଏ ରୂପ ମୃତ୍ ପ୍ରଦୀପ ଜାଳି।
–(ସନ୍ଧ୍ୟା ପଥେ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ହରିୟାଣାରେ ୩ୟ ଥର ପାଇଁ ହେବ ଭାଜପା ସରକାର: ଧର୍ମେନ୍ଦ୍ର



ହରିୟାଣାରେ ଭାଜପା ପ୍ରାର୍ଥୀଙ୍କ ପାଇଁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପ୍ରଚାର।

**ଭୁବନେଶ୍ୱର, ୧୨।୯(ସୁନିତ୍ ମିଶ୍ର)** ହରିୟାଣାରେ ୩ୟ ଥର ପାଇଁ ଭାଜପା ସରକାର ଗଠନ କରିବ। ଭାଜପାକୁ ଭୋଟ ଦେବା ପାଇଁ ହରିୟାଣାର ଜନସାଧାରଣ ମନ ବଳାଇସାରିଛନ୍ତି ବୋଲି ଗୁରୁବାର ପାନିପତ ଏବଂ ସମଲଖା ବିଧାନସଭା ନିର୍ବାଚନମଣ୍ଡଳୀରେ ଦଳୀୟ ପ୍ରାର୍ଥୀଙ୍କ ନାମାଙ୍କନ ଦାଖଲ ଶୋଭାଯାତ୍ରାରେ ସାମିଲହେବା ସହ ନିର୍ବାଚନ ପ୍ରଚାର କରିବା ଅବସରରେ ହରିୟାଣା ଭାଜପାର ନିର୍ବାଚନ ପ୍ରଭାରୀ ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହା କହିଛନ୍ତି।

ଧର୍ମେନ୍ଦ୍ର ଏକ ବିଶାଳ ଜନସଭାକୁ ସମ୍ବୋଧିତକରି କହିଛନ୍ତି, ଭାଜପା ପ୍ରାର୍ଥୀଙ୍କ ପାଇଁ ଲୋକଙ୍କ ମଧ୍ୟରେ ଅଭୂତପୂର୍ବ ଉତ୍ସାହ, ଆଶୀର୍ବାଦ ଏବଂ ଜନ ସମର୍ଥନ ରହିଛି। ଗୋଟିଏ ପାର୍ଶ୍ୱରେ ପ୍ରଧାନମନ୍ତ୍ରୀ ମୋଦି ଏବଂ ଦଳୀୟ ପ୍ରାର୍ଥୀଙ୍କ ପ୍ରତି ଜନତାଙ୍କ ଆତ୍ମବିଶ୍ୱାସ ବଢ଼ିଛି। ଅପରପକ୍ଷରେ ଦେଶକୁ ଅପମାନିତ କରୁଥିବା ଲୋକମାନଙ୍କୁ ହରାଇବା ପାଇଁ ଜନସାଧାରଣ ସଂକଳ୍ପ ନେଇସାରିଛନ୍ତି। ସଂରକ୍ଷଣ ବନ୍ଦ କରିବାର ସ୍ୱପ୍ନ ଦେଖିଥିବା କଂଗ୍ରେସର ଯୁବରାଜଙ୍କ ଆଶା କେବେ ପୂରଣ ହେବନାହିଁ। କଂଗ୍ରେସର ଯୁବରାଜ ଓ ସେମାନଙ୍କ ପ୍ରାର୍ଥୀଙ୍କୁ ହରିୟାଣାବାସୀ କଡ଼ା ଜବାବ ଦେବେ। ସେ କହିଛନ୍ତି, ଏବେ ୭୦ ବର୍ଷରୁ ଅଧିକ ବୟସର ନାଗରିକଙ୍କ ପାଇଁ ମୋଦି ସରକାର ଐତିହାସିକ ନିଷ୍ପତ୍ତି ନେଇଛନ୍ତି। ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାରକରିବା ସହ କେନ୍ଦ୍ରମନ୍ତ୍ରୀ ଜନସାଧାରଣଙ୍କୁ ଭୋଟ ଦେବା ପାଇଁ ନିବେଦନ କରିଛନ୍ତି।

# ୧୦୦ ଦିନର ସଫଳତା ଲୋକଙ୍କ ପାଖରେ ପହଞ୍ଚାଇବ ଦଳ

## ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ରାଜ୍ୟ ଭାଜପାର ଗୁରୁତ୍ୱପୂର୍ଣ୍ଣ ବୈଠକ




ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ସଭାପତି ମନମୋହନ ସାମଲ ଓ ଅନ୍ୟ ନେତୃବୃନ୍ଦ।

**ଭୁବନେଶ୍ୱର, ୧୨।୯(ସୁନିତ୍ ମିଶ୍ର)** ରାଜ୍ୟରେ ଭାଜପା ଏକାକୀ ସରକାର ଗଠନ କରିବାର ମାତ୍ର ୧୦୦ ଦିନ ଭିତରେ ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇ ରାଜ୍ୟବାସୀଙ୍କ ପ୍ରିୟଭାଜନ ହୋଇପାରିଛି। ଶ୍ରୀମନ୍ଦିରର ୪ ଦୁଆର ଖୋଲିବାଠାରୁ ଆରମ୍ଭକରି ଧାନ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କାକୁ ବୃଦ୍ଧି କରାଯାଇଛି। ସିଏମ୍ କିଷାନ ଯୋଜନାର ଶୁଭାରମ୍ଭ କରାଯାଇ ୪୬ ଲକ୍ଷରୁ ଉର୍ଦ୍ଧ୍ୱ ଚାଷୀଙ୍କୁ ୨ ହଜାର ଟଙ୍କା ଲେଖାଏ ଦିଆଯାଇଛି। ୫୮ ସବ୍‌ଡିଭିଜନରେ ଶୀତଳଭଣ୍ଡାର ଖୋଲିବାକୁ ନିଷ୍ପତ୍ତି ହୋଇଛି। ମହିଳଙ୍କୁ ସଶକ୍ତୀକରଣ କରିବା ପାଇଁ ସୁଭଦ୍ରା ଯୋଜନାର ଆରମ୍ଭ କରାଯାଇଛି। ଶ୍ରୀମନ୍ଦିରର ଉନ୍ନତି ପାଇଁ ୫୦୦ କୋଟି ଏବଂ ଓଡ଼ିଆ ଅସ୍ମିତାର ପ୍ରଚାରପ୍ରସାର ପାଇଁ ୨୦୦ କୋଟି ଟଙ୍କାର କର୍ପସ ଫଣ୍ଡ ଗଠନ କରାଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଭାଜପା ସରକାରର ମାତ୍ର ୧୦୦ ଦିନର ଏହି ଉପଲବ୍ଧିକୁ ବ୍ୟାପକ ଭାବେ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ଦାୟିତ୍ୱ ନେବା ଲାଗି ଗୁରୁବାର ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଏହା ଆଲୋଚନା କରାଯାଇଛି। ଏହା ବ୍ୟତୀତ ସଙ୍ଗଠନ ପର୍ବ 'ସଦସ୍ୟତା ଅଭିଯାନ-୨୦୨୪' ଏବଂ ଆସନ୍ତା ୧୭ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଓଡ଼ିଶା ଆଗମନ ସମ୍ପର୍କରେ ଆଲୋଚନା କରାଯାଇଛି। ଦଳର ରାଜ୍ୟ ସଭାପତି ମନମୋହନ ସାମଲଙ୍କ ନେତୃତ୍ୱରେ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପସ୍ଥିତିରେ ଏହି ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ପ୍ରଭାତୀ ପରିଡ଼ା, ରାଜ୍ୟ ପ୍ରଭାରୀ ବିଜୟପାଲ ସିଂ ତୋମାର, ରାଜ୍ୟ ସାଧାରଣ ସମ୍ପାଦକ(ସଙ୍ଗଠନ) ମାନସ ମହାନ୍ତି, ମନ୍ତ୍ରୀ ଓ ବିଧାୟକ ପ୍ରମୁଖ ଯୋଗ ଦେଇଥିଲେ।

ବୈଠକ ପ୍ରସଙ୍ଗରେ ସୂଚନା ଦେଇ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଥିଲେ, ଏଥିରେ ମୁଖ୍ୟତଃ ସଦସ୍ୟତା ଅଭିଯାନ, ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମ, ବହୁ ପ୍ରତୀକ୍ଷିତ 'ସୁଭଦ୍ରା' ଯୋଜନାର ଶୁଭାରମ୍ଭ ଏବଂ ୧୦୦ ଦିନ ଭାଜପା ସରକାରର ଉପଲବ୍ଧି ଭଳି ପ୍ରମୁଖ ୪ଟି ପ୍ରସଙ୍ଗରେ ଆଲୋଚନା କରାଯାଇ ଆଗାମୀ ଦିନ ପାଇଁ ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରାଯାଇଛି। ସଦସ୍ୟତା ଅଭିଯାନକୁ କିପରି ବ୍ୟାପକ କରିହେବ ସେ ପ୍ରସଙ୍ଗରେ ବୈଠକରେ ଗୁରୁତ୍ୱାରୋପ କରାଯାଇଛି। ପ୍ରତି ବିଧାନସଭା କ୍ଷେତ୍ରରେ ଲକ୍ଷେରୁ ଉର୍ଦ୍ଧ୍ୱ ସଦସ୍ୟ ସଂଗ୍ରହ କରାଯିବା ଉପରେ ଗୁରୁତ୍ୱ ଦିଆଯାଇଛି। ସହରଠାରୁ ଆରମ୍ଭ କରି ବ୍ଲକ୍, ପଞ୍ଚାୟତ, ଗ୍ରାମସ୍ତରରେ କିପରି ଅଧିକ ସଦସ୍ୟ ଭାଜପାରେ ସାମିଲ ହେବେ ସେନେଇ ଯୋଜନା ପ୍ରସ୍ତୁତ କରାଯାଇଛି। ସୂଚନାଯୋଗ୍ୟ, ଆସନ୍ତା ୧୭ରେ ପ୍ରଧାନମନ୍ତ୍ରୀ ତାଙ୍କ ଜନ୍ମଦିନ ଅବସରରେ ଓଡ଼ିଶା ଆସିବାର କାର୍ଯ୍ୟକ୍ରମ ରହିଛି।

# ବିଜେଡି, ଭାଜପା ସରକାରରେ ଛାତ୍ର ସମାଜ ଅବହେଳିତ: ଚୁନ୍ନୁ ସିଂ

## ଛାତ୍ର କଂଗ୍ରେସର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ

**ଭୁବନେଶ୍ୱର, ୧୨।୯(ସୁନିତ୍ ମିଶ୍ର)** ଛାତ୍ର କଂଗ୍ରେସ ସଭାପତି ଉଦିତ ପ୍ରଧାନଙ୍କ ଅଧ୍ୟକ୍ଷତାରେ ପ୍ରଦେଶ ଛାତ୍ର କଂଗ୍ରେସର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଗୁରୁବାର କଂଗ୍ରେସ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଛାତ୍ର କଂଗ୍ରେସ ପକ୍ଷରୁ ନବନିର୍ବାଚିତ ସଭାପତି ଉଦିତ ପ୍ରଧାନ ଏବଂ ଓଡ଼ିଶା ପ୍ରଭାରୀ ଚୁନ୍ନୁ ସିଂଙ୍କୁ ସ୍ୱାଗତ କରାଯାଇଥିଲା। ଏହାପରେ ଲୋକ ସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ଅତୁଲ୍ୟ ନେତୃତ୍ୱ ଓ ସମ୍ବିଧାନ ସୁରକ୍ଷା ସଂଗ୍ରାମକୁ କାର୍ଯ୍ୟକାରିଣୀ ପକ୍ଷରୁ ସମର୍ଥନ ଦିଆଯାଇଛି। ଏହି ଅବସରରେ ଚୁନ୍ନୁ ସିଂ କହିଛନ୍ତି, ଉଭୟ ବିଜେଡି ଓ ଭାଜପା ସରକାର ଓଡ଼ିଶାରେ ଛାତ୍ରମାନଙ୍କ ସ୍ୱାର୍ଥକୁ ଉପେକ୍ଷା କରିଛନ୍ତି। ଦୀର୍ଘ ୨୪ ବର୍ଷ ଧରି ଓଡ଼ିଶାରେ ଶିକ୍ଷା ବ୍ୟବସ୍ଥା ଭୁଶୁଡ଼ି ପଡ଼ିଛି। ସେହିଭଳି ନୂଆ ଭାଜପା ସରକାର ତାଙ୍କର କାର୍ଯ୍ୟକ୍ରମରେ ଶିକ୍ଷା ବ୍ୟବସ୍ଥାର ଦୃଷ୍ଟାନ୍ତମୂଳକ ଉନ୍ନତି ପାଇଁ ପ୍ରାଧାନ୍ୟ ଦେଇନାହାନ୍ତି। ନୂତନ ସରକାର ବିଜେଡି ସରକାରକୁ ଅନୁସରଣ କରି ଏ ବର୍ଷ ନିର୍ବାଚନ ବନ୍ଦ କରିଦେଇଛନ୍ତି। ଏହାଦ୍ୱାରା ସାରା ରାଜ୍ୟରେ ଛାତ୍ରମାନଙ୍କ ମଧ୍ୟରେ ଅଶାନ୍ତି ସୃଷ୍ଟି ହୋଇଛି ବୋଲି ସିଂ କହିଛନ୍ତି। ଜୟପୁର ବିଧାୟକ ତାରାପ୍ରସାଦ ବାହିନପତି କାର୍ଯ୍ୟକ୍ରମରେ ଯୋଗଦେଇ ରାଜ୍ୟ ସରକାରଙ୍କ ଛାତ୍ର ସ୍ୱାର୍ଥ ବିରୋଧୀ ନୀତି ବିରୋଧରେ ଆନ୍ଦୋଳନ କରିବାକୁ ଉପଦେଶ ଦେଇଛନ୍ତି। ଏହି ଅବସରରେ ଉଦିତ କହିଛନ୍ତି, ଛାତ୍ର କଂଗ୍ରେସ ର୍ୟାଗିଂ ଓ ନିଶାମୁକ୍ତ କ୍ୟାମ୍ପସ ପାଇଁ ଅଧିକ ଧ୍ୟାନଦେବ।



କଂଗ୍ରେସ ଭବନଠାରେ ଅନୁଷ୍ଠିତ ପ୍ରଦେଶ ଛାତ୍ର କଂଗ୍ରେସର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକରେ ଉପସ୍ଥିତ ଛାତ୍ରନେତା।

# ଅନାସ୍ଥାରେ ହାରିଲେ ପୁରୁଷୋତ୍ତମପୁର ଏନ୍‌ଏସି ଅଧ୍ୟକ୍ଷା

**ପୁରୁଷୋତ୍ତମପୁର, ୧୨।୯(ସିମାଞ୍ଚଳ ମିଶ୍ର)** ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ଏନ୍‌ଏସି ଅଧ୍ୟକ୍ଷା ପ୍ରିୟଙ୍କା ଗୌଡ଼ ଅନାସ୍ଥା ଭୋଟରେ ଗୁରୁବାର ପରାସ୍ତ ହୋଇଛନ୍ତି। ଏହି ଅବସରରେ ଉପାଧ୍ୟକ୍ଷ କୃଷ୍ଣଚନ୍ଦ୍ର ପଣ୍ଡା ଓ କାଉନସିଲରମାନେ କହିଛନ୍ତି, ଏଣିକି ସହରର ବିକାଶ ଲାଗି ସମସ୍ତ କାର୍ଯ୍ୟ କରାଯିବ।



ପ୍ରିୟଙ୍କା ଗୌଡ

ଏନ୍‌ଏସି ଅଧ୍ୟକ୍ଷା ଏବଂ ତାଙ୍କ ସ୍ୱାମୀ ତଥା କାଉନସିଲର ଅଶୋକ କୁମାର ମହାନ୍ତୁଡଙ୍କ କାର୍ଯ୍ୟକଳାପକୁ ବିରୋଧ କରି ଉପାଧ୍ୟକ୍ଷଙ୍କ ସମେତ ୯ଜଣ କାଉନସିଲର ଅନାସ୍ଥା ପ୍ରସ୍ତାବ ଆଣିଥିଲେ। ଅନାସ୍ଥା ଅଭିଯୋଗ ଉପରେ ଜିଲାପାଳଙ୍କ ପକ୍ଷରୁ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଛତ୍ରପୁର ଉପଜିଲାପାଳ ଦେବଦତ୍ତ ମହନ୍ତ ନିର୍ବାଚନ ଅଧିକାରୀ ଭାବେ ପୁରୁଷୋତ୍ତମପୁର ଏନ୍‌ଏସିରେ ପହଞ୍ଚିଥିଲେ। ମୋଟ ୧୩ ଜଣ କାଉନସିଲରଙ୍କ ମଧ୍ୟରୁ ଅଧ୍ୟକ୍ଷାଙ୍କ ସ୍ୱାମୀ ତଥା ୱାର୍ଡ ନଂ. ୪ର ମହାନ୍ତୁଡ, ୬ ନଂ. ୱାର୍ଡର ସୁଦେଷ୍ଣା ବେହେରା ଓ ୧୧ ନଂ. ୱାର୍ଡର ଅରୁଣ କୁମାର ମହାନ୍ତୁଡ ଅନୁପସ୍ଥିତ ରହିଥିବା ବେଳେ ଅନ୍ୟ ୧୦ ଜଣଙ୍କୁ ନେଇ ଅନାସ୍ଥା ପ୍ରସ୍ତାବ ଉପରେ ଆଲୋଚନା ହୋଇଥିଲା। ଆଲୋଚନା ସଫଳ ନ ହେବାରୁ ଭୋଟ ଗ୍ରହଣ କରାଯାଇଥିଲା। ଉପସ୍ଥିତ ସମସ୍ତ ୧୦ ଜଣ କାଉନସିଲର ଅନାସ୍ଥା ସପକ୍ଷରେ ଭୋଟ ଦେଇଥିବା ନେଇ ନିର୍ବାଚନ ଅଧିକାରୀ କହିଛନ୍ତି। ଏନଏସି ପରିଚାଳନା ଲାଗି କାହାକୁ ଦାୟିତ୍ୱ ଦିଆଯିବ ସେଥିନେଇ ସରକାର ଓ ଜିଲାପାଳ ପଦକ୍ଷେପ ନେବେ ବୋଲି ସେ ସୂଚନା ଦେଇଛନ୍ତି। ଅନାସ୍ଥା ଭୋଟ ବେଳେ ଅପ୍ରୀତିକର ସ୍ଥିତି ଉପୁଜିବା ଆଶଙ୍କା ଥିବାରୁ ମାଜିଷ୍ଟ୍ରେଟ ଦାୟିତ୍ୱରେ ତହସିଲଦାର ଲୋପାମୁଦ୍ରା ରଥ ରହିଥିବା ବେଳେ ଏସ୍‌ଡିପିଓ ରଜନୀକାନ୍ତ ସାମଲଙ୍କ ତତ୍ତ୍ୱାବଧାନରେ ଇନ୍ସପେକ୍ଟର ସମୀର କୁମାର ରାଉତ ଓ ଆଇଆଇସି ବିପିନ ବିହାରୀ ହୋତାଙ୍କ ସମେତ ପୋଲିସ ଫୋର୍ସ ମୁତୟନ ରହିଥିଲେ।

୧୪ ୱାର୍ଡ ବିଶିଷ୍ଟ ଏନ୍‌ଏସିର ୮ ନଂ ୱାର୍ଡରେ ଜନଜାତି ବର୍ଗର କେହି ପ୍ରାର୍ଥୀ ନ ଥିବାରୁ ନିର୍ବାଚନ ହୋଇ ନ ଥିବା ବେଳେ ଅନ୍ୟ ୧୩ଟି ୱାର୍ଡରୁ ୧୦ଟିରେ ବିଜେଡି ଓ ୩ଟି ୱାର୍ଡରେ ସ୍ୱାଧୀନ ପ୍ରାର୍ଥୀ ବିଜୟୀ ହୋଇଥିଲେ। ଅଧ୍ୟକ୍ଷା ସ୍ୱାଧୀନ ଭାବେ ନିର୍ବାଚିତ ହୋଇ ପରବର୍ତ୍ତୀ ସମୟରେ ବିଜେଡିରେ ମିଶିଥିଲେ। ତେବେ ତାଙ୍କ ବିରୋଧରେ ଉପାଧ୍ୟକ୍ଷ କୃଷ୍ଣଚନ୍ଦ୍ରଙ୍କ ସମେତ ବିଜେଡିର ୭ଜଣ ଓ ଦୁଇ ସ୍ୱାଧୀନ କାଉନସିଲର ଗତ ୨ ତାରିଖରେ ଜିଲାପାଳଙ୍କୁ ଭେଟି ଅନାସ୍ଥା ଆଣିଥିଲେ। ପରେ ସେମାନେ ଭାଜପାରେ ଯୋଗ ଦେଇଥିଲେ।

ସେପଟେ ଅଧ୍ୟକ୍ଷା ଓ ତାଙ୍କ ସମର୍ଥିତ କାଉନସିଲର ଅରୁଣ କୁମାର ମହାନ୍ତୁଡ ଅନାସ୍ଥା ଭୋଟ ବିରୋଧରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇ ପୃଥକ ଭାବେ ୨ଟି ରିଟ୍ ପିଟିଶନ ଦାଖଲ କରିଥିଲେ। ଅଧ୍ୟକ୍ଷା ଅନାସ୍ଥାରେ ହାରିବା ପରେ ଭାଜପାର ସଂଯୋଜକ ଯଜ୍ଞନାରାୟଣ ଦାଶ, ଜିଲା ସମ୍ପାଦକ ଅନିଲ କୁମାର ପଣ୍ଡା ପ୍ରମୁଖ ଖୁସି ମନାଇଛନ୍ତି।


## झारखण्ड सरकार
## ग्रामीण कार्य विभाग, कार्यपालक अभियंता का कार्यालय
ग्रामीण कार्य विभाग, कार्य प्रमण्डल, जमशेदपुर

### ई-अति अल्पकालिन निविदा आमंत्रण सूचना

ई-अति अल्पकालिन निविदा संख्या:- 09/2024-25/RI/RWD/EE/JSR दिनांक :- 12.09.2024

कार्यपालक अभियंता, ग्रामीण कार्य विभाग, कार्य प्रमण्डल, जमशेदपुर द्वारा निम्न विवरण के अनुसार e-procurement पद्धति से निविदा आमंत्रित की जाती है।

| क्र0 सं0 | आईडेन्टीफिकेशन संख्या/पैकेज संख्या | कार्य का नाम | प्राक्कलित राशि (रूपये में) अंक में | अक्षर में | कार्य समाप्ति की अवधि | टेण्डर कॉल संख्या |
|---|---|---|---|---|---|---|
| 1. | RWD/ JAMSHEDPUR/24/2024-25 | बाबनीडीह चौक से निवारण मुर्मू के घर भाया (मकर) किस्कु के घर तक पथ निर्माण कार्य। (लं-1.600 कि0मी0) | 1,43,01,900.00 | एक करोड़ तिरालीस लाख एक हजार नौ सौ रू0 मात्र | 9 माह | द्वितीय |
| 2. | RWD/ JAMSHEDPUR/26/2024-25 | बलियागुड़ी हाट मैदान से नारंगी नाला तक पथ निर्माण कार्य। (लं-1.620 कि0मी0) | 2,04,29,900.00 | दो करोड़ चार लाख उन्तीस हजार नौ सौ रू0 मात्र | 12 माह | द्वितीय |

2. वेबसाईट में निविदा प्रकाशन की तिथि :- **13.09.2024 ।**
3. ई-निविदा प्राप्ति की अंतिम तिथि एवं समय :- **21.09.2024** अपराह्न 5.00 बजे तक।
4. निविदा शुल्क एवं अग्रधन की राशि jharkhandtenders.gov.in के माध्यम से ऑनलाइन मोड में स्वीकार की जाएगी।
5. निविदा खोलने की तिथि एवं समय :- **22.09.2024** अपराह्न 5.00 बजे।
6. निविदा आमंत्रित करने वाले पदाधिकारी का नाम एवं पता :-कार्यपालक अभियंता, ग्रामीण कार्य विभाग, कार्य प्रमण्डल, जमशेदपुर, ब्लॉक-करनडीह, थाना-परसुडीह, जमशेदपुर, झारखण्ड, पिन-831002।
7. ई-निविदा प्रकोष्ठ का दूरभाष सं0- 0657-2298902।
8. विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।

कार्यपालक अभियंता,
ग्रामीण कार्य विभाग, कार्य प्रमण्डल, जमशेदपुर

PR 335618 (REO) 24-25 (D)



सत्यमेव जयते
ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ
ଭାରତ ସରକାର

## ୭୧ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ୨୦୨୩

## ପ୍ରବେଶିକା ଆହ୍ୱାନ

**ସିନେମା ଉପରେ ଚଳଚ୍ଚିତ୍ର ଓ ଲେଖା**

**ଯୋଗ୍ୟତା**

**ଫିଚର୍ ଓ ଅଣ-ଫିଚର୍ ଚଳଚ୍ଚିତ୍ର** ସିବିଏଫ୍‌ସି ଦ୍ୱାରା ପ୍ରମାଣିତ ତଥା ଇଂରାଜୀ ସବ୍‌ଟାଇଟଲ୍ ସହିତ | ସିନେମା ଉପରେ ପ୍ରକାଶିତ **ପୁସ୍ତକ, ଆଲେଖ୍ୟ/ସମୀକ୍ଷା**

ତା୦୧।୦୧।୨୦୨୩ରିଖଠାରୁ ତା୩୧।୧୨।୨୦୨୩ରିଖ
(ଉଭୟ ଦିବସ ଅନ୍ତର୍ଭୁକ୍ତ)

କୌଣସି ପ୍ରଶ୍ନ ପାଇଁ କଲ୍ କରନ୍ତୁ ୦୧୧-୨୬୪୯୯୩୭୮/୩୫୭
(କାର୍ଯ୍ୟ ଦିବସରେ ପୂର୍ବାହ୍ନ ୦୯.୩୦ - ଅପରାହ୍ନ ୦୫.୦୦ ଘଟିକା)

ନିୟମାବଳୀ ଏବଂ ତା୧୮।୦୯।୨୦୨୪ରିଖ (ଅପରାହ୍ନ ୦୫.୦୦ ଘଟିକା ପର୍ଯ୍ୟନ୍ତ) ଅନ୍‌ଲାଇନ୍ ଦାଖଲ ପାଇଁ www.mib.gov.in ପରିଦର୍ଶନ କରନ୍ତୁ

ସମସ୍ତ ଦସ୍ତାବିଜ ନିମ୍ନପ୍ରଦତ୍ତ ଠିକଣାରେ ପଠାଯିବା ଆବଶ୍ୟକ:

**ଜାତୀୟ ଚଳଚ୍ଚିତ୍ର ପୁରସ୍କାର ସେଲ୍**
ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ
ଭାରତ ସରକାର
ସିରି ଫୋର୍ଟ ଅଡିଟୋରିୟମ୍ କମ୍ପ୍ଲେକ୍ସ
ଅଗଷ୍ଟ କ୍ରାନ୍ତି ମାର୍ଗ
ନୂଆଦିଲ୍ଲୀ - ୧୧୦୦୪୯

ଇମେଲ୍: 71nfa2023@gmail.com
ୱେବ୍‌ସାଇଟ୍: www.mib.gov.in

cbc 22201/11/0013/2425



## ଟେଣ୍ଡର ନୋଟିସ୍

**ଶ୍ରୀ ମା ମଙ୍ଗଳା ଠାକୁରାଣୀ ମନ୍ଦିର, କାକଟପୁର, ଜିଲ୍ଲା-ପୁରୀ, ୧୦୬୩ ପି.**

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ସନ ୨୦୨୪-୨୫ ମସିହା (ତା.୦୭.୧୦.୨୦୨୪ ଠାରୁ ତା.୦୬.୧୦.୨୦୨୫) ନିମନ୍ତେ ମା' ମଙ୍ଗଳା ଠାକୁରାଣୀଙ୍କର ଜୋତା ଓ ମୋବାଇଲ ଷ୍ଟାଣ୍ଡ ଏବଂ ପାର୍କିଙ୍ଗ୍ ଷ୍ଟାଣ୍ଡ ପାଇଁ ଟେଣ୍ଡର ଆସନ୍ତା ତା.୩୦.୦୯.୨୦୨୪ ରିଖ ଦିନ ମାନ୍ୟବର ଦେବୋତ୍ତର କମିଶନର, ଓଡ଼ିଶା, ଭୁବନେଶ୍ୱରଙ୍କ କାର୍ଯ୍ୟାଳୟଠାରେ ନିଲାମ କରାଯିବ। ନିଲାମ ନେବାକୁ ଇଚ୍ଛୁକ ବ୍ୟକ୍ତିମାନେ ଟେଣ୍ଡର ଫର୍ମ ଓ ଟେଣ୍ଡର ସମ୍ପର୍କୀୟ ନିୟମାବଳୀ ମନ୍ଦିର କାର୍ଯ୍ୟାଳୟରୁ ଟ.୧୦୦୦.୦୦ (ଏକ ହଜାର ଟଙ୍କା) ମୂଲ୍ୟରେ ତା.୧୩.୦୯.୨୦୨୪ ରିଖ ଠାରୁ ତା.୨୦.୯.୨୦୨୪ ରିଖ ପର୍ଯ୍ୟନ୍ତ ଦିବା ୧୦ ଘଟିକା ଠାରୁ ଅପରାହ୍ନ ୪ ଘଟିକା ମଧ୍ୟରେ ମନ୍ଦିର କାର୍ଯ୍ୟାଳୟରେ ପାଇପାରିବେ। ଟେଣ୍ଡର ଫର୍ମ ସହିତ ଅନୁଷ୍ଠାନରୁ ପାଇଥିବା ପକ୍କା ରସିଦ୍, ନିର୍ଦ୍ଧାରିତ ଅମାନତ ଟଙ୍କାର ବ୍ୟାଙ୍କ ଡ୍ରାଫ୍ଟ ସଂଲଗ୍ନ କରି ତା.୨୭.୦୯.୨୦୨୪ ରିଖ ଅପରାହ୍ନ ୫ (ପାଞ୍ଚ) ଘଟିକା ସମୟ ମଧ୍ୟରେ ଦେବୋତ୍ତର କମିଶନର ଓଡ଼ିଶା ଭୁବନେଶ୍ୱରଙ୍କ କାର୍ଯ୍ୟାଳୟରେ କେବଳ ରେଜିଷ୍ଟ୍ରି ଡାକ ମାଧ୍ୟମରେ ଟେଣ୍ଡର ଫର୍ମ ଏବଂ ଆନୁଷଙ୍ଗିକ କାଗଜପତ୍ର ପହଞ୍ଚିବା ଆବଶ୍ୟକ। ବ୍ୟକ୍ତିଗତ ଭାବରେ କୌଣସି ଟେଣ୍ଡର ଫର୍ମ ଗ୍ରହଣ କରାଯିବ ନାହିଁ। ତା.୩୦.୯.୨୦୨୪ ରିଖ ଦିବା ୧୨ (ବାର) ଘଟିକା ସମୟରେ ଦେବୋତ୍ତର କମିଶନରଙ୍କ ଉପସ୍ଥିତିରେ ଟେଣ୍ଡର ଖୋଲାଯିବ।

ସବିଶେଷ ବିବରଣୀ ପାଇଁ ମନ୍ଦିର କର୍ତ୍ତୃପକ୍ଷଙ୍କ ସହିତ ଯୋଗାଯୋଗ କରିବା ଲାଗି ଅନୁରୋଧ।

**ତଫସିଲ ନଂ-୧**
**ନିଲାମ ପାଇଁ ଥିବା ଦୋକାନର ବିବରଣୀ**

| କ୍ର.ସଂ. | ଦୋକାନର ନାମ | ୨୦୨୪-୨୫ ପାଇଁ ସର୍ବନିମ୍ନ ଧାର୍ଯ୍ୟ ମୂଲ୍ୟ | ନିଲାମରେ ଭାଗ ନେବା ପାଇଁ ଅମାନତ ଟଙ୍କାର ପରିମାଣ |
|---|---|---|---|
| ୧. | ପାର୍କିଙ୍ଗ ଷ୍ଟାଣ୍ଡ | ଟ.୩୭,୮୦,୭୦୦/- | ଟ.୩,୭୮,୦୭୦/- |
| ୨. | ଜୋତା ଏବଂ ମୋବାଇଲ ଷ୍ଟାଣ୍ଡ | ଟ.୧୨,୨୨,୨୨୨/- | ଟ.୧,୨୨,୨୨୨/- |

ସ୍ୱା./-
କାର୍ଯ୍ୟନିର୍ବାହୀ ଅଧିକାରୀ
ମା' ମଙ୍ଗଳା ଠାକୁରାଣୀ ମନ୍ଦିର, କାକଟପୁର, ପୁରୀ



## कार्यपालक अभियंता का कार्यालय
## पथ निर्माण विभाग, पथ प्रमंडल, गोड्डा

### शुद्धि पत्र

एतद् द्वारा सूचित किया जाता है कि PR 335036 Road(24-25).D द्वारा प्रकाशित अति अल्पकालीन निविदा सूचना सं0-RCD/GODDA/ 1059/2024-25 दिनांक- 06.09.2024 में टंकण भूलवश कार्य का नाम अधूरा लिखा गया है, जिसमें सुधार की आवश्यकता है।

अतः पूर्व में अंकित कार्य का नाम के स्थान पर संशोधित कार्य का नाम **"पथ प्रमंडल, गोड्डा अन्तर्गत गोड्डा-पीरपैंतीं पथ के 16वें कि0मी0 में डोय से गोड्डा-पीरपैंतीं पथ के 31वें कि0मी0 में दियाजोरी चौक तक पथ भाया अमौर, खिरौन्धी, खट्टी, बलबड्डा, मड़पा, मधुरा होते हुए (कुल लम्बाई- 28.00 कि0मी0) का राईडिंग क्वालिटी में सुधार (Improvement of Riding Quality)/ मजबूतीकरण कार्य"** पढ़ा जाय।

शेष सभी कंडिकायें पूर्ववत रहेंगी।

कार्यपालक अभियंता
पथ प्रमंडल, गोड्डा

PR 335476 (Road) 24-25 (D)



**IN THE DEBTS RECOVERY TRIBUNAL : CUTTACK, ODISHA**
**C-71, SECTOR-7, CDA, CUTTACK : ODISHA**
**O.A. NO. 705/2023**

**HDFC Bank Limited** ..............**Applicant**
**-Versus-**
**Manish Kumar Sah & Another** ............... **Defendants**

**To,**
1. Manish Kumar Sah, S/o-Ramachandara, Ward No-5, At-Chamrahra, Vaishali, Vill-Chamrahra, Mahnar, Bihar-229504. **[PAN - CFEPS1147B]**
2. Mohammad Zabed Aktar Khan, Karamdihi, Sundargarh, Sundargarh-770002. **[PAN - DEFPK3058N]**

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the Applicant has instituted an **O.A No. 705/2023** in the Court of the Debts Recovery Tribunal at Cuttack for the recovery of **Rs.23,48,426.35 (Rupees Twenty Three Lakhs Forty Eight Thousand Four Hundred Twenty Six and Paise Thirty Five Only)** together with current and future interest, costs and the other reliefs. The above mentioned Defendants are therefore, directed to appear before this Tribunal in person or through an advocate or duly authorized agent, in support of their defence to show cause within 30 days from the publication or on **25.09.2024** at **10.30 a.m.** as to why reliefs prayed for should not granted.

Take notice that in case of default, the applicant will be heard and determined in their absence.

Given under my hand and seal of this Tribunal on this **26th day of July, 2024**.

**(Prabhupada Dash)**
**Sd/- Registrar (I/c)**



## ପ୍ରଗତି ପଥେ ଖଡ଼ିଆଳ ପଞ୍ଚାୟତ ସମିତି

ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ଶ୍ରମଜୀବୀ ପରିବାରଙ୍କୁ କାର୍ଯ୍ୟ ଯୋଗାଇ ଦେବାର ଉଦ୍ଦେଶ୍ୟ ରଖିଥିବା ଉକ୍ତ ଯୋଜନାରେ ଚଳିତ ୨୦୨୪-୨୫ ଆର୍ଥିକ ବର୍ଷରେ ୪୯ ଗୋଟି ପୋଖରୀ, ୧୨ ଗୋଟି ଆଦର୍ଶ ପୋଖରୀ, ୧୦୨୭ ଜଣ ପରିବାରଙ୍କୁ ଜମି ମରାମତି, ୧୩୭ ଗୋଟି ରାସ୍ତା, ୩୦ ଗୋଟି ବହୁମୁଖୀ ପୋଖରୀ, ୩୧ ଗୋଟି କୃଷି ପୋଖରୀ, ୫୮ ଗୋଟି କୂପ ଖନନ, ୪୪ ଗୋଟି ଗାଈ ଗୁହାଳ, ୧୩ ଗୋଟି ଛେଳି ଗୁହାଳ, ୩ ଗୋଟି ଖେଳ ପଡିଆର ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇ ୮୩୮୭ ପରିବାରଙ୍କୁ କାର୍ଯ୍ୟ ଯୋଗାଇ ଦିଆଯାଇ ୪,୧୨,୫୦୧ ଶ୍ରମ ଦିବସ ସୃଷ୍ଟି କରାଯାଇପାରିଛି। ଏଥିମଧ୍ୟରୁ ୯୬୨ ଜଣ ପରିବାରଙ୍କୁ ୧୦୦ ଦିନର, ୧୪୭ ଜଣ ପରିବାରଙ୍କୁ ୨୦୦ ଦିନର, ୩ ଜଣ ପରିବାରଙ୍କୁ ୩୦୦ ଦିନର କାର୍ଯ୍ୟ ଅଦ୍ୟାବଧି ପର୍ଯ୍ୟନ୍ତ ଯୋଗାଇ ଦିଆଯାଇଅଛି।



## THE PANCHAYAT SAMITI, SHERAGADA
### NOTICE FOR OPEN AUCTION
**No.:- 3051 Dtd:12.09.2024**

Open auction sale of the un-serviceable tube well spare parts is to be held in the conference hall of the Panchayat Samiti, Sheragada on Dt 30.09.2024 in "as is where basis". The materials consists of wasted 32mm riser pipes,12mm connecting rods, heads, handles, pedestals, cylinder body, water chambers & T&P materials which are generally used in tube wells & PWS. All the materials are lying at the open store of RWS&S section office, Sheragada. The interested bidders are to attend the open auction which is to be held in the conference hall of Panchayat Samiti, Sheragada on the said date at 10.30 a.m.

**Terms & conditions of the Auction Process:-**
1) The upset price of the unserviceable spare parts are fixed as Rs.31.50/-(Rupees thirty one & fifty paisa only)per kg of material by the auction sale committee of the Panchayat Samiti.
2) The interested bidders may verify the materials in the store with permission of this office during the office hour up to dt29/09/2024(working days only).
3) Interested bidders participating in the auction have to deposit a security amount of Rs.50000.00 (Rupees fifty thousand only) in shape of DD by the name of B.D.O, Sheragada before the auction starts otherwise they will not be entitled to take part in the auction process.
4) The security deposit of all the bidders except the successful bidder will be refunded after the auction process is over.
5) The successful bidder is required to deposit an amount together with security money amounting to 25% of bid value within 24 hour towards EMD. Failing deposit of EMD his security amount will be forfeited.
6) The successful bidder has to shift-off the materials from the store within 7 working days at his own risk by weighing the materials & depositing the requisite amount in the TFC Bank account of this office after deduction of the cost of advertisement.(Newspaper)
7) The undersigned reserves the right of cancellation of this notice anytime without assigning any reason thereof.

**Sd./-Block Development Officer,Sheragada**



## ORISSA STATE AIDS CONTROL SOCIETY
**Department of Health & Family Welfare, Govt. of Odisha**

Tender No. 2723/OSACS Date 05.09.2024
File No.: XV-Proc.-30/2023 No.E-289

### ADVERTISEMENT
### For Hiring of Social Media Management Agency

Orissa State AIDS Control Society (OSACS), H & FW Deptt., Govt. of Odisha, 2nd Floor, Oil Odisha Building, Nayapalli, Bhubaneswar-12 invites sealed tenders / proposals under two **bid systems** from the interested and eligible bidders for **Hiring of Social Media Management Agency upto end of the current Financial Year, which may be extendable further for another one year** on the same rates, terms and conditions, with mutual consent of both parties & performance of the selected organization. The required documents in prescribed formats should be submitted to the address as mentioned above through **Registered Post / Speed Post / Courier** only. For more details, please visit website of OSACS (**www.osacs.nic.in**). The bid document may be downloaded from the above said website and the date of availability of document is **13.09.2024 from 11.00 A.M.** & closing date & time of receiving of sealed tender on or before **03.10.2024 upto 5.00 P.M.**

**Sd./- Project Director**
OIPR-10009/11/0005/2425



**FORM NO. 13**
**BEFORE THE DEBTS RECOVERY TRIBUNAL, CUTTACK, ORISSA**
**PLOT NO : C-71, SECTOR-7, C.D.A, CUTTACK, ODISHA**
**O.A. NO. 255 of 2023**

**HDFC Bank Limited** ..............**Applicant**
**-Versus-**
**Akshaya Kumar Pahi and Another** ...........**Defendant(s)**

**To,**
1. **Akshaya Kumar Pahi**, aged about 50 years, S/o-Parameswar Pahi, At-Jakhapura, Kalinga Nagar, Near Shiv Temple, Jajpur Road, Dist-Jagatsinghpur, Odisha-755026.
2. **Betun Kumar Jena**, aged about 47 years, S/o-Prafulla Kumar Jena, At-Jakhapura, Kalinga Nagar, Near Hingula Temple, Jajpur Road, Dist-Jajpur, Odisha-755026.

**SUMMONS BY PAPER PUBLICATION FOR SHOWING CAUSE TO WHY THE RELIEF PRAYED SHOULD NOT BE GRANTED**

Take notice that the Applicant has instituted an **O.A No. 255 OF 2023** in the Court of the Debts Recovery Tribunal at Cuttack for the recovery of **Rs.47,47,880.64/-** only together with current and future interest, costs and the other reliefs. The above mentioned defendant is therefore, directed to appear before this tribunal in person or through an Advocate or duly authorized agent in support of their defence to show cause within 30 days from the publication or on **09.10.2024** at **10.30 a.m.** as to why reliefs prayed for should not granted.

Take notice that in case of default, the applicant will be heard and determined in their absence.

Given under my hand and seal of this Tribunal on this **7th day of August, 2024**.

**(Nikhila Ranjan Pati)**
**Sd/- Registrar**

**ଶେୟାର ବଜାରରେ ଉତ୍ସାହ**

ନୂଆଦିଲ୍ଲୀ: ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ୪ର୍ଥ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇଛନ୍ତି। ବିଶେଷକରି ଗୁରୁବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୧୪୪୦ (୧୪୩୯.୫୫) ପଏଣ୍ଟ ବଢ଼ି ୮୨,୯୬୩ (୮୨,୯୬୨.୭୧) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୪୭୦ (୪୭୦.୪୫) ପଏଣ୍ଟ ବୃଦ୍ଧି ଘଟି ୨୫,୩୮୯ (୨୫,୩୮୮.୯୦) ଅଙ୍କରେ କାରବାର ଶେଷ ହୋଇଥିଲା।

**ଜନ୍ମଦିନର ଶୁଭେଚ୍ଛା**

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................


ଦିବ୍ୟାଂଶୀ
ପରିବାରବର୍ଗ


ଦୀପ୍ତି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଅଗଷ୍ଟରେ ବଢ଼ିଲା ଖୁଚୁରା ମୁଦ୍ରାସ୍ଫୀତି

ନୂଆଦିଲ୍ଲୀ,୧୨।୯
(ଅନୁରାଧା ମହାରଣା)

ଚଳିତବର୍ଷ ଅଗଷ୍ଟ ମାସରେ ଖୁଚୁରା ମୁଦ୍ରାସ୍ଫୀତି ହାର ୪ ପ୍ରତିଶତରୁ କମ୍ ରହିଛି। ଜୁଲାଇ ତୁଳନାରେ ଅଗଷ୍ଟରେ ଏହି ହାରରେ ବୃଦ୍ଧି ଘଟିଛି। ଜୁଲାଇରେ ଏହି ହାର ୩.୫୪ ପ୍ରତିଶତ ରହିଥିବାବେଳେ ଅଗଷ୍ଟରେ ୩.୬୫ ପ୍ରତିଶତ ରହିଛି। ଗତ ୫ ବର୍ଷ ମଧ୍ୟରେ ଖୁଚୁରା ମୁଦ୍ରାସ୍ଫୀତିର ଏହା ହେଉଛି ଦ୍ୱିତୀୟ ସର୍ବନିମ୍ନ ଆକଳନ। ଖାଦ୍ୟ ମୁଦ୍ରାସ୍ଫୀତି ହ୍ରାସ ହେତୁ ଖୁଚୁରା ମୁଦ୍ରାସ୍ଫୀତିରେ ଏହି ହ୍ରାସ ଘଟିଛି। କ୍ରମାଗତ ଦ୍ୱିତୀୟ ମାସ ପାଇଁ ଗ୍ରାହକ ମୂଲ୍ୟ ସୂଚକାଙ୍କ ଏହାର ସହନଶୀଳତା ବ୍ୟାଣ୍ଡ ୪ ପ୍ରତିଶତ ତଳେ ରହିଥିବାରୁ ଭାରତୀୟ ରିଜର୍ଭ ବ୍ୟାଙ୍କ( ଆର୍‌ବିଆଇ) ପାଇଁ ଏହା ଆଶ୍ୱସ୍ତିକର ସାବ୍ୟସ୍ତ ହୋଇଛି।



ସୂଚନା ଥାଉକି, ଅଗଷ୍ଟରେ ଖାଦ୍ୟ ମୁଦ୍ରାସ୍ଫୀତି ହାର ୫.୬୬ ପ୍ରତିଶତ ରହିଛି ଯାହାକି ଜୁଲାଇରେ ୫.୪୨ ପ୍ରତିଶତ ଥିଲା। ଜୁଲାଇ ତୁଳନାରେ ଅଗଷ୍ଟରେ ଖାଦ୍ୟ ମୁଦ୍ରାସ୍ଫୀତି ହାରରେ ସାମାନ୍ୟ ବୃଦ୍ଧି ଘଟିଛି। ୨୦୨୩ ଅଗଷ୍ଟରେ ଖାଦ୍ୟ ମୁଦ୍ରାସ୍ଫୀତି ହାର ୯.୯୩ ପ୍ରତିଶତ ଥିଲା। ଖୁଚୁରା ମୁଦ୍ରାସ୍ଫୀତିର ତଥ୍ୟ ପ୍ରକାଶକରି ପରିସଂଖ୍ୟାନ ମନ୍ତ୍ରଣାଳୟ କହିଛି , ୨୦୨୪ ଅଗଷ୍ଟରେ ଖାଦ୍ୟ ମୁଦ୍ରାସ୍ଫୀତି ୨୦୨୩ ଜୁନ୍ ପରଠାରୁ ସର୍ବନିମ୍ନ । ପରିସଂଖ୍ୟାନ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ଖୁଚୁରା ମୁଦ୍ରାସ୍ଫୀତି ତଥ୍ୟ ଅନୁଯାୟୀ, ଜୁଲାଇ ତୁଳନାରେ ଅଗଷ୍ଟ ୨୦୨୪ ରେ ପନିପରିବା ମୁଦ୍ରାସ୍ଫୀତିରେ ବୃଦ୍ଧି ଘଟିଛି। ପନିପରିବାର ମୁଦ୍ରାସ୍ଫୀତି ଅଗଷ୍ଟରେ ୧୦.୭୧ ପ୍ରତିଶତ ଥିଲା, ଯାହା ଜୁଲାଇରେ ୬.୮୩ ପ୍ରତିଶତ ଥିଲା। ଡାଲିର ମୁଦ୍ରାସ୍ଫୀତି ହାର ଅଗଷ୍ଟରେ ୧୩.୬୦ ପ୍ରତିଶତ ଥିଲା ଯାହା ଜୁଲାଇରେ ୧୪.୭୭ ପ୍ରତିଶତ ଥିଲା। ଶସ୍ୟ ଏବଂ ଆନୁଷଙ୍ଗିକ ଦ୍ରବ୍ୟର ମୁଦ୍ରାସ୍ଫୀତି ଅଗଷ୍ଟରେ ୭.୩୧ ପ୍ରତିଶତ ଥିଲା, ଯାହା ଜୁଲାଇରେ ୮.୧୪ ପ୍ରତିଶତ ଥିଲା। ଚିନିର ମୁଦ୍ରାସ୍ଫୀତି ହାର ୪.୭୦ ପ୍ରତିଶତ ହୋଇଛି ଯାହା ଜୁଲାଇରେ ୫.୨୨ ପ୍ରତିଶତ ଥିଲା। ଅଣ୍ଡାର ମୁଦ୍ରାସ୍ଫୀତି ହାର ବୃଦ୍ଧି ପାଇଛି ଏବଂ ଏହା ୭.୧୪ ପ୍ରତିଶତ ହୋଇଛି ଯାହା ଜୁଲାଇରେ ୬.୭୬ ପ୍ରତିଶତ ଥିଲା। କ୍ଷୀର ଏବଂ ଏହାର ଆନୁଷଙ୍ଗିକ ଦ୍ରବ୍ୟର ମୁଦ୍ରାସ୍ଫୀତି ହାର ୨.୯୮ ପ୍ରତିଶତ ହୋଇଥିବାବେଳେ ମାଂସ ଏବଂ ମାଛର ମୁଦ୍ରାସ୍ଫୀତି ହାର ୪.୩୦ ପ୍ରତିଶତ ରହିଛି। ସେହିପରି ଅଗଷ୍ଟରେ ଖୁଚୁରା ମୁଦ୍ରାସ୍ଫୀତି ହାର ୩.୬୫ ପ୍ରତିଶତ ହୋଇଛି ଏବଂ ଏହା କ୍ରମାଗତ ଦ୍ୱିତୀୟ ମାସ ଯେତେବେଳେ ମୁଦ୍ରାସ୍ଫୀତି ହାର ଆରବିଆଇର ୪ ପ୍ରତିଶତ ସହନଶୀଳତା ବ୍ୟାଣ୍ଡ ତଳେ ରହିଛି।

## ଘରୋଇ ଶିଳ୍ପ ଉତ୍ପାଦନ ଗତି ମନ୍ଥର

ଦେଶରେ ଶିଳ୍ପ ଉତ୍ପାଦନ(ଆଇଆଇପି)ର ଗତି ମନ୍ଥର ହୋଇଥିବା ଜଣାପଡ଼ିଛି। ଚଳିତ ବର୍ଷ ଜୁଲାଇରେ ଆଇଆଇପି ଅଭିବୃଦ୍ଧି ହାର ୪.୮ ପ୍ରତିଶତ ରହିଛି ଯାହାକି, ଗତ ବର୍ଷ ୨୦୨୩ ଅଗଷ୍ଟରେ ୫.୩ ପ୍ରତିଶତ ଥିଲା। ଜୁନ୍‌ରେ ଆଇଆଇପି ଅଭିବୃଦ୍ଧି ହାର ୪.୭ ପ୍ରତିଶତ ଥିଲା। ଜୁଲାଇ ମାସରେ ଖଣି, ଉତ୍ପାଦନ ଏବଂ ବିଦ୍ୟୁତ୍ କ୍ଷେତ୍ର ଆଇଆଇପିର ଅଭିବୃଦ୍ଧି ହାରରେ ଯଥେଷ୍ଟ ଅବଦାନ ରଖିଛି । ଚଳିତ ଆର୍ଥିକ ବର୍ଷର ୨୦୨୪-୨୫ର ପ୍ରଥମ ୪ମାସ ମଧ୍ୟରେ ଶିଳ୍ପ ଉତ୍ପାଦନ ୫.୨ ପ୍ରତିଶତ ହାରରେ ବୃଦ୍ଧି ପାଇଛି ଏବଂ ଏହା ୧ ବର୍ଷ ପୂର୍ବେ ସମାନ ଅବଧିରେ ୫.୧ ପ୍ରତିଶତ ହାରରେ ବୃଦ୍ଧି ପାଇଛି। ପରିସଂଖ୍ୟାନ ମନ୍ତ୍ରଣାଳୟ ଇଣ୍ଡେକ୍ସ ଅଫ୍ ଇଣ୍ଡଷ୍ଟ୍ରିଆଲ ପ୍ରଡକ୍ସନର ତଥ୍ୟ ଅନୁଯାୟୀ ଜୁଲାଇରେ ଖଣି କ୍ଷେତ୍ର ୩.୭ ପ୍ରତିଶତ ଅଭିବୃଦ୍ଧି ଦେଖାଇଛି। ଉତ୍ପାଦନ କ୍ଷେତ୍ରର ଅଭିବୃଦ୍ଧି ହାର ୪.୬ ପ୍ରତିଶତ ଏବଂ ଅଭିବୃଦ୍ଧି ହାର ବିଦ୍ୟୁତ୍ କ୍ଷେତ୍ରର ୭.୯ ପ୍ରତିଶତ ରହିଛି।

# କୋମଲଙ୍କୁ ଜେମ୍‌ସ ଡାଇସନ ଆୱାର୍ଡ

ଭୁବନେଶ୍ୱର,୧୨।୯: (ଅଭୟ ଦାଶ)

ଅତ୍ୟାଧୁନିକ ଜ୍ଞାନକୌଶଳ ଓ ଅଭିନବ ଉଦ୍ଭାବନ ପାଇଁ ଓଡ଼ିଶାର ଛାତ୍ରୀ କୋମଳ ପଣ୍ଡାଙ୍କୁ ସମ୍ମାନଜନକ ଜେମ୍‌ସ ଡାଇସନ ଆୱାର୍ଡ-୨୦୨୪ ଭାରତର ଜାତୀୟ ବିଜେତା ଭାବେ ଘୋଷଣା କରାଯାଇଛି। ଏପରିକି ତାଙ୍କର ଉଦ୍ଭାବନ 'ନୋଭୋକ୍ୟାରି' ଏକ ପୋର୍ଟେବଲ କୁଲିଂ କ୍ୟାରିୟରକୁ ସର୍ବଭାରତୀୟସ୍ତରର (ଦେଶବ୍ୟାପୀ) ଏକାଧିକ ଉଦ୍ଭାବନଗୁଡିକ ମଧ୍ୟରେ ଚୟନ କରାଯାଇଛି, ଯାହା ଇନ୍‌ସୁ୍ୟଲିନ ଓ ଅନ୍ୟାନ୍ୟ ତରଳ ଔଷଧକୁ ଇଚ୍ଛା ମୁତାବକ ତାପମାତ୍ରାରେ ରଖିବା ପାଇଁ ସାହାଯ୍ୟ କରିଥାଏ। ଭାରତର ଜାତୀୟ ବିଜେତା କୋମଲ ଏହି ପୁରସ୍କାର ବାବଦରେ ପ୍ରାୟ ୫ ଲକ୍ଷ ଟଙ୍କା (୫୦୦୦ ୟୁରୋ) ର ଅର୍ଥରାଶି ପାଇବେ।

ସେହିଭଳି ଜେମ୍‌ସ ଡାଇସନ ଆୱାର୍ଡ (ଜେଡିଏ) ସରଳ ତଥାପି ପ୍ରଭାବୀ ଇଞ୍ଜିନିୟରିଂ ସିଦ୍ଧାନ୍ତଗୁଡିକର ବ୍ୟବହାରକରି ସ୍ୱଦେଶୀ ସମାଧାନ ପ୍ରସ୍ତୁତ କରିବା ପାଇଁ ୩୦ଟି ଦେଶରୁ ଛାତ୍ରୀଛାତ୍ରଙ୍କଠାରୁ ଆବେଦନ ଆହ୍ୱାନ କରିଥିଲା। ଏପରିକି ଭାରତରେ ୨୦୨୪ ସଂସ୍କରଣ ପାଇଁ ଉଲ୍ଲେଖନୀୟ ଉଦ୍ଭାବନ କୌଶଳର ଏକ ଉତ୍ତମ ପ୍ରଦର୍ଶନୀ ଥିଲା, ଯେଉଁଥିରେ ଯୁବ ଇଞ୍ଜିନିୟରମାନେ ବାସ୍ତବ ଦୁନିଆର ସମସ୍ୟାଗୁଡିକ ପାଇଁ ଅଭିନବ ସମାଧାନ ଉପସ୍ଥାପନ କରିଥିଲେ। ସେହିପରି ନୋଭୋକ୍ୟାରିର ଆଧୁନିକ କୁଲିଂ ଟେକ୍ନୋଲୋଜି ସୀମିତ ବିଜୁଳି ସୁବିଧା ଥିବା ଅଞ୍ଚଳରେ ମଧ୍ୟ ଦୀର୍ଘ ଦୂରତାର ଯାତ୍ରା ସମୟ ସହ ଇନ୍‌ସୁ୍ୟଲିନ୍‌ର ପୋର୍ଟେନ୍ସିକୁ ସଂରକ୍ଷିତ ରଖିଥାଏ ଏବଂ ଏହାର ଶକ୍ତିଶାଳୀ ବ୍ୟାଟେରି ଏକ ଚାର୍ଜିଂ ଷ୍ଟେଶନ ଭାବେ ୨ ଗୁଣ ବୃଦ୍ଧି ହୋଇଥାଏ।

ଏ ସମ୍ପର୍କରେ ଡାଇସନର ବରିଷ୍ଠ ଡିଜାଇନର ମ୍ୟାନେଜର ନାଥନ ଲ'ସନ ମ୍ୟାକ୍‌ଲିନ କହିଛନ୍ତି, ଡିଜାଇନ ଇଞ୍ଜିନିୟରିଂଙ୍କ ନିକଟରେ ସମଗ୍ର ବିଶ୍ୱକୁ ରୂପାନ୍ତର କରିବାର ଶକ୍ତି ରହିଛି। ଜେମ୍‌ସ ଡାଇସନ ଆୱାର୍ଡ କେବଳ ଅଭିନବ ସମାଧାନଗୁଡିକୁ ସ୍ୱୀକୃତି ପ୍ରଦାନ କରିବା ପାଇଁ ନୁହେଁ ବରଂ ଏହା ଇଞ୍ଜିନିୟରମାନଙ୍କର ପରବର୍ତ୍ତୀ ପିଢ଼ିକୁ ସୃଜନଶୀଳ ଭାବେ ଚିନ୍ତାକରିବା ଏବଂ ଭବିଷ୍ୟତର ଆହ୍ୱାନଗୁଡ଼ିକର ମୁକାବିଲା କରିବା ପାଇଁ ଅନୁପ୍ରାଣିତ କରିଥାଏ।

**ଜନ୍ମଦିନ ଶୁଭେଚ୍ଛା**



**ଦିବ୍ୟାଂଶୀ ଦାସ**
ପିତା: ଅଞ୍ଜନ କୁମାର ଦାସ । ମାତା: ବନ୍ଦିତା ରାଣୀ ଦାସ

ଦୈବ୍ୟ ଅଂଶ ହୋଇ ଜାତ ହୋଇଅଛ
ଦିବ୍ୟାଂଶୀ ହୋଇଛି ନାମ
କଳାକାର ଗୁଣ ଭରପୁର ତୁମେ
ଅପୂର୍ବ ତୁମରି କାମ
କୁନି ମୁଖେ ତୁମ ସଦା ରହିଅଛି
ହସ କିରିକିରି ଭରି
ସବୁଦିନ ପାଇଁ ସେହି ହସକୁ ଯେ
ବଜାୟ ରଖିବେ ହରି

ଧ-୧୩୧୪

**CLASSIFIED DISPLAY**
MORE SPACE • SAME PRICE
TARIFF | GST 5%

**ମାଗଣା ସାଙ୍କେତିକ ଭାଷା ତାଲିମ କୋର୍ସ**
**(FREE SIGN LANGUAGE TRAINING COURSE)**

ଓଡ଼ିଶା ରାଇଜିଂ ଫାଉଣ୍ଡେସନ୍ ପକ୍ଷରୁ ମାଗଣା ୩ ମାସିଆ Sign Language କୋର୍ସ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ (ଏସ୍‌ଏସ୍‌ପିଡି) ବିଭାଗ, ଓଡ଼ିଶା ଏବଂ ଅଲି ୟାଭର୍ ଜଙ୍ଗ ନ୍ୟାସନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସ୍ପିଚ୍ ଆଣ୍ଡ୍ ଶ୍ରବଣ ଅକ୍ଷମତା (ଦିବ୍ୟାଙ୍ଗ), ଆଞ୍ଚଳିକ କେନ୍ଦ୍ର, ଯାଆଁଳା, ଖୋର୍ଦ୍ଧାର ସହାୟତାରେ ଓଡ଼ିଶାର ଭୁବନେଶ୍ୱରଠାରେ ଆରମ୍ଭ ହେବାକୁ ଯାଉଛି। ଏହି କୋର୍ସ ଏକ ସାର୍ଟିଫିକେସନ କୋର୍ସ ଅଟେ। କୋର୍ସ ସମୟ ସୀମା ମଧ୍ୟରେ ମାଗଣା ହଷ୍ଟେଲ ଏବଂ ଖାଦ୍ୟର ବ୍ୟବସ୍ଥା ରହିବ।

ଆମକୁ
info@odisharisin.inରେ
Mail କରନ୍ତୁ।
ଅଥବା ଆମ ୱେବ୍‌ସାଇଟ୍
www.odisharising.in
ଭିଜିଟ୍ କରି registration କରନ୍ତୁ।

**ଓଡ଼ିଶା ରାଇଜିଂ ଫାଉଣ୍ଡେସନ୍**

ପାଠକଙ୍କ ପାଇଁ ସୂଚନା କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ସ୍ୱାଇଲଗୋଲ୍ଡରୁ ଟିଭିଏସ୍ ଜୁପିଟର ଜିତିଲେ ସ୍ନେହଲତା



ଭୁବନେଶ୍ୱର,୧୨।୯: (ଅଭୟ ଦାଶ)

ରାଜ୍ୟର ଅଗ୍ରଣୀ ଅଳଙ୍କାର ପ୍ରତିଷ୍ଠାନ ସ୍ୱାଇଲଗୋଲ୍ଡର ବହୁ ପ୍ରତୀକ୍ଷିତ 'ବମ୍ପର ଲକି ଡ୍ର'ର ଉଠାଣ ସାଙ୍ଗକୁ ବିଜେତାଙ୍କ ନାମ ଘୋଷଣା କରାଯାଇଛି।

ଉଲ୍ଲେଖଯୋଗ୍ୟ, ପ୍ରତିବର୍ଷ ରାମନବମୀ ଅବସରରେ ବମ୍ପର ଲକି ଡ୍ରର ଶୁଭାରମ୍ଭ କରାଯାଇଥିଲାବେଳେ ପାର୍ବଣ ପୂର୍ବରୁ ଉକ୍ତ ଲକି ଡ୍ରର ଉଠାଣ କରାଯାଇଥାଏ। ଏପରିକି ଚଳିତ ବର୍ଷର ବିଜେତା

### ହୀରା ମୁଦି ଜିତିଲେ ଦୀପ୍ତିରଞ୍ଜନ

ଭୁବନେଶ୍ୱରର ଗ୍ରାହକ ସ୍ନେହଲତା ନାୟକ ପ୍ରଥମ ବିଜେତା ଭାବେ ଆକର୍ଷଣୀୟ ଟିଭିଏସ୍ ଜୁପିଟର ଜିତିଥିଲାବେଳେ ୨ୟ ବିଜେତା ଦୀପ୍ତିରଞ୍ଜନ ଭୋଳ ହୀରାମୁଦି ଜିତିଥିଲେ। ଅପରପକ୍ଷରେ ରାଜ୍ୟର ବିଭିନ୍ନ କୋଣରୁ ୧୦ଜଣ ଭାଗ୍ୟଶାଳୀ ଗ୍ରାହକ ଏହି ଲକି ଡ୍ର ଜରିଆରେ ଗ୍ରାଇଣ୍ଡର ଜିତିଥିଲାବେଳେ ୧୦ ଜଣ ଗ୍ରାହକ ସ୍ମାର୍ଟୱାଚ୍ ଜିତିଛନ୍ତି। ଏହି ପରିପ୍ରେକ୍ଷୀରେ ଆୟୋଜିତ ଏକ ସ୍ୱତନ୍ତ୍ର ସମ୍ମାନ ଉତ୍ସବରେ ଯୋଗଦେଇ ସ୍ୱାଇଲଗୋଲ୍ଡର ଏମ୍‌ଡି ଇଂ. ବାବୁରାମ ସ୍ୱାଇଁ ବିଜେତାମାନଙ୍କୁ ପୁରସ୍କୃତ କରିବା ସହ ଧନ୍ୟବାଦ ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାମାଜିକ କର୍ମୀ ଜାପାନୀ ରାଉତରାୟ, ଜିବୁରାମ ସାହୁଙ୍କ ସମେତ ସ୍ୱାଇଲଗୋଲ୍ଡ ପରିବାର ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ଓରିଏଣ୍ଟାଲ ଇନ୍‌ସ୍ୟୁରାନ୍ସର ପ୍ରତିଷ୍ଠା ଦିବସ

ଭୁବନେଶ୍ୱର,୧୨।୯: (ଅଭୟ ଦାଶ)

ଓରିଏଣ୍ଟାଲ୍ ଇନ୍‌ସ୍ୟୁରାନ୍ସ କମ୍ପାନୀ ଲିମିଟେଡ୍‌ର ୭୮ତମ ପ୍ରତିଷ୍ଠା ଦିବସ ନିକଟରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀର ଭୁବନେଶ୍ୱରସ୍ଥିତ କ୍ଷେତ୍ରୀୟ କାର୍ଯ୍ୟାଳୟଠାରେ କେୟାର ହସ୍ପିଟାଲ ଓ ହେରିଟେଜ୍ ହେଲ୍‌ଥ ଇନ୍‌ସ୍ୟୁରାନ୍ସ ଟିପିଏ ପ୍ରାଇଭେଟ୍ ଲିମିଟେଡ୍‌ର ମିଳିତ ସହଯୋଗରେ ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିରର ଆୟୋଜନ କରାଯାଇଥିଲା। ଏହି ଶିବିରକୁ କମ୍ପାନୀର ଉପମହାପ୍ରବନ୍ଧକ ଜେ.ଏନ୍. ସେଠୀ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ସେହିଭଳି ଏହି ଶିବିର ଜରିଆରେ କମ୍ପାନୀ କର୍ମଚାରୀ ଓ ଅନ୍ୟମାନଙ୍କର ବିପି, ଡାଇବେଟିସ୍, ଚକ୍ଷୁ, ଦାନ୍ତ ଏବଂ ହାର୍ଟ ଆଦିର ପ୍ରାଥମିକ ପରୀକ୍ଷା କରାଯାଇଥିଲା। ଏହି ଅବସରରେ କ୍ଷେତ୍ରୀୟ କାର୍ଯ୍ୟାଳୟଠାରେ ଏକ ବିଶେଷ ବୈଠକର ଆୟୋଜନ କରାଯାଇଥିଲା। ଏଥିରେ କ୍ଷେତ୍ରୀୟ କାର୍ଯ୍ୟାଳୟର ସମସ୍ତ କର୍ମଚାରୀଙ୍କ ସହ ଅନ୍ୟ ଶାଖା କାର୍ଯ୍ୟାଳୟର କର୍ମଚାରୀମାନେ ମଧ୍ୟ ଯୋଗଦେଇଥିଲେ। ଏହି ପରିପ୍ରେକ୍ଷୀରେ ଉତ୍ତମ ଗ୍ରାହକ ସେବା ଯୋଗାଇଦେବା ସହ ହିତାଧିକାରୀଙ୍କ ଦାବି ଓ ଅଭିଯୋଗ ସମାଧାନ ଆଦି ଉପରେ ବିଶେଷ ଗୁରୁତ୍ୱ ଦେବା ପାଇଁ ସେଠୀ ପରାମର୍ଶ ଦେଇଥିଲେ।



କ୍ଷେତ୍ରୀୟ କାର୍ଯ୍ୟାଳୟଠାରେ ଆୟୋଜିତ ବୈଠକରେ କମ୍ପାନୀର ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

**STAR MANAGEMENT COLLEGE**
Courses Offered
B.Sc (Comp. Sc) Hons
BBA / BCA
MA PMIR
FREE Course Fees & Hostels for SC / ST Students
Contact for more Details :-
0674-2595970, 9337835703, 9937337659
Address: Forestpark, Bhubaneswar-751009

# ପାର୍ବଣ ପୂର୍ବରୁ ନଥିଙ୍ଗ୍ ଇଣ୍ଡିଆର ସର୍ଭିସ୍ ସେଣ୍ଟର ନେଟ୍‌ୱର୍କ ବିସ୍ତାର

ନୂଆଦିଲ୍ଲୀ,୧୨।୯: (ଅଭୟ ଦାଶ)

ଦେଶର ପ୍ରମୁଖ ସ୍ମାର୍ଟଫୋନ୍ ବ୍ରାଣ୍ଡ ତଥା ଲଣ୍ଡନ କଞ୍ଜ୍ୟୁମର ଟେକ୍ 'ନଥିଙ୍ଗ୍'ର ବହୁ ପ୍ରତୀକ୍ଷିତ ପ୍ରକଳ୍ପ 'ସର୍ଭିସ୍ ସେଣ୍ଟର ନେଟ୍‌ୱର୍କ'ର ସମ୍ପ୍ରସାରଣ ଭାରତୀୟ ବଜାରରେ ଜାରି ରହିଛି। ଏପରିକି ପାର୍ବଣ ପୂର୍ବରୁ ନଥିଙ୍ଗ୍ ଇଣ୍ଡିଆର ସର୍ଭିସ୍ ସେଣ୍ଟର ନେଟ୍‌ୱର୍କ ବିସ୍ତାର କାର୍ଯ୍ୟ ଶେଷ ହୋଇଯାଇଥିବା ସମ୍ପର୍କରେ ଘୋଷଣା କରାଯାଇଛି। ସେହିଭଳି ବ୍ରାଣ୍ଡର ବଢୁଥିବା ଗ୍ରାହକ ଭିତ୍ତିଭୂମିକୁ ଉନ୍ନତ କରିବା ଓ ନୂତନ ସର୍ଭିସ୍ ସେଣ୍ଟର ସହ ନେଟ୍‌ୱର୍କର ସମ୍ପ୍ରସାରଣ କରିବାକୁ କମ୍ପାନୀ ଗୁରୁତ୍ୱ ଦେଉଛୁ। ଚଳିତ ବର୍ଷ ଅକ୍ଟୋବରରେ ନଥିଙ୍ଗ୍ ଇଣ୍ଡିଆ ହାଇଦ୍ରାବାଦ ଏବଂ ଚେନ୍ନାଇଠାରେ ଦୁଇଟି ନୂଆ ସ୍ୱତନ୍ତ୍ର ସେବା କେନ୍ଦ୍ର ଖୋଲିବ,ଯାହା ଦେଶବ୍ୟାପୀ ସମୁଦାୟ ୩ରୁ ୫ ସ୍ୱତନ୍ତ୍ର ସେବା କେନ୍ଦ୍ରକୁ ବୃଦ୍ଧି କରିବ। ଏହାବ୍ୟତୀତ କମ୍ପାନୀର ୫ଟି ମଲ୍ଟି ବ୍ରାଣ୍ଡ ସର୍ଭିସ୍ ସେଣ୍ଟରଠାରେ ପ୍ରାୟୋରିଟି ଏକ୍ସକ୍ଲୁସିଭ୍ ସର୍ଭିସ୍ ଡେସ୍କ ରହିବ। ସେହିଭଳି କୋଲକାତା ଏବଂ ଗୁରଗାଓଁଠାରେ ସେଣ୍ଟରଗୁଡିକ କାର୍ଯ୍ୟକ୍ଷମ ହୋଇସାରିଛି ଏବଂ କୋଚିନ, ଅହମ୍ମଦାବାଦ ଏବଂ ଲକ୍ଷ୍ନୌଠାରେ ନୂତନ ପ୍ରାୟୋରିଟି ଡେସ୍କ ପ୍ରତିଷ୍ଠା କରାଯାଉଛି। ଏହି ସୁବିଧାଗୁଡ଼ିକ ଗ୍ରାହକମାନଙ୍କୁ ଶୀର୍ଷସ୍ତରୀୟ ସେବା ପ୍ରଦାନ କରିଥାଏ, ଯାହା ଏକ ନିରବଚ୍ଛିନ୍ନ, ଦ୍ରୁତ ଏବଂ ଦକ୍ଷ ଅଭିଜ୍ଞତାକୁ ସୁନିଶ୍ଚିତ କରିଥାଏ। ଏପରିକି ନଥିଙ୍ଗ୍ ଇଣ୍ଡିଆ ସାରା ଦେଶରେ ୧୮,୦୦୦ ପିନ୍‌କୋଡ୍‌କୁ ଅନ୍ତର୍ଭୁକ୍ତ କରିଥିବାବେଳେ ପିକ୍‌ଅପ୍ ଏବଂ ଡ୍ରପ୍ ସେବା ପ୍ରଦାନ କରିଆସୁଛି।

ଏ ସମ୍ପର୍କରେ ନଥିଙ୍ଗ୍ ଇଣ୍ଡିଆର ମାର୍କେଟିଂ ହେଡ୍ ପ୍ରଣୟ ରାଓ କହିଛନ୍ତି, ଅତୁଳନୀୟ ଗ୍ରାହକ ସେବା ଯୋଗାଇବା ପାଇଁ ନଥିଙ୍ଗ୍ ଇଣ୍ଡିଆ ପ୍ରତିଶ୍ରୁତିବଦ୍ଧ ରହିଛି।

**Classified Everyday**
**0674-2580101, 2549949**


**REAL ESTATE**

**SALE**

Gharabari Converted Plots Available Near Hitech Square Sundarpada Bhubaneswar. For More Details Contact- 9937846404, 9437192512. D-1313

Three Storied furnished building at Jayadurga Nagar, Bomikhal, Bhubaneswar for 2.40 Crores. (Brokers excuse). 8917520527. D-1309

ପୁରୀ ମାଳତିପାଟପୁର ବସ୍‌ଷ୍ଟାଣ୍ଡ ପାଖ NHରୁ 1 Km. ଦୂରରେ low cost plot କିଣି immediate ଘର କରନ୍ତୁ। 9692213354. ଧ-୭୫୭୮୨

ଭୁବନେଶ୍ୱର Sum Hospital ଘଙ୍ଗାପାଟଣାରେ 30 ଫୁଟ୍ ରାସ୍ତା ଥାଇ ସ୍ଥିତିବାନ୍ plot କିଣନ୍ତୁ। 6372851880. D-71076

1BHK Ready to move in flats available in Hi-Tech Brundaban Project near Batamangala Temple, Puri Town. 9439368599, 8249877810. D-1312

**LEASE**

Require Holiday Home, Homestay, Guest house on Lease/Rent. Contact- 9831505715. D-1291




Newly open health benefits SPA special offer @ 999 Bapuji Nagar. 8018429809. D-76153

Kerala body Massage therapy Male/Female any person. Bhubaneswar. 9337672475. D-1285

Newly open spa positively health benefits with expert therapist. 8658466886. D-76152

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**LOST**

It is notified for information of general public that the original Supplementary Lease Deed of the land for commercial purpose in the capital area of Bhubaneswar vide No. 1434 dated 17/02/2006, which was executed by Government of Odisha (G.A. Department) in favour of Medirad Tech India Limited, is missing. Finder/possessor please contact Mr. Divyaprakash Dubey( Company Secretary) Ph. 9029360641. D-1316

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**AFFIDAVIT**

ମୁଁ ଚିନ୍ମୟ ନାୟକ, ପି- କୈଳାଶ ଚନ୍ଦ୍ର ନାୟକ, ସା/ପୋ- ଖଲର୍ଦ୍ଧା, ଥାନା- କଟକ ସଦର, ଜିଲ୍ଲା- କଟକ ଏତଦ୍ୱାରା ମାନ୍ୟବର ଏକ୍‌ଜିକ୍ୟୁଟିଭ୍ ମ୍ୟାଜିଷ୍ଟ୍ରେଟ୍, କଟକ (ଭାୟା ଆଫିଡେଭିଟ୍ ନଂ.-2100/2024, ତା ୦୯।୦୫।୨୦୨୪) କୋର୍ଟଙ୍କ ମାଧ୍ୟମରେ ଘୋଷଣା କରୁଛିକି ମୋର ଟାଇଟଲ ନାୟକ ପରିବର୍ତ୍ତେ ଆଚାର୍ଯ୍ୟ ରୂପେ ଆଜିଠାରୁ ପରିଚିତ ହେବି। ତେଣୁ ଚିନ୍ମୟ ନାୟକ ଓ ଚିନ୍ମୟ ଆଚାର୍ଯ୍ୟ କେବଳ ଜଣେ ଆଉ ସେ ମୁଁ ଅଟେ। ଧ-୧୩୧୯

I, Monarama Rout, W/o- Shubhajit Sarangi, Residing at Plot No.- 59, 60/1012, Beguniabarehi, near Kendriya Vihar, P.O./P.S.- Tamando, Bhubaneswar, Odisha, PIN- 752054 have changed my name to MONARAMA SARANGI for all future purposes. D-75783

By virtue of an affidavit sworn before Executive Magistrate, Bhubaneswar dated 12.09.2024 I, Priyanka Malik, D/o- Duryodhan Malik, Vill- Santrapur, P.O.- Maharampur, P.S.- Tihidi, Dist.- Bhadrak (Odisha), Pin- 756127, declare that I have changed my name from Panchali Malik to Priyanka Malik. Henceforth, I shall be known as Priyanka Malik for all purposes. D-1315

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

**ମନେ ପଡ଼ନ୍ତି**

ନବମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ଅକ୍ଷୟ କୁମାର ମହାକୁଡ
ଆବିର୍ଭାବ: ତା ୧୫।୦୫।୧୯୬୪
ତିରୋଧାନ: ତା ୧୩।୦୯।୨୦୧୫
ତୁମେ ଥିଲ ଜଣେ ବିଶିଷ୍ଟ କର୍ମଚାରୀ ନେତା, ଡି.ଏ.ଭି. ଆନ୍ଦୋଳନର କର୍ଣ୍ଣଧାର, ଦକ୍ଷ ତଥା ଉଚ୍ଚାଦର୍ଶବାଦୀ ସଚିବାଳୟ ଅଧିକାରୀ, ପରୋପକାରୀ ଓ ସମାଜସେବୀ। ଠିକ୍ ଆଜିର ଦିନରେ ଆମକୁ ଛାଡ଼ି ଚାଲିଗଲ। ତଥାପି ଆମ ପାଖେପାଖେ ଥିଲା ଭଳି ଲାଗୁଛ।
ଈଶ୍ୱରଙ୍କ କୋଳରେ ଶାନ୍ତିରେ ଥାଇ ଆମ୍ଭମାନଙ୍କୁ ଆଶୀର୍ବାଦ କରୁଥାଅ ।
ଶୋକସନ୍ତପ୍ତ: ହତଭାଗ୍ୟ ପିତା, ମାତା, ଭ୍ରାତା, ଭଗ୍ନୀ, ପତ୍ନୀ, କନ୍ୟାଗଣ, ପୁତ୍ର, ପରିବାର ଓ ବନ୍ଧୁପରିଜନ ।
ଧ-୧୩୧୦

# ଗ୍ରାମ୍ୟ ଉନ୍ନୟନ ରାସ୍ତା ମାପଚୁପକୁ ବିରୋଧ

## ଅଧାରୁ ଛାଡ଼ି ପଳାଇଲେ ଅଧିକାରୀ

**ରସୁଲପୁର,୧୨।୯(ରଞ୍ଜିତ ରାଉତ):**

ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନ ବାରବାଟୀ-ରସୁଲପୁର ରାସ୍ତା ନିର୍ମାଣ କାର୍ଯ୍ୟ ସମ୍ପନ୍ନ ହୋଇଛି। ଉକ୍ତ କାର୍ଯ୍ୟକୁ ମାପଚୁପ୍ କରାଯିବା ପରେ ଠିକାଦାରଙ୍କୁ ବିଲ୍ ପୈଠ କରିବା ପାଇଁ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଉଛି। ଏନେଇ ବିଭାଗୀୟ ଅଧିକାରୀମାନେ ବାରବାଟୀ ବଜାର ନିକଟ ରାସ୍ତାର ସ୍ଥିତି ଯାଞ୍ଚ କରିବା ସହ ମାପଚୁପ୍ କରିଛନ୍ତି। ତେବେ ରାସ୍ତା ନିର୍ମାଣ କାର୍ଯ୍ୟ ନିମ୍ନମାନର ହୋଇଥିବା ଓ ନିର୍ମାଣକୁ ମାସ କେଇଟା ନ ପୁରୁଣୁ ରାସ୍ତା ଧୋଇଯିବାରୁ ମାପଚୁପ୍‌କୁ ଗ୍ରାମବାସୀ ବିରୋଧ କରିଛନ୍ତି। ରାସ୍ତା ନିର୍ମାଣ କାର୍ଯ୍ୟ ଠିକ୍ ଢଙ୍ଗରେ କରାଯିବା ସହ ଭାଙ୍ଗି ଯାଇଥିବା ରାସ୍ତାକୁ ତୁରନ୍ତ ମରାମତି କରାଯିବାକୁ ଗ୍ରାମବାସୀ ଦାବି କରିଛନ୍ତି।

ବାରବାଟୀ-ରସୁଲପୁର ରାସ୍ତାର ୫.୨୨୦କି.ମି. ରାସ୍ତାର ଉନ୍ନତୀକରଣ ପାଇଁ ୩୧୧.୪୫ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଥିଲା। ଉକ୍ତ ଅର୍ଥରେ ୩.୭୦୦କି.ମି. ପିଚୁ ରାସ୍ତା, ୧୫.୨୦କି.ମି. ପକ୍କା ରାସ୍ତା ଓ ୮ କଲଭର୍ଟ ନିର୍ମାଣର ପ୍ରାବଧାନ ରହିଥିଲା। କାର୍ଯ୍ୟ ଆରମ୍ଭ ଦିବସ ୧୭-୦୯-୨୦୨୨ ଓ ଶେଷ ତାରିଖ ୧୧-୦୬-୨୦୨୩କୁ ଧାର୍ଯ୍ୟ କରାଯାଇଥିଲା। ନିର୍ମାଣ ଦାୟିତ୍ୱ ଏମ୍ଏସ ମା' ସନ୍ତୋଷୀ କନଷ୍ଟ୍ରକଶନ ଠିକାସଂସ୍ଥାକୁ ଦିଆଯାଇଥିଲା। ରାସ୍ତାର ରକ୍ଷଣାବେକ୍ଷଣ କାର୍ଯ୍ୟ ୫ବର୍ଷ ପର୍ଯ୍ୟନ୍ତ କରାଯିବ ଓ ପ୍ରତ୍ୟେକ ବର୍ଷ କେଉଁ ସବୁ କାର୍ଯ୍ୟକୁ ଏବଂ କେତେଥର ମରାମତି କରାଯିବ ସେଥିପାଇଁ ବ୍ୟୟଅଟକଳରୁ ୨୫.୦୮ଲକ୍ଷ ଟଙ୍କା ସଂରକ୍ଷିତ ରଖାଯାଇଛି ବୋଲି ସୂଚନା ଫଳରେ ଉଲ୍ଲେଖ ରହିଛି। ନିର୍ମାଣ କାର୍ଯ୍ୟ ଶେଷ ହେବା ପାଇଁ ଧାର୍ଯ୍ୟ କରାଯାଇଥିବା ଦିନଠାରୁ ମରାମତି ତାରିଖ ଆରମ୍ଭ ହେବାର ବିଧି ରହିଛି। ଧାର୍ଯ୍ୟ ଅବଧିର ପ୍ରାୟତଃ ୧ବର୍ଷ ବିଳମ୍ବରେ କାର୍ଯ୍ୟ ଶେଷ ହୋଇଛି। ଅର୍ଥାତ ରାସ୍ତା ନିର୍ମାଣ ଶେଷ ନ ହେଉଣୁ ମରାମତି ଅବଧି ଆରମ୍ଭ ହୋଇଛି। ବର୍ଷାରେ ଧୋଇଯାଇଥିବା ନିମ୍ନମାନର ରାସ୍ତାକୁ ମରାମତି ପ୍ରତି ଗୁରୁତ୍ୱ ଦିଆ ନ ଯାଇ ବିଭାଗ ପକ୍ଷରୁ ଠିକାଦାରଙ୍କୁ ବିଲ୍ ପୈଠ କରିବାକୁ ଅଧିକ ପ୍ରାଧାନ୍ୟ ଦିଆଯାଉଛି ବୋଲି ପୂର୍ବତନ ସମିତିସଭ୍ୟ ଚୈତନ୍ୟ ନାୟକ ଅଭିଯୋଗ କରିଛନ୍ତି।



ରାସ୍ତା ନିର୍ମାଣ କାର୍ଯ୍ୟ ମାପଚୁପ ବେଳେ ଗ୍ରାମବାସୀ ବିରୋଧ କରୁଛନ୍ତି।

ଅନ୍ୟପକ୍ଷରେ ଆଗ ରାସ୍ତା ମରାମତି କାର୍ଯ୍ୟ କରାଯାଉ, ପଛରେ ମାପଚୁପ୍ କରାଯିବ ବୋଲି କହି ଲୋକେ ବିରୋଧ କରିବାରୁ ଠିକାସଂସ୍ଥାର ଦାୟିତ୍ୱ ନିର୍ବାହ କରୁଥିବା ସ୍ଥାନୀୟ ଅଞ୍ଚଳର କେତେଜଣ ବ୍ୟକ୍ତି ଓ ଗାଁ ଲୋକଙ୍କ ମଧ୍ୟରେ କଥାକଟି ହୋଇଥିଲା। ଗାଁ ଲୋକଙ୍କ ଜିଦ୍ ଆଗରେ ବିଭାଗୀୟ ଅଧିକାରୀ ମୁଣ୍ଡ ନୁଆଁଇ ରାସ୍ତା ମାପଚୁପ୍‌କୁ ଅଧାରେ ଛାଡ଼ି ଚାଲିଯାଇଥିଲେ। ରାସ୍ତା ନିର୍ମାଣ କାର୍ଯ୍ୟ ଠିକ୍ ଭାବରେ କରାଯିବା ସହ ନିୟମାନୁତାବକ ନିୟମିତ ରାସ୍ତା ମରାମତି କରାଯିବା ପରେ ଠିକାସଂସ୍ଥାକୁ ବିଲ୍ ପୈଠ କରିବାକୁ ଗ୍ରାମବାସୀ ଦାବି କରିଥିଲେ। ଏ ସମ୍ପର୍କରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଜନ୍ମଜୟ ଷଡ଼ଙ୍ଗୀଙ୍କୁ ପଚାରିବାରୁ ସେ କହିଛନ୍ତି, ରାସ୍ତା କାର୍ଯ୍ୟ ଅତି ଉଚ୍ଚମାନର ହୋଇଛି। ଯେଉଁଠି ରାସ୍ତା କାମ ଖରାପ ହୋଇଛି ବୋଲି ଅଭିଯୋଗ ହେବ, ସେଠାରେ ସ୍ଥିତି ଯାଞ୍ଚ ପରେ ଆବଶ୍ୟକସ୍ଥଳରେ ପୁନଃ ନିର୍ମାଣ କରାଯିବ। ରାସ୍ତା ଉପରେ ଫେବର ବ୍ଲକ ଇଟା ବିଛାଯାଇ ସୁନ୍ଦର କରାଯାଇଛି। ବର୍ଷା ପାଣି ନିଷ୍କାସନ ହେଉଥିବା ସ୍ଥାନରେ କିଛିଟା ରାସ୍ତା ଭାଙ୍ଗିଯାଇଛି। ମରାମତି ଅବଧି ରହିଛି, ଠିକାସଂସ୍ଥା ପକ୍ଷରୁ ରାସ୍ତା ମରାମତି କରାଯିବ ବୋଲି ସେ ପ୍ରକାଶ କରିଛନ୍ତି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଅନିଲ



@ ଜିତ୍



@ ମାନିନି



@ ସୁଭେନ୍ଦ୍ର

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଆବାସ ହିତାଧିକାରୀଙ୍କୁ ଅର୍ଥ ପ୍ରଦାନରେ ଅବହେଳା



ସାମାଜିକ ସମୀକ୍ଷା ଗ୍ରାମସଭାରେ ସରପଞ୍ଚ ଓ ଅନ୍ୟମାନେ।

**ରସୁଲପୁର,୧୨।୯(ରଂଜିତ ରାଉତ):**

## ଭୋଟକାରେ ସାମାଜିକ ସମୀକ୍ଷା ଗ୍ରାମସଭା

ରସୁଲପୁର ବ୍ଲକ ଭୋଟକା ପଞ୍ଚାୟତରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଜିଏସ)ରେ ବ୍ୟୟ ହୋଇଥିବା ଅର୍ଥରାଶିର ସାମାଜିକ ସମୀକ୍ଷା ଗ୍ରାମସଭା କରାଯାଇଛି। ୨୦୨୩-୨୪ ଆର୍ଥିକ ବର୍ଷର ଦ୍ୱିତୀୟ ଦଫା(ଅକ୍ଟୋବରରୁ ମାର୍ଚ୍ଚ) ଅବଧି ମଧ୍ୟରେ ହୋଇଥିବା ପ୍ରକଳ୍ପଗୁଡ଼ିକୁ ସମୀକ୍ଷାରେ ସ୍ଥାନ ଦିଆଯାଇଛି।

ଏହି ଗ୍ରାମସଭା ଶିକ୍ଷାବିତ୍ ବିନୋଦ ବିହାରୀ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ୧ ସପ୍ତାହରୁ ଊର୍ଦ୍ଧ୍ୱ ବ୍ୟାପୀ ସମ୍ବଳ ଅଧିକାରୀମାନେ ବିଭିନ୍ନ ରାଜସ୍ୱ ଗ୍ରାମକୁ ଯାଇ କ୍ଷେତ୍ର ପରିଦର୍ଶନ କରି ହସ୍ତଗତ କରିଥିବା ତଥ୍ୟ ଓ ହିତାଧିକାରୀଙ୍କ ମତାମତକୁ ସଭାରେ ଉପସ୍ଥାପନା କରାଯାଇଛି। ଉକ୍ତ ଗ୍ରାମସଭାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀଙ୍କୁ ଏମ୍‌ଜିଏନ୍‌ଆର୍‌ଜିଏସରୁ ମଜୁରୀ ଅର୍ଥ ପ୍ରଦାନରେ ହୋଇଥିବା ଅବହେଳା, ଘର ନିର୍ମାଣ ସମ୍ପୂର୍ଣ୍ଣ କରି ପ୍ରୋତ୍ସାହନରାଶି ପାଇ ନ ଥିବା ୧୦ ହିତାଧିକାରୀଙ୍କ ସମ୍ପର୍କରେ ଅଭିଯୋଗ ଉପସ୍ଥାପନ କରାଯାଇଛି। ଆବାସ ହାତେଇଥିବା ହିତାଧିକାରୀଙ୍କୁ ପାଇଖାନା ପାଇଁ ସ୍ୱତନ୍ତ୍ର କାର୍ଯ୍ୟାଦେଶ ପ୍ରଦାନ କରାଯାଇ ନ ଥିବା ଓ କେତେଜଣ ହିତାଧିକାରୀ ପାଇଖାନା ନିର୍ମାଣ କାର୍ଯ୍ୟ ଶେଷ କରି ବି ବିଲ୍ ପାଇ ନ ଥିବା ଅଭିଯୋଗ ହୋଇଛି। ସେହିପରି ଗୋଷ୍ଠୀଭିତ୍ତିକ ପ୍ରକଳ୍ପ ଭାବରେ ଚାରାରୋପଣ ଓ ମୋ ଉପକାରୀ ବଗିଚାରେ ପୈଠ ହୋଇଥିବା ବିଲ୍ ସମ୍ପର୍କରେ ଆଲୋଚନା ହୋଇଛି। ସଭାରେ ଆଲୋଚ୍ୟ ବିଷୟକୁ ଲିପିବଦ୍ଧ କରାଯିବା ସହ ଏହାର ଆଶୁ ସମାଧାନ ନିମିତ୍ତ ବିଭାଗୀୟ ଅଧିକାରୀଙ୍କ ନିକଟକୁ ସୁପାରିସ କରାଯାଇଛି। ସରପଞ୍ଚ ସ୍ମୃତିରେଖା ରାଉତ ସଭାରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବାବେଳେ ସାମାଜିକ ସମୀକ୍ଷିକା ମଧୁସ୍ମିତା ସାହୁ ଓ ରମାମଣି ସାହୁ ପ୍ରମୁଖ କ୍ଷେତ୍ର ପରିଦର୍ଶନ କରି ହାସଲ କରିଥିବା ତଥ୍ୟକୁ ସଭାରେ ଉପସ୍ଥାପନ କରିଥିଲେ। ସଭାରେ ଏଡିଇଓ ରୁକ୍ମିଣୀ ନାଥ ଅନୁପସ୍ଥିତ ଥିବାରୁ ଏମ୍‌ଜିଏନ୍‌ଆରଇଜିଏସ୍ ସମ୍ପର୍କରେ ଠିକ୍ ଭାବରେ ଆଲୋଚନା ହୋଇପାରି ନ ଥିଲା। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଅକ୍ଷୟ ସାମଲ ଧନ୍ୟବାଦ ଦେଇଥିଲେ।

# ମଣ୍ଡଳସ୍ତରୀୟ କୁଇଜ୍ ପ୍ରତିଯୋଗିତା

**କଳିଙ୍ଗନଗର,୧୨।୯ (ଶୁଭାଶିଷ ରାଉତ):**

ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଆନୁକୂଲ୍ୟରେ ଦାନଗଦି ଶିକ୍ଷା ମଣ୍ଡଳ ଅଧୀନ ତ୍ରିଜଙ୍ଗା ପୁନର୍ବସତି କଲୋନୀ ନୋଡାଲ ଉପ୍ରା ବିଦ୍ୟାଳୟରେ ମଣ୍ଡଳ ଶିକ୍ଷା ଅଧିକାରୀ ଶୁଭ୍ରାଂଶୁ ପୁହାଣଙ୍କ ନେତୃତ୍ୱରେ ୨ ଦିନ ଧରି ପ୍ରାଥମିକ ଏବଂ ମାଧ୍ୟମିକ ଶିକ୍ଷା ମଣ୍ଡଳସ୍ତରୀୟ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଥମିକସ୍ତରରେ ତୃତୀୟ ଶ୍ରେଣୀରୁ ପଞ୍ଚମ ଶ୍ରେଣୀ (ଉପକନିଷ୍ଠ) ଏବଂ ଷଷ୍ଠରୁ ଅଷ୍ଟମ ଶ୍ରେଣୀ(କନିଷ୍ଠ) ବର୍ଗର ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ମାଧ୍ୟମିକରେ ନବମ ଓ ଦଶମ ଶ୍ରେଣୀ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ପିଲାମାନଙ୍କୁ ପ୍ରମାଣପତ୍ର, ପୁରସ୍କାର ଓ ବିଜୟ ସ୍ମାରକ ପ୍ରଦାନ କରାଯାଇଥିଲା। ଏଥିରେ ସହ ମଣ୍ଡଳ ଶିକ୍ଷା ଅଧିକାରୀ କଣ୍ଟ ଦେହୁରୀ, ବଳରାମ ପତି, ଜୟରାମ ମଲ୍ଲିକ ଉପସ୍ଥିତ ରହି କୁଇଜ ପ୍ରତିଯୋଗିତାକୁ ସମ୍ପାଦନ କରିଥିଲେ। ସୁକିନ୍ଦା ବିଧାୟକ ଯଥା ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତଙ୍କ ଦାନଗଦି ପ୍ରତିନିଧି ପ୍ରଶାନ୍ତ ରାୟ ଓ ଦାନଗଦି ଗୋଷ୍ଠୀ ଉନ୍ନୟନ ଅଧିକାରୀ ସାରଦା ପ୍ରସନ୍ନ ପଣ୍ଡା ଅତିଥି ଭାବେ ଯୋଗଦେଇଥିଲେ।




କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

# ହନୁମାନ ବଜାର କମିଟିର ନୂତନ କର୍ମକର୍ତ୍ତା

**ଧର୍ମଶାଳା,୧୨।୯(ବଟକୃଷ୍ଣ ପରିଡ଼ା):** ଧର୍ମଶାଳା ବ୍ଲକ ଅଧୀନ ଜାରକା ହନୁମାନ ବଜାର କମିଟିର ନୂତନ କର୍ମକର୍ତ୍ତା ଗୁରୁବାର ଚୟନ କରାଯାଇଛି। ହନୁମାନ ମନ୍ଦିର ପରିସରରେ କମିଟି ସଭାପତି ଦିଲୀପ କୁମାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରିଷ୍ଠ କର୍ମକର୍ତ୍ତା ଯୋଗଦେଇ ନିଜର ମତ ରଖିଥିଲେ। ପ୍ରିୟରଞ୍ଜନ ଦୋରା ହନୁମାନ ଚାଳିଶା ପାଠ କରିଥିଲେ। ପରେ ପୁରୁଣା କମିଟିକୁ ଭଙ୍ଗ କରାଯାଇ ନୂତନ କମିଟି ଗଠନ କରାଯାଇଥିଲା। ଏଥିରେ ସଭାପତି ଭାବେ ସୁଧାଂଶୁ ଶେଖର ଷଡ଼ଙ୍ଗୀ, ଉପସଭାପତି ଚିତ୍ତରଞ୍ଜନ ଶତପଥୀ, ସମ୍ପାଦକ ଭାବେ ଅନେଶ ପ୍ରଧାନ, ସହସମ୍ପାଦକ ଭାବେ ଅନ୍ୱେଷକାନ୍ତ ମହାପାତ୍ର, କୋଷାଧ୍ୟକ୍ଷଭାବେ ରମେଶ ଚନ୍ଦ୍ର ପାତ୍ରଙ୍କୁ ସର୍ବସମ୍ମତିକ୍ରମେ ଚୟନ କରାଯାଇଥିଲା। ଉପଦେଷ୍ଟା ଭାବେ କ୍ୟାପଟେନ ତ୍ରିଲୋଚନ ବିଶ୍ୱାଳ, ବ୍ରଜକିଶୋର ମହାନ୍ତି, ମଧୁସୁଦନ ସାହୁ, ଦିଲୀପ ଜେନାଙ୍କୁ ଚୟନ କରାଯାଇଥିଲା। କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ଅରୁଣ ମାହାଣା, ଶୁଭେନ୍ଦୁ ରାମ, ପ୍ରିୟରଞ୍ଜନ ଦୋରା, ସରୋଜ ଜେନା, ପବିତ୍ର ରାଉତ, ଚକ୍ରଧର ଜେନା, ତପନ ଓଝା, ସେକ୍ କଲିମ ଓ ଅନିରୁଦ୍ଧ ବେହେରାଙ୍କୁ ମନୋନୀତ କରାଯାଇଥିଲା। କୁଳମଣି ମଲ୍ଲିକ ଓ ନୀଳମଣି ଦାସ ପ୍ରମୁଖ ଉପସ୍ଥିତ ରହିଥିଲେ।

# ଗୋଟିଏ ରାତିରେ ୯ ଦୋକାନରୁ ଚୋରି

**ଛତିଆ,୧୨।୯(ସୌମ୍ୟରଞ୍ଜନ ସାହୁ):**

ଯାଜପୁର ଜିଲା ବୈରୀ ଥାନା ଅଧୀନ ବୁଢ଼ାକେନ୍ଦୁଆ ବଜାରର ୯ ଦୋକାନରୁ ବୁଧବାର ରାତିରେ ଚୋରି ହୋଇଛି। ଏ ସମ୍ପର୍କରେ ଥାନାରେ ଅଭିଯୋଗ ହେବାପରେ ପରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ବଜାରର କାଳିନ୍ଦୀ ବେହେରାଙ୍କ ଗ୍ରସେରି ଦୋକାନ, ବଳରାମ ରାଉତଙ୍କ ଭେରାଇଟ ଷ୍ଟୋର, ସଞ୍ଜୟ ଜେନାଙ୍କ ମୋବାଇଲ ଦୋକାନ, ଗୋପୀ ସାହୁଙ୍କ ଗ୍ରସେରି ଦୋକାନ, ବାପିନା ଖିଲାର, ବାବୁ ଖିଲାରଙ୍କ ଭେରାଇଟ ଷ୍ଟୋର ସମେତ ଅନ୍ୟ ଦୁଇଟି ଦୋକାନରୁ ଚୋରି ହୋଇଛି। ଉକ୍ତ ବଜାରରେ ଛୋଟ ବଡ଼ ୬ କାରଖାନା ଥିବାରୁ ବାହାର ଜିଲା ଓ ରାଜ୍ୟର ଲୋକଙ୍କ ଗତାଗତ ରହୁଛି। ଏଭଳିସ୍ଥିତିରେ ସ୍ଥାନୀୟ ବ୍ୟବସାୟୀଙ୍କୁ ସୁରକ୍ଷା ଦେବାପାଇଁ ପୋଲିସ ପକ୍ଷରୁ କୌଣସି କଡ଼ା ଆଭିମୁଖ୍ୟ ଗ୍ରହଣ କରାଯା ନ ଥିବା ଅଭିଯୋଗ ହେଉଛି। ଅନେକ ସମୟରେ କାଁଭାଁ ଚୋରି ଏବଂ ଅଘଟଣ ଘଟୁଥିବାବେଳେ ବୁଧବାର ରାତିରେ ସିରିଜ ଚୋରି ହେବା ପୋଲିସର ପାରିବା ପଣିଆକୁ ପଦାରେ ପକାଇଛି। ତେଣୁ ପୋଲିସ ପାପଟ୍ରୋଲିଂ କଡ଼ାକଡ଼ି କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଭଡ଼ା ଦେଇଥିବା ଦୋକାନୀଙ୍କୁ ହେବ ନୋଟିସ

**ଚଣ୍ଡିଖୋଲ,୧୨।୯(ପ୍ରଦୀପ୍ତ କୁମାର ପୃଷ୍ଟି):**

## ବାଲିଚନ୍ଦ୍ରପୁର ମାର୍କେଟ କମ୍ପ୍ଲେକ୍ସ

ବଡ଼ଚଣା ବ୍ଲକ ବାଲିଚନ୍ଦ୍ରପୁର ବଜାରରେ ଥିବା ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ଓ ନିଲାମକୁ ନେଇ ଅଡୁଆ ବଢିଛି। ଏଥିରେ ପୂର୍ବରୁ ଅଡୁଆ ଥିଲା। ଯାହାକୁ ନେଇ ବିସ୍ଥାପିତ ବ୍ୟବସାୟୀ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲେ। ମାର୍କେଟ କମ୍ପ୍ଲେକ୍ସ ବଣ୍ଟନ ପ୍ରକ୍ରିୟାରେ ଅନିୟମିତତା ହୋଇଥିବା ଅଭିଯୋଗ କରାଯାଇଥିଲା। ସେଥିନେଇ ବିସ୍ଥାପିତଙ୍କୁ ପ୍ରାଥମିକତା ଦିଆଯାଇ ଦୋକାନ ବଣ୍ଟନ କରିବାକୁ ନିର୍ଦ୍ଦେଶ ରହିଥିଲା। ସେତେବେଳେ ବ୍ଲକ ପ୍ରଶାସନ ତରଫରୁ କରାଯାଇଥିବା ନିଲାମ ପ୍ରକ୍ରିୟାରେ ୨୫୦ ଟଙ୍କାରୁ ଆରମ୍ଭ କରି ୩୫୦ଟଙ୍କାରେ ଦୋକାନ ନିଲାମ କରାଯାଇଛି। ତେବେ ନିଲାମ ନେଇଥିବା କେତେଜଣ ବ୍ୟକ୍ତି ଏହାକୁ ୨ ହଜାରରୁ ୨.୫ ହଜାର ଟଙ୍କା ପର୍ଯ୍ୟନ୍ତ ଭଡ଼ାରେ ଲଗାଇଛନ୍ତି। ବ୍ଲକ ପ୍ରଶାସନ ପକ୍ଷରୁ ତଦନ୍ତ ସମୟରେ ଗୁରୁବାର ଏହା ଜଣାପଡିଛି। ତେବେ ଯେଉଁମାନେ ଦୋକାନ ଭଡ଼ା ଦେଇଛନ୍ତି, ସେମାନଙ୍କ ନାମରେ ନୋଟିସ କରାଯିବ ବୋଲି କୁହାଯାଇଛି। ଫଳରେ ଏହାକୁ ନେଇ ଭଡ଼ା ଦେଇଥିବା ଦୋକାନୀ ଛାନିଆ ହୋଇପଡ଼ିଛନ୍ତି। ବ୍ଲକ ପ୍ରଶାସନ ପକ୍ଷରୁ ଏହି ନିଲାମ ପ୍ରକ୍ରିୟାରେ ବ୍ୟାପକ ତ୍ରୁଟିଥିବା ନେଇ ବାଲିଚନ୍ଦ୍ରପୁର ସରପଞ୍ଚ ଆପତ୍ତି ଉଠାଇଥିଲେ। ଏ ସମ୍ପର୍କରେ ବିଧାୟକ ଅମର କୁମାର ନାୟକ ବିଧାନସଭାରେ ପ୍ରଶ୍ନ ଉଠାଇଥିଲେ। ବଡ଼ଚଣା ପଞ୍ଚାୟତ ସମିତି ତରଫରୁ ବିଧାନସଭାକୁ ଦିଆଯାଇଥିବା ଉତ୍ତର ଓ ଉଚ୍ଚ ନ୍ୟାୟଳୟକୁ ଦିଆଯାଇଥିବା ଉତ୍ତର ମଧ୍ୟରେ ପ୍ରଭେଦ ଦେଖାଯାଇଛି। ବିଧାନସଭାକୁ ଦିଆଯାଇଥିବା ଉତ୍ତର ଓ ଉଚ୍ଚ ନ୍ୟାୟାଳୟକୁ ଦିଆଯାଇଥିବା ହିତାଧିକାରୀଙ୍କ ତାଲିକାରେ ୮ ଜଣଙ୍କ ନାମ ଭିନ୍ନ ରହିଛି। ପଞ୍ଚାୟତ ସମିତି ତରଫରୁ ବାଲିଚନ୍ଦ୍ରପୁରଠାରେ ୨୦୨୧ ସୁଦ୍ଧା ୫୬ ବଖରା ଦୋକାନ ନିର୍ମାଣ କରାଯାଇଥିବା ଉଲ୍ଲେଖ ରହିଥିଲା। ସେଥିମଧ୍ୟରୁ ଉଚ୍ଚ ନ୍ୟାୟାଳୟରେ ପ୍ରଥମେ ମାମଲା କରିଥିବା ୮ ବିସ୍ଥାପିତଙ୍କୁ ଦୋକାନ ପ୍ରଦାନ କରାଯିବାକୁ ନିର୍ଦ୍ଦେଶ ରହିଥିଲା। ବାକି ୪୮ ଦୋକାନକୁ ବେଆଇନଭାବେ ବଣ୍ଟନ କରାଯାଇଥିଲା। ଫଳରେ ବିସ୍ଥାପିତମାନେ ଜିଲାପାଳ, ଭିଜିଲାନ୍ସ ବିଭାଗର ଦ୍ୱାରସ୍ଥ ହୋଇଥିଲେ। ଏନେଇ ବିଡିଓ ରବୀନ୍ଦ୍ର କୁମାର ପ୍ରଧାନଙ୍କୁ ପଚାରିବାରେ ସେ କହିଛନ୍ତି, ମାର୍କେଟ କମ୍ପ୍ଲେକ୍ସ ପଞ୍ଚାୟତର ସମ୍ପତ୍ତି। ଗ୍ରାମ ପଞ୍ଚାୟତ ଅଧିବେଶନରେ ହୋଇଥିବା ନିଷ୍ପତ୍ତି ଅନୁଯାୟୀ ପଦକ୍ଷେପ ନିଆଯିବ। ତେବେ ଯେଉଁମାନେ ଘରଭଡ଼ା ଦେଇଥିବେ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ସୁଭଦ୍ରାରେ ୨.୩୭ ଲକ୍ଷ ପଞ୍ଜୀକୃତ ହେଲେଣି

**ଯାଜପୁର ଟାଉନ,୧୨।୯ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):**

ଯାଜପୁର ଜିଲାପାଳଙ୍କ ଓସୱାନ ସମ୍ମିଳନୀ କକ୍ଷରେ ଯାଜପୁର ଜିଲାରେ ସୁଭଦ୍ରା ଯୋଜନା କାର୍ଯ୍ୟକାରିତା ନେଇ ଗୁରୁବାର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି।

ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ ସମସ୍ତ ଜିଲା ଓ ବ୍ଲକସ୍ତରୀୟ ଅଧିକାରୀଙ୍କ ସହ ଏହି ସମୀକ୍ଷା ବୈଠକ କରିଛନ୍ତି। ଯୋଜନାର ପଞ୍ଜୀକୃତ କାର୍ଯ୍ୟକ୍ରମ ଜିଲାରେ ସୁଚାରରୂପେ ଆଗେଇ ଚାଲିଛି। ପଞ୍ଜୀକରଣକୁ ସରଳ କରାଯାଇଛି। ସରକାରଙ୍କ ଦ୍ୱାରା ଜାରି ମାର୍ଗଦର୍ଶିକା ଅନୁଯାୟୀ ଓଟିପି ଆଧାରିତ କିମ୍ବା ଇ-କେୱାଇସିକୁ ପ୍ରାଧାନ୍ୟ ଦିଆଯାଇନାହିଁ। ଜିଲାପାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବରିଷ୍ଠ ଅଧିକାରୀମାନେ ଜିଲାର ସମସ୍ତ ଜନସେବା କେନ୍ଦ୍ର ଓ ମୋ ସେବା କେନ୍ଦ୍ର ପରିଦର୍ଶନ କରି ପଞ୍ଜୀକରଣ କାର୍ଯ୍ୟର ତଦାରଖ କରୁଛନ୍ତି। ଗୁରୁବାର ପୂର୍ବାହ୍ନ ୧୦ଟା ସୁଧା ଜିଲାରେ ୨,୩୭,୮୦୭ ମହିଳା ଯୋଜନାରେ ପଞ୍ଜୀକରଣ କରିଛନ୍ତି। ତନ୍ମଧ୍ୟରୁ ବଡଚଣା ବ୍ଲକରେ ୨୮,୪୦୩, ବରୀ ବ୍ଲକରେ ୨୬,୦୪୨, ବିଞ୍ଝାରପୁର ବ୍ଲକରେ ୨୫,୦୧୩, ଧର୍ମଶାଳା ବ୍ଲକରେ




ସମୀକ୍ଷା ବୈଠକରେ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ।

## ଜିଲାପାଳଙ୍କ ସୁଭଦ୍ରା ଯୋଜନା ସମୀକ୍ଷା

୨୯,୨୯୧, ଦାନଗଦିରେ ୧୨,୨୨୭, ଦଶରଥପୁରରେ ୩୧,୧୯୦, ଯାଜପୁରରେ ୨୪,୪୯୦, କୋରେଇରେ ୧୯,୪୩୫, ରସୁଲପୁରରେ ୨୫,୩୬୭, ସୁକିନ୍ଦାରେ ୧୧,୮୭୫, ଯାଜପୁର ମ୍ୟୁନିସିପାଲିଟିରେ ୨,୬୩୬ ଏବଂ ବ୍ୟାସନଗର ମ୍ୟୁନିସିପାଲିଟିରେ ୧,୮୩୮ ଜଣ ମହିଳା ପଞ୍ଜୀକରଣ କରିଛନ୍ତି। ଜିଲାରେ ୧,୯୪୯ ଫ୍ଲେକ୍ସ ବ୍ୟାନର ପ୍ରଦର୍ଶନ ସହିତ ୧୦,୫୬,୨୫୨ ଲିଫଲେଟ ବଣ୍ଟନ କରାଯାଇଛି। ୨୫୧ ସ୍ଥାନରେ ୱାଲପେଟିଂ କରାଯିବା ସହିତ ୪,୨୭୦ ପୋଷ୍ଟର ଲଗାଯାଇ ଜନସାଧାରଣଙ୍କୁ ସଚେତନ କରାଯାଇଛି।

ସମସ୍ତ ୧୦ ବ୍ଲକ ଓ ୨ ମ୍ୟୁନିସିପାଲିଟି ଅଞ୍ଚଳରେ ସୁଭଦ୍ରା ରଥ ପରିକ୍ରମା କରି ଲୋକଙ୍କୁ ସଚେତନ କରୁଛି। ଜିଲାର ମୁଖ୍ୟସ୍ଥାନଗୁଡ଼ିକରେ ହୋର୍ଡିଂ ଲଗାଯାଇଛି। ଆସନ୍ତା ୧୫ ତାରିଖ ପୂର୍ବାହ୍ନରେ ସୁଭଦ୍ରା ସ୍ୱାଗତ ପଦଯାତ୍ରା ଅନୁଷ୍ଠିତ ହେବ। ୧୭ ତାରିଖରେ ପ୍ରଧାନମନ୍ତ୍ରୀ ଭୁବନେଶ୍ୱରଠାରେ ଯୋଜନାର ଶୁଭାରମ୍ଭ କରିବେ। ଜିଲାର ସମସ୍ତ ୧୦ ବ୍ଲକରେ ଏହି ଯୋଜନାର ଶୁଭାରମ୍ଭ ମହାସମାରୋହରେ ପାଳନ କରାଯିବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି। ବୈଠକରେ ଅତିରିକ୍ତ ଜିଲାପାଳ ନବକୃଷ୍ଣ ଜେନା, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଅଶୋକ କୁମାର ବେହୁରିଆ, ଯାଜପୁର ଉପଜିଲାପାଳ ଅଂଶୁମାନ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।

# ଗଣେଶ ଭସାଣିକୁ ନେଇ ହଣାକଟା

## ୨ ଗୁରୁତର , ୩ ଆହତ

ପାରାଦୀପ.୧୨।୯(ଶରତ ରାଉତ)

ପାରାଦୀପ ଜଟାଧାର ମୁହାଣ ସାମୁଦ୍ରିକ ଥାନା ଅନ୍ତର୍ଗତ ଷଣ୍ଢକୁଦ ବସ୍ତିରେ ଗୁରୁବାର ରାତି ୯ଟାରେ ଗଣେଶ ମୂର୍ତ୍ତି ଭସାଣିକୁ ନେଇ ଗଣ୍ଡଗୋଳ ହୋଇଛି। ଏଥିରେ ନୋଳିଆ ସମ୍ପ୍ରଦାୟର ୨ ଗୋଷ୍ଠୀ ହଣାକଟା ହୋଇଛନ୍ତି। ଫଳରେ ୨ ଜଣ ଗୁରୁତର ହୋଇଥିବାବେଳେ ୩ ଜଣ ଆହତ ହୋଇଛନ୍ତି। ଗୁରୁତର ଦ୍ୱୟ ହେଲେ ସ୍ଥାନୀୟ ଅଞ୍ଚଳର ପାରା ଧନରାଜୁ ଓ କାମ୍ଭଲା ବାମିନୁ। ଅନ୍ୟମାନଙ୍କ ନାମ ଜଣାପଡ଼ିନାହିଁ।

ଘଟଣାସ୍ଥଳରେ ଜଗତ୍‌ସିଂହପୁର ଡିଏସପି ଜ୍ୟୋତିରଞ୍ଜନ ସାମନ୍ତରାୟଙ୍କ ସମେତ ପାରାଦୀପ ଆଦର୍ଶ ଥାନା ଓ ଜଟାଧାର ମୁହାଣ ସାମୁଦ୍ରିକ ଥାନା ପୋଲିସ ମୁତୟନ ହୋଇଛନ୍ତି। ଗଣ୍ଡଗୋଳ ପଛରେ ରାଜନୈତିକ କାରଣ ଥିବା ଜଣାପଡ଼ିଛି। ବିଜେଡି ଓ ଭାଜପାର ୨ ଜଣ ଆଗଧାଡ଼ିର କର୍ମୀଙ୍କ ପାଇଁ ଏହି ଗଣ୍ଡଗୋଳ ହୋଇଥିବା ଚର୍ଚ୍ଚା ହେଉଛି। ଜଣେ ପୂର୍ବତନ କାଉନ୍‌ସିଲର ଓ ପାରାଦୀପର ପୂର୍ବତନ ବିଧାୟକଙ୍କ ଅନୁଗତ ହେଇଥିବାବେଳେ ଅନ୍ୟ ଜଣେ ଭାଜପା କର୍ମୀ ଏବଂ ସେ ଶିଳ୍ପ ମନ୍ତ୍ରୀଙ୍କ ଦୃଢ଼ ସମର୍ଥକ ବୋଲି ଜଣାପଡ଼ିଛି। ଉଭୟ ଗୋଷ୍ଠୀର ପିଲାମାନେ ବୁଧବାର ହୋଇଥିବା ରାଜନୈତିକ ବୈଠକକୁ ଯାଇ ଫେରିବା ବେଳେ କଥା କଟାକଟିକୁ ନେଇ ଗଣ୍ଡଗୋଳ ହୋଇଥିଲା। ଗୁରୁବାର ଗଣେଶ ମୂର୍ତ୍ତି ଭସାଣି ସମୟରେ ପୂର୍ବ ଘଟଣାକୁ ନେଇ ପୁନର୍ବାର ମାଡ଼ଗୋଳ ହୋଇଥିଲେ। ଏହାପରେ ବିଭିନ୍ନ ମାରଣାସ୍ତ୍ରରେ ଉଭୟ ଗୋଷ୍ଠୀ ପରସ୍ପରକୁ ଆକ୍ରମଣ କରିଥିଲେ। ରିପୋର୍ଟ ଲେଖା ହେବା ସୁଦ୍ଧା ଘଟଣା ସ୍ଥଳରେ ପରିସ୍ଥିତି ଉତ୍ତେଜନାମୂଳକ ଥିବାବେଳେ ସେଠାରେ ପୋଲିସ ଫୋର୍ସ ମୁତୟନ ରହିଛନ୍ତି।



ଗଣ୍ଡଗୋଳରେ ଆହତ ହୋଇଥିବା ଯୁବକମାନେ।

# ଏନ୍‌ଏଚ୍‌ଆର୍‌ସିଙ୍କ ନିର୍ଦ୍ଦେଶ ପରେ ତଦନ୍ତ ଆରମ୍ଭ

- ପୋର୍ଟ ଯନ୍ତ୍ରୀଙ୍କ ନାମରେ ଅସଦାଚରଣ ଅଭିଯୋଗ ଘଟଣା
- କାର୍ଯ୍ୟାନୁଷ୍ଠାନ ନେଉ ନ ଥିଲା ପୋଲିସ

ପାରାଦୀପ,୧୨।୯(ଶରତ ରାଉତ)

ପାରାଦୀପ ବନ୍ଦର ବିଦ୍ୟୁତ୍ ବିଭାଗର ସହକାରୀ ଯନ୍ତ୍ରୀ ସୁଭାଷ କୁମାର ସାହୁଙ୍କ ନାମରେ ଜଣେ ଅନୁସୂଚିତ ଜାତିର ଯୁବତୀ ଅଗଷ୍ଟ ୧୨ରେ ଆଦର୍ଶ ଥାନାରେ ଅସଦାଚରଣ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତି କରି ପୋଲିସ ମାମଲା (ନଂ.୨୦୦/୨୪) ରୁଜୁ କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନେଉ ନ ଥିଲା। ଏ ନେଇ ପୀଡ଼ିତା ଏସ୍‌ସି/ଏସ୍‌ଟି କମିଶନ ଓ ଜାତୀୟ ମାନବିକ ଅଧିକାର କମିଶନ(ଏନ୍‌ଏଚ୍‌ଆର୍‌ସି)ଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହାପରେ କମିଶନଙ୍କ କାର୍ଯ୍ୟାଳୟ ପକ୍ଷରୁ ସେପ୍ଟେମ୍ବର ୨ରେ ଜଗତ୍‌ସିଂହପୁର ଏସ୍‌ପିଙ୍କ ପାଖକୁ ତଦନ୍ତ ପାଇଁ ଚିଠି (ଏଚ୍‌ଆର୍‌ପିସି ୧୯୯/୨୦୨୪) କରାଯାଇଥିଲା। ୨୦ ତାରିଖ ସୁଦ୍ଧା ଏହାର ରିପୋର୍ଟ ଦାଖଲ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଗୁରୁବାର ତଦନ୍ତକାରୀ ଅଧିକାରୀ ଡିଏସ୍‌ପି ଜ୍ୟୋତିରଞ୍ଜନ ସାମନ୍ତରାୟ ତଦନ୍ତ ଆରମ୍ଭ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ସମ୍ପୃକ୍ତ ଯୁବତୀ ବିଦ୍ୟୁତ୍ କାର୍ଯ୍ୟାଳୟ ମଧ୍ୟରେ ଏକ ଠିକାସଂସ୍ଥା ଅଧୀନରେ କାମ କରନ୍ତି। ତାଙ୍କୁ ଯନ୍ତ୍ରୀ ସୁଭାଷ ବିଭିନ୍ନ ସମୟରେ ପାଖକୁ ଡାକି ଅସଦାଚରଣ କରିବା ସହ ବିରୋଧ କଲେ ଚାକିରିରୁ ବାହାର କରି ଦେବାକୁ ଧମକ ଦେଉଥିଲେ। ଏ ନେଇ ପୂର୍ବରୁ ଥରେ ପୀଡ଼ିତା ବିରୋଧ କରିଥିଲେ। ଏହାପରେ ତାଙ୍କୁ ଠିକାସଂସ୍ଥାରୁ ବାହାର କରିଦିଆଯାଇଥିଲା। ପରେ ଭଦ୍ରବ୍ୟକ୍ତିଙ୍କ ଜରିଆରେ ଘଟଣାର ଆପୋସ ସମାଧାନ କରାଯାଇଥିଲା। ମାତ୍ର ସୁଭାଷ ନିଜ ସ୍ୱଭାବ ନ ବଦଳାଇ ପୁଣି ଅସଦାଚରଣ କରିଥିବା ନେଇ ଯୁବତୀ ଅଭିଯୋଗରେ ଦର୍ଶାଇଛନ୍ତି।



Odisha Police
Human Rights Protection Cell
Cuttack

No. ...../HRPC(SC/ST-FD) Date: ..-..-2024
File No- HRPC-PETN-MISC-199-2024.

To
The Superintendent of Police, Jagatsinghpur.

Sub: Petition of Miss Laxmipriya Mallick, alleged regarding sexual harassed in work place by Asst. engineer Subash Kumar Sahu of Port electric division Paradeep.

********

Enclosed, please find herewith a copy of the petition of Miss Laxmipriya Mallick which is self-explanatory.

You are requested to enquire into the allegation of the petitioner and take appropriate action as per law. A copy of your Action Taken Report may please be furnished to this office as well as to the petitioner by 20.09.2024.

Supdt. of Police, HRPC,
Odisha, Cuttack.

Memo No. ...../HRPC(SC/ST-FD) Date: ..-..-2024
Copy forwarded to the I.G. of Police, CR, Cuttack for kind information.

Supdt. of Police, HRPC,
Odisha, Cuttack.

Memo No. ...../HRPC(SC/ST-FD) Date: ..-..-2024
Copy forwarded to Miss Laxmipriya Mallick, D/o- Gourang Charan Mallick, Qr No-NB/201, Paradeep, E-Mail-... for information.

Supdt. of Police, HRPC,
Odisha, Cuttack.

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଅନିଲ



@ ଜିତ୍



@ ମାନିନୀ



@ ସୁଭେନ୍ଦ୍ର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବିଶ୍ୱ ଜଳବାୟୁ ପରିବର୍ତ୍ତନ ପରିଷଦର ରାଜ୍ୟ ଉପାଧ୍ୟକ୍ଷ ମନୋଜ ଲେଙ୍କା



ଡ. ମନୋଜ ଲେଙ୍କାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ପାଟକୁରା, ୧୨।୯ (ରବୀନ୍ଦ୍ର ନାଥ ବାରିକ)

କେନ୍ଦ୍ରାପଡ଼ା ଜିଲା ଗରଦପୁର ବ୍ଲକ ବଙ୍ଗାଳପୁର ପଞ୍ଚାୟତ ଅଧୀନ ଚାଞ୍ଚୋଳ ଗାଁର ବରିଷ୍ଠ ଅନ୍ତର୍ଜାତୀୟ ଜ୍ୟୋତିଷ ଓ ବାସ୍ତୁଶାସ୍ତ୍ରୀ ଡ. ମନୋଜ କୁମାର ଲେଙ୍କା ବିଶ୍ୱ ଜଳବାୟୁ ପରିବର୍ତ୍ତନ ପରିଷଦ ଓଡ଼ିଶା ରାଜ୍ୟର ଉପାଧ୍ୟକ୍ଷ ଭାବେ ମନୋନୀତ ହୋଇଛନ୍ତି। ଅଗଷ୍ଟ ୩୦ରୁ ଚଳିତ ମାସ ୬ ତାରିଖ ପର୍ଯ୍ୟନ୍ତ ଭିଏତ୍‌ନାମର ରାଜଧାନୀ ହାନୋଇଠାରେ ବିଶ୍ୱ ଜଳବାୟୁ ପରିବର୍ତ୍ତନ ଓ ପରିବେଶ ସୁରକ୍ଷା ପରିଷଦ ପକ୍ଷରୁ ଆୟୋଜିତ ବିଶ୍ୱ ପ୍ରଦୂଷଣ ମୁକ୍ତ ଏବଂ ସବୁଜ ଯୋଜନା ପ୍ରଶିକ୍ଷଣ ଶିବିରରେ ଯୋଗଦେଇଥିଲେ। ସେଠାରେ ନିଜର ସନ୍ଦର୍ଭ ଗୋମୂତ୍ର, ଗୋମୟ ଓ ଶଙ୍ଖ ଦ୍ୱାରା ପୁରାତନ ପଦ୍ଧତିରେ ଜଳ ସଂରକ୍ଷଣ ଏବଂ ଜଳବାୟୁ ପରିବର୍ତ୍ତନ ବିଷୟ ଗବେଷଣା ବେଶ୍ ଉଚ୍ଚକୋଟୀର ହେବା ସହ ଆଦୃତ ହୋଇଥିଲା। ଶିବିରରେ ତାଙ୍କର ଏହି ଉଲ୍ଲେଖନୀୟ ସଫଳତା ଓ ଅବଦାନ ପାଇଁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏଥିସହ ତାଙ୍କୁ ବିଶ୍ୱ ଜଳବାୟୁ ପରିବର୍ତ୍ତନ ଓ ମିଶନ ଗ୍ରୀନ ପରିଷଦର ରାଜ୍ୟ ଉପାଧ୍ୟକ୍ଷ ଭାବେ ନିଯୁକ୍ତି ମିଳିଛି। ଏଥିରେ ସ୍ୱାମୀ ସହଜାନନ୍ଦଜୀ ସରସ୍ୱତୀ ମହାରାଜଙ୍କ ସଭାପତିତ୍ୱରେ ବିଶ୍ୱର ୨୦ଟି ଦେଶର ପ୍ରତିନିଧି ଯୋଗଦେଇ ଥିଲେ। ବିଶିଷ୍ଟ ବୈଜ୍ଞାନିକ ଓ ପରିବେଶବିତ୍ ମଧ୍ୟ ଉପସ୍ଥିତ ଥିଲେ। ତେବେ ଡ. ଲେଙ୍କାଙ୍କ ଏହି ନିଯୁକ୍ତିକୁ ନେଇ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି। ବର୍ତ୍ତମାନ ଡ. ଲେଙ୍କା ତାଳପତ୍ର ପୋଥି ଓ ଶଙ୍ଖ ଉପରେ ଗବେଷଣାରତ ଅଛନ୍ତି। ଏଥିସହ ରାଜ୍ୟ ହାପି ଲିଭିଂ ଫାଉଣ୍ଡେଶନ ଅଧ୍ୟକ୍ଷ ଥିବା ସହ ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ମଧ୍ୟ ପୁରସ୍କୃତ ହୋଇଛନ୍ତି।

# ତୁରନ୍ତ ବେଞ୍ଚ, ଡେସ୍କ, ଗୃହ କାମ ସାରିବାକୁ ନିର୍ଦ୍ଦେଶ

## ଜିଲାପାଳଙ୍କ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିଦର୍ଶନ

ଡେରାବିଶ, ୧୨।୯(ବେବର୍ତ୍ତା ଅଜୟ ଦାସ)

କେନ୍ଦ୍ରାପଡ଼ା ଜିଲାପାଳ ସ୍ମୃତିରଞ୍ଜନ ପ୍ରଧାନ ଗୁରୁବାର ଡେରାବିଶ ବ୍ଲକ କୁରୁଜଙ୍ଗସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ୨୦୨୧ରେ ପ୍ରତିଷ୍ଠା ହୋଇଥିବା ଏହି ଆଦର୍ଶ ବିଦ୍ୟାଳୟ ସମସ୍ୟା ଘେରରେ ଚାଲିଛି। ଆଦର୍ଶ ବିଦ୍ୟାଳୟ ସଙ୍ଗଠନ ପକ୍ଷରୁ ଛାତ୍ରୀଛାତ୍ରଙ୍କ ପାଇଁ ବେଞ୍ଚ, ଡେସ୍କ ଓ ଅନ୍ୟ ଉପକରଣ ପାଇଁ ଆର୍ଥିକ ଅନୁଦାନ ଜିଲା ଶିକ୍ଷାଧିକାରୀଙ୍କୁ ଯୋଗାଇଦେବାକୁ ବର୍ଷାଧିକାଳ ବିତିଯାଇଛି। ହେଲେ ଜିଲା ଶିକ୍ଷାଧିକାରୀ ଏଯାଏ କୌଣସି ପଦକ୍ଷେପ ନେଇ ପାରିନାହାନ୍ତି। ଅପରପକ୍ଷରେ କେନ୍ଦ୍ରାପଡ଼ା ପୂର୍ତ୍ତ ବିଭାଗ ପକ୍ଷରୁ ବିଦ୍ୟାଳୟ ପାଇଁ ନିର୍ମାଣ କରାଯାଉଥିବା ଗୃହ କାମ ଏଯାଏ ଶେଷ ହୋଇ ପାରିନାହିଁ। ଏ ନେଇ ଛାତ୍ରୀଛାତ୍ର ଓ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇବା ସହ ବିଦ୍ୟାଳୟ ପରିଦର୍ଶନରେ ଆସି ସମସ୍ୟା ସମ୍ପର୍କରେ ଅବଗତ ହେବାକୁ ଅଭିଭାବକମାନେ ଜିଲାପାଳଙ୍କୁ ଗୁହାରି କରିଥିଲେ। ଏହାକୁ ଦୃଷ୍ଟିରେ ରଖି ଜିଲାପାଳ ମଧ୍ୟାହ୍ନରେ ହଠାତ୍ ଏହି ବିଦ୍ୟାଳୟକୁ ପରିଦର୍ଶନରେ ଆସିଥିଲେ। ବିଦ୍ୟାଳୟ ମଧ୍ୟରେ ବୁଲି ତଳେ ବସି ପାଠ ପଢୁଥିବା ଛାତ୍ରୀଛାତ୍ରଙ୍କ ଦୁଃଖ ଶୁଣିବା ସହ ବିଦ୍ୟାଳୟ ଗୃହ ଶେଷ ହେବାରେ ପୂର୍ତ୍ତ ବିଭାଗ କର୍ତ୍ତୃପକ୍ଷଙ୍କ ବିଳମ୍ବତା ନେଇ ବିରକ୍ତି ପ୍ରକାଶ କରିଥିଲେ। ଏ ଦିଗରେ ଜିଲା ଶିକ୍ଷାଧିକାରୀ ଓ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ନେଇ ଏକ ଜରୁରୀ ବୈଠକ କରାଯାଇ ତଳେ ବସି ପାଠ ପଢୁଥିବା ଛାତ୍ରୀଛାତ୍ରଙ୍କୁ କିପରି ତୁରନ୍ତ ବେଞ୍ଚ ଡେସ୍କ ଯୋଗାଯିବ ଓ ବିଦ୍ୟାଳୟ କାର୍ଯ୍ୟାଳୟ ପାଇଁ ଆବଶ୍ୟକ ଆସବାବପତ୍ର ତୁରନ୍ତ ଯୋଗାଇ ଦିଆଯିବ ସେ ବିଷୟରେ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କ ସହ ଆଲୋଚନା କରିବେ ବୋଲି କହିଛନ୍ତି। ଜିଲାପାଳଙ୍କ ଗସ୍ତ ସମୟରେ ଉପସ୍ଥିତ ଥିବା ବିଡିଓ ଦାଶରଥି ଜେନା ଓ ବିଦ୍ୟାଳୟ ଅଧ୍ୟକ୍ଷ ପ୍ରିୟବ୍ରତ ସ୍ୱାଇଁଙ୍କ ସହ ଶିକ୍ଷାଦାନ ବ୍ୟବସ୍ଥା, ମଧ୍ୟାହ୍ନ ଭୋଜନ ଓ ଶୁଦ୍ଧ ପାନୀୟ ଜଳ ଯୋଗାଣ ବିଷୟରେ ଆଲୋଚନା କରିଥିଲେ। ସୂଚନା ଥାଉ କି ବିଭିନ୍ନ ଗଣମାଧ୍ୟମରେ ଆଦର୍ଶ ବିଦ୍ୟାଳୟର ଅବ୍ୟବସ୍ଥା ସମ୍ପର୍କରେ ଖବର ପ୍ରକାଶ ପାଇବା ପରେ ଜିଲା ଶିକ୍ଷାଧିକାରୀ ପ୍ରଦୀପ କୁମାର ନାଗ ଜୁଲାଇ ଦ୍ୱିତୀୟ ସପ୍ତାହରେ ବିଦ୍ୟାଳୟ ପରିଦର୍ଶନରେ ଆସି ମାସ ଶେଷ ସୁଦ୍ଧା ତଳେ ବସି ପାଠ ପଢୁଥିବା ଛାତ୍ରୀଛାତ୍ରଙ୍କୁ ବେଞ୍ଚ, ଡେସ୍କ ଓ କାର୍ଯ୍ୟାଳୟ ପାଇଁ ଆସବାବପତ୍ର ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ତାହା ଏଯାଏ ସମ୍ଭବ ହୋଇପାରିନାହିଁ। ତେବେ ଅଭିଭାବକଙ୍କ ଅନୁରୋଧକୁ ରକ୍ଷାକରି ଜିଲାପାଳ ବିଦ୍ୟାଳୟ ପରିଦର୍ଶନ କରି ପ୍ରକୃତ ସ୍ଥିତି ଅନୁଧ୍ୟାନ କରିଥିବାରୁ ଛାତ୍ର ଅଭିଭାବକ ଯଶୋବନ୍ତ ପ୍ରଧାନ ଓ ନଇମ ଅକ୍ତର ପ୍ରମୁଖ ଜିଲାପାଳଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ଗଣେଶ ମୂର୍ତ୍ତି ଭସାଣିକୁ ନେଇ ଗୋଷ୍ଠୀ ସଂଘର୍ଷ, ୫ ଆହତ

ପଟ୍ଟାମୁଣ୍ଡାଇ,୧୨।୯ (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ଥାନା ଅଧୀନ ଚଉଦକୁଲାଟ ଫାଣ୍ଡି ଅନ୍ତର୍ଗତ ପେଣ୍ଠପାଳ ପଞ୍ଚାୟତ କୁଳସାହି ଗାଁରେ ବୁଧବାର ରାତିରେ ଗଣେଶ ମୂର୍ତ୍ତି ଭସାଣି ଓ ଶୋଭାଯାତ୍ରାକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଘଟି ଉଭୟପକ୍ଷର ୫ଜଣ ଆହତ ହୋଇଛନ୍ତି। ଆହତମାନେ ପଟ୍ଟାମୁଣ୍ଡାଇ ସବ୍‌ଡିଭିଜନ ହସ୍ପିଟାଲରେ ଚିକିତ୍ସା ପରେ ଗୁରୁବାର ଘରକୁ ଫେରିଛନ୍ତି। ଏହି ଘଟଣାକୁ ନେଇ କୁଳସାହି ଗାଁରେ ଉତ୍ତେଜନା ଲାଗି ରହିଛି। ଏହି ଗଣ୍ଡଗୋଳକୁ ନେଇ ଫାଣ୍ଡିରେ ଉଭୟପକ୍ଷରୁ ୨ଟି ଏତଲା ଦିଆଯାଇଛି। ଗାଁରେ ଉତ୍ତେଜନା ଲାଗି ରହିଥିବାରୁ ପୋଲିସ ମୁତୟନ କରାଯାଇଛି। ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ସୁଶାନ୍ତ ସାହୁ ଓ ଚଉଦକୁଲାଟ ଫାଣ୍ଡି ଅଧିକାରୀ ନୃସିଂହ ମହାନ୍ତି ଘଟଣା ଉପରେ ସତର୍କଦୃଷ୍ଟି ରଖିଛନ୍ତି। ପରିସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣାଧୀନ ରହିଛି ବୋଲି ଫାଣ୍ଡି ଅଧିକାରୀ ମହାନ୍ତି ସୂଚନା ଦେଇଛନ୍ତି। ଏହି ଘଟଣାରେ କାହାରିଙ୍କୁ ଗିରଫ କରାଯାଇନାହିଁ। କୌଣସି ପରିସ୍ଥିତିରେ ଆଇନ ଶୃଙ୍ଖଳା ବ୍ୟାହତ ହେବାକୁ ଦିଆଯିବ ନାହିଁ ବୋଲି ଆଇଆଇସି ସାହୁ ସୂଚନା ଦେଇଛନ୍ତି।

# ଛାତ୍ରଙ୍କୁ ଶିକ୍ଷକଙ୍କ ମାଡ଼ ନେଇ ଅଭିଯୋଗ

ଡେରାବିଶ, ୧୨।୯
(ବେବର୍ତ୍ତା ଅଜୟ ଦାସ)

ଡେରାବିଶ ଶିକ୍ଷା ସର୍କଲ ଅନ୍ତର୍ଗତ ଏକ ବିଦ୍ୟାଳୟର ସପ୍ତମ ଶ୍ରେଣୀର ଜନୈକ ଛାତ୍ରଙ୍କୁ ଶିକ୍ଷକଙ୍କ ମାଡ଼ ମାରି ଜଙ୍ଘରେ ନୋଳା ବସାଇ ଦେଇଥିବା ନେଇ ଛାତ୍ରଙ୍କ ପରିବାର ପକ୍ଷରୁ ଉପରିସ୍ଥ ଅଧିକାରୀଙ୍କୁ ଅଭିଯୋଗ କରାଯାଇଛି। ଏ ନେଇ କେତେଜଣ ଛାତ୍ର ଅବିଭାବକ ଓ ସ୍ଥାନୀୟ ଲୋକପ୍ରତିନିଧିଙ୍କ ସମେତ ଶିକ୍ଷାଧିକାରୀ ଉପସ୍ଥିତିରେ ଏକ ସମାଧାନ କରିବାକୁ ଉଦ୍ୟମ କରାଯାଇଥିଲେ ମଧ୍ୟ ସମ୍ପୃକ୍ତ ଛାତ୍ରଙ୍କ ଅବିଭାବକ ଏଥିରେ ରାଜି ହୋଇ ନ ଥିଲେ। ଏହି ଘଟଣାକୁ ନେଇ ଶୁକ୍ରବାରଠାରୁ ସମ୍ପୃକ୍ତ ପୀଡିତ ଛାତ୍ରଙ୍କୁ ଆଉ ପଢ଼ିବା ପାଇଁ ବିଦ୍ୟାଳୟକୁ ପଠାଇବେ ନାହିଁ ବୋଲି ତାଙ୍କ ମା'ବାପା କହିଛନ୍ତି।

# ଅନଶନକାରୀଙ୍କ ଦସ୍ତଖତ ନେବାକୁ ଆସି ଅଧିକାରୀ ହଟହଟା

- ବରୁଣା ପାକ୍ସରେ ଚାଷୀଙ୍କ ଟଙ୍କା ହଡ଼ପ ଘଟଣା
- ୩ୟ ଦିନରେ ଚାଷୀଙ୍କ ଆମରଣ ଅନଶନ ଅବ୍ୟାହତ

ରାଜକନିକା, ୧୨।୯(ସଞ୍ଜୟ କୁମାର ଦାଶ)

ରାଜକନିକା ବ୍ଲକ ବରୁଣା ପ୍ରାଥମିକ କୃଷି ସମବାୟ ସମିତି ଲିଃ(ପାକ୍ସ)ର ଚାଷୀମାନଙ୍କ ଅଜାଣତରେ ଟଙ୍କା ହଡ଼ପ ହୋଇଛି। ନ୍ୟାୟ ଦେବାକୁ ଦାବିକରି ପେଗରପଡ଼ା ସମିତିସଭ୍ୟ ପ୍ରବେଶନ ମଲିକ ଚାଷୀଭାଇଙ୍କୁ ନେଇ କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ, ରାଜକନିକା ଶାଖା ସମ୍ମୁଖରେ ଚାଲିଥିବା ଆମରଣ ଅନଶନ ଗୁରୁବାର ୩ୟ ଦିନରେ ପହଞ୍ଚିଛି। ଏଥିରେ ସାମାଜିକ କର୍ମୀ ରାଜନାରାୟଣ ଜେନା ସାମିଲ ହୋଇଛନ୍ତି। ଅନଶନକୁ ସମର୍ଥନ ଜଣାଇ ରାଜକନିକା ବ୍ଲକର ବିଭିନ୍ନ ପ୍ରାନ୍ତରରୁ ଶତାଧିକ ଚାଷୀ ସାମିଲ ହୋଇଥିଲେ। କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ମୁଖ୍ୟାଳୟର ନିର୍ଦ୍ଦେଶକ୍ରମେ ଗୁରୁବାର ତଦନ୍ତ ପାଇଁ ଆସିଥିବା ସହକାରୀ ଉପନିବନ୍ଧକ ଯୋଗେନ୍ଦ୍ରନାଥ ବିଶ୍ୱାଳ, ମାର୍ଶାଘାଇ କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ଶାଖା ପରିଚାଳକ ଦୁର୍ଗାମାଧବ ନନ୍ଦ ଓ ମହାକାଳପଡ଼ା କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ଶାଖା ପରିଚାଳକ ଅକ୍ଷୟ କୁମାର ଦାଶ ପ୍ରମୁଖ ୩ ଜଣ ଅଧିକାରୀ ଆସିଥିଲେ। ସେମାନେ କଟକ କେନ୍ଦ୍ର ସମବାୟ ବ୍ୟାଙ୍କ, ରାଜକନିକା ଶାଖାରେ ପହଞ୍ଚି ୨ ଘଣ୍ଟା କବାଟ କିଳା କାଗଜପତ୍ର ଯାଞ୍ଚ ବାହାନାରେ ଦୁର୍ନୀତିକୁ ଘଷ୍ଟ ଘୋଡାଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଚାଷୀମାନେ କହିଛନ୍ତି, ଏହି ଅଧିକାରୀମାନେ ୧୫ ଦିନ ହେବ ତଦନ୍ତ ଆଳରେ ସମୟ ଗଡ଼ାଇ ଚାଲିଛନ୍ତି। ଅଧିକାରୀମାନେ ତଦନ୍ତ ଆଳରେ ବରୁଣା ସମବାୟ ସମ୍ପାଦକଙ୍କୁ ଘଷ୍ଟ ଘୋଡ଼ାଇବାକୁ ଯୋଜନା କରୁଥିବା ଚାଷୀମାନେ ଅଭିଯୋଗ ଆଣିଛନ୍ତି। ଏହି ତଦନ୍ତକାରୀ ଅଧିକାରୀଙ୍କ ଉପରେ ଆମର ସନ୍ଦେହ ହେଉଛି। ଏହି ତଦନ୍ତକାରୀ ଅଧିକାରୀମାନେ ଏକ ସାଦା କାଗଜରେ ଆମରଣ ଅନଶନରେ ବସିଥିବା ସମିତିସଭ୍ୟ ମଲିକଙ୍କଠାରୁ ଦସ୍ତଖତ ନେବାକୁ ଯାଇ ହଟହଟା ହୋଇଥିବା ଦେଖିବାକୁ ମିଳିଛି। ଚାଷୀମାନେ ଏହାକୁ ବିରୋଧ କରି ତଦନ୍ତ ଅଧିକାରୀଙ୍କୁ ପ୍ରଶ୍ନ କରିଥିଲେ ଯେ, ଆପଣ ଶୀତତାପ ନିୟନ୍ତ୍ରିତ ବନ୍ଦ କୋଠରିରେ କ'ଣ କରୁଥିଲେ ଆମେ ଜାଣିନୁ। କ'ଣ ପାଇଁ ଦସ୍ତଖତ କରିବୁ। ଏମିତି ପ୍ରଶ୍ନରେ ତଦନ୍ତ ଅଧିକାରୀମାନେ ପଳାଇ ଯାଇଥିଲେ। ୩ ତଦନ୍ତ ଅଧିକାରୀଙ୍କୁ ବଦଳି କରି ଏକ ନିରପେକ୍ଷ ତଦନ୍ତ କରିବାକୁ ଚାଷୀମାନେ ପ୍ରଶାସନ ନିକଟରେ ଦାବି କରିଛନ୍ତି। ତଦନ୍ତ ସମ୍ପର୍କରେ ଗଣମାଧ୍ୟମକୁ ତଦନ୍ତକାରୀ ଅଧିକାରୀମାନେ କୌଣସି ପ୍ରତିକ୍ରିୟା ଦେଇ ନ ଥିଲେ। ଅନଶନସ୍ଥଳରେ ଡାକ୍ତରୀ ଟିମ୍ ପହଞ୍ଚି ଅନଶନକାରୀଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରିଛନ୍ତି। ଏହି ଆମରଣ ଅନଶନରେ ସୂର୍ଯ୍ୟମଣି ସାହୁ, ଅରବିନ୍ଦ ମଥାନ, ଆଳି ବ୍ଲକ ସିଙ୍ଗିରି ସରପଞ୍ଚ ଅକ୍ଷୟ କୁମାର ଦାସ, ଶୁଭ୍ରଜିତ ବିଶ୍ୱାଳ, ଜଗନ୍ନାଥ ସାମଲ, ସଂଗ୍ରାମ ମଲ୍ଲିକ, ଯଯାତି ପଟ୍ଟନାୟକ, ପ୍ରିୟରଞ୍ଜନ ପରିଡ଼ା, ବନ୍ଧୁ ମଲ୍ଲିକ, ବିଶ୍ୱନାଥ ମଲ୍ଲିକ, ଶିବାନନ୍ଦ ବେହେରା, ଜଳଧର ମଲ୍ଲିକ, କାଳନ୍ଦୀ ଜେନା, ରଶ୍ମିତା ସାମଲ, ନରେନ୍ଦ୍ର ସାମଲ, ଭାଗୀରଥି ମଲ୍ଲିକ ପ୍ରମୁଖ ଶତାଧିକ ଚାଷୀ ଉପସ୍ଥିତ ରହି ଅନଶନକୁ ସହଯୋଗ କରିଥିଲେ।



ଅନଶନକାରୀଙ୍କୁ ତଦନ୍ତ ଅଧିକାରୀ ବୁଝାଶୁଝା କରୁଛନ୍ତି।

# କ୍ଷେତରେ ଦିଶୁନି ଧନିଚା, ନଳିତା ଚାଷ

- ନାମକୁମାତ୍ର ଝୋଟ ଗବେଷଣା କେନ୍ଦ୍ର ରହିଛି
- ଚଢ଼ା ଦରରେ ଚାଷୀ ବଜାରରୁ ମଞ୍ଜି କିଣୁଛନ୍ତି

କେନ୍ଦ୍ରାପଡ଼ା, ୧୨।୯ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲାର ଅର୍ଥନୀତି କୃଷିଭିତ୍ତିକ। ଏବେ ଖରିଫ ଧାନ ଚାଷ ହେଉଥିବାବେଳେ ଏହି ସମୟରେ କ୍ଷେତରେ ଧନିଚା ଓ ନଳିତା ଚାଷ ଦେଖିବାକୁ ମିଳୁଥିଲା। ତେବେ ଚଳିତବର୍ଷ କ୍ଷେତରେ ଏହି ଫସଲ ଦେଖିବାକୁ ମିଳୁନାହିଁ। କେନ୍ଦ୍ରାପଡ଼ା ବ୍ଲକ ଅଧୀନ ଜଜାଙ୍ଗସ୍ଥ ଝୋଟ ଗବେଷଣା କେନ୍ଦ୍ର ଅସ୍ତିତ୍ୱ ହରାଇବାକୁ ବସିଛି। କୃଷି ବିଭାଗ ପକ୍ଷରୁ ଉପଯୁକ୍ତ ସମୟରେ ବିହନ ମିଳୁନାହିଁ। ସେହିପରି ବଜାରରୁ ମିଳୁଥିବା ମଞ୍ଜି ଚଢ଼ା ଦରରେ ବିକ୍ରି ହେଉଛି। ଅଧିକାଂଶ ବିହନ ଉତ୍ପାଦନକ୍ଷମ ନୁହେଁ ବୋଲି ଚାଷୀମାନେ ମତ ଦେଇଛନ୍ତି।

ଏ ସମ୍ପର୍କରେ କେନ୍ଦ୍ରାପଡ଼ା ବ୍ଲକ ଜଜାଙ୍ଗ ଗ୍ରାମର ଚାଷୀ ହରିହର ବେହେରା କହିଛନ୍ତି, ଏହି ଜିଲା ଏକଦା ଝୋଟ ଉତ୍ପାଦନ କ୍ଷେତ୍ରରେ ସୁନାମ ଆଣିଥିଲା। ଏପରିକି ଏହାର ପ୍ରଚାର, ପ୍ରସାର ସହିତ ଆର୍ଥିକ ସ୍ୱାବଲମ୍ବିତା ପାଇଁ କେନ୍ଦ୍ରାପଡ଼ା ବ୍ଲକ ଜଜାଙ୍ଗଠାରେ ଝୋଟ ଗବେଷଣା କେନ୍ଦ୍ର ପ୍ରତିଷ୍ଠା ହୋଇଥିଲା। ଏଠାରେ ମଧ୍ୟ ନୂତନ ୩ ପ୍ରକାର ନଳିତା ମଞ୍ଜି ସୃଷ୍ଟି କରି ବୈଜ୍ଞାନିକମାନେ ଚାଷୀଙ୍କ ଅର୍ଥନୀତିକୁ ସ୍ୱଚ୍ଛଳ କରିଥିଲା। ଏହି ଗବେଷଣା କେନ୍ଦ୍ର ଏବେ ନାମକୁ ମାତ୍ର ରହିଛି। ପ୍ଲାଷ୍ଟିକର ଚାହିଦା ଓ ସରକାରୀ ପ୍ରୋତ୍ସାହନ ଅଭାବରୁ ଚାଷୀ ପାରମ୍ପରିକ ସବୁଜ ସାର ଭାବେ ପରିଚିତ ନଳିତା, ଧନିଚାର ଚାଷ ପ୍ରତି ଆଗ୍ରହ ଦେଖାଉନାହାନ୍ତି। ଚଢ଼ା ଦରରେ ଖୋଲା ବଜାରରୁ ମଞ୍ଜି କ୍ରୟ ହେଉଥିବାବେଳେ ଗତବର୍ଷ ତୁଳନାରେ ୯୦ ପ୍ରତିଶତ ଚାଷ କମିଛି ବୋଲି ଚାଷୀମାନେ ମତ ଦେଇଛନ୍ତି। କୃଷକ ନେତା ବିଧୁଭୂଷଣ ମହାପାତ୍ର କହିଛନ୍ତି, ୨୦୦୫ ମସିହାରେ କେନ୍ଦ୍ରାପଡ଼ା ଜିଲାର ମୋଟ ୨୧୫୨ ହେକ୍ଟର ଅଞ୍ଚଳରେ ନଳିତା ଚାଷ ହୋଇଥିଲା। ଜଳବାୟୁ, ମୃତ୍ତିକା ଏହି ଚାଷ ପାଇଁ ଉପଯୁକ୍ତ ଥିବାରୁ ୨୦୧୦ମସିହାରେ ଏହାର ପ୍ରସାର ହୋଇ ୮ହଜାର ହେକ୍ଟରରୁ ଊର୍ଦ୍ଧ୍ୱ କ୍ଷେତରେ ଚାଷ ହୋଇଥିଲା। ଏହାକୁ ଲକ୍ଷ୍ୟ କରି ସହର ନିକଟସ୍ଥ ଜଜାଙ୍ଗଠାରେ ୪୬ ଏକର ଜମିରେ ଝୋଟ ଗବେଷଣାଗାର ପ୍ରତିଷ୍ଠା ହୋଇଥିଲା। ବିଭିନ୍ନ କିସମର ବିହନ ସହଯୋଗରେ ଏହି ନଳିତା ଚାଷ ୨୦୧୪ ମସିହାରେ ୧୪ ହଜାର ହେକ୍ଟରକୁ ବୃଦ୍ଧି ପାଇଥିବାବେଳେ ଗତ ୫ ବର୍ଷ ଧରି ଏହି ଗବେଷଣା କେନ୍ଦ୍ରରୁ ବିହନ ବିକ୍ରି ବନ୍ଦ ହୋଇଯାଇଛି। ଜିଲା ପାଇଁ ପ୍ରତିବର୍ଷ ପ୍ରାୟ ୩୦ କୁଇଣ୍ଟାଲ ବିହନ ଆବଶ୍ୟକ ଥିବାବେଳେ ୨୦୧୮ ମସିହାରେ ମାତ୍ର ୨ କୁଇଣ୍ଟାଲ ବିହନ ଯୋଗାଣ ହୋଇଛି। ୪ ବର୍ଷ ଧରି ଗବେଷଣା କେନ୍ଦ୍ରର ବିକ୍ରୟ କେନ୍ଦ୍ରକୁ ବିହନ ଆସିବା ବନ୍ଦ ହୋଇଯାଇଛି। ପ୍ରାୟ ୯୦ ପ୍ରତିଶତ ଚାଷ ଜିଲାରେ କମିଛି। ଡେରାବିଶର ହଳଧର ଦାଶ କହିଛନ୍ତି, କେନ୍ଦ୍ରାପଡ଼ା ଜିଲାରେ ଶିଳ୍ପ, ଖଣି ଅଥବା ବୃହତ ମଧ୍ୟମ ଧରଣର ଉଦ୍ୟୋଗ ନାହିଁ। କୃଷି ହିଁ ଏକମାତ୍ର ଜିଲାବାସୀଙ୍କ ପାଇଁ ଅର୍ଥନୀତିରେ ପରିଣତ ହୋଇଛି। ଏହି ଅର୍ଥକରୀ ଫସଲ ନଳିତା ଚାଷ ପ୍ରତି ସରକାରୀ ପ୍ରୋତ୍ସାହନ ଅଭାବ ଚାଷୀଙ୍କୁ ବିମୁଖ କରୁଛି। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ପ୍ଲାଷ୍ଟିକ ଅଖା ପ୍ରଚଳନ ବନ୍ଦ କରାଯାଇ ଝୋଟ ବ୍ୟାଗ୍‌କୁ ପ୍ରୋତ୍ସାହିତ କରାଯିବ। ଏହାସତ୍ତ୍ୱେ ସରକାରୀ ସହଯୋଗ ମିଳୁନାହିଁ। କେନ୍ଦ୍ରାପଡ଼ା ବ୍ଲକ କଂସାର ପଞ୍ଚାୟତର ନିରଞ୍ଜନ ପରିଡା କହିଛନ୍ତି, ଚଳିତବର୍ଷ ୧୨ ଏକର ଜମିରେ ନଳିତା ଚାଷ କରିଛି। କେନ୍ଦ୍ରାପଡ଼ାର ମାଟି ନଳିତା ଚାଷ ପାଇଁ ଉପଯୁକ୍ତ। ଏହି ଚାଷ କରି କୋଲକାତାକୁ ଝୋଟ ପଠାଇବା ସହ ମିଠା ଓ ପିତା ନଳିତା ବିକ୍ରି ହେଉଥିଲା। ଏଥିସହ ଦୀପାବଳିରେ କାଉଁରିଆ କାଠି ବିକ୍ରି କରାଯାଇ ହାତକୁ ବେଶ୍ ଦୁଇ ପଇସା ଆସୁଥିଲା। କୃଷି ବିଭାଗର ଅପାରଗତା ଯୋଗୁ ଚଳିତବର୍ଷ ବିହନ ମିଳିବା ସମ୍ଭବ ହେଲାନାହିଁ। ଫଳରେ ଖୋଲା ବଜାରରୁ ଆଣିଥିବା ବିହନରୁ ଉପଯୁକ୍ତ ଅମଳ ମିଳିବ ନାହିଁ। ପାରିପଙ୍ଗରାର ସରସ୍ୱତୀ ସାମଲ କହିଛନ୍ତି, ଏହି ଗ୍ରାମରେ ଝୋଟକୁ ବ୍ୟବହାର କରି ବିଭିନ୍ନ ଘରକରଣା ସାମଗ୍ରୀ ତିଆରି ହୁଏ। ସ୍ୱୟଂ ସହାୟକ ଗୋଷ୍ଠୀର ୬୦ରୁ ଊର୍ଦ୍ଧ୍ୱ ମହିଳା ଏହାକୁ ପରିଚାଳନା କରୁଛନ୍ତି। ସ୍ଥାନୀୟ ଅଞ୍ଚଳରେ ଝୋଟ ନ ଥିବାରୁ ବାହାର ଜିଲାରୁ ଏହାକୁ କ୍ରୟ କରିବାକୁ ପଡୁଛି। ଝୋଟ ତିଆରି ସାମଗ୍ରୀ ପ୍ରତିଦ୍ୱନ୍ଦ୍ୱୀ ବଜାରରେ ସୁଲଭ ମୂଲ୍ୟରେ ଯୋଗାଇ ଦେଇ ପାରୁନାହୁଁ। ଗୋଷ୍ଠୀ ଉତ୍ପାଦନର ଲାଭାଂଶ କମିଯାଉଛି।



ଗୋବରୀ କେନାଲରେ ଜଣେ ଚାଷୀ ନଳିତାରୁ ଝୋଟ ପ୍ରସ୍ତୁତ କରୁଛନ୍ତି।

# ମୋ ଜଙ୍ଗଲ ଜମି ଯୋଜନା ବାଟବଣା

ନୟାଗଡ଼,୧୨।୯(ଲୋକନାଥ ମିଶ୍ର)

ମୋ ଜଙ୍ଗଲ ଜମି ଯୋଜନା ନୟାଗଡ଼ ଜିଲାରେ ବାଟବଣା ହୋଇଥିବା ଅଭିଯୋଗ ହୋଇଛି। ଜଙ୍ଗଲ ଅଧିକାର ଆଇନ ୨୦୦୬ ଓ ସଂଶୋଧନ ନିୟମାବଳି ୨୦୧୨ କାର୍ଯ୍ୟକାରୀ ହେଉଥିଲେ ହେଁ ନୟାଗଡ଼ ଜିଲାର ବନବାସୀ କାହିଁକି ଉପେକ୍ଷିତ ହେଉଛନ୍ତି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଜଙ୍ଗଲ ଜମି ପଟ୍ଟା ମିଳିବାରେ ବିଳମ୍ବ, ଯୁଗ୍ମ ତଦନ୍ତରେ ବନବିଭାଗର ଅସହଯୋଗ, ଉପଖଣ୍ଡସ୍ତରୀୟ କମିଟିରେ ଫାଇଲ ପଡି ରହିବା, ବ୍ୟକ୍ତିଗତ ଓ ଗୋଷ୍ଠୀଗତ ପଟ୍ଟା ମିଳିଥିଲେ ମଧ୍ୟ ଜମି ଚିହ୍ନଟରେ ଅଣଦେଖା, ଜିଲାସ୍ତରୀୟ କମିଟିରେ ମଞ୍ଜୁର ପରେ ବି ଜଙ୍ଗଲ ଜମି ପଟ୍ଟା ହିତାଧିକାରୀ ପାଉ ନ ଥିବା ଅନୁରୂପ ଅଭିଯୋଗ ହୋଇ ଆସୁଛି।ବନବିଭାଗର ଜମିଦାର ପରି ବ୍ୟବହାର ବନବାସୀଙ୍କୁ ଅଭିଶପ୍ତ ଜୀବନ ବିତାଉବାକୁ ବାଧ୍ୟ କରୁଛି। ବନବିଭାଗ ଜମିଦାର ପରି ଦେଖାଇ ହେଉଥିବାରୁ ବନବାସୀମାନେ ଅଣଦେଖା ହୋଇ ରହି ଯାଉଛନ୍ତି ବୋଲି କଟକ ଏମ୍‌ପି ଭର୍ତ୍ତୃହରି ମହତାବ ଗତ ଅଗଷ୍ଟ ୧୪ ଜିଲା ପରିଷଦ ବୈଠକରେ କହି କ୍ଷୋଭ ପ୍ରକାଶ କରିଥିଲେ। ବନବାସୀଙ୍କୁ ସହଯୋଗ କରିବାକୁ ଏମ୍‌ପି ବନବିଭାଗକୁ ପରାମର୍ଶ ଦେଇଥିଲେ।ଏମ୍‌ପିଙ୍କ ବନବିଭାଗ ଉପରେ ଟିପ୍ପଣୀକୁ ନେଇ ବନବିଭାଗ ଉପରେ ଜିଲା ପରିଷଦ ବୈଠକରେ ଅସନ୍ତୋଷ ଓ ଉଦ୍‌ବେଗ ପ୍ରକାଶ ପାଇଥିଲା।



ଜଙ୍ଗଲକୁ ଆଦିବାସୀମାନେ ଜଗି ରହିଛନ୍ତି।

ଏନେଇ ବଙ୍କତଳା ଜଙ୍ଗଲ ଅଧିକାର କମିଟି ସଭାପତି ଲକ୍ଷ୍ମୀଧର ମୁଦୁଲି, ଟାକେରା ଜଙ୍ଗଲ ଅଧିକାର କମିଟି ସଭାପତି ସୁବାସ ଜାନି, ତିଳାବାଡି ଜଙ୍ଗଲ ଅଧିକାର କମିଟି ସଭାପତି ଶରତ ମାଝି କୁହନ୍ତି, ଜଙ୍ଗଲ ଅଧିକାର ଆଇନ ଏକ ଐତିହାସିକ ପଦକ୍ଷେପ। ବନବାସୀଙ୍କ ବହୁଦିନର ଦାବି ପୂରଣ ହୋଇଛି। ତେବେ ଆଇନର ଫାଙ୍କ ଯୋଗୁ ବନବସୀ ସୁଫଳ ପାଉ ନାହାନ୍ତି। ବନବିଭାଗ ଓ ରାଜସ୍ୱ ବିଭାଗର ବୁଝାମୁଣା ଅଭାବରୁ ବିଳମ୍ବରେ ଜଙ୍ଗଲ ଅଧିକାର ପଟ୍ଟା ମିଳୁଛି। ଗୋଷ୍ଠୀଗତ ପଟ୍ଟା ଦିଆ ଯାଉଥିଲେ ମଧ୍ୟ ଜଙ୍ଗଲର ସୀମା ନିର୍ଦ୍ଧାରଣ କରିବାରେ ବନବିଭାଗ ସମୟ ଗଡାଇ ଚାଲୁଛି। ପୁଣି ବ୍ୟକ୍ତିଗତ ଜମିପଟ୍ଟା ଦିଆ ଯାଉଥିଲେ ମଧ୍ୟ ୨୦୧୬ରୁ ଅନେକ ବନବସୀ ପଟ୍ଟା ପାଇଛନ୍ତି। ହେଲେ ସେମାନଙ୍କୁ ଏଯାବତ ଜମି ମଡାଣ ଦିଆ ଯାଉନି। ପୁଣ ଉପଖଣ୍ଡସ୍ତରୀୟ କମିଟିରେ ଦରଖାସ୍ତ ବହୁ ଦିନ ଧରି ପଡି ରହୁଛି। ଏଣୁ ବନବାସୀ ହଇରାଣ ହୋଇ ଚାଲିଛନ୍ତି। ଗଣିଆ ବ୍ଲକ ବଡସିଲିଙ୍ଗା ପଞ୍ଚାୟତ ଗୋଛାବାରୀ ଆଦିମ ଅଧିବାସୀ ମୁକ୍ତି ମଞ୍ଚ ସଂଯୋଜକ ପ୍ରଫୁଲ କୁମାର ନାୟକ କୁହନ୍ତି, ମୋ ଜଙ୍ଗଲ ଜମି ଯୋଜନା ତଥା ଜଙ୍ଗଳ ଅଧିକାର ଆଇନର ଠିକ କାର୍ଯ୍ୟକାରୀ ଓ ଅଞ୍ଚଳର ବିଭିନ୍ନ ସସମ୍ୟା ସମାଧାନ ଦାବି ନେଇ ଓଡ଼ିଶା ଜଙ୍ଗଲ ଅଧିକାର ମଞ୍ଚ ନିଷ୍ପତ୍ତି କ୍ରମେ ସେପ୍ଟେମ୍ବର ୨୩ରେ ଗୋଛାବାରୀ ଆଦିମ ଅଧିବାସୀ ମୁକ୍ତି ମଞ୍ଚ ଓ ମୂଳ ନିବାସୀ ହିତକାରୀ ସଙ୍ଗଠନ ଦଶପଲ୍ଲା ପକ୍ଷରୁ ନୟାଗଡ଼ଉପଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯିବ। ଜଙ୍ଗଲ ଅଧିକାର ଆଇନର ମୌଳିକତାକୁ ଅକ୍ଷୁର୍ଣ୍ଣ ରଖି ଆଇନକୁ ଠିକ୍ ଭାବେ କାର୍ଯ୍ୟକାରୀ କରାଯିବାକୁ ସରକାରଙ୍କୁ ଅନୁରୋଧ କରାଯାଇଛି। ସେହିପରି ଯୋଜନା କାର୍ଯ୍ୟକାରିତା ସମୟରେ ଜଙ୍ଗଲ ଅଧିକାର କମିଟିର ସମ୍ପୃକ୍ତି, ଗ୍ରାମବାସୀଙ୍କ ସହଭାଗିତା, ଗ୍ରାମସଭା ଦ୍ୱାରା ଅନୁମୋଦନକୁ ପ୍ରଧାନ୍ୟ ଦେବା ପାଇଁ ପ୍ରସ୍ତାବ ରହିଛି। ସେହିପରି ଜଙ୍ଗଲ ଅଧିକାର ଆଇନ ଅନୁସାରେ ବ୍ୟକ୍ତିଗତ, ଗୋଷ୍ଠିଗତ ଓ ଗୋଷ୍ଠୀ ଜଙ୍ଗଲ ସମ୍ବଳ ଅଧିକାର ପ୍ରଦାନ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବାର ଦାବି ରହିଛି। ଜଙ୍ଗଲ ଜମି ଉପରେ ବ୍ୟକ୍ତିଗତ ଦାବିଦାରମାନଙ୍କୁ ଓ ଗ୍ରାମସଭାକୁ ଜଙ୍ଗଲ ସମ୍ବଳ ସଂରକ୍ଷଣ ତଥା ବ୍ୟବହାର ପାଇଁ ଦିଆଯାଇଥିବା ପଟ୍ଟାକୁ ସଂଶୋଧନ କରାଯାଇ ରେକର୍ଡ ଅଫ୍ ରାଇଟ୍ ପ୍ରଦାନ କରିବା ପରି ଅନେକ ଦାବି ରହିଛି। ଦଶପଲ୍ଲା ବ୍ଲକ ବାଣିଗୋଛାର କନ୍ଦି ମୂଳ ନିବାସୀ ହିତକାରୀ ସଙ୍ଗଠନ ସଂଯୋଜକ କର୍ଣ୍ଣ ଜାନି କୁହନ୍ତି, ଜଙ୍ଗଲ ଅଧିକାର ଆଇନରେ ସଂଶୋଧନ ଆଣିବାକୁ ସରକାରଙ୍କୁ ଆମ ଅନୁଷ୍ଠାନ ଦ୍ୱାରା ଅନେକ ପ୍ରସ୍ତାବ ଦିଆଯିବା ପାଇଁ ଆମେ ନିଷ୍ପତ୍ତି ନେଇଛୁ। ସରକାରୀ ଜମିରୁ ଉଚ୍ଛେଦ ଆଦେଶ ବାତିଲ କରାଯାଇ ଭୁବନ୍ଦୋବସ୍ତ ଆଇନ ଅନୁସାରେ ଭୂମିହୀନଙ୍କୁ ବାସ ଓ ଚାଷ ପାଇଁ ଜମି ଯୋଗାଇ ଦିଆଯାଉ। ଭୂମିହୀନ ପରିବାରକୁ ଘର କରିବା ପାଇଁ ୪ ଡିସିମିଲି ବଦଳରେ ୧୦ ଡିସିମିଲି ଓ ଚାଷ ପାଇଁ ୨.୫ ଏକର ଜମି ଯୋଗାଇ ଦିଆଯାଉ। ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ପରିବାରର ମୁଣ୍ଡପିଛା ଦିଆ ଯାଉଥବବା ୫କେଜି ଚାଉଳକୁ ୧୦ କେଜି କରାଯାଉ ଓ ରିହାତି ଦରରେ ଡାଲି, ଚିନି, ତେଲ, ଅଟା କିରୋସିନର ଯୋଗାଣ ବ୍ୟବସ୍ଥା କରାଯାଉ। ପଞ୍ଚାୟତର ମୁଖ୍ୟ କାର୍ଯ୍ୟାଳୟରୁ ସବୁ ଗାଁକୁ ରାସ୍ତା ନିର୍ମାଣ ସହ ମୌଳିକ ସେବା ଯୋଗାଇବାର ବ୍ୟବସ୍ଥା କରାଯାଉ। ସରକାର ଆମର ଦାବି ଗୁଡିକ ଅନୁଧ୍ୟାନ କରି ପଦକ୍ଷେପ ନିଅନ୍ତୁ ବୋଲି ପ୍ରକାଶ କରିଛନ୍ତି।

- ଜଙ୍ଗଲ ଜମି ପଟ୍ଟା ମିଳିବାରେ ବିଳମ୍ବ
- ଯୁଗ୍ମ ତଦନ୍ତରେ ବନବିଭାଗର ରହୁନି ସହଯୋଗ
- ଉପଖଣ୍ଡସ୍ତରୀୟ କମିଟିରେ ପଡ଼ି ରହୁଛି ଫାଇଲ
- ବ୍ୟକ୍ତିଗତ,ଗୋଷ୍ଠୀଗତ ପଟ୍ଟା ମିଳିଥିଲେ ମଧ୍ୟ ଜମି ଚିହ୍ନଟରେ ଅଣଦେଖା
- ମଞ୍ଜୁର ପରେ ବି ଜଙ୍ଗଲ ଜମି ପଟ୍ଟା ପାଉନାହାନ୍ତି ହିତାଧିକାରୀ
- ଜଙ୍ଗଲ ଅଧିକାର ଆଇନ ତ୍ରୁଟି ସୁଧାରିବାକୁ ନିବେଦନ

ସେଲ୍ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ଅନିଲ



@ ଜିତ୍



@ ମାଳିନୀ



@ ସୁଭେନ୍ଦୁ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ତଅପୋଇ ଉତ୍ସବ ପାଳନ ପାଇଁ ପ୍ରସ୍ତୁତି

ଖଣ୍ଡପଡ଼ା,୧୨।୯
(ଅଜୟ କୁମାର ମହାରଣା)

ଆସନ୍ତା ୧୫ ତାରିଖ ଶେଷପାଳି ଖୁଦୁରୁକୁଣୀ ଓଷା ଅବସରରେ କଣ୍ଟିଲୋ ପଞ୍ଚାୟତ ପାଣ୍ଡୁସାହୁ ପାଟଣା ତିଅରସାହି ଗ୍ରାମର ଯୁବତୀ ଓ ମହିଳାମାନଙ୍କ ପକ୍ଷରୁ ତଅପୋଇ ଉତ୍ସବକୁ ମହାଆଡମ୍ବର ସହକାରେ ପାଳନ କରାଯିବାର ନିଷ୍ପତ୍ତି ହୋଇଛି। ଏ ଅବସରରେ ଅନୁଷ୍ଠାନର ମୁଖ୍ୟ ପରିଚାଳକ ସୁରେନ୍ଦ୍ର କୁମାର ବେହେରାଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମକୁ କିପରି ଶୃଙ୍ଖଳିତ ତଥା ସୁଚାର ରୁପେ ସମ୍ପନ୍ନ କରାଯିବ ସେ ନେଇ ଗୁରୁବାର ଅପରାହ୍ନରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମେ ଅନୁଷ୍ଠାନର ସଦସ୍ୟା ହରପ୍ରିୟା, ବିଷ୍ଣୁପ୍ରିୟା, ରୁବି, କିରାଣୀ, ମାମାଲି, ବିୟୁଟି, ସୁଇଟି, ଦୀପା, ମାଧବୀ, ବୈଶାଖୀ ବେହେରା ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରି ପୋଲିସ ପ୍ରଶାସନର ନିର୍ଦ୍ଦେଶାନୁଯାୟୀ ବିନା ଡିଜେ ସାଉଣ୍ଡରେ ଉତ୍ସବକୁ କିପରି



ପାଳନ କରାଯିବ ସେ ସମ୍ପର୍କରେ ମତ ରଖିଥିଲେ। ବିଶେଷ କରି ଏହି ତଅପୋଇ ଉତ୍ସବ ସହ ଖୁଦୁରୁକୁଣୀ ଭସାଣୀ ସମୟରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଶୃଙ୍ଖଳିତ ଢଙ୍ଗରେ ପରିଚାଳନା କରିବା ପାଇଁ ସାହି ଭାଇ ତଥା ଗୁରୁଜନମାନଙ୍କ ସହଯୋଗ କାମନା କରାଯାଇଥିଲା।

# ମହାନଦୀ ପାର୍ଶ୍ୱରେ ରାସ୍ତା ନିର୍ମାଣକୁ ଗ୍ରାମବାସୀଙ୍କ ବିରୋଧ

## ଅଭିଯୋଗ ପରେ କାମ ବନ୍ଦ କରିବାକୁ ନିର୍ଦ୍ଦେଶ

ଖଣ୍ଡପଡ଼ା,୧୨।୯
(ଅଜୟ କୁମାର ମହାରଣା)

ବର୍ଷାଋତୁରେ ମହାନଦୀରେ ବନ୍ୟା ଆସିବାର ସମ୍ଭାବନା ରହିଛି। ଏହାଛଡା ବିଭିନ୍ନ ନଦୀର ମୁଖ୍ୟ ମାଳବନ୍ଧର ସୁରକ୍ଷା ପାଇଁ ରାଜ୍ୟ ସରକାର ତଥା ଜଳ ସମ୍ପଦ ବିଭାଗ ଦୃଷ୍ଟି ଦେବାକୁ ନିର୍ଦ୍ଦେଶ ରହିଥିବା ବେଳେ ନଦୀବନ୍ଧର ସୁରକ୍ଷା ପ୍ରତି ଦୃଷ୍ଟି ନ ଦେଇ ସିଧାମୂଳା ମହାନଦୀ ଦକ୍ଷିଣ ପାର୍ଶ୍ୱ ମାଳବନ୍ଧ ତଳେ(ପାର୍ଶ୍ୱରେ) ବ୍ଲକ୍ ପ୍ରଶାସନ ପକ୍ଷରୁ ଅନ୍ୟ ଏକ ରାସ୍ତା ନିର୍ମାଣ ଚାଲିଛି। ଏହାକୁ ସ୍ଥାନୀୟ ଲୋକେ ବିରୋଧ କରିଛନ୍ତି। ଏହି ଅଭିଯୋଗ ପରେ ଉକ୍ତ କାର୍ଯ୍ୟକୁ ଜଳ ସମ୍ପଦ ବିଭାଗ ପକ୍ଷରୁ ବନ୍ଦ କରି ଦିଆଯାଇଛି।

ସୂଚନାଯୋଗ୍ୟ, ଖଣ୍ଡପଡ଼ା ବ୍ଲକ୍ ଅଧୀନ ସିଧାମୂଳା ଗ୍ରାମ ପାର୍ଶ୍ୱରେ ପ୍ରବାହିତ ମହାନଦୀ ଦକ୍ଷିଣପାର୍ଶ୍ୱ ମାଳବନ୍ଧ ତଳେ(ସିଧାମୂଳାଠାରୁ ଘଣାଶାଳିଆ ପର୍ଯ୍ୟନ୍ତ)ଏକ ନୂତନ ରାସ୍ତା ନିର୍ମାଣକୁ ନେଇ ସ୍ଥାନୀୟ ଅଞ୍ଚଳରେ ବିବାଦର ସୂତ୍ରପାତ ହୋଇଥିଲା। ମହାନଦୀ ମାଳବନ୍ଧ ତଳେ ଆଉ ଏକ ରାସ୍ତା ନିର୍ମାଣର ଆବଶ୍ୟକତା ନ ଥିବା ଦର୍ଶାଇ ସିଧାମୂଳା ଗ୍ରାମର ବାସିନ୍ଦା ଖଣ୍ଡପଡ଼ା ବ୍ଲକ୍ ପ୍ରଶାସନ ଓ ଜିଲା ପ୍ରଶାସନର ଦୃଷ୍ଟି



ନଦୀକୂଳରେ ନିର୍ମାଣ ହେଉଥିବା ରାସ୍ତା।

ଆକର୍ଷଣ କରିଥିଲେ। ଖଣ୍ଡପଡ଼ା ବ୍ଲକ୍ ପ୍ରଶାସନ ପକ୍ଷରୁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ଏହି ରାସ୍ତା ନିର୍ମାଣ ହେଉଥିଲା। ରାସ୍ତା ନିର୍ମାଣ ପାଇଁ ମାଳବନ୍ଧ ନଷ୍ଟ ହେବା ସହ ତା'ପାର୍ଶ୍ୱରେ ବହୁ ପୂର୍ବରୁ ବନୀକରଣ ଯୋଜନାରରେ ଲଗା ଯାଇଥିବା ଗଛ କଟା ଯାଇଥିବା ଅଭିଯୋଗ ହୋଇଛି। ମହାନଦୀ ମାଳବନ୍ଧର ରକ୍ଷଣାବେକ୍ଷଣ ଦାୟିତ୍ୱ କଣ୍ଟିଲୋ ଜଳ ସମ୍ପଦ ବିଭାଗ ଉପରେ ନ୍ୟସ୍ତ କରାଯାଇଥିଲେ ହେଁ ଜଳସେଚନ ବିଭାଗର ବିନା ଅନୁମତିରେ ମାଳବନ୍ଧ ପାର୍ଶ୍ୱକୁ ଲଗାଇ ଆଉ ଏକ ରାସ୍ତା ନିର୍ମାଣ କରାଯାଉଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଅପରପକ୍ଷେ ଉକ୍ତ ରାସ୍ତା ନିର୍ମାଣ କାର୍ଯ୍ୟ ତୁରନ୍ତ ବନ୍ଦ କରିବାକୁ ସାଧାରଣରେ ଦାବି ହୋଇଥିଲା। ଗ୍ରାମବାସୀଙ୍କ ଅଭିଯୋଗ କ୍ରମେ ଖଣ୍ଡପଡ଼ା ବ୍ଲକ୍ ଉନ୍ନୟନ ଅଧିକାରୀ ଅଙ୍କୁର ଅଭିଳାଷ ଘଟଣାସ୍ଥଳ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରି ସେହି କାର୍ଯ୍ୟକୁ ବନ୍ଦ କରିଥିବା ବିଡିଓ ଅଭିଳାଷ ପ୍ରକାଶ କରିଛନ୍ତି। ସେହିପରି ଏ ସମ୍ପର୍କରେ କଣ୍ଟିଲୋ ଜଳ ସମ୍ପଦ ବିଭାଗ ସହକାରୀ ଯନ୍ତ୍ରୀ ଇଂ.ରାମ ମୋହନ ବେହେରାଙ୍କ ସହ ଯୋଗାଯୋଗ କରିବାରେ ଅଭିଯୋଗ ମିଳିବା ପରେ ସେହି କାମକୁ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ କ୍ରମେ ବନ୍ଦ କରାଯାଇଥିବା ସେ କହିଛନ୍ତି।

# ଖଳିସାହି ସେବା ସମବାୟ ସମିତି କାର୍ଯ୍ୟାଳୟ ବିପଦସଙ୍କୁଳ




ଅସୁରକ୍ଷିତ ସମବାୟ ସମିତି ଗୃହ।

ଖଣ୍ଡପଡ଼ା,୧୨।୯
(ଅଜୟ କୁମାର ମହାରଣା)

ଦୀର୍ଘ ୬୭ ବର୍ଷରୁ ଊର୍ଦ୍ଧ୍ୱ ହେବ ପ୍ରତିଷ୍ଠା ହୋଇଥିବା ଖଣ୍ଡପଡ଼ା ବ୍ଲକ୍ ଅଧୀନ ଖଳିସାହି ସେବା ସମବାୟ ସମିତି କାର୍ଯ୍ୟାଳୟ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଆବଶ୍ୟକୀୟ ଗୃହ ଅଭାବରୁ ଖଳିସାହି ପଞ୍ଚାୟତ କାର୍ଯ୍ୟାଳୟ ପରିସରସ୍ଥିତ ଏକ ଟିଣ ଛପର ଗୃହରେ ଥିବା ଏହି ସମିତି ଗୃହ ଓ କାର୍ଯ୍ୟାଳୟଟି ବିଭିନ୍ନ କାର୍ଯ୍ୟକ୍ରମ ପରିଚାଳନା କରିବାରେ ସମସ୍ୟା ସୃଷ୍ଟି କରିଛି। ଏହି ସମବାୟ ସମିତିର ସଦସ୍ୟା, ସଦସ୍ୟଙ୍କ ସଂଖ୍ୟା ସମୟାନୁକ୍ରମେ ବୃଦ୍ଧି ପାଇବା ସହ ପ୍ରତିବର୍ଷ ସରକାରଙ୍କ ପକ୍ଷରୁ ଏଠାରେ ଚାଷୀଙ୍କଠାରୁ ଧାନକ୍ରୟ ପାଇଁ ଏକ ମଣ୍ଡି ଖୋଲା ଯାଇଥାଏ। ସମବାୟ ସମିତି କାର୍ଯ୍ୟାଳୟ ପରିସରରେ ସ୍ଥାନ ଅଭାବରୁ କେତେବେଳେ ନିକଟସ୍ଥ ଖଳିସାହି ବଡ ପଡିଆ କିମ୍ବା ଦଶଦୋଳ ଯାତ୍ରା ପଡିଆରେ ଚାଷୀମାନେ ଶତାଧିକ କୁଇଣ୍ଟାଲ ଧାନ ମହଜୁଦ ରଖି ମଣ୍ଡିରେ ବିକ୍ରୟ କରିଥାଆନ୍ତି। ଅଦିନିଆ ବର୍ଷା ଧାନ କ୍ରୟ ସମୟରେ ବାଧକ ସାଜିବା ସହ ଚାଷୀମାନେ କ୍ଷତି ସହିଥାଆନ୍ତି। ସ୍ଥାନୀୟ ଅଞ୍ଚଳର ଚାଷୀମାନଙ୍କ ସ୍ୱାର୍ଥ ଦୃଷ୍ଟିରୁ ଖଳିସାହି ସେବା ସମବାୟ ସମିତି କାର୍ଯ୍ୟାଳୟର ନବୀକରଣ ପାଇଁ ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ସେହିପରି ସମୟାନୁକ୍ରମେ ରକ୍ଷଣା ବେକ୍ଷଣ ଅଭାବରୁ ଟିଣ ଛପର ଗୃହଟି କଳଙ୍କି ଲାଗି ନଷ୍ଟ ହେବାକୁ ବସିଥିବା ବେଳେ ବର୍ଷା ଦିନେ ପାଣି ଗଳିବା ଯୋଗୁ ସମବାୟ ସମିତିର ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର, ଆସବାବପତ୍ର ସବୁ କିଛି ନଷ୍ଟ ହେବାର ଆଶଙ୍କା ପ୍ରକାଶ ପାଇଛି। ଏବେ ସରକାରଙ୍କ ପକ୍ଷରୁ ସମସ୍ତ କାଗଜ ପତ୍ର ଅନଲାଇନ ଜରିଆରେ କରାଯାଉଥିବାରୁ ଏଥି ନିମନ୍ତେ ସମବାୟ ସମିତି କର୍ତ୍ତୃପକ୍ଷ ବାରମ୍ବାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି।

# ପାଣିରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ

ନୟାଗଡ଼/ଗଣିଆ, ୧୨।୯
(ଲୋକନାଥ ମିଶ୍ର/ସନ୍ତୋଷ କୁମାର ପ୍ରଧାନ)

ଗଣିଆ ବ୍ଲକ ଛାମୁଣ୍ଡିଆ ପଞ୍ଚାୟତ ବେଷ୍ଟପଡ଼ା ଗ୍ରାମରେ ଜଣେ ବୃଦ୍ଧଙ୍କ ଗୁରୁବାର ପାଣିରେ ବୁଡ଼ି ମୃତ୍ୟୁ ହୋଇଛି। ମୃତକ ହେଲେ ପୂର୍ଣ୍ଣଚନ୍ଦ୍ର ରଣା (୬୩)। ଘର ବେଷ୍ଟପଡା ଗ୍ରାମରେ। ମିଳିଥିବା ସୂଚନା ଅନୁଯାୟୀ, ଗତ ବୁଧବାର ସନ୍ଧ୍ୟାରେ ପୂର୍ଣ୍ଣଚନ୍ଦ୍ର ଘରକୁ ଫେରି ନ ଥିଲେ। ପରିବାର ଲୋକେ ଖୋଜାଖୋଜି କଲାପରେ ମଧ୍ୟ କିଛି ଖବର ମିଳି ନ ଥିଲା। ଗୁରୁବାର ସକାଳୁ ଗାଁ ଲୋକେ ଖଳି ନାଳକୁ ନିତ୍ୟକର୍ମ ସାରି ଗଲାବେଳେ ପୂର୍ଣ୍ଣଙ୍କ ମୃତଦେହ ପାଣିରେ ଭାସୁଥିବା ଦେଖିବାକୁ ପାଇଥିଲେ। ପୂର୍ଣ୍ଣଙ୍କ ୩ ଝିଅ ବିବାହ ହୋଇଥିବା ବେଳେ ପୁଅ ନ ଥିବା ଜଣାପଡ଼ିଛି। ସେ କିଛି ଦିନ ହେବ ମାନସିକ ଭାରସାମ୍ୟ ହରାଇଥିବା ପରିବାର ଲୋକେ କହିଛନ୍ତି।

# ପରିକ୍ରମା କଲା ସୁଭଦ୍ରା ରଥ




ସହର ପରିକ୍ରମା କରୁଥିବା ସୁଭଦ୍ରା ରଥ।

ଖଣ୍ଡପଡ଼ା,୧୨।୯
(ଅଜୟ କୁମାର ମହାରଣା)

ମହିଳାଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସୁଭଦ୍ରା ଯୋଜନା କାର୍ଯ୍ୟକାରୀ କରାଯାଇଛି। ଉକ୍ତ ଯୋଜନା ସମ୍ପର୍କରେ ଜନ ସଚେତନତା ସୃଷ୍ଟି ପାଇଁ ଜିଲା ପ୍ରଶାସନ ପକ୍ଷରୁ ୨ଟି ସୁଭଦ୍ରା ରଥ ଗୁରୁବାର ଖଣ୍ଡପଡ଼ା ସହର ଓ ବ୍ଲକ୍ ଅଞ୍ଚଳ ପରିକ୍ରମା ଆରମ୍ଭ କରିଛି। ଖଣ୍ଡପଡ଼ା ବ୍ଲକ୍ ପରିସରରୁ ଏକ ସୁଭଦ୍ରା ରଥ ବାହାରି ଖଣ୍ଡପଡ଼ା ବ୍ଲକ୍ ଅଧୀନ ବିଭିନ୍ନ ପଞ୍ଚାୟତ ପରିକ୍ରମା କରିଛି। ବ୍ଲକ ପ୍ରଶାସନର ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ। ସେହିପରି ଖଣ୍ଡପଡ଼ା ଏନଏସି କାର୍ଯ୍ୟାଳୟ ପରିସରରୁ ଅନ୍ୟ ଏକ ସୁଭଦ୍ରା ରଥ ବାହାରି ସହରର ୧୩ଟି ୱାର୍ଡ ପରିକ୍ରମା ଆରମ୍ଭ କରିଛି। ପର୍ଯ୍ୟାୟ କ୍ରମେ ସୁଭଦ୍ରା ରଥ ବ୍ଲକ୍ ଅଧୀନ ୨୨ ପଞ୍ଚାୟତ ପରିକ୍ରମା କରିବ ବୋଲି ବ୍ଲକ ଉନ୍ନୟନ ଅଧିକାରୀ ଅଙ୍କୁର ଅଭିଳାଷଙ୍କ ଠାରୁ ପ୍ରକାଶ। ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ସୁଭଦ୍ରା ଯୋଜନାରେ ସାମିଲ କରିବା ଏହାର ମୂଳ ଲକ୍ଷ୍ୟ ବୋଲି ସେ କହିଛନ୍ତି।

# ଦେଶୀ, ବିଦେଶୀ ମଦ ଜବତ, ୨ ଗିରଫ

ଖଣ୍ଡପଡ଼ା,୧୨।୯
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ଅବକାରୀ କର୍ମଚାରୀମାନେ ଖଣ୍ଡପଡ଼ା ବ୍ଲକ୍ ଅଧୀନ ଖଳିସାହି ଓ କୋସକା ପଞ୍ଚାୟତର ବିଭିନ୍ନ ଗ୍ରାମରେ ଗୁରୁବାର ଚଡାଉ କରିଛନ୍ତି। ଏହି ଘଟଣାରେ ୨ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତଙ୍କ ପାଖରୁ ଦେଶୀ ବିଦେଶୀ ମଦ ଜବତ କରାଯାଇଛି। ବାସୁଦେବପୁର ଗ୍ରାମର ବିପିନ ବିହାରୀ ଦାସ(୫୦)ଙ୍କ ଠାରୁ ୧୫ ଲିଟର ଦେଶୀ ମଦ ଓ ରତାଖଣ୍ଡି ଗ୍ରାମର ସଞ୍ଜୟ ସାହୁଙ୍କଠାରୁ ୮.୭ ଲିଟର ବିଦେଶୀ ମଦ ଜବତ କରାଯାଇଛି। ଚୋରା ମଦ କାରବାରରେ ସଂପୃକ୍ତ ଥିବା ଅଭିଯୋଗରେ ଉଭୟଙ୍କ ନାମରେ ମାମଲା ରୁଜୁ କରାଯାଇଛି।

# ବ୍ୟକ୍ତିଗତ ଜମିରେ ନିର୍ମାଣ ହେଉଛି କଲ୍ୟାଣ ମଣ୍ଡପ

ନୟାଗଡ଼/ରଣପୁର,୧୨।୯ (ଲୋକନାଥ ମିଶ୍ର/ ସୁକାନ୍ତ କିଶୋର ଡାକୁଆ)

ନୟାଗଡ଼ ଜିଲା ରଣପୁର ବ୍ଲକ୍ ଡମସାହିର ଜଣେ ଲୋକଙ୍କ ଜମିରେ କଲ୍ୟାଣ ମଣ୍ଡପ ପରି ସରକାରୀ ପ୍ରକଳ୍ପ ନିର୍ମାଣ ଚାଲିଛି। ଗାଁ ଲୋକଙ୍କ ବିରୋଧ ସତ୍ତ୍ୱେ ଏହାକୁ ଅଣଦେଖା କରାଯିବା ପରେ ପ୍ରତିବାଦ ଜୋର୍ ଧରିଛି। ଏପରି କି ଗାଁ ସଭା ବସି ବିରୋଧ ପରେ ବି ପ୍ରତିକାର ହୋଇ ପାରିନାହିଁ। ଶେଷରେ ଗାଁ ଲୋକେ ଜିଲାପାଳଙ୍କୁ ଫେରାଦ୍ ହୋଇ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଅନ୍ୟପକ୍ଷେ ଜିଲା ପଞ୍ଚାୟତ ଅଧିକାରୀ, ରଣପୁର ବିଡିଓ, ପଞ୍ଚାୟତିରାଜ ମନ୍ତ୍ରୀ ଓ ସଚିବଙ୍କୁ ଅନୁରୂପ ଭାବେ ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ଡମସାହି ମୁକ୍ତେଶ୍ୱର ମନ୍ଦିର ପ୍ରାଙ୍ଗଣରେ ବିଭିନ୍ନ ସରକାରୀ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। କିନ୍ତୁ ଗଦାଧର ମହାପାତ୍ର ନାମକ ଜଣେ ମୃତ ବ୍ୟକ୍ତିଙ୍କ କବଲତି ଜମି ପ୍ଲଟ ନଂ. ୪୨୩୧, ଖାତା ନଂ. ୨୦୬ ଉପରେ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ୧୦ ଲକ୍ଷ ଟଙ୍କା ବ୍ଲକ୍ ପକ୍ଷରୁ ମଞ୍ଜୁର



କଲ୍ୟାଣ ମଣ୍ଡପ ନିର୍ମାଣ ଚାଲିଛି।

କରାଯାଇଛି। ଏହାକୁ ଜଣେ କନିଷ୍ଠ ଯନ୍ତ୍ରୀଙ୍କ ନାମରେ କାର୍ଯ୍ୟାଦେଶ ପ୍ରଦାନ କରାଯାଇ କାର୍ଯ୍ୟ ଆରମ୍ଭ କରାଯାଇଛି। ବ୍ୟକ୍ତିଗତ ଜମିରେ ସରକାରୀ ପ୍ରକଳ୍ପ କରିବାର ବାରଣ ରହିଥିବାବେଳେ କେଉଁ ଆଇନ ଅନୁସାରେ ନିର୍ମାଣ ହେଉଛି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏନେଇ ଗତ ୨୪ ତାରିଖରେ ଗ୍ରାମ୍ୟସଭା ବସିଥିଲା। ଏଥିରେ କଲ୍ୟାଣ ମଣ୍ଡପ ନିର୍ମାଣ ପ୍ରସଙ୍ଗ ସ୍ଥାନ ପାଇଥିଲା। ବେସରକାରୀ ଜମିରେ କଲ୍ୟାଣ ମଣ୍ଡପ ନିର୍ମାଣ ହେଲେ ପରବର୍ତ୍ତୀ ସମୟରେ ଏହା ଜବରଦଖଲକୁ ଚାଲି ଯାଇପାରେ ବୋଲି ଆଶଙ୍କା ରହିଛି। ହେଲେ ସରପଞ୍ଚଙ୍କ ସ୍ୱାମୀ ଚନ୍ଦନ ଦଳବେହେରା ଓ ସମିତି ସଭ୍ୟ ତଥା ବ୍ଲକ୍ ଭାଇସ ଚେୟାରମ୍ୟାନ ପ୍ରଭାତ ଦଳବେହେରା ଉପସ୍ଥିତ ରହି ସବୁ କିଛି ଠିକ୍ ଚାଲିଛି ଦର୍ଶାଇଥିଲେ। କନିଷ୍ଠ ଯନ୍ତ୍ରୀଙ୍କ ଟ୍ରେସ୍ ମ୍ୟାପ୍ ଓ ଲେଆଉଟ୍ ଅନୁସାରେ କଲ୍ୟାଣମଣ୍ଡପ ନିର୍ମାଣ ଚାଲିଛି ଦର୍ଶାଇଥିଲେ। ଏହି ଘଟଣାକୁ ନେଇ ଗ୍ରାମ୍ୟସଭାରେ କିଛି ସମୟ ପାଟିତୁଣ୍ଡ ଓ ବିବାଦ ହୋଇଥିଲା। ଗାଁଲୋକଙ୍କ କଥା ସରପଞ୍ଚ ଓ ସମିତି ସଭ୍ୟ ନ ଶୁଣିବାରୁ ଜିଲାପାଳଙ୍କ ନିକଟରେ ଫେରାଦ୍ ହୋଇଛନ୍ତି। ଏନେଇ ରଣପୁର ବିଡିଓ ସୁଧିର କୁମାର ନାୟକ କଲ୍ୟାଣମଣ୍ଡପ ବିଷୟରେ କିଛି କହିବନେ କହି ଏଡାଇ ଯାଇଥିଲେ। ବ୍ଲକର ସହକାରୀ ଯନ୍ତ୍ରୀ ଶଶୀରେଖା ଜେନା କୁହନ୍ତି,ଡମସାହିରେ କଲ୍ୟାଣମଣ୍ଡପ ପାଇଁ ସରକାରଙ୍କ ତରଫରୁ ୨ ବର୍ଷ ତଳେ ୧୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। କିନ୍ତୁ ସେହି କାମ ନେଇ ଆମ ପାଖରେ କୌଣସି ଖବର ନାହିଁ କହି ଚୁପ ରହିଥିଲେ।

- ଗ୍ରାମ୍ୟସଭାରେ ବିରୋଧ ପରେ ବି ହେଲାନି ପ୍ରତିକାର
- ଜିଲାପାଳଙ୍କୁ ଫେରାଦ୍ ହେଲେ ଗ୍ରାମବାସୀ

# ପ୍ରଶାସନ ଅଜାଣତରେ ଜମି ଅକ୍ତିଆର

**ରାମ୍‌କୋ ସିମେଣ୍ଟ ଗ୍ରାଇଣ୍ଡିଂ ୟୁନିଟ୍**
- ଦେବୋତ୍ତର, ଗୋଚର ଜମି ଦଖଲ
- ଉପକୃତ ହୋଇନାହାନ୍ତି କ୍ଷତିଗ୍ରସ୍ତ ପ୍ରଜା
- ସରକାରଙ୍କ ଜନଶୁଣାଣିକୁ ଅଣଦେଖା

**ଯାଜପୁର,୧୨।୯(ହର୍ଷବର୍ଦ୍ଧନ ବେହେରା)**

ଯାଜପୁର ଜିଲା ଧର୍ମଶାଳା ବ୍ଲକ ହରିଦାସପୁରରେ ପ୍ରତିଷ୍ଠିତ ରାମ୍‌କୋ ସିମେଣ୍ଟ ଗ୍ରାଇଣ୍ଡିଂ ୟୁନିଟ କାରଖାନା ସରକାରଙ୍କ କେତେକ ଗୁରୁତ୍ୱପୂର୍ଣ୍ଣ ଆଇନକାନୁନକୁ ଅଣଦେଖା କରିଛି। ଗୋଚର, ଦେବୋତ୍ତର ଜମିକୁ ଜାଲିଆତି କରି କିସମ ପରିବର୍ତ୍ତନ କରିଛି। ଏଥିରେ କେତେଜଣ ସରପଞ୍ଚଙ୍କ ଦସ୍ତଖତକୁ ମଧ୍ୟ ଜାଲିଆତି କରାଯାଇଥିବା ପୂର୍ବରୁ ଅଭିଯୋଗ ହୋଇଛି। ସରକାରୀ ଭାବେ ଜମି ଅଧିଗ୍ରହଣ ହୋଇ ନ ଥିବାରୁ କ୍ଷତିଗ୍ରସ୍ତ ପ୍ରଜା ନିଯୁକ୍ତି ଏବଂ କ୍ଷତିପୂରଣ ପାଇବାରୁ ବଞ୍ଚିତ ରହିଛନ୍ତି। ଏନେଇ ବିଭିନ୍ନ ସମୟରେ ଆନ୍ଦୋଳନ ହେଉଥିଲେ ହେଁ ସ୍ଥାନୀୟ କେତେଜଣ ପ୍ରଭାବଶାଳୀ ବ୍ୟକ୍ତି କମ୍ପାନୀ କର୍ତ୍ତୃପକ୍ଷଙ୍କଠାରୁ ମୋଟା ଅଙ୍କର ହାତଗୁଞ୍ଜା ନେଇ ସେମାନଙ୍କ ସପକ୍ଷରେ ଠିଆ ହୋଇ ଆସୁଛନ୍ତି। ଫଳରେ କ୍ଷତିଗ୍ରସ୍ତ ଅଞ୍ଚଳବାସୀ କାରଖାନାରୁ କୌଣସି ଲାଭ ପାଉ ନ ଥିବାବେଳେ ଓଲଟା ପ୍ରଦୂଷଣର ଜ୍ୱାଳାରେ ଅତିଷ୍ଠ ହେଉଛନ୍ତି।

ତାମିଲନାଡୁର କମ୍ପାନୀ ରାମ୍‌କୋ ଯାଜପୁର ଜିଲ୍ଲା_ଧର୍ମଶାଳା ତହସିଲ ଅନ୍ତର୍ଗତ ହରିଦାସପୁରଠାରେ ୪୪୦କୋଟି ଟଙ୍କା ବ୍ୟୟରେ ୧୦୦ ଏକର ଜମିରେ ସିମେଣ୍ଟ ଗ୍ରାଇଡିଂ ୟୁନିଟ୍ ସ୍ଥାପନ କରିଛି। କିନ୍ତୁ କାରଖାନା ପ୍ରତିଷ୍ଠା ପାଇଁ ରାମ୍‌କୋ ପକ୍ଷରୁ ଜମି ପାଇଁ ଇଡ୍‌କୋ ଜରିଆରେ ଆବେଦନ ହୋଇନାହିଁ। ଏପରିକି ଜିଲା ରାଜସ୍ୱ ପ୍ରଶାସନ ପକ୍ଷରୁ ଭୂ-ଅର୍ଜନ ଆଇନ ୪(୧), ୬(୧)ରେ ବିଜ୍ଞପ୍ତି ଜାରି କରାଯାଇନାହିଁ। ଜିଲା ଜମି ଅଧିଗ୍ରହଣ ଉପଦେଷ୍ଟା ମଣ୍ଡଳୀର ମଧ୍ୟ ଅନୁମତି ଲୋଡ଼ା ଯାଇନାହିଁ। ଭୂଅର୍ଜନ ପ୍ରକ୍ରିୟା ତ ଦୂରର କଥା, କାରଖାନା ପ୍ରତିଷ୍ଠା



ପାଇଁ ଜନଶୁଣାଣି ହୋଇ ନ ଥିବାବେଳେ କମ୍ପାନୀରୁ ଜୋରସୋର ଉତ୍ପାଦନ ଚାଲିଛି। ଇମାମି(ନାମ ପରିବର୍ତ୍ତନ ହୋଇ ନୁଭୁକୋ) ଓ ଜେଏସ୍‌ଡବ୍ଲ୍ୟୁ ପରେ ରାମ୍‌କୋ ସିମେଣ୍ଟ ଲିମିଟେଡକୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସ୍‌ପିସିବି) ପକ୍ଷରୁ ୧୪୩୪୯/୨୮।୧୦।୨୦୧୭ରେ ପ୍ରତିଷ୍ଠା କରିବାକୁ ବିଭିନ୍ନ ସର୍ତ୍ତରେ ଅନୁମତି ମିଳିଥିଲା। ତେବେ କମ୍ପାନୀ ପାଖରେ କ୍ଷତିଗ୍ରସ୍ତ ପ୍ରଜାଙ୍କ ତାଲିକା ନାହିଁ। ଫଳରେ କ୍ଷତିଗ୍ରସ୍ତ ପରିବାର କମ୍ପାନୀରୁ କୌଣସି ପ୍ରକାରେ ଉପକୃତ ହୋଇ ପାରିନାହାନ୍ତି। କଳିଙ୍ଗନଗର ଅଞ୍ଚଳରେ ପୂର୍ବରୁ ଇମାମି ଓ ଜେଏସ୍‌ଡବ୍ଲ୍ୟୁ ଇଡ୍‌କୋ ଜରିଆରେ ଜମି ଅଧିଗ୍ରହଣ କରି ସିମେଣ୍ଟ ଗ୍ରାଇଣ୍ଡିଂ ୟୁନିଟ ସ୍ଥାପନ କରିଛନ୍ତି। କିନ୍ତୁ ରାମ୍‌କୋ ଲୋକଙ୍କ ଚାଷଜମି ସହ ଦେବୋତ୍ତର ଓ ଗୋଚର ଜମି ହାତେଇ ନେଇ ସିମେଣ୍ଟ କାରଖାନା ସ୍ଥାପନ କରିବାକୁ ଏସ୍‌ପିସିବିରୁ ଅନୁମତି ପାଇଛି। ୨୦୧୩ରେ ରାଜ୍ୟ ସରକାର ଯେକୌଣସି ବୃହତ୍ ଶିଳ୍ପ କାରଖାନା ପ୍ରତିଷ୍ଠା ପାଇଁ ଜମି କିଣିବାକୁ ଜିଲା ଜମି ଅଧିଗ୍ରହଣ ଉପଦେଷ୍ଟା ମଣ୍ଡଳୀ (ଡିସିଏସି) ଗଠନ କରିଛନ୍ତି। ଏଥିରେ ଜିଲାପାଳ ଅଧ୍ୟକ୍ଷ ରହିଥିବାବେଳେ ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ ଆବାହକ, ଉପଜିଲାପାଳ, ତହସିଲଦାର, ସରପଞ୍ଚ, ସବ୍‌ରେଜିଷ୍ଟ୍ରାର ଓ ସମ୍ପୃକ୍ତ ୱାର୍ଡମେମ୍ବର ସଭ୍ୟ ରହିଛନ୍ତି। ଜମି କିଣାଯାଉଥିବା ଗ୍ରାମରେ ସଭା କରି ପ୍ରଥମେ ଜମିର ତାଲିକା ନିର୍ଦ୍ଧାରଣ କରାଯିବ। ଉକ୍ତ ସଭାରେ ଭୂଅର୍ଜନ ଅଧିକାରୀ ଉପସ୍ଥିତ ରହିବେ। ଏହାପରେ ଭୂଅର୍ଜନ ଅଧିକାରୀଙ୍କ ଉପସ୍ଥିତିରେ ଜମି ମାଲିକ ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟରେ ଜମି କିଣାବିକା କରିପାରିବାର ନିୟମ ରହିଛି। କିନ୍ତୁ ୧୦୦ ଏକର ଜମିକୁ ଅନ୍ୟ ଏକ କମ୍ପାନୀଠାରୁ ଶାଗମାଛ ଦରରେ ରାମ୍‌କୋ ଲୋକଙ୍କୁ ପ୍ରରୋଚନା କରି ହାତେଇ ନେଇଥିବା ଅଭିଯୋଗ ହୋଇଛି। ଏହାବାଦ ଆରୁହା, ହରିଦାସପୁର ଓ ଥାନୁଆଳ ପଞ୍ଚାୟତର ପ୍ରାୟ ୧୫ ହଜାର ଲୋକେ ସିମେଣ୍ଟ ଓ ଏଥିପାଇଁ ବ୍ୟବହୃତ କଞ୍ଚାମାଲର ଗୁଣ୍ଡ ଯୋଗୁ ପ୍ରଦୂଷଣର ଶିକାର ହେଉଛନ୍ତି। ଏ ସଂକ୍ରାନ୍ତରେ ଧର୍ମଶାଳା ତହସିଲଦାର ଶୁଭଙ୍କର ମହାନ୍ତିଙ୍କୁ ପଚାରିବାରୁ ସେ କହିଛନ୍ତି, ଜମି ଅଧିଗ୍ରହଣ ଫାଇଲ ଇଡ୍‌କୋ ପାଖରେ ରହିଥିବ। ଜାଲିଆତି ଅଭିଯୋଗ ସଂକ୍ରାନ୍ତରେ ସେ କାଗଜପତ୍ର ଦେଖି କହିପାରିବେ।

# ଭାସୁଛନ୍ତି ବସ୍ତାବସ୍ତା ମଲା କୁକୁଡ଼ା

**ଧର୍ମଶାଳା,୧୨।୯(ବଟକୃଷ୍ଣ ପରିଡ଼ା):**

ଧର୍ମଶାଳା ବ୍ଲକ କାଏମା-ରାଧାନଗର ଅଞ୍ଚଳରେ କେନାଲ ପାଣିରେ ଭାସୁଛନ୍ତି ବସ୍ତାବସ୍ତା ମଲା କୁକୁଡ଼ା। ଏହା କେଉଁଠୁ ଆସିଲା ଏବଂ ଏଠାରେ କିଏ ପକାଇଲେ ତା'କୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଭାଳେଣି ପଡିଛି। କାଏମା-ରାଧାନଗରକୁ ସଂଯୋଗ କରୁଥିବା ରାସ୍ତା ପାର୍ଶ୍ୱରେ ଯାଇଥିବା ଏକ ନାଳରେ ବସ୍ତାବସ୍ତା ମଲା କୁକୁଡ଼ା ପଡ଼ିଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ଏପରିକି ବସ୍ତାରୁ ମଲା କୁକୁଡ଼ାକୁ ବାହାର କରି କୁକୁର ଖାଉଥିବା ଦୃଶ୍ୟ ମଧ୍ୟ ଦେଖିବାକୁ ମିଳିଛି। ବାର୍ଡଫ୍ଲୁକୁ ନେଇ ଲୋକଙ୍କ ମନରେ ଭୟ ସୃଷ୍ଟି ହୋଇଥିବାବେଳେ ପାଣିରେ ମଲା କୁକୁଡ଼ା ପଡ଼ିବା ଦ୍ୱାରା ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଉକ୍ତ ପାଣିକୁ ଗୃହପାଳିତ ପ୍ରାଣୀ ବ୍ୟବହାର କରୁଥିବାରୁ ଲୋକଙ୍କ ମଧ୍ୟରେ ଭୟ ସଂଚାର ହୋଇଛି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସ୍ଥାନୀୟ ଗ୍ରାମର ସୁଶାନ୍ତ ବେହେରା ଓ ପ୍ରଶାନ୍ତ ରାଉତ ନିବେଦନ କରିଛନ୍ତି।



ନାଳରେ ଭାସୁଛି ମଲା କୁକୁଡ଼ା ବସ୍ତା।

# ମହମ୍ମଦ ଜୟନ୍ତୀ ପାଇଁ ଥାନାରେ ବୈଠକ

**ଯାଜପୁର ସଦର,୧୨।୯(ସମର ବିଜୟ ଶରଣ):**

ମହମ୍ମଦଙ୍କ ଜୟନ୍ତୀ ପାଳନ ପାଇଁ ଯାଜପୁର ସଦର ଥାନାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଥାନା ଅଧିକାରୀ ଶଙ୍କର୍ଷଣ ଦଳାଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସଂଖ୍ୟାଲଘୁ ସମ୍ପ୍ରଦାୟର ବରିଷ୍ଠ କର୍ମକର୍ତ୍ତା, ଲୋକ ପ୍ରତିନିଧି ଓ ସାମାଜିକ କର୍ମୀ ଯୋଗ ଦେଇଥିଲେ। ସଦର ଥାନା ଅଧୀନ ୭ ପଞ୍ଚାୟତର ୧୮ ମସଜିଦ ପରିଚାଳନା କମିଟି କର୍ମକର୍ତ୍ତା, ସ୍ଥାନୀୟ ସରପଞ୍ଚ ଉପସ୍ଥିତ ରହି ଆସନ୍ତା ୧୬ ତାରିଖ ସୋମବାର ବିଭିନ୍ନ ମସଜିଦ ନିକଟରୁ ଶୋଭାଯାତ୍ରା ବାହାରି ଶାନ୍ତି ଶୃଙ୍ଖଳାର ସହ ବିଭିନ୍ନ ଅଞ୍ଚଳ ପରିକ୍ରମା କରିବ ବୋଲି କହିଥିଲେ। ସାମାଜିକ କର୍ମୀ ବ୍ରଜକିଶୋର ପାଢ଼ୀ, ଜମଧର ସରପଞ୍ଚ ବାଦଲ ଖୁଣ୍ଟିଆ, ସମିତିସଭ୍ୟ ସେକ୍ ମୋଜାହିଦ, ଖଇରାବାଦ ସରପଞ୍ଚଙ୍କ ପ୍ରତିନିଧି ଅମିନୁର୍ ରସିଦ ଖାଁ ଯୋଗଦେଇ ସଦର ଅଞ୍ଚଳରେ ଭାଇଚାରା ବଜାୟ ରଖିବା ଓ ଶାନ୍ତି ଶୃଙ୍ଖଳାର ସହ ମହମ୍ମଦ ଜୟନ୍ତୀ ପାଳନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଥାନାଧିକାରୀ ଏହି ପର୍ବକୁ ପାଳନ କରିବା ପାଇଁ ଆବଶ୍ୟକୀୟ ସହଯୋଗ ଯୋଗାଇଦେବା ପାଇଁ କହିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସେକ୍ ବର୍କତ ଅଲ୍ଲି, କୟୁମ ଖାଁ, ଅଜିଯୁଲ ହୋସେନ ଖାଁ, ଖାଜେ କୁତ୍ତୋବୁଧିନ, ନସିରୁଦ୍ଦି ଖାଁ, ସେକ୍ ଅନୁଅର୍ ହୋସେନ, ସେକ୍ ଅବଦୁଲ କରିମ, ସେକ୍ ନିଆଯୁଲ ହୋଦା, ସେକ୍ ତଜମୂଲ ରବାନି ଓ ବୈକୁଣ୍ଠ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକରେ ଥାନାଧିକାରୀ ଓ ସଂଖ୍ୟାଲଘୁ ସମ୍ପ୍ରଦାୟର କର୍ମକର୍ତ୍ତା।

# ଆଗ ନିଯୁକ୍ତି, ପରେ ଖଣିଜ ପରିବହନ ଦାବି



ନିଯୁକ୍ତି ଦାବିରେ ଏକତ୍ରିତ ହୋଇଥିବା ଶ୍ରମିକମାନେ।

**ଉତ୍ତୋଳନ କାର୍ଯ୍ୟ ବନ୍ଦ କଲେ ଖଣି ଶ୍ରମିକ**

**କାଳିଆପାଣି,୧୨।୯ (ଅସିତ ମହାନ୍ତ )**

ଯାଜପୁର ଜିଲା ସୁକିନ୍ଦା ଖଣି ଅଞ୍ଚଳରେ ପୁଣି ପୁନଃ ନିଯୁକ୍ତିକୁ ନେଇ ଅଶାନ୍ତି ତେଜିଛି। ବୁଧବାର ଟାଟା ଷ୍ଟିଲ କମ୍ପାନୀର କମର୍ଦ୍ଧା ଖଣିରେ ସ୍ଥାନୀୟ ଅଞ୍ଚଳ ଲୋକ ପୁନଃନିଯୁକ୍ତି ପାଇଁ ପରିବହନକୁ ବିରୋଧ କରିଥିବାବେଳେ ତାହା ଗୁରୁବାର ମଧ୍ୟ ବଳବତ୍ତର ରହିଥିବା ଦେଖିବାକୁ ମିଳିଛି। ଫଳରେ ଖଣିଜ ପରିବହନ ବ୍ୟାହତ ହୋଇଛି। ଅଭିଯୋଗ ଅନୁଯାୟୀ ଟାଟା କମ୍ପାନୀ କମର୍ଦ୍ଧା ଖଣିରେ ୨ ମାସ ହେବ ଉତ୍ତୋଳନ ଓ ଆନୁଷଙ୍ଗିକ କାର୍ଯ୍ୟ ବନ୍ଦ ରହିଛି । ବୁଧବାର ସକାଳୁ ପରିବହନ କରିବାକୁ ଟ୍ରକ ଖଣି ଭିତରକୁ ଯିବା ସମୟରେ ନିକଟସ୍ଥ ଗ୍ରାମର କେତେଜଣ ଯୁବକ ଓ ମହିଳା ପରିବହନ ବନ୍ଦ କରିବା ପାଇଁ ଅଡି ବସିଥିଲେ। ଏହି ସମୟରେ ଖଣିରେ ପୂର୍ବରୁ କାର୍ଯ୍ୟ କରୁଥିବା କର୍ମଚାରୀ ଓ ଶ୍ରମିକମାନେ ଶ୍ରମିକ ସଂଘ ନେତୃତ୍ୱରେ ଆଗ ନିଯୁକ୍ତି ପରେ ପରିବହନ କରିବାକୁ ଦାବି କରି ଖଣି ଗେଟ୍ ସମ୍ମୁଖରେ ଧାରଣାରେ ବସିଥିଲେ। ବୁଧବାର ଉଭୟ ଶ୍ରମିକ ସଂଘ ଓ ଖଣି ଅଧିକାରୀଙ୍କ ମଧ୍ୟରେ ଆପୋଷ ବୁଝାମଣା ପରେ ଗୁରୁବାର ସକାଳୁ ଟ୍ରକ ପରିବହନ ପାଇଁ ଖଣି ପରିସରକୁ ପଶିଥିଲା। ୫ରୁ ୧୦ଟି ଟ୍ରକ ଖଣିକୁ ପଶିବା ପରେ ଶ୍ରମିକମାନେ ପୁଣି ଆସି ପରିବହନକୁ ବନ୍ଦ କରିଥିଲେ। ଖବର ଲେଖା ହେବା ପର୍ଯ୍ୟନ୍ତ ସମାଧାନ ହୋଇ ନ ଥିବା ବେଳେ ପରିବହନ ବନ୍ଦ ରହିଛି। ଘଟଣାସ୍ଥଳରେ କାଳିଆପାଣି ପୋଲିସ ଏକ ପ୍ଲାଟୁନ ଫୋର୍ସ ମୁତୟନ କରି ପରିସ୍ଥିତିକୁ ନଜର ରଖିଛି।

## ଗ୍ରାମ ମୁରବିଙ୍କ ପରଲୋକ

**ଜେନାପୁର,୧୨।୯(ଅଶୋକ ଦାସ):**

ଧର୍ମଶାଳା ବ୍ଲକ ତାଳଜଙ୍ଗ ପଞ୍ଚାୟତ ତାଳଜଙ୍ଗ ଗ୍ରାମର ମୁରବୀ ଦୁର୍ଯ୍ୟୋଧନ ନାଥ (୭୬)ଙ୍କ ବୁଧବାର ରାତିରେ ପରଲୋକ ହୋଇଯାଇଛି। ସେ କିଛି ଦିନ ହେବ ଅସୁସ୍ଥ ହୋଇ ମେଡିକାଲରେ ଭର୍ତ୍ତି ହୋଇଥିଲେ। ନାଥ ରଖିଦେଇପୁର ସମବାୟ ସମିତି ସଭାପତିଭାବେ ୮ ବର୍ଷ ଦାୟିତ୍ୱ ତୁଲାଇଥିଲେ ଏବଂ ଯାଜପୁର ଜିଲା ଆରସିଏମଏସର ୪ ବର୍ଷ ଉପସଭାପତି, ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇଙ୍କ ଧର୍ମଶାଳା ବ୍ଲକ ପ୍ରତିନିଧି ଏବଂ ସୁକିନ୍ଦା ନିର୍ବାଚନମଣ୍ଡଳୀ ଅଧୀନ ୧୧ନମ୍ବର ଜୋନ ବିଜେଡିର ସାଧାରଣ ସମ୍ପାଦକ, ତାଳଜଙ୍ଗ ଗ୍ରାମ ମୁଖିଆ ଭାବରେ୧୫ବର୍ଷ କାର୍ଯ୍ୟ କରିଥିଲେ। ତାଙ୍କ ପରଲୋକ ଖବର ପାଇ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏବଂ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ। ତାଙ୍କର ଏକମାତ୍ର ପୁତ୍ର ଚିତ୍ରସେନ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ, ପୂର୍ବତନ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଶରତ ଚନ୍ଦ୍ର ରାଉତ, ଧର୍ମଶାଳା ବ୍ଲକ ଉପାଧ୍ୟକ୍ଷ ବିଶ୍ୱବିଜୟିନୀ ମିଶ୍ର, ତାଳଜଙ୍ଗ ସରପଞ୍ଚ ବିପିନ ବିହାରୀ ସେଠୀ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

# ଅତୀବଡ଼ି ଜଗନ୍ନାଥ ଦାସଙ୍କ ଜୟନ୍ତୀ

**ଧର୍ମଶାଳା,୧୨।୯(ବଟକୃଷ୍ଣ ପରିଡ଼ା):**

ଧର୍ମଶାଳା ବ୍ଲକ ଅନ୍ତର୍ଗତ ଶାନ୍ତିବଜାରସ୍ଥିତ ସମ୍ରାଟ କଲ୍ୟାଣ ମଣ୍ଡପ ପରିସରରେ ଓଡ଼ିଶା ଅଖିଳ ଭାରତୀୟ ସାହିତ୍ୟ ପରିଷଦ ଧର୍ମଶାଳା ଶାଖା ପକ୍ଷରୁ ଅତିବଡ଼ି ଜଗନ୍ନାଥ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଅବସରପ୍ରାପ୍ତ ଅଧ୍ୟାପକ ପ୍ରଶାନ୍ତ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଡ. ସନ୍ତୋଷ କୁମାର ମହାପାତ୍ର ଉଦ୍‌ଘାଟନ କରିଥିଲେ। ଡ. ରବୀନ୍ଦ୍ର ବିହାରୀ ମୁଖ୍ୟ ଅତିଥି, କବି ତୁହିନାଂଶୁ ରଥ ମୁଖ୍ୟବକ୍ତା, ପାଲାକାର ରଜନୀକାନ୍ତ ପୃଷ୍ଟି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅତିବଡ଼ି ଜଗନ୍ନାଥ ଦାସ ଓଡ଼ିଆ ସାହିତ୍ୟରେ ଜଣେ ଅମ୍ଳାନ ପ୍ରତିଭା ଥିଲେ ବୋଲି ଅବିହିତ କରିଥିଲେ। ଡ. ରାଜକିଶୋର ପାଢ଼ୀ, ଡ. ପ୍ରଶାନ୍ତ କୁମାର ସ୍ୱାଇଁ, କଥାକାର ଅର୍ଜୁନ ପୃଷ୍ଟି, କବି ସଂଗ୍ରାମ କେଶରୀ ଜେନା ଓ ଗୁନ ଚରଣ ନାୟକ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରଫୁଲ୍ଲ କୁମାର ସ୍ୱାଇଁ, ଦୀନବନ୍ଧୁ ତ୍ରିପାଠୀ, ସବିତା ନାୟକ, ଡ. କୃଷ୍ଣଚନ୍ଦ୍ର ପାତ୍ର, ଅବସରପ୍ରାପ୍ତ ପ୍ରାଧ୍ୟାପକ ସୁଶାନ୍ତ କୁମାର ପଣ୍ଡା ପ୍ରମୁଖଙ୍କୁ ପରିଷଦ ପକ୍ଷରୁ ପୁରସ୍କୃତ କରାଯାଇଥିଲା। ସମ୍ପାଦକ ବିଜୟ କୁମାର ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ସମ୍ପବ ସମ୍ପାଦକ ଅଖିଳ କୁମାର ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ। ଅକ୍ଷୟ କୁମାର ଦାସ ଧନ୍ୟବାଦ ଦେଇଥିଲେ।



ଅତିବଡ଼ି ଜଗନ୍ନାଥ ଦାସଙ୍କ ଜୟନ୍ତୀରେ ମଞ୍ଚାସୀନ ଅତିଥି।

# ସୀତାରାମ ୟେଚୁରୀଙ୍କ ବିୟୋଗରେ ଶୋକ

**ଯାଜପୁରରୋଡ୍,୧୨।୯(ପବିତ୍ର ରଞ୍ଜନ ମହାନ୍ତି):**

ବରିଷ୍ଠ କମ୍ୟୁନିଷ୍ଟ ନେତା, ପୂର୍ବତନ ଏମ୍‌ପି ତଥା ସିପିଆଇ(ଏମ)ର ସାଧାରଣ ସମ୍ପାଦକ ସୀତାରାମ ୟେଚୁରିଙ୍କ ଗୁରୁବାର ପରଲୋକ ହୋଇଯାଇଛି। ତାଙ୍କ ବିୟୋଗରେ ଦେଶ ଜଣେ ବାମଗଣତାନ୍ତ୍ରିକ ଓ ଧର୍ମନିରାପକ୍ଷ ନେତାଙ୍କୁ ହରାଇଲା ବୋଲି ବରିଷ୍ଠ କଂଗ୍ରେସ ନେତା ବିଦ୍ୟାଧର ମହାନ୍ତି କହିଛନ୍ତି। ଏନେଇ ସେ ଗଭୀର ଶୋକ ପ୍ରକାଶ କରିବା ସହ ଶ୍ରମିକ ସଂଗଠନ ପାଇଁ ଅପୂରଣୀୟ କ୍ଷତି ହେଲାବୋଲି ପ୍ରକାଶ କରିଛନ୍ତି।

# ବିଦ୍ୟୁତ୍ କର୍ମଚାରୀ ମହାସଂଘ ପକ୍ଷରୁ ବିକ୍ଷୋଭ



ବିଦ୍ୟୁତ୍ କର୍ମଚାରୀମାନେ ଆନ୍ଦୋଳନ କରୁଛନ୍ତି।

**ଯାଜପୁର ଟାଉନ,୧୨।୯ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):**

ଓଡ଼ିଶା ବିଦ୍ୟୁତ୍ କର୍ମଚାରୀ ମହାସଂଘ ଯାଜପୁର ଶାଖା ପକ୍ଷରୁ ଗୁରୁବାର ବାହାବଳପୁରସ୍ଥିତ ଟାଟା ପାୱାର ବିଦ୍ୟୁତ୍ କାର୍ଯ୍ୟାଳୟଠାରେ ଧାରଣା ଦିଆଯିବା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପରେ ଯାଜପୁରଟାଉନ ବିଦ୍ୟୁତ୍ ଡିଭିଜନ୍‌ର ନିର୍ବାହୀଯନ୍ତ୍ରୀଙ୍କୁ ୩ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଦାବିପତ୍ରରେ ଗତ ୨ମାସ ପୂର୍ବରୁ ରାଜ୍ୟ ସରକାର ଘୋଷଣା କରିଥିବା ଟାଟା ପାୱର କର୍ମଚାରୀଙ୍କ ବର୍ଦ୍ଧିତ ଦେୟ ରାଶି ୧ ସପ୍ତାହ ମଧ୍ୟରେ ପ୍ରଦାନ କରିବା, ଅତିରିକ୍ତ ସମୟ କାର୍ଯ୍ୟ କଲେ ଓଭରଟାଇମ୍ ଦରମା ଓ କର୍ମଚାରୀମାନେ ଅଞ୍ଚଳକୁ ଯିବାପାଇଁ ଗସ୍ତଖର୍ଚ୍ଚ ପ୍ରଦାନ କରିବା ଆଦି ଉଲ୍ଲେଖ କରାଯାଇଛି। ଏ ସଂକ୍ରାନ୍ତରେ ରାଜ୍ୟ ସରକାର ବିଜ୍ଞପ୍ତି ପ୍ରକାଶ କରିଥିଲେ ମଧ୍ୟ ଟାଟା ପାୱର କିମ୍ବା ଠିକା ସଂସ୍ଥା ଏଥିପ୍ରତି ଗୁରୁତ୍ୱ ଦେଉନାହିଁ। ତେବେ ଖୁବ୍‌ଶୀଘ୍ର ଦାବିପୂରଣ ନ ହେଲେ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ବିଦ୍ୟୁତ କର୍ମଚାରୀ ମହାସଂଘର ହରିଶ୍ଚନ୍ଦ୍ର ଦାସ, ପ୍ରଦୀପ କୁମାର ଦାସ, ବଟକୃଷ୍ଣ ଜେନା, ବିପ୍ଳବ ସାମନ୍ତରାୟ, ଭବାନୀ ଶଙ୍କର ଜେନା, ରଞ୍ଜନ କୁମାର ବେହେରା ଓ ନିତ୍ୟା ସୁନ୍ଦର ମହାନ୍ତି ପ୍ରମୁଖ ଚେତାବନୀ ଦେଇଛନ୍ତି।

# ଅବହେଳିତ ବ୍ୟାସ ସରୋବର ଶ୍ମଶାନ

**ଶବଦାହ ପାଇଁ କୌଣସି ବ୍ୟବସ୍ଥା ନାହିଁ**

**ଯାଜପୁରରୋଡ୍,୧୨।୯ (ପବିତ୍ର ରଞ୍ଜନ ମହାନ୍ତି):**

ବ୍ୟାସନଗର ସହରରେ ପୌର ପରିଷଦ ପକ୍ଷରୁ ବ୍ୟାସସରୋବର ଶ୍ମଶାନ ନିକଟସ୍ଥ ଗୋଶାଳାଠାରେ ରହିଛି। ପ୍ରାୟ ୨ ଏକରରୁ ଊର୍ଦ୍ଧ୍ୱ ସରକାରୀ ଜମିରେ ଏହି ଶ୍ମଶାନ ରହିଥିବାବେଳେ ଏହାର କୌଣସି ଆଖିଦୃଶିଆ କାର୍ଯ୍ୟ ହୋଇପାରିନାହିଁ। ଏହାଅବହେଳିତ ଅବସ୍ଥାରେ ରହିଛି। ରାଜ୍ୟ ସରକାର ଗାଁଠାରୁ ସହର ପର୍ଯ୍ୟନ୍ତ ଶ୍ମଶାନଗୁଡ଼ିକର ଉନ୍ନତିକରଣ ପାଇଁ ଅର୍ଥବ୍ୟୟବରାଦ କରିଛନ୍ତି। ଶ୍ମଶାନଗୁଡ଼ିକର ପାଚେରି ନିର୍ମାଣ, ଶବଦାହ ଗୃହ, ଆଶ୍ରୟ ସ୍ଥଳୀ, ଶ୍ମଶାନକୁ ରାସ୍ତା, ଆଲୋକ, ପାଣି ବ୍ୟବସ୍ଥା ଆଦି ଏହି ଯୋଜନାରେ ଅନ୍ତର୍ଭୁକ୍ତ ରହିଛି। ହେଲେ ବିଡ଼ମ୍ବନାର ବିଷୟ ଏହି ଶିଳ୍ପ ସମୃଦ୍ଧ ବ୍ୟାସନଗର ସହରରେ ଥିବା ଏକମାତ୍ର ଶ୍ମଶାନକୁ ଯିବାପାଇଁ ରାସ୍ତାନାହିଁ। ଏହାସହ ଶବଦାହ ଗୃହ ମଧ୍ୟ ନାହିଁ, ବର୍ଷା ଦିନେ ଶବଦାହ କରିବାକୁ ଯାଇ ଜ୍ଞାତିକୁଟୁମ୍ବ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଶ୍ମଶାନଟି ଗୁଳ୍ମ ଲତାରେ ପରିପୂର୍ଣ୍ଣ ହୋଇ ସରୀସୃପମାନଙ୍କ ଆଶ୍ରୟସ୍ଥଳୀ ପାଲଟିଛି। ଉକ୍ତ ଶ୍ମଶାନକୁ ଦିନରେ ମୃତଦେହ ନେଇ ଯିବାକୁ ଭୟ ଲାଗୁଛି। ରାତିରେ ମୃତଦେହ ନେଇ ଯିବାକୁ ଲୋକେ ଅସୁରକ୍ଷିତ ମଣୁଛନ୍ତି। ବର୍ଷା ଦିନେ ଶ୍ମଶାନ ମଧ୍ୟରେ ବର୍ଷା ଜଳ ନିଷ୍କାସନ ହୋଇ ନ ପାରି ଏହା ମଧ୍ୟରେ ଜମିରହୁଛି। ଫଳରେ ଶ୍ମଶାନକୁ ମୃତଦେହ କରିବାକୁ ଯିବା ସମ୍ଭବ ହେଉନାହିଁ।



ବ୍ୟାସ ସରୋବର ଶ୍ମଶାନ।

୨୦୧୫ରେ ତତ୍କାଳୀନ କୋରେଇ ବିଧାୟକଙ୍କ ନେତୃତ୍ୱରେ ଶ୍ମଶାନର ଉନ୍ନତୀକରଣ ପାଇଁ ୨୫ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଥିଲା। ଉକ୍ତ ଅର୍ଥରେ ଶ୍ମଶାନର ପାଚେରି ନିର୍ମାଣ କାର୍ଯ୍ୟ ହୋଇ ଏକ ଲୁହା ଗେଟ ଲାଗି ପାରିଥିଲା। ଉକ୍ତ ପାଚେରି କାର୍ଯ୍ୟ ନିମ୍ନମାନର ହୋଇଥିବାରୁ ତାହା ଅନେକ ସ୍ଥାନରେ ଭାଙ୍ଗିଗଲାଣି। ଏବେ ଶ୍ମଶାନଟି ଶବଦାହ ପାଇଁ ସମ୍ପୂର୍ଣ୍ଣ ଅନୁପଯୋଗୀ ହୋଇପଡ଼ିଛି। ଏନେଇ କାଉନସିଲରମାନେ ପୌର ପରିଷଦ ବୈଠକରେ ବାରମ୍ବାର ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା କହିଛନ୍ତି।

ଏହି ଶ୍ମଶାନରେ ଲୋକେ ଶବଦାହ ପାଇଁ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଥିବାରୁ ଅଯଥା ଖର୍ଚ୍ଚାନ୍ତ ହୋଇ ଯାଜପୁର ଦଶାଶ୍ୱମେଧ ଘାଟ ମହାଶ୍ମଶାନ ଓ ପୁରୀ ସ୍ୱର୍ଗଦ୍ୱାରକୁ ଯିବାକୁ ବାଧ୍ୟ ହେଉଛନ୍ତି। ଗରିବ ଲୋକେ ଅନ୍ୟତ୍ର ଯାଇନ ପାରି ଏହି ଶ୍ମଶାନରେ ବହୁ ଅସୁବିଧାରେ ମୃତଦେହ ଦାହ କରୁଛନ୍ତି। ସହରରେ ବହୁ ସମୟରେ ଅନେକ ବେସାହାରା ଓ ଅପରିଚିତ ଲୋକ ମୃତ୍ୟୁବରଣ କଲେ ସେମାନଙ୍କ ମୃତଦେହକୁ ଶହୀଦ ଭଗତ ସିଂ ଯୁବକ ସଂଘ କର୍ମକର୍ତ୍ତା ଦାହ କରୁଛନ୍ତି। ସଂଘ ସଭାପତି ତଥା ସାମାଜିକ କର୍ମୀ ରାଜେନ୍ଦ୍ର ବିଶ୍ୱାଳ ଶ୍ମଶାନର ଅବସ୍ଥାନେଇ କ୍ଷୋଭ ପ୍ରକାଶ କରିବା ସହ ଜିଲା ପ୍ରଶାସନ ଓ ସ୍ଥାନୀୟ ବିଧାୟକ ଏ ଦିଗରେ ଦୃଷ୍ଟିଦେବାକୁ ଦାବି କରିଛନ୍ତି। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ପୌରାଧକ୍ଷା ସଙ୍ଗୀତା ପିଙ୍ଗୁଆଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ୍ କଲ୍ ଗ୍ରହଣ କରି ନ ଥିଲେ।

## ସଂକ୍ଷେପରେ

### ସାମାଜିକ ଗଣମାଧ୍ୟମ ଏବେ ଜୀବନର ଅବିଚ୍ଛେଦ୍ୟ ଅଙ୍ଗ

ଜଗତ୍‌ସିଂହପୁର,୧୨।୯(ପ୍ରମୋଦ ନାୟକ)

ଜଗତ୍‌ସିହପୁର ବ୍ଲକ ଅନ୍ତର୍ଗତ ଓଡ଼ିଶୋ ଗ୍ରାମ ପଞ୍ଚାୟତ ଅଧୀନ ନନ୍ଦିନୀବାଳା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଜିଲା ଆଇନ ସେବା ପ୍ରାଧୀକରଣ ତରଫରୁ ସାମାଜିକ ଗଣମାଧ୍ୟମର ସୁରକ୍ଷିତ ବ୍ୟବହାର ଓ ସାଇବର ଆଇନ ବିଷୟକୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରାଧୀକରଣ ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ, ଶିକ୍ଷକ ଓ ଛାତ୍ରୀମାନେ ଉପସ୍ଥିତ ଥିଲେ। ସଚିବ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ସାମାଜିକ ଗଣମାଧ୍ୟମ ଆମ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ ହୋଇଯାଇଛି। ଏହା ମାଧ୍ୟମରେ ଆମେ ବନ୍ଧୁ ଏବଂ ପରିବାର ସହିତ ସଂଯୋଗ ହୋଇପାରିଛି। ତଥାପି ଅନଲାଇନ ଭଳି ସାମାଜିକ ଗଣମାଧ୍ୟମରେ ବି ବିପଦ ଆଶଙ୍କା ରହିଛି। ଏଥିପ୍ରତି ଧ୍ୟାନ ଦେବା ଜରୁରି ବୋଲି ସଚିବ କହିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟତମ ବରିଷ୍ଠ ଶିକ୍ଷୟିତ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ।

### ଖଣ୍ଡା ଆକ୍ରମଣରେ ଯୁବକ ଗୁରୁତର

**ଗଣେଶ ଭସାଣି ବେଳେ ଗଣ୍ଡଗୋଳ**

ରଘୁନାଥପୁର,୧୨।୯(ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ଥାନା ଅନ୍ତର୍ଗତ ବଡ଼ବଜାର ଓ ଜଗନ୍ନାଥପୁର ବଜାର ପୂଜା କମିଟିର ଗଣେଶ ମେଢ଼ ଭସାଣି ସମୟରେ ବୁଧବାର ଗଣ୍ଡଗୋଳ ହୋଇଛି। ଖଣ୍ଡା ଆକ୍ରମଣରେ ବୁଧବାର କନ୍ଦରାପଟି ଗ୍ରାମର ବିଶ୍ୱଜିତ ନାୟକ (୩୪) ଗୁରୁତର ହୋଇଛନ୍ତି। ଏନେଇ ସେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଜଗନ୍ନାଥପୁର ଗ୍ରାମର ବିବେକାନନ୍ଦ ରାଉତଙ୍କୁ ଗିରଫ କରିଛି। ଏହାକୁ ଭିତ୍ତି କରି ପୋଲିସ ପକ୍ଷରୁ ମାମଲା (ନଂ.୨୧୭/୨୪) ରୁଜୁ କରାଯାଇଛି। ଗୁରୁବାର ଅଭିଯୁକ୍ତ ବିବେକାନନ୍ଦଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନା ମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ଜେଲ ହାଜତକୁ ପଠାଇ ଦିଆଯାଇଛି ବୋଲି ଆଇଆଇସି ସୁଶାନ୍ତ କୁମାର ସେଠୀ ପ୍ରକାଶ କରିଛନ୍ତି। ଗଣେଶ ଭସାଣି ଉତ୍ସବ ଚାଲିଥିଲାବେଳେ କୌଣସି କଥାକୁ କେନ୍ଦ୍ର କରି ଉଭୟଙ୍କ ମଧ୍ୟରେ ବଚସାରୁ ହାତାହାତି ପର୍ଯ୍ୟନ୍ତ ଯାଇଥିଲା। ଏହାପରେ ଅଭିଯୁକ୍ତ ବିବେକାନନ୍ଦ ସେଠାରୁ ଚାଲିଆସି ଘରୁ ଏକ ଖଣ୍ଡା ନେଇ ପୁନର୍ବାର ବିଶ୍ୱଜିତଙ୍କୁ ଆକ୍ରମଣ କରିଥିଲେ। ଫଳରେ ବିଶ୍ୱଜିତଙ୍କ ଅଣ୍ଟା ଓ ଗୋଡ଼ରେ କ୍ଷତ ସୃଷ୍ଟି ହୋଇଛି। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ଅଭିଯୁକ୍ତମାନେ ବଜାର କମିଟି ସହ ସମ୍ପୃକ୍ତ ନ ଥିବା ପୂଜା କମିଟିର କର୍ମକର୍ତ୍ତା କହିଛନ୍ତି।

### ୧୪ରୁ ମହାବିଷ୍ଣୁ ଯଜ୍ଞ

ରଘୁନାଥପୁର,୧୨।୯(ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ଶ୍ରୀ ଅଚ୍ୟୁତ ସେବାଶ୍ରମ ପକ୍ଷରୁ ଚନ୍ଦନ ପୁଷ୍କରିଣୀ ତଟସ୍ଥିତ ଅନନ୍ତ ବାସୁଦେବ ମନ୍ଦିର ପ୍ରାଙ୍ଗଣରେ ସେପ୍ଟେମ୍ବର ୧୪ରୁ ପାଞ୍ଚଦିନ ବ୍ୟାପୀ ମହାବିଷ୍ଣୁ ଯଜ୍ଞ ଅନୁଷ୍ଠିତ ହେବ। ଏନେଇ ପ୍ରସ୍ତୁତି ପର୍ବ ଶେଷ ହୋଇଛି। ସେବକ ବାବାଜି ବଂଶୀଧର ଦାସ ମହାରାଜଙ୍କ ତତ୍ତ୍ୱାବଧାନରେ ଏହି ଆଧାତ୍ମିକ କାର୍ଯ୍ୟକ୍ରମ ଆୟୋଜିତ ହେବ। ଶ୍ରୀକ୍ଷେତ୍ର ଧାମରୁ ଆଜ୍ଞାମାଳ ଆସିବା ପରେ ଯଜ୍ଞ ପାଇଁ ଅଧିବାସ କରାଯିବ ବୋଲି ବାବାଜି ବଂଶୀଧର ଦାସ ମହାରାଜ କହିଛନ୍ତି। ଏନେଇ ପ୍ରତ୍ୟହ ପ୍ରବଚନ ସହ ଆଧାତ୍ମିକ ଚେତନା ସମ୍ପର୍କରେ ଭକ୍ତଙ୍କୁ ଦିଗ୍‌ଦର୍ଶନ ଦିଆଯିବା ଲାଗି ସ୍ଥିର ହୋଇଛି। ଆଇନଜୀବୀ ଗଗନ ଦାଶ, ସନାତନ ମଣ୍ଡଳ, ଦିନେଶ ଗୁପ୍ତା, ସୁରେନ୍ଦ୍ରନାଥ ଜେନା, ପ୍ରଶାନ୍ତ ଦାସ, ସଞ୍ଜୟ ବେହେରା, ଅମରନାଥ ହୋତା, କେଦାରନାଥ ସାହୁ, ପୂର୍ଣ୍ଣଚନ୍ଦ୍ର ବେହେରାଙ୍କ ସହ କେତେଜଣ ବ୍ୟକ୍ତିଙ୍କ ହସ୍ତରେ ଏହାର ପରିଚାଳନା ଭାର ରହିଛି ବୋଲି ବଂଶୀଧର ବାବା ପ୍ରକାଶ କରିଛନ୍ତି।

### ବିଦେଶୀ ମଦ ଜବତ, ଜଣେ ଗିରଫ

ମାର୍ଶାଘାଇ,୧୨।୯ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ମାର୍ଶାଘାଇ ଥାନା ଏସ୍‌ଆଇ ପ୍ରୀତିଲତା ଲାଲଙ୍କ ନେତୃତ୍ୱରେ ଏକ ଟିମ୍ ବୁଧବାର ସନ୍ଧ୍ୟାରେ ଅରଖିଆ ଛକରେ ପାଟ୍ରୋଲିଂ କରୁଥିଲେ। ଜଣେ ବ୍ୟକ୍ତି ସ୍କୁଟି ଯୋଗେ ଯାଉଥିବା ବେଳେ ସନ୍ଦେହରେ ଅଟକାଇଥିଲେ। ତାଙ୍କ ନିକଟରୁ ୨ଶହ ବୋତଲ ବିଦେଶୀ ମଦ ସହ ବ୍ୟବହୃତ ସ୍କୁଟିକୁ ଜବତ କରାଯାଇଛି। ଅଭିଯୁକ୍ତ ଜଣକ ପାଟକୁରା ଥାନା ଅନ୍ତର୍ଗତ ତେଲିଆକଣ ଗାଁର ଗରୁଡ଼ ସାହୁ। ଏ ନେଇ ଥାନାରେ ନଂ. ୧୬୯/୨୪ରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତ ଗରୁଡଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ନିଶା କବଳରେ ଯୁବପିଢ଼ି

**ନିଶା କାରବାର ରୋକିବାରେ ଅବକାରୀ, ପୋଲିସ ବିଭାଗ ବିଫଳ**

ପଟ୍ଟାମୁଣ୍ଡାଇ,୧୨।୯(କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଦିନକୁଦିନ ବେଆଇନ ନିଶା କାରବାର ବଢ଼ି ଚାଲିଛି। ବ୍ରାଉନସୁଗାର, ଗଞ୍ଜେଇ, ବିଦେଶୀ ଓ ଦେଶୀ ମଦ ବ୍ୟାପକ ଭାବେ ଚୋରାରେ ବିକ୍ରି ହେଉଛି। ସହରଠାରୁ ଗାଁ ଗହଳିରେ ନିଶା ସେବନ ବଢ଼ି ଚାଲିଥିବାରୁ ଯୁବପିଢି ଛନ୍ଦି ହେଉଛନ୍ତି। ନିଶା କବଳରେ ପଡ଼ି ଯୁବବର୍ଗ ବିଭିନ୍ନ ପ୍ରକାରର ଆପରାଧିକ କାର୍ଯ୍ୟ କରୁଛନ୍ତି। ମଦ, ଗଞ୍ଜେଇ, ନିଶା ଟେବଲେଟ, ବ୍ରାଉନସୁଗାର ବ୍ୟାପାରଠାରୁ ଆରମ୍ଭ କରି ବନ୍ଧୁକ ବ୍ୟାପାର, ଜୁଆ ଏବଂ ସଟ୍ଟା କାରବାର ପରି ବେଆଇନ କାର୍ଯ୍ୟରେ ନିଜକୁ ଲିପ୍ତ ରଖୁଛନ୍ତି। ଏହାକୁ ନେଇ ପରିବାରରେ ଅଶାନ୍ତି ସୃଷ୍ଟି ହେଉଛି। ନିଶା କବଳରେ ପଡିଥିବା ଯୁବକ ଘରେ ଟଙ୍କା ପାଇଁ ଗଣ୍ଡଗୋଳ କରୁଛନ୍ତି। ଏଭଳି କି ସେମାନେ ଚୋରି, ଡକାୟତି, ଛିନ୍ତାଇ ଭଳି ଆପରାଧିକ କାମ କରିବାକୁ ପଚାଉନାହାନ୍ତି। ସହରରୁ ଗାଁ ଛକ ବେଆଇନ ନିଶା କାରବାର କାୟା ମେଲିଥିବାବେଳେ ଅବକାରୀ ଥାନା ଓ ପୋଲିସ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନେଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି।

ଆଇନଜୀବୀ ଆଲୋକ ଧଳ କହିଛନ୍ତି, ପଟ୍ଟାମୁଣ୍ଡାଇ ଅଞ୍ଚଳରେ ବେଆଇନ ନିଶା କାରବାର ଯୋଗୁଁ ବାଲ ଓ ଯୁବ ଅପରାଧୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ପୋଲିସ ଏବଂ ଅବକାରୀ ବିଭାଗ ବେଆଇନ ନିଶା କାରବାର ଉପରେ ଲଗାମ ଲଗାଇବାରେ ବିଫଳ ହୋଇଛି। ଯୁବକମାନେ ବ୍ରାଉନସୁଗାର ଭଳି ନିଶା କାରବାର କରିବା ସହ ବେଆଇନ କାମରେ ସମ୍ପୃକ୍ତି ରହି ନିଜକୁ ବଞ୍ଚାଇବା ପାଇଁ ରାଜନୈତିକ ଦଳର ଛାତ୍ରଛାୟାରେ ରହୁଥିବା ସାଧାରଣରେ ଅଭିଯୋଗ ହୋଇଛି। ପଟ୍ଟାମୁଣ୍ଡାଇରେ ଅଞ୍ଚଳରେ କେତେଜଣ ଯୁବକ ଛୋଟ ଚୁଙ୍ଗି କରି ମଠ ନାମରେ ଗେରୁଆ ବସ୍ତ୍ର ପିନ୍ଧି ନିଶା କାରବାର କରୁଥିବା ଅଭିଯୋଗ ହେଉଥିଲେ ମଧ୍ୟ ପୋଲିସ ଓ ଅବକାରୀ ବିଭାଗର କର୍ମଚାରୀମାନେ ଏହାକୁ ପ୍ରୋତ୍ସାହନ ପ୍ରଦାନ କରି ନିଜ ପକେଟ ଗରମ କରୁଥିବା ଅଭିଯୋଗ ହେଉଛି। ବୁଦ୍ଧିଜୀବୀ ପ୍ରବୀର ନାୟକ କହିଛନ୍ତି, ଖାଲି ମଦ ନୁହେଁ ଅନେକ ପ୍ରକାର ନିଶା ଦ୍ରବ୍ୟ ମଧ୍ୟ ଏଠାରେ ବେଆଇନ ଭାବେ ଖୋଲାରେ ବିକ୍ରି ହେଉଛି। ଯେଉଁ ନିଶା ମଦ ଠୁ ବି ଅଧିକ କ୍ଷତିକାରକ। ଏହିସବୁ ନିଶାକୁ ନେଇ ଅନେକ ଜାଗାରେ ଗଣ୍ଡଗୋଳ ହେଉଛି। ଏହିସବୁ ନିଶା ପାଇଁ କେତେଗୋଟି ପରିବାର ଏବେ ଉଜୁଡ଼ି ଯାଉଛି। ତେବେ ଏହି ମଦକୁ ବନ୍ଦ କରିବା ପାଇଁ ଭାଜପା ସରକାର ଯେଉଁ ନିଷ୍ପତ୍ତି ନେଇଥିଲେ ତାକୁ ଲାଗୁ କଲେ ହୁଏତ ଆପରାଧିକା ମାମଲା କମି ଯାଆନ୍ତା। ମାତ୍ର ବ୍ରାଉନ ସୁଗାର ଭଳି ମହଙ୍ଗା ନିଶା ଯୁବପିଢି କାଙ୍ଗାଳ ଆଡକୁ ଟାଣି ନେଉଛି। ଯୁବନେତା ସତ୍ୟପ୍ରିୟ ସାମଲ କହିଛନ୍ତି, ମଦ୍ୟପାନର ଅଭ୍ୟାସ ଲୋକମାନଙ୍କ ଭିତରେ ବଢୁଥିଲା ବେଳେ, ଅନ୍ୟ ଭଳିକି ଭଳିକି ନିଶାର ପ୍ରକୋପ ମଧ୍ୟ କ୍ରମଶଃ ବଢ଼ିବାରେ ଲାଗିଛି। କେନ୍ଦ୍ର ସରକାରଙ୍କ ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ (ଏନ୍‌ଏଫଏଚଏସ୍- ୫)ର ତଥ୍ୟ ଅନୁଯାୟୀ ନିଶା ସେବନ କ୍ଷେତ୍ରରେ ଓଡ଼ିଶା ଅନ୍ୟ ରାଜ୍ୟକୁ ପଛରେ ପକେଇଛି। ଏଥିରେ ଯୁବବର୍ଗ ସଂଖ୍ୟା ଅଧିକ। ଖାଲି ମଦ ନୁହେଁ ତମାଖୁ, ଗଞ୍ଜେଇ, ବ୍ରାଉନସୁଗାର ଭଳି ନିଶାର ଅଧିକ ବ୍ୟବହାର ଯୁବପିଢି କରୁଛନ୍ତି। କୁହାଯାଏ ଯୁବକ ହେଉଛନ୍ତି ଦେଶର ଭବିଷ୍ୟତ। କିନ୍ତୁ ପରିସ୍ଥିତି ଏବେ ଏମିତି ଯେ ଯୁବପିଢ଼ି ନିଶା କବଳରେ। ବର୍ତ୍ତମାନ ଘଟୁଥିବା ଦୁର୍ଘଟଣାଗୁଡ଼ିକର ମୁଖ୍ୟ କାରଣ ନିଶା। ଯୁବା ବୟସରୁ ନିଶାକୁ ଆପଣେଇନେବା ଆମ ସମାଜ ପାଇଁ ବଡ଼ ଦୁର୍ଭାଗ୍ୟଜନକ ଏବଂ ଆହ୍ୱାନ। ଏଇ ବାବଦରେ ସରକାରଙ୍କ କଠୋର ନୀତିର ଆବଶ୍ୟକତା ଅଛି। ଏ ସମ୍ପର୍କରେ ଅବକାରୀ ବିଭାଗ ସୁପ୍ରେଣ୍ଟେଣ୍ଡେଣ୍ଟ ବିପ୍ର ମଣ୍ଡଳଙ୍କୁ ପଚାରିବାରେ ବିଭିନ୍ନ ସମୟରେ ବିଭାଗ ପକ୍ଷରୁ ଚଢ଼ାଉ କରାଯିବା ସହ ବେଆଇନ ମାଦକ ଦ୍ରବ୍ୟ କାରବାର କରୁଥିବା ଲୋକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉଛି ବୋଲି ସେ କହିଛନ୍ତି।

## ମଦ ଧରିବାକୁ ଯାଇ ଅବକାରୀ ବିଭାଗ କର୍ମଚାରୀ ୨ ଘଣ୍ଟା ଅଟକ

ପଟ୍ଟାମୁଣ୍ଡାଇ,(କଳ୍ପତରୁ ନାୟକ)



ଅବକାରୀ କର୍ମଚାରୀଙ୍କ ଗାଡ଼ିକୁ ଗାଁ ଲୋକେ ଅଟକାଇଛନ୍ତି।

ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅଧୀନ ତଳପଡ଼ା ଗ୍ରାମରେ ଏକ ଅଭାବନୀୟ ଘଟଣା ଗୁରୁବାର ଦେଖିବାକୁ ମିଳିଛି। ଚୋରାମଦ କାରବାର ଅଭିଯୋଗରେ ଜଣେ ବ୍ୟକ୍ତିଙ୍କ ଘରେ ଅବକାରୀ ଟିମ୍ ଚଢ଼ାଉ କରି ଧମକ ଚମକ ଦେବା ସହ ଆସବାବପତ୍ର ଭଙ୍ଗାରୁଜା କରିବାରୁ ଲୋକେ ଉତ୍ୟକ୍ତ ହୋଇ ସେମାନଙ୍କୁ ୨ ଘଣ୍ଟା ଅଟକ ରଖିଥିଲେ। ପରେ ପୋଲିସ ପହଞ୍ଚି ବୁଝାଶୁଝା କରିବାରୁ ଅବକାରୀ ବିଭାଗର କର୍ମଚାରୀ ମୁକୁଳିଛନ୍ତି। ସୂଚନା ଅନୁସାରେ, ପଟ୍ଟାମୁଣ୍ଡାଇ ତଳପଡ଼ା ଗାଁରେ ଚୋରା ମଦ କରବାର ହେଉଥିବା ନେଇ ଅବକାରୀ ଥାନାରେ ବାରମ୍ବାର ଅଭିଯୋଗ ହୋଇଆସୁଛି। ଏ ନେଇ ଅବକାରୀ ଟିମ ଗୁରୁବାର ମଦ ଖୋଜିବା ବାହାନାରେ ତଳପଡ଼ା ଗାଁର ଅମୂଲ୍ୟ ଦାସ ଘରକୁ ଯାଇଥିଲେ। ସେମାନେ ମୁହଁରେ ମୁଖାପିନ୍ଧି ଅମୂଲ୍ୟଙ୍କ ଘରେ ପ୍ରବେଶ କରି ଧମକ ଚମକ ଦେବା ସହ ତାଙ୍କ ଆସବାବପତ୍ର ଭଙ୍ଗା ରୁଜା କରିଥିଲେ। ହେଲେ କୌଣସି ଅବକାରୀ ସାମଗ୍ରୀ ପାଇ ନ ଥିଲେ। ଏହାକୁ ନେଇ ଲୋକଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ସୃଷ୍ଟି ହୋଇ ଉଗ୍ରରୂପ ଧାରଣ କରିଥିଲା। ଲୋକ ହୋହାଲ୍ଲା କରି ଅବକାରୀ ଗାଡ଼ିକୁ ଅଟକ ରଖିଥିଲେ।

## ଯୁବକ ଜାଗ୍ରତ ହେଲେ ସୁସ୍ଥ ସମାଜ ଗଠନ ହେବ




ଶିବିରରେ ଉପସ୍ଥିତ ଅତିଥିମାନେ।

ରାଜନଗର, ୧୨।୯(ଭାସ୍କର ରାଉତରାୟ)

**ଆଇନ ସଚେତନତା ଶିବିର**

ରାଜନଗର ବ୍ଲକ ବାର୍ହାପୁରସ୍ଥିତ ସପ୍ତେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ପଟ୍ଟାମୁଣ୍ଡାଇ ଆଇନ ସେବା ସମିତି ଆନୁକୂଲ୍ୟରେ ଆୟୋଜିତ ଶିବିରକୁ ତାଲୁକ ସେବା ସମିତିର ଅଧ୍ୟକ୍ଷା ତଥା ନ୍ୟାୟାଧୀଶ ସୁଶ୍ରୀ ସଙ୍ଗୀତା ମଲ୍ଲିକ ଅଧ୍ୟକ୍ଷତା କରିବା ସହ ଉଦ୍‌ଘାଟନ କରିଥିଲେ। ଏସିଡ୍ ଫିଙ୍ଗା ଭଳି ଜଘନ୍ୟ ଆପରାଧିକ ଘଟଣା କିପରି ଆମ ସମାଜ, ସାମାଜିକ ମୂଲ୍ୟବୋଧକୁ ଅବକ୍ଷୟ ଆଡ଼କୁ ନେଇଯାଉଛି, ତାହାର ବିସ୍ତୃତ ତଥ୍ୟଭିତ୍ତିକ ବିବରଣୀ ଉପସ୍ଥାପନ କରିଥିଲେ। ଆଜିର ଛାତ୍ରୀଛାତ୍ର ଆଗାମୀକାଲିର ଭବିଷ୍ୟତ ହୋଇଥିବାରୁ ସେମାନଙ୍କର ନିଷ୍ଠା, ସଂକଳ୍ପ ଓ ମାନସିକ ପ୍ରତିବଦ୍ଧତା ପ୍ରତି ସଜାଗ ରହିବାକୁ ପରାମର୍ଶ ଦେଇଥିଲେ। ପଟ୍ଟାମୁଣ୍ଡାଇ ବାର୍ ଆସୋସିଏଶନର ଉପସଭାପତି ବରିଷ୍ଠ ଆଇନଜୀବୀ ସୁରେଶ କୁମାର ନରେନ୍ଦ୍ର ଶିବିରକୁ ସଂଯୋଜନା କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଅଭିନ୍ନ କୁମାର ସ୍ୱାଇଁ ସ୍ୱାଗତ ଭାଷଣ ଦେଇଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ଆସିଷ୍ଟାଣ୍ଟ ସିଭିଲ ଜଜ୍ ଡି.କେ. ବାଲକ୍ରିଷ୍ଣନ ଯୋଗଦେଇ ଆଇନ ସଚେତନତା ଶିବିରର ଆଇନଗତ ଦିଗ ଏବଂ ଆଜିର ଯୁବ ସମାଜ ଏ କ୍ଷେତ୍ରରେ ଜାଗ୍ରତ ରହିଲେ ଏକ ସୁସ୍ଥ ସମାଜ ଗଠନ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ପଟ୍ଟାମୁଣ୍ଡାଇ ବାର୍ ଆସୋସିଏଶନର କୋଷାଧ୍ୟକ୍ଷ ଆଇନଜୀବୀ ଧୀରେନ୍ଦ୍ର ନାଥ ସାହୁ, ଖବରଦାତା ଭାସ୍କର ରାଉତରାୟ ପ୍ରମୁଖ ଯୋଗଦେଇଥିଲେ। ଅଧ୍ୟାପକ ଦିଲୀପ କୁମାର ବରାଳ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସମସ୍ତ ଅଧ୍ୟାପକ ଓ କର୍ମଚାରୀ ପରିଚାଳନା କରିଥିଲେ।

## ନିଆଁ ଲଗାଇ ଘର ପୋଡ଼ି ଦେଇଥିବା ଅଭିଯୋଗ

**କାଟଣା ଗାଁରେ ନିଆଁ ଲାଗି ୮ ବଖରା ପୋଡ଼ି ଘଟଣା**

ରାଜକନିକା, ୧୨।୯(ସଞ୍ଜୟ କୁମାର ଦାଶ)

ରାଜକନିକା ଥାନା ଅନ୍ତର୍ଗତ କାଟଣା ଗାଁରେ ଭୟାବହ ଅଗ୍ନିକାଣ୍ଡରେ ୬ ତାରିଖ ବିଳମ୍ବିତ ରାତିରେ ୮ ବଖରା ଜଳିପୋଡ଼ି ପାଉଁଶ ହୋଇଯାଇଥିଲା। ଏହି ଘଟଣାକୁ ନେଇ ବିପନ୍ନ ପରିବାର ଥାନାର ଦ୍ୱାରସ୍ଥ ହୋଇଛନ୍ତି। ତାଙ୍କ ଘରକୁ କେହି ଦୁର୍ବୃତ୍ତ ପୋଡ଼ି ଦେଇଥିବା ଥାନାରେ ଗୁରୁବାର ଅଭିଯୋଗ କରିଛନ୍ତି। ବିପନ୍ନଙ୍କ ପରିବାରର ପ୍ରସନ୍ନ ବିଶ୍ୱାଳ ଓ ଗ୍ରାମବାସୀ ଏକାଠି ହୋଇ ଥାନାରେ ଦୁର୍ବୃତ୍ତମାନଙ୍କ ନାଁରେ ଏତଲା ଦେଇଛନ୍ତି। ୬ ତାରିଖ ବିଳମ୍ବିତ ରାତିରେ କାଟଣା ଗାଁର ପ୍ରସନ୍ନ ଓ ତାଙ୍କ ସାନଭାଇଙ୍କ ପରିବାର ଲୋକେ ରାତିରେ ଶୋଇଥିବାବେଳେ ଅଗ୍ନିକାଣ୍ଡ ଘଟି ୮ ବଖରା ଘର ସହ ଲକ୍ଷାଧିକ ଟଙ୍କାର ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଥିଲା। ପୂର୍ବରୁ ଏକ ଗଣ୍ଡଗୋଳ ମାମଲାକୁ ନେଇ କେତେଜଣ ଯୁବକ ଘର ପୋଡ଼ି ଦେବାକୁ ଧମକ ଦେଇ ଆସୁଥିବା ଉଲ୍ଲେଖ କରିଛନ୍ତି। ଘରପୋଡ଼ି ସମ୍ପର୍କୀୟ ତଥ୍ୟ ସେ ସେହି ଗାଁର ଜଣକ ସିସିଟିଭିରୁ ଦେଖି ଗ୍ରାମବାସୀଙ୍କ ସହ ଆଲୋଚନା କରିବା ପରେ ଗୁରୁବାର ଗ୍ରାମବାସୀଙ୍କୁ ସାଙ୍ଗରେ ନେଇ ଥାନାରେ ଏତଲା ଦେଇଛନ୍ତି। ଘରପୋଡ଼ ଭଳି ଘଟଣାରେ ଥାନାରେ ଏତଲା ହେବା ପରେ ଘଟଣା ଭିନ୍ନ ମୋଡ଼ ନେଇଛି। ଏତଲା ପାଇବା ପରେ ପୋଲିସ ଅନୁସନ୍ଧାନ କରି ଠିକ୍ ନ୍ୟାୟ ପ୍ରଦାନ କରିବ ବୋଲି ଗ୍ରାମବାସୀ ଭରସା କରିଛନ୍ତି।

## ସଞ୍ଜୟ ଷଷ୍ଠ ଥର ସଭାପତି

**ବିଜୁ ପଟ୍ଟନାୟକଙ୍କ ମାର୍କେଟ କମ୍ପ୍ଲେକ୍ସ ପରିଚାଳନା କମିଟିର କର୍ମକର୍ତ୍ତା ନିର୍ବାଚନ**



ମାର୍କେଟ କମ୍ପ୍ଲେକ୍ସ ପରିଚାଳନା କମିଟିର ନିର୍ବାଚିତ କର୍ମକର୍ତ୍ତାମାନେ।

କୁଜଙ୍ଗ,୧୨।୯(ମନୋଜ ପ୍ରଧାନ)

କୁଜଙ୍ଗ ବ୍ଲକ ଅନ୍ତର୍ଗତ ପାରାଦୀପଗଡ଼ସ୍ଥିତ ବିଜୁ ପଟ୍ଟନାୟକଙ୍କ ମାର୍କେଟ କମ୍ପ୍ଲେକ୍ସ ପରିଚାଳନା କମିଟିର ବାର୍ଷିକ ସମ୍ମିଳନୀ ଓ କର୍ମକର୍ତ୍ତା ନିର୍ବାଚନ ଗୁରୁବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଆଇନଜୀବୀ ସଞ୍ଜୟ କୁମାର ବେହେରା ଷଷ୍ଠ ଥର ପାଇଁ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ସେହିପରି ଉପସଭାପତି ଭାବେ ଅଲେଖ ମହାରଥା ସମ୍ପାଦକ ରମେଶ ଚନ୍ଦ୍ର ବେହେରା, ସହ ସମ୍ପାଦକ, ପ୍ରଶାନ୍ତ ସେଠୀ, କୋଷାଧ୍ୟକ୍ଷ ଭାବେ ଦୀପକ ରଞ୍ଜନ ପଣ୍ଡାଙ୍କୁ ନିର୍ବାଚିତ କରାଯାଇଥିବା ବେଳେ କାର୍ଯ୍ୟକାରୀ କମିଟି ସଭ୍ୟ ଭାବେ ଶ୍ରୀ ସତ୍ୟନାରାୟଣ ମହାପାତ୍ର, ରଶ୍ମିରଞ୍ଜନ ରଥ, ରଞ୍ଜନ କୁମାର ବେହେରା, ପ୍ରଶାନ୍ତ ପରିଡ଼ା, ଅଶୋକ ବେହେରା, ରବୀନ୍ଦ୍ର ନାଥ ସାହୁ, ପ୍ରଶାନ୍ତ ସାହୁ, ବିଜୟ ଓଝା ଓ ଶରତ ବାରିକଙ୍କୁ ନିର୍ବାଚିତ କରାଯାଇଛି। ଜାତୀୟ ରାଜପଥ ସମ୍ପ୍ରସାରଣରେ କ୍ଷତିଗ୍ରସ୍ତ ହୋଇଥିବା ସମସ୍ତ ବ୍ୟବସାୟୀଙ୍କୁ ଥଇଥାନ କରାଯିବା ପାଇଁ ଉଦ୍ୟମ ଜାରି ରହିବ ବୋଲି ସଭାପତି ବେହେରା ପ୍ରକାଶ କରିଥିଲେ।

## ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରତିଷ୍ଠା ଉତ୍ସବ

ମାର୍ଶାଘାଇ,୧୨।୯ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ମାର୍ଶାଘାଇ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୩୧ ତମ ସ୍ୱନକ୍ଷେତ୍ର ଦିବସ ଏହାର ସଭା କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ମାର୍ଶାଘାଇ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ପ୍ରଣୟ କୁମାର ପରିଜା, ମୁଖ୍ୟବକ୍ତା ଭାବେ କୋରୁଆ କଲେଜ ଓଡ଼ିଆ ଭାଷା ସାହିତ୍ୟ ବିଭାଗ ମୁଖ୍ୟ ଡ. ବିଚିତ୍ରା ମଞ୍ଜରୀ ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ ଦେବ ରାୟ ସମର ସିଂ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଓଡ଼ିଆ ବିଭାଗ ମୁଖ୍ୟ ରମେଶ ଚନ୍ଦ୍ର ସେଠୀ ଯୋଗ ଦେଇଥିଲେ। ମାର୍ଶାଘାଇ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷା ଜ୍ୟୋତ୍ସ୍ନାମୟୀ ମହାପାତ୍ର ସଭା ପରିଚାଳନା ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପିକା ଅର୍ଚ୍ଚନା ରାଉତରାୟ, ସରୋଜିନୀ କର, ମମତା ଦାସ, ଅଧ୍ୟାପକ ଡ. ଦୀପକ ଦଳାଇ, ହାଡିବନ୍ଧୁ ଦାସ, କର୍ମଚାରୀ ସୁନୀଲ ଲେଙ୍କା, କ୍ରୀଡା ଶିକ୍ଷକ ସୁବାସ ଚନ୍ଦ୍ର ସାହୁ, ଦୀପକ ସ୍ୱାଇଁ, ଅରୁଣ ରଥ, ଜ୍ୟୋତିର୍ମୟୀ ମହାପାତ୍ର ଉପସ୍ଥିତ ଥିଲେ।

## ବିଦ୍ୟାଳୟ ଗୃହ ନ ହେବାରୁ ଗ୍ରାମବାସୀ ଅସନ୍ତୋଷ

ରାଜକନିକା, ୧୨।୯(ସଞ୍ଜୟ କୁମାର ଦାଶ)

ରାଜକନିକା ବ୍ଲକ ଗୁଣ୍ଡଳ ପ୍ରାଥମିକ ବିଦ୍ୟାଳୟର ଶ୍ରେଣୀ ଗୃହ ଅଭାବ ଥିବାରୁ ପ୍ରଥମରୁ ପଞ୍ଚମ ଶ୍ରେଣୀର ଛାତ୍ରୀଛାତ୍ର ଗୋଟିଏ ଶ୍ରେଣୀ ଗୃହରେ ପଢୁଛନ୍ତି। ଏହାକୁ ଉପଲବ୍ଧି କରି ଗାଁର ବଦାନ୍ୟ ବ୍ୟକ୍ତି କୁଳମଣି ମହାପାତ୍ର ଏବଂ ଅବସରପ୍ରାପ୍ତ ଅଧ୍ୟକ୍ଷ ନିରଞ୍ଜନ ବେହୁରିଆ ଶ୍ରେଣୀ ଗୃହ କରି ଦେବାକୁ ପ୍ରସ୍ତାବ ଦେଇ ୭ ଲକ୍ଷ ଟଙ୍କାର ଏଷ୍ଟିମେଟ ହୋଇଥିଲା। ଏ ସମ୍ପର୍କରେ ଡିଇଓଙ୍କ ଅନୁମତି ମଧ୍ୟ ମିଳିଥିଲା। ପ୍ରସ୍ତାବଟି ସର୍ବସମ୍ମତିକ୍ରମେ ବିଦ୍ୟାଳୟ ପରିଚାଳନା କମିଟିରେ ଗୃହିତ ହୋଇଥିଲା। ହେଲେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି, କେତେଜଣ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ନ୍ୟସ୍ତ ସ୍ୱାର୍ଥ ବ୍ୟକ୍ତି ଏହି ପ୍ରସ୍ତାବକୁ ବିରୋଧ କରି ଆସୁଥିଲେ। ୯ ତାରିଖରେ କେନ୍ଦ୍ରାପଡ଼ା ଅତିରିକ୍ତ ଜିଲାପାଳ, ରାଜକନିକା ବିଡିଓ, ବିଇଓ କାର୍ଯ୍ୟାଳୟର କର୍ମଚାରୀ ଘଟଣା ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ପୂର୍ବ ନିଷ୍ପତ୍ତିକୁ ଉପେକ୍ଷା କରି କେନ୍ଦ୍ରାପଡ଼ା ଅତିରିକ୍ତ ଜିଲାପାଳ ଅନ୍ୟତ୍ର ବିଦ୍ୟାଳୟ ଶ୍ରେଣୀଗୃହ ନିର୍ମାଣ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହାକୁ ଗ୍ରାମବାସୀଙ୍କୁ ବ୍ୟଥିତ କରିଛି।

## ଘରକୁ ଘର ବୁଲି କୁକୁଡ଼ା ମାରୁଛି ଟିମ୍



**■ ଡେରାବିଶରେ ବାର୍ଡ ଫ୍ଲୁ ପ୍ରସଙ୍ଗ**

**■ ସମସ୍ତ ଫାର୍ମରୁ କୁକୁଡ଼ାମରା ସରିଲା**

ଡେରାବିଶ, ୧୨।୯(ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ ଅଞ୍ଚଳରେ ଗତ ୧ତାରିଖଠାରୁ ଶତାଧିକ ସଂଖ୍ୟାରେ କୁକୁଡ଼ା ମଡ଼କ ଦେଖାଯିବା ଓ ପରେ ଜିଲା ପ୍ରାଣୀଧନ ବିଭାଗ ପକ୍ଷରୁ ରକ୍ତ ନମୁନା ଭୋପାଳକୁ ପଠାଯାଇଥିଲା। ଏହି ରକ୍ତ ନମୁନାରୁ ବାର୍ଡ ଫ୍ଲୁ ସଂକ୍ରମଣ କାରଣରୁ କୁକୁଡ଼ାଙ୍କ ମୃତ୍ୟୁ ହୋଇଥିବା ରିପୋର୍ଟ ଆସିବା ପରେ ଜିଲାପାଳ ସ୍ମୃତିରଞ୍ଜନ ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ବ୍ଲକ ଅଧୀନ ବାଲିଆ, ଏଣ୍ଡର ଓ ଗୋଲରାହାଟ ପଞ୍ଚାୟତରେ ଦ୍ରୁତ ପଦକ୍ଷେପ ନିଆଯାଇଥିଲା। ଜିଲା ପ୍ରାଣୀଧନ ବିଭାଗ ତତ୍ତ୍ୱାବଧାନରେ ୧୪ଟି ଟିମ୍ ଦ୍ୱାରା ସମ୍ପୃକ୍ତ ପଞ୍ଚାୟତରେ ଥିବା ଫାର୍ମଗୁଡ଼ିକରେ କୁକୁଡ଼ା ମରା ଅଭିଯାନ ଆରମ୍ଭ ହୋଇଥିଲା। ୪ଦିନ ମଧ୍ୟରେ ୩ ପଞ୍ଚାୟତର ୮୦ରୁ ଊର୍ଦ୍ଧ୍ୱ ଫାର୍ମରୁ ୧୮ ହଜାରରୁ ଅଧିକ କୁକୁଡ଼ା ମରାଯାଇ ପୋତା ଯାଇଥିଲା। ତେବେ ଗୁରୁବାରଠାରୁ ଏହି କୁକୁଡାମରା ଟିମ୍ ବ୍ଲକ ଅଧୀନ ସମ୍ପୃକ୍ତ ପଞ୍ଚାୟତର ବିଭିନ୍ନ ଗ୍ରାମର ଘରକୁ ଘର ବୁଲି ପାଳିତ କୁକୁଡ଼ା, ବତକ ଓ ହଂସକୁ ମାରି ମାଟି ତଳେ ପୋତୁଛନ୍ତି। ଜିଲା ପ୍ରାଣୀଧନ ବିଭାଗ ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁବ୍ରତ କୁମାର ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗୁରୁବାର ଘରେ ପୋଷା ଯାଇଥିବା ୧୬୭ଟି କୁକୁଡ଼ା ସମେତ ଅନ୍ୟ ପକ୍ଷୀ ମରାଯାଇଥିଲା। ଏଥିସହ ବିଭିନ୍ନ ଘରୁ ୬୫ଟି ଅଣ୍ଡା ଜବତ କରାଯାଇ ବିଭାଗ ମାଟି ତଳେ ପୋତି ଦେଇଛି। ତେବେ ଉପରୋକ୍ତ ପଞ୍ଚାୟତର ବିଭିନ୍ନ ଗ୍ରାମକୁ କୁକୁଡ଼ାମରା ଅଭିଯାନ ଜାରି ରହିଛି। ବ୍ଲକ ପ୍ରାଣୀଧନ ମୁଖ୍ୟ ଚିକିତ୍ସାଧିକାରୀ ଡା. ଦିଲୀପ କୁମାର ସେଠୀଙ୍କ ନେତୃତ୍ୱରେ ଜାରି ରହିଥିବା ଏହି କାର୍ଯ୍ୟକ୍ରମରେ ଡା. ବିବେକାନନ୍ଦ ସାହୁଙ୍କ ସମେତ ବିଭାଗୀୟ କର୍ମଚାରୀମାନେ ସାମିଲ ହୋଇଛନ୍ତି। ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା କେନ୍ଦ୍ରାପଡ଼ା ଅତିରିକ୍ତ ତହସିଲଦାର କୁମୁଦିନୀ ଜେନା, ଡେରାବିଶ ଥାନା ଏଏସ୍‌ଆଇ ନିବେଦିତା ପାତ୍ରଙ୍କ ସମେତ ପୋଲିସ ଟିମ୍ ଉପସ୍ଥିତ ରହିଥିଲେ। ଏହି କୁକୁଡ଼ାମରା ଅଭିଯାନ ଗୁରୁବାର ଶେଷ ହେବା ସହ ଶୁକ୍ରବାରଠାରୁ ବାର୍ଡ ଫ୍ଲୁ ସଂକ୍ରମିତ ଗ୍ରାମଗୁଡ଼ିକରେ ବିଶୋଧନ କାର୍ଯ୍ୟକ୍ରମ ଆରମ୍ଭ ହେବ ବୋଲି ଡା. ସେଠୀ ସୂଚନା ଦେଇଛନ୍ତି।

## ବିନା ଆତସବାଜିରେ ହେବ ରାବଣପୋଡ଼ି

ଜଗତ୍‌ସିଂହପୁର,୧୨।୯
(ପ୍ରମୋଦ ନାୟକ)



ବୈଠକରେ ଜିଲାପାଳ, ପ୍ରଶାସନିକ ଅଧିକାରୀ ଓ ପୂଜା କମିଟିର କର୍ମମର୍ତ୍ତାମାନେ।

**■ ଦୁର୍ଗାପୂଜା, ଭସାଣି ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ**

**■ ଦୁର୍ଗାପୂଜାରେ ଡିଜେ ସାଉଣ୍ଡ ନ ବଜାଇବାକୁ ନିଷ୍ପତ୍ତି**

ଜିଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ଗୁରୁବାର ଅପରାହ୍ନରେ ଆଗାମୀ ଦଶହରା ପର୍ବ, ରାବଣ ପୋଡ଼ି ଓ ଭସାଣି ଉତ୍ସବ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲାପାଳ ଜେ. ସୋନାଲ ଅଧ୍ୟକ୍ଷତା କରିଥିଲେ। ୨୦୨୪ ଅକ୍ଟୋବର୧୦ରୁ ୧୪ ପର୍ଯ୍ୟନ୍ତ ଜଗତ୍‌ସିଂହପୁର ପୌର ପରିଷଦ ଅଞ୍ଚଳରେ ଦୁର୍ଗାପୂଜା ଉତ୍ସବ ଅନୁଷ୍ଠିତ ହେବ। ଜିଲାପାଳ ଜେ. ସୋନାଲ ପୂଜାରେ ଶାନ୍ତି ଶୃଙ୍ଖଳା ବଜାୟ ରଖିବା ପାଇଁ ବିଭାଗୀୟ ଅଧିକାରୀ, ବିଭିନ୍ନ ମେଢ଼ କମିଟିର କର୍ମକର୍ତ୍ତା ଓ ବୁଦ୍ଧିଜୀବୀମାନଙ୍କ ସହଯୋଗ କାମନା କରିଥିଲେ।

ବୈଠକର ନିଷ୍ପତ୍ତି ଅନୁଯାୟୀ, ବିଜୟା ଦଶମୀ ଦିନ ଅର୍ଥାତ୍ ୧୩ ଅକ୍ଟୋବରରେ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖ ପଡ଼ିଆରେ ରାବଣପୋଡି ବିନା ଆତସବାଜିରେ ଅନୁଷ୍ଠିତ ହେବ। ସେହିପରି ଭସାଣି ଉତ୍ସବ ୧୪ ଅକ୍ଟୋବରରେ ଆୟୋଜିତ ହେବ। ଶାନ୍ତି ଶୃଙ୍ଖଳାକୁ ଦୃଷ୍ଟିରେ ରଖି ଉକ୍ତ ୨ ଦିନ କୌଣସି ମେଲୋଡି ପରିବେଷଣ କରାଯିବ ନାହିଁ ବୋଲି ସର୍ବସମ୍ମତିରେ ନିଷ୍ପତ୍ତି ହୋଇଛି। ରାବଣପୋଡ଼ି ଓ ସାଧାରଣ ସଭା ନିମନ୍ତେ ଶ୍ରୀରାମ କ୍ଲବ ଏବଂ ଭସାଣୀ ଉତ୍ସବ ପାଇଁ ସମସ୍ତ କାର୍ଯ୍ୟ ଥାନପତି କ୍ଲବ ସମ୍ପାଦନ କରିବା ପାଇଁ ନିଷ୍ପତ୍ତି ହୋଇଛି। ମୂର୍ତ୍ତି ବିସର୍ଜନ ନିମନ୍ତେ ଗାଲୁପଡ଼ା, ପୁରୋହିତପୁର ଏବଂ କଲେଜ୍‌ଠାରୁ ଷ୍ଟାଡିୟମ ପର୍ଯ୍ୟନ୍ତ ଯାଇଥିବା ରାସ୍ତା କଡ଼ରେ ଅସ୍ଥାୟୀ ପୋଖରୀ ଖନନ ପାଇଁ ଅଧୀକ୍ଷଣ ଯନ୍ତ୍ରୀମାନଙ୍କୁ ଦାୟିତ୍ୱ ଦିଆଯାଇଛି। ପୂଜା ପାଇଁ ରାସ୍ତା ମରାମତି ସମୟରେ କେବଳ ଡଷ୍ଟ ନ ପକାଇ ଠିକ୍ ଭାବେ କାର୍ଯ୍ୟ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଟ୍ରାଫିକ ନିୟନ୍ତ୍ରଣ ଓ ପୋଲିସ ଶିବିରର ଦାୟିତ୍ୱ ଆରକ୍ଷୀ ଅଧୀକ୍ଷକ ସମ୍ପାଦନ କରିବେ। ଟାଉନହଲଠାରୁ ୧୦ ନମ୍ବର, ପୁରୋହିତପୁରଠାରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଏବଂ ଆଲିପିଙ୍ଗଳ ଠାରୁ ପୋଷ୍ଟ ଅଫିସ ଛକ ପର୍ଯ୍ୟନ୍ତ ରାସ୍ତା ଉପରେ ପ୍ରତିବନ୍ଧକ ସୃଷ୍ଟି କରୁଥିବା ଗଛର ଡାଳକଟା କାମ ପୂର୍ତ୍ତ ବିଭାଗ ସମ୍ପାଦନ କରିବ ବୋଲି ନିଷ୍ପତ୍ତି ହୋଇଛି। ଅସ୍ଥାୟୀ ପୋଖରୀରୁ ବିସର୍ଜିତ ସାମଗ୍ରୀ ବାହାର କରିବା ,ପୋଖରୀ ଜଳକୁ ଚୂନ ପକାଇ ବିଶୋଧିତ କରିବା, ପୋଖରୀ ନିକଟରେ ଡଷ୍ଟବିନ ରଖିବା, ବିସର୍ଜନ ସ୍ଥଳୀ ଓ ମେଲଣ ପଡିଆରେ ଯଥେଷ୍ଟ ଆଲୋକ ବ୍ୟବସ୍ଥା କରିବା ସହ ୫ ଟି ଜେନେରେଟର ରଖିବା ପାଇଁ ନିର୍ବାହୀ ଅଧିକାରୀ ପୌର ପରିଷଦ ବିହିତ ବ୍ୟବସ୍ଥା ଗ୍ରହଣ କରିବେ ବୋଲି ଜିଲାପାଳ କହିଥିଲେ। ବୈଠକରେ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ, ରାବଣ ପୋଡ଼ି ଓ ଭସାଣି ଉତ୍ସବଦିନ ମେଲଣ ପଡ଼ିଆରେ ଓ ଅସ୍ଥାୟୀ ପୋଖରୀ ନିକଟରେ ଅସ୍ଥାୟୀ ପ୍ରାଥମିକ ଚିକିତ୍ସା କେନ୍ଦ୍ର, ପାନୀୟ ଜଳର ବ୍ୟବସ୍ଥା, ସହରରେ ପାଣି ପାଇପ ମରାମତି କରାଯିବା ସହ ରାବଣପୋଡ଼ି ଓ ଭସାଣି ଦିନ ଦେଶୀ ଓ ବିଦେଶୀ ମଦ ଦୋକାନ ବନ୍ଦ ରହିବ ବୋଲି ନିଷ୍ପତ୍ତି ହୋଇଥିଲା। ଦୁର୍ଗାପୂଜା ସମୟରେ ଡିଜେ ସାଉଣ୍ଡ ନ ବଜାଇବା, ଶାନ୍ତି ଶୃଙ୍ଖଳାର ସହ ପୂଜା ଓ ଭସାଣି କରିବା, ପ୍ରତ୍ୟେକ ମେଢ଼ ପାଖରେ ସିସିଟିଭି ଲଗାଇବା ଏଂ ନିୟମଭଙ୍ଗକାରୀଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନେବାକୁ ଏସ୍‌ପି ସୂଚନା ଦେଇଥିଲେ।

ଏହି ପ୍ରସ୍ତୁତି ବୈଠକରେ ଜିଲା ପରିଷଦ ସଭାପତି ମନୋଜ କୁମାର ଭୋଇ, ଏସ୍‌ପି ରାହୁଲ ପି.ଆର, ଅତିରିକ୍ତ ଜିଲାପାଳ ସମ୍ବିତ କୁମାର ରାଉତ, ଜିଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବି ନାରାୟଣ ଜେଠୀ, ପୌରପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ସିଂହ, ଉପଜିଲାପାଳ ବିବୁଧ ଗଡ଼ନାୟକଙ୍କ ସମେତ ମେଢ଼ର କର୍ମକର୍ତ୍ତା, ଶାନ୍ତି କମିଟିର ସଦସ୍ୟ, ସମସ୍ତ ବିଭାଗୀୟ ଅଧିକାରୀ, ଆଇନଜୀବୀ ତଥା ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରତିଚୀ ତନୟା ମହାନ୍ତି କାର୍ଯ୍ୟସୂଚୀ ଅନୁଯାୟୀ ବିବରଣୀ ପାଠ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଦ୍ୟୁତ୍ ଆଘାତରେ ଯୁବକ ମୃତ

ନୟାଗଡ଼,(ଲୋକନାଥ ମିଶ୍ର):ନୟାଗଡ଼ ଜିଲା ଶରଣକୁଳ ଥାନା ସୋଲପଟା ଗାଁର ପ୍ରଦୀପ ନାୟକ(୪୨)ଙ୍କ ବିଦ୍ୟୁତ୍ କରେଣ୍ଟରେ ବୁଧବାର ବିଳମ୍ବିତ ରାତିରେ ମୃତ୍ୟୁ ହୋଇଛି । ପରିବାର ଲୋକ ବୁଧବାର ରାତିରେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ପ୍ରଦୀପଙ୍କୁ ଭର୍ତ୍ତି କରିଥିଲେ । ଡାକ୍ତର ପ୍ରଦୀପଙ୍କୁ ମୃତ ଘୋଷଣା କରିଥିଲେ ।

# ଗାଁଠାରୁ ସହର ପାଳନ ହେବ ସ୍ୱଚ୍ଛତା ପକ୍ଷ

## ସୁଭଦ୍ରା ଯୋଜନା ଓ ସ୍ୱଚ୍ଛତା ପକ୍ଷ ପାଳନ ପାଇଁ ପ୍ରସ୍ତୁତି

ନୟାଗଡ଼,୧୨।୯
(ଲୋକନାଥ ମିଶ୍ର)

ସୁଭଦ୍ରା ଯୋଜନା ଓ ସ୍ୱଚ୍ଛତା ପକ୍ଷ ପାଳନ ନିମନ୍ତେ ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଓସୱାନ ସଭାକକ୍ଷରେ ଗୁରୁବାର ଜିଲାସ୍ତରୀୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ୱଚ୍ଛତା ପକ୍ଷ ୨୦୧୪ରୁ ଆରମ୍ଭ ହୋଇଛି। ପ୍ରତିବର୍ଷ ସେପ୍ଟେମ୍ବର ୧୭ରୁ ଆରମ୍ଭ ହୋଇ ଅକ୍ଟୋବର ୨ତାରିଖ ଗାନ୍ଧୀଜୟନ୍ତୀରେ ଶେଷ ହେଉଛି। ସ୍ୱଚ୍ଛତା ପକ୍ଷ ପାଳନର ୧୦ ବର୍ଷ ପୂର୍ତ୍ତି ଅବସରରେ କେନ୍ଦ୍ର ଓ ରାଜ୍ୟ ସରକାର ଅତ୍ୟଧିକ ସରସ ସୁନ୍ଦର ଭାବେ ପାଳନ କରିବା ପାଇଁ ନିଷ୍ପତ୍ତି ନେଇଥିବା ଜିଲାପାଳ ପ୍ରକାଶ କରିଥିଲେ।

ଚଳିତ ବର୍ଷର ଥିମ୍ 'ସ୍ୱଭାବ ସ୍ୱଚ୍ଛତା, ସଂସ୍କାର ସ୍ୱଚ୍ଛତା'। ସ୍ୱଚ୍ଛତା କାର୍ଯ୍ୟକ୍ରମରେ ଗାଁଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ସମସ୍ତ ବ୍ୟକ୍ତି ସାମିଲ ହେବା ପାଇଁ ଜିଲାପାଳ ପରାମର୍ଶ ଦେଇଥିଲେ। ସ୍ୱଚ୍ଛତା କାର୍ଯ୍ୟକ୍ରମରେ ସମସ୍ତଙ୍କର ଯୋଗଦାନ, ସମ୍ପୂର୍ଣ୍ଣ ସ୍ୱଚ୍ଛତା, ସଫେଇ କର୍ମଚାରୀଙ୍କ ସୁରକ୍ଷା ପରି ୩ ଭାଗରେ ବିଭକ୍ତ କରାଯାଇଛି। କାର୍ଯ୍ୟକ୍ରମ ଚଳିତ ମାସ ୧୮ରୁ ଆରମ୍ଭ ହେବ। ଏଥିରେ ୱାକାଥନ୍, ମାନବ ଶୃଙ୍ଖଳ,ର୍ୟାଲ, ଶପଥ ପାଠ ଓ ପରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ କରାଯାଇ ଅକ୍ଟୋବର ୧ ପର୍ଯ୍ୟନ୍ତ ଚାଲୁ ରହିବ। ଚଳିତ ମାସ ୨୦ରୁ ୨୫ ତାରିଖ ମଧ୍ୟରେ ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ଅନୁଷ୍ଠାନ ଇତ୍ୟାଦି ସଫାସୁତରା କରାଯିବ। ୨୧ରୁ ୨୫ ତାରିଖ ମଧ୍ୟରେ ସର୍ବସାଧାରଣ ସ୍ଥାନ ଓ ୨୪ରୁ ଅକ୍ଟୋବର ୧ ପର୍ଯ୍ୟନ୍ତ ଅଳିଆ ଆବର୍ଜନା ପକାଯାଉଥିବା ସ୍ଥାନ (ଡମ୍ପିଂ ୟାର୍ଡ) ସଫା କରାଯିବ। ୨୭ରୁ ୨୯ ତାରିଖ ପର୍ଯ୍ୟନ୍ତ ପୁଷ୍କରିଣୀ ପରିସର ଓ ପରିବେଶ ସଫା କରାଯିବ। ୨୬ରୁ ୩୦ ତାରିଖ ମଧ୍ୟରେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଚିତ୍ରାଙ୍କନ, ପ୍ରବନ୍ଧ, ତର୍କ/କବିତା, ସ୍ଲୋଗାନ୍ ଏବଂ ଅଦରକାରୀ ଜିନିଷରୁ ଦରକାରୀ ଜିନିଷ ତିଆରି ଉପରେ ପ୍ରତିଯୋଗିତା କରାଯିବ। ୨୮ ତାରିଖରେ ୱାଲ ପେଣ୍ଟିଂ, ଅକ୍ଟୋବର ୧ରେ ସଫେଇ କର୍ମଚାରୀମାନଙ୍କ ସୁରକ୍ଷା କାର୍ଯ୍ୟକ୍ରମ କରାଯିବ। ସ୍ୱଚ୍ଛତା ପକ୍ଷ ପାଳନର ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ଗାନ୍ଧୀ ଜୟନ୍ତୀ କାର୍ଯ୍ୟକ୍ରମ ଅବସରରେ ବିତରଣ କରାଯିବ। ପରେ ସୁଭଦ୍ରା ଯୋଜନା ଉପରେ ଆଲୋଚନା କରି ଜିଲାପାଳ କହିଲେ, ଚଳିତ ମାସ ୧୭ ତାରିଖ ୧୧ଟା ସମୟରେ ଭୁବନେଶ୍ୱର ଜନତା ମଇଦାନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମହିଳା କଲ୍ୟାଣକାରୀ ଯୋଜନା ସୁଭଦ୍ରାର ଶୁଭ ଉଦ୍‌ଘାଟନ କରିବେ। ଏହି ଅବସରରେ ନୟାଗଡ଼ ଜିଲାରୁ ଆଶା, ଅଙ୍ଗନୱାଡ଼ି, ଏମ୍‌ବିକେ., ସିଆରପି., ସ୍ୱୟଂ ସହାୟକ ଗୋଷ୍ଠୀର ୨୦୦୦ ମହିଳା ହିତାଧିକାରୀ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ଭୁବନେଶ୍ୱର ଯିବେ। ବ୍ଲକ ମୁଖ୍ୟାଳୟରୁ ବସଗୁଡ଼ିକ ବାହାରିବେ। ସମସ୍ତ ବସ ୧୬ ତାରିଖ ରାତି ସୁଦ୍ଧା ବ୍ଲକରେ ପହଞ୍ଚିବ। ପ୍ରତ୍ୟେକ ବସରେ ଡ୍ରାଇଭର,ହେଲପର ଏବଂ ଜଣେ ନୋଡାଲ ଅଧିକାରୀ ଆଉ ସବୁ ମହିଳା ହିତାଧିକାରୀ ରହିବେ। ସମସ୍ତ ମହିଳାମାନଙ୍କୁ ପରିଚୟ ପତ୍ର ପ୍ରଦାନ କରାଯିବ ଯେଉଁଥିରେ ସେମାନଙ୍କର ବ୍ଲକର ନାମ, ବସ୍‌ନମ୍ବର ଓ ନାମ,ନୋଡାଲ ଅଧିକାରୀଙ୍କ ନାମ ଓ ଫୋନ୍ ନମ୍ବର ଥିବ। ବସରେ ସାଧାରଣ ରୋଗର ଔଷଧ, ଓଆରଏସ୍, ପାଣି ବୋତଲ ଇତ୍ୟାଦିର ବ୍ୟବସ୍ଥା ରହିବ। ଏହି କାର୍ଯ୍ୟକ୍ରମ ବ୍ଲକ ଏବଂ ଜିଲାସ୍ତରରେ ଅନୁଷ୍ଠିତ ହେବ। ବ୍ଲକ ଏବଂ ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ପ୍ରାୟ ୫ ହଜାର ମହିଳା ହିତାଧିକାରୀ ଯୋଗ ଦେବେ। ସେମାନଙ୍କୁ ଭିଡିଓ ସ୍କ୍ରିନ୍ ଓ ଛୋଟ ନାଟକ ମାଧ୍ୟମରେ ସୁଭଦ୍ରା ଯୋଜନା ଉପରେ ଭଲଭାବେ ସଚେତନ କରାଯିବ। ଏହି ସମସ୍ତ କାର୍ଯ୍ୟକ୍ରମ ସକାଳ ୯ଘଟିକାରେ ଆରମ୍ଭ ହେବ। ମହିଳାମାନଙ୍କୁ ସଭାସ୍ଥଳକୁ ଆଣିବା ନିମନ୍ତେ ବସର ବ୍ୟବସ୍ଥା ପାଇଁ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ପରାମର୍ଶ ଦିଆଯାଇଛି।

ବୈଠକରେ ଅତିରିକ୍ତ ଜିଲାପାଳ ରୋଜିନା ଦାସ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲା ନୋଡାଲ ଅଧିକାରୀ(ସୁଭଦ୍ରା) ଦେବଦତ୍ତ ପଣ୍ଡା, ଡ୍ରୁଡାର ପ୍ରକଳ୍ପ ନିର୍ଦ୍ଦେଶକ ସୁମନ୍ ବେହେରା, ବନଖଣ୍ଡ ଅଧିକାରୀ କ୍ଷମା ଷଡ଼ଙ୍ଗୀ, ଜିଲା ସମାଜ ମଙ୍ଗଳ ଅଧିକାରୀ ଅର୍ଚ୍ଚନା କଅଁର, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ରମାକାନ୍ତ ପଣ୍ଡା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୁରେନ୍ଦ୍ର କୁମାର ସାହୁ, ଜଲା ଶିକ୍ଷା ଅଧିକାରୀ ରାଜଶ୍ରୀ ପଟ୍ଟନାୟକ, ଜିଲା କ୍ରୀଡ଼ା ଅଧିକାରୀ ସୁଜାତା କୁମାରୀ ସାହୁ, ଡିପିସି ମିଶନଶକ୍ତ ସମିଧା ପାଢ଼ୀ, ଡିପିଏମ, ଓଏଲଏମ ସଞ୍ଜୟ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ବିଡିଓ, ପୌର ପରିଷଦ ଓ ବିଜ୍ଞାପିତ ଅଞ୍ଚଳ ପରିଷଦର ନିର୍ବାହୀ ଅଧିକାରୀମାନେ ବୈଠକରେ ଅନୁରୂପ ଭାବେ ଯୋଡି ହୋଇଥିଲେ।


ପ୍ରସ୍ତୁତି ବୈଠକରେ ଜିଲାପାଳ ଓ ପ୍ରଶାସନିକ ଅଧିକାରୀ।

## ସୀତାରାମ ୟେଚୁରୀଙ୍କ ସ୍ମୃତିସଭା



ସ୍ମୃତିସଭାରେ ଯୋଗଦେଇଥିବା ସିପିଏମ୍ କର୍ମକର୍ତ୍ତା।

ନୟାଗଡ଼,୧୨।୯
(ଲୋକନାଥ ମିଶ୍ର)

ସିପିଆଇ(ଏମ)ର ସାଧାରଣ ସମ୍ପାଦକ ସୀତାରାମ ୟେଚୁରୀଙ୍କ ଗୁରୁବାର ପରଲୋକ ହୋଇଯାଇଛି । ଏଥିପାଇଁ ଅପରାହ୍ନରେ ନୟାଗଡ଼ରେ ବିଶ୍ୱନାଥ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା । ଏହି ବାମପନ୍ଥୀ ନେତାଙ୍କ ବିୟୋଗରେ ଭାରତର ଅନେକ ମେହେନତୀ ମଣିଷ, କୃଷକ, ସାଧାରଣ ବର୍ଗର ଲୋକେ ତାଙ୍କର ଜଣେ ବାସ୍ତବ ସାଥୀ, ବନ୍ଧୁ, ମାର୍ଗଦର୍ଶକ ସେନାପତିଙ୍କୁ ହରାଇଲେ ବୋଲି ବକ୍ତାମାନେ କହିଥିଲେ । ସିପିଏମ ନେତା ପବିତ୍ର ଇନ୍ଦ୍ରଜିତ, ବିଭୁତି ପଟ୍ଟନାୟକ, କୁଳମଣି ପୃଷ୍ଟି, ମାନସ ମହାପାତ୍ର ପ୍ରମୁଖ ତାଙ୍କ ସ୍ମୃତିଚାରଣ କରିଥିଲେ । ଏଭଳି ଜଣେ ମଣିଷ ପୁଣିଥରେ ତାମିଲନାଡୁରେ ଜନ୍ମ ନେବା ଉଚିତ୍ ବୋଲି ସେମାନେ କହିଥିଲେ ।

## ମେଗା ପାନୀୟଜଳ ଯୋଜନାର ସମୀକ୍ଷା

### ସେପ୍ଟେମ୍ବର ଶେଷ ସୁଦ୍ଧା ଖଣ୍ଡପଡ଼ା ଓ ଭାପୁର ବ୍ଲକରେ ପାନୀୟ ଜଳଯୋଗାଣ

ନୟାଗଡ଼,୧୦।୯
(ଲୋକନାଥ ମିଶ୍ର)

ନୟାଗଡ଼ ଜିଲାପାଳଙ୍କର ମିନି କନଫେରେନ୍ସ ହଲରେ ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲା ଜିଲାର ୩ଟି ମେଗା ପାନୀୟ ଜଳ ପ୍ରକଳ୍ପର ସମୀକ୍ଷା କରିଛନ୍ତି। ସମୀକ୍ଷା ସମୟରେ ଜିଲାର ଭାପୁର ଓ ଖଣ୍ଡପଡ଼ା ବ୍ଲକର କିଛି ପଞ୍ଚାୟତରେ ପାନୀୟ ଜଳ ଯୋଗାଣ କରାଯିବ ବୋଲି ଜିଲାପାଳଙ୍କୁ ଆରଡବ୍ଲ୍ୟୁଏସ୍‌ଏସ୍ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ବୈଠକରେ ଆରଡବ୍ଲ୍ୟୁଏସ୍‌ଏସ୍‌ର ଅଧୀକ୍ଷକ ଯନ୍ତ୍ରୀ ସରଫରାଜ ଖାନ୍‌ଙ୍କ ସମେତ ଅନ୍ୟ ଅଧିକାରୀ ଓ କର୍ମଚାରୀଥିଲେ।

## ଦାସିଆ ଅଜାଙ୍କୁ ଶ୍ରଦ୍ଧାଞ୍ଜଳି

ନୟାଗଡ଼,୧୨।୯
(ଲୋକନାଥ ମିଶ୍ର)

ଓଡ଼ିଶା ପାଠାଗାର ଆନ୍ଦୋଳନର ପ୍ରବାଦ ପୁରୁଷ, ପ୍ରଖ୍ୟାତ ସଂଗ୍ରାହକ ତଥା ନୟାଗଡ଼ ମାଟିର ଗର୍ବ ଓ ଗୌରବ ଦାଶରଥୀ ପଟ୍ଟନାୟକ ଓରଫ ଦାସିଆ ଅଜାଙ୍କ ୨୭ତମ ଶ୍ରାଦ୍ଧ ବାର୍ଷିକୀ ଗୁରୁବାର ଅନୁଷ୍ଠିତ ହୋଇ ଯାଇଛି। ଏହି ଅବସରରେ ଦାସିଆ ଅଜା ସ୍ମୃତି କମିଟି ଓ ଦାସିଆ ପ୍ରେମୀ ସଙ୍ଗଠନ ତରଫରୁ କଚେରୀ ବଜାରସ୍ଥିତ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ଦାସିଆ ଅଜା ଅମର ରହେ,ଦାସିଆ ଅଜା ଆମ ପ୍ରଣାମ ଘେନ ଆଦି ସ୍ଲୋଗାନରେ ସ୍ଥାନୀୟ ଅଞ୍ଚଳ ପ୍ରକମ୍ପିତ ହୋଇ ଉଠିଥିଲା। ସ୍ମୃତି କମିଟି ଅଧ୍ୟକ୍ଷ ପ୍ରମୋଦ ପଟ୍ଟନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ, ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ,ମ୍ୟୁନିସିପାଲିଟି ଅଧ୍ୟକ୍ଷା ନିରୂପମା ଖଟେଇ, ଜିଲା ସୂଚନା ଏବଂ ଲୋକସମ୍ପର୍କ ଅଧିକାରୀ ସୁରେନ୍ଦ୍ର କୁମାର ସାହୁ, ଜିଲା କ୍ରୀଡ଼ା ଏବଂ ସଂସ୍କୃତି ଅଧିକାରୀ ସୁଜାତା ସାହୁଙ୍କ ସମେତ ରୋଟାରୀ କ୍ଲବ୍ ସଭାପତି ଶ୍ରୀକାନ୍ତ ଖଟେଇ, ଜିଲା କଂଗ୍ରେସ ସଭାପତି ରଣଜିତ ଦାଶ,କମ୍ରେଡ ବିଶ୍ୱନାଥ ମହାପାତ୍ର,ସାମାଜିକ କର୍ମୀ ଅରୁଣ କୁମାର ମହାନ୍ତି, ଖବରଦାତା ଶୁଭେନ୍ଦୁ ଦାସ,ଲକ୍ଷ୍ମୀଧର ସାହୁ,ଗୋକୁଳ ଷଡ଼ଙ୍ଗୀ,ପ୍ରଶାନ୍ତ ପଟ୍ଟନାୟକ,ଦାମୋଦର ସାହୁ,ଲକ୍ଷ୍ମୀଧର ମହାପାତ୍ର, ଦୁର୍ଯ୍ୟୋଧନ ସାହୁ,ନିର୍ମଳ ଶୂରଦେଓ, ପ୍ରତାପ ନନ୍ଦ, ଶ୍ରୀଧର ସାହୁ, ଦିଲୀପ ମିଶ୍ର, ସୁରେନ୍ଦ୍ରନାଥ ମହାପାତ୍ର, ଗଜେନ୍ଦ୍ର ମହାରଣା,ପ୍ରଫୁଲ ନାୟକଙ୍କ ସମେତ ଭାରତ ବିକାଶ ପରିଷଦର ସଭାପତି,ସମ୍ପାଦକ ଏବଂ ସମସ୍ତ ସଦସ୍ୟମାନେ ଯୋଗଦାନ କରି ପୁଷ୍ପମାଲ୍ୟ ଏବଂ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ରାମକୃଷ୍ଣ ଆଦର୍ଶ ଶିକ୍ଷା କେନ୍ଦ୍ର ପକ୍ଷରୁ ସ୍କାଉଟ ଛାତ୍ରୀଛାତ୍ର ଏବଂ ଗୁରୁମାମାନେ ସହଯୋଗ କରିଥିବା ବେଳେ ସମ୍ପାଦକ ଶ୍ରୀଧର ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ।

ଜନମାନସରେ ପରିଚିତ ସ୍ୱର୍ଗତ ଦାଶରଥୀ ପଟ୍ଟନାୟକ ନୟାଗଡ଼ ଜିଲା ନୂଆଗାଁ ବ୍ଲକର ଉଦୟପୁରଠାରେ ୧୯୫୯ରେ ବାଞ୍ଛାନିଧି ପାଠାଗାର, ୧୯୭୩ରେ ଶ୍ରୀଅରବିନ୍ଦ ସଂଗ୍ରହାଳୟ ଏବଂ ୧୯୭୫ରେ ଯଦୁମଣି ସାହିତ୍ୟ ସଂସଦ ପ୍ରତିଷ୍ଠା କରିଥିଲେ।


ନୟାଗଡ଼ରେ ଥିବା ଦାସିଆ ଅଜାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି।


ଉଦୟପୁରଠାରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭା।

## ଦାସିଆ ଅଜାଙ୍କୁ ମନେ ପକାଇଲେ

ନୂଆଗାଁ, ୧୨।୯ (ଧନେଶ୍ୱର ସାହୁ): ଉଦୟପୁର ପାଠାଗାରର ପ୍ରତିଷ୍ଠାତା ଦାଶରଥୀ ପଟ୍ଟନାୟକ(ଦାସିଆ ଅଜା)ଙ୍କ ୨୭ ତମ ଶ୍ରାଦ୍ଧ ଦିବସ ଗୁରୁବାର ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଉଦୟପୁରଠାରେ ପାଳିତ ହୋଇଯାଇଛି । ନିରାଡମ୍ବର ଭାବେ ଏହି କାର୍ଯ୍ୟକ୍ରମ ପାଳିତ ହୋଇଥିଲା । ପାଠାଗାରର ସମ୍ପାଦକ ତଥା ଦାସିଆ ଅଜାଙ୍କ ନାତି ଦୀପକ କୁମାର ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଦାସିଆ ଅଜାଙ୍କ ପ୍ରତିମୂର୍ତ୍ତି ଓ ସମାଧିସ୍ଥଳଠାରେ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ ଉଦୟପୁରବାସୀଙ୍କ ଦ୍ୱାରା ପାଠାଗାରରେ ନାମ ସଂକୀର୍ତ୍ତନ, ଖଞ୍ଜଣି ଭଜନ, ଭାଗବତ ଏବଂ ଗୀତା ପଠନ କରାଯାଇ ଦାସିଆ ଅଜା ଏବଂ ସ୍ତ୍ରୀ ପୌର୍ଣ୍ଣମାସୀ ଦେବୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ନୟାଗଡ଼ ଜିଲା ତଥା ଜିଲା ବାହାରୁ ଅନେକ ବୁଦ୍ଧିଜିବୀ, ସାହିତ୍ୟ, ସଂସ୍କୃତି ପ୍ରେମୀ ଅତିଥି ଭାବେ ଯୋଗଦେଇ ଦାସିଆ ଅଜାଙ୍କ ସ୍ମୃତିଚାରଣ କରିଥିଲେ। ସେହିପରି ନୟାଗଡ଼ ଜିଲା ପ୍ରଶାସନର ନିର୍ଦ୍ଦେଶକ୍ରମେ ନୂଆଗାଁ ବ୍ଲକର ସ୍କୁଲ କଲେଜ ଆଦି ପ୍ରତ୍ୟେକ ଶିକ୍ଷାନୁଷ୍ଠାନରେ ଦାସିଆ ଅଜାଙ୍କ ଶ୍ରାଦ୍ଧବାର୍ଷିକ ପାଳନ କରାଯାଇଥିଲା ।

## ଦାସିଆ ଅଜାଙ୍କ ଶ୍ରାଦ୍ଧ ଦିବସ

ରଣପୁର,୧୨।୯
(ସୁକାନ୍ତ କିଶୋର ଡାକୁଆ)

ଓଡ଼ିଶାର ପାଠାଗାର ଆନ୍ଦୋଳନ କଥା ଉଠିଲେ ଯେଉଁ କେତେଜଣ ମହାନ ପୁରୋଧାଙ୍କ କଥା ଉଠେ, ସେଥି ମଧ୍ୟରୁ ନୟାଗଡ଼ର ଦାସିଆ ଅଜା ଖୁବ୍ ପରିଚିତ। ଏକାଧାରରେ ସେ ଥିଲେ ଜଣେ ଖ୍ୟାତନାମା ସଂଗ୍ରାହକ, ନିଷ୍ଠାପର ସଙ୍ଗଠକ, ସମାଜ ସଂସ୍କାରକ, ତଥା ସାହିତ୍ୟ ପ୍ରଶଂସକ । ଦାସିଆ ଅଜାଙ୍କ ଉଦ୍ୟମରେ ଉଦୟପୁର ଗ୍ରାମରେ ପ୍ରତିଷ୍ଠିତ ବାଞ୍ଛାନିଧି ପାଠାଗାର, ଶ୍ରୀ ଅରବିନ୍ଦ ସଂଗ୍ରାହଳୟ ଏବଂ ଯଦୁମଣି ସାହିତ୍ୟ ସଂସଦ ଜାତୀୟସ୍ତରରେ ସାହିତ୍ୟକ ଓ ଗବେଷକଙ୍କ ପାଇଁ ପ୍ରେରଣାର ଆଲୋକବର୍ତ୍ତିକା ହୋଇଛି। ସେହି ଦାସିଆ ଅଜାଙ୍କ ଶ୍ରାଦ୍ଧବାର୍ଷିକୀ ଗୁରୁବାର ନୟାଗଡ଼ ଜିଲା ରଣପୁର ବ୍ଲକ ବଜ୍ରକୋଟ ପ୍ରାଥମିକ ବିଦ୍ୟାଳୟ, ନରସିଂହପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସାମନ୍ତରାୟପୁର ପ୍ରାଥମିକ ବିଦ୍ୟାଳୟ, ପାମ୍ପଡା ପ୍ରାଥମିକ ବିଦ୍ୟାଳୟ, ବ୍ରଜବଲ୍ଲଭପୁର ପ୍ରାଥମିକ ବିଦ୍ୟାଳୟ, ମଙ୍ଗରାଜପୁର ପ୍ରାଥମିକ ବିଦ୍ୟାଳୟ ସମେତ ନରସିଂହପୁର କ୍ଲଷ୍ଟରର ସମସ୍ତ ବିଦ୍ୟାଳୟରେ ପାଳିତ ହୋଇଯାଇଛି । ରଣପୁର ସାଧନ କେନ୍ଦ୍ର ସଂଯୋଜକ ସୁଶୀଲ କୁମାର ରଣା ମଙ୍ଗରାଜପୁର ପ୍ରାଥମିକ ବିଦ୍ୟାଳୟର ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ଛାତ୍ରୀଛାତ୍ରମାନଙ୍କୁ ଦାସିଆ ଅଜାଙ୍କ ସମ୍ପର୍କରେ ବୁଝାଇବା ସହିତ ପ୍ରତିଦିନ ବିଦ୍ୟାଳୟ ପାଠାଗାରରେ ଥିବା ପୁସ୍ତକକୁ ପଢିବା ପାଇଁ ଉତ୍ସାହିତ କରିଥିଲେ । ସେହିପରି ନୀଳକଣ୍ଠଦେବ ପ୍ରାଥମିକ ବିଦ୍ୟାଳୟ, ମହତପଲ୍ଲା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ମଝିଆଖଣ୍ଡ ଉଚ୍ଚ ବିଦ୍ୟାଳୟ ସମେତ ରଣପୁର ବ୍ଲକର ସମସ୍ତ ବିଦ୍ୟାଳୟରେ ଦାସିଆ ଅଜାଙ୍କ ଶ୍ରଦ୍ଧା ଦିବସ ପାଳିତ ହୋଇଯାଇଛି ।

## ଦାସିଆ ଅଜାଙ୍କ ଶ୍ରାଦ୍ଧବାର୍ଷିକ ପାଳିତ

ଶରଣକୁଳ,୧୨।୯(ଦୀପକ କର)

ପାଠାଗାର ଆନ୍ଦୋଳନର ପ୍ରବାଦ ପୁରୁଷ ତଥା ସଂଗ୍ରାହକ ଦାଶରଥୀ ପଟ୍ଟନାୟକଙ୍କ ୨୮ତମ ଶ୍ରାଦ୍ଧବାର୍ଷିକ ଶରଣକୁଳ ନାରାୟଣ ଉଚ୍ଚ ବିଦ୍ୟାଳୟରେ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଏକ ଶିଶୁସଭା ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ରଶ୍ମି ରଞ୍ଜନ ମିଶ୍ର, ଶିକ୍ଷକ ଜନାର୍ଦ୍ଦନ ପରିଡ଼ା, ପ୍ରାଜ୍ଞ ପାରମିତା ସାହୁ, ପ୍ରଶାନ୍ତ କୁମାର ଦାଶ, ନିରୁପମା ସାହୁ, ରଶ୍ମିତା ବେହେରା, ଆଲୋକ ମଲିକ, ଚନ୍ଦନ ମଲିକ, ଗୌରାଙ୍ଗ ସାହୁ, ରୋଜାଲିନ ମିଶ୍ର, ରାଜେଶ୍ୱରୀ ବେହେରା, ସଚ୍ଚିଦାନନ୍ଦ ପାତ୍ର, ଶୁଭସ୍ମିତା ସାହୁ ସମେତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦେଇ ଦାସିଆ ଅଜାଙ୍କ କର୍ମମୟ ଜୀବନ ଓ ସାମାଜିକ କାର୍ଯ୍ୟଧାରା ଉପରେ ଆଲୋକପାତ କରିଥିଲେ। ଏହି ସଭାରେ ବହୁ ଛାତ୍ରୀଛାତ୍ର ଦାସିଆ ଅଜାଙ୍କ ଜୀବନୀ ଉପରେ ବକ୍ତବ୍ୟ ରଖିଥିଲେ। ସୂଚନାଯୋଗ୍ୟ, ଦାଶରଥୀ ପଟ୍ଟନାୟକ ୧୯୦୭ରେ ନୟାଗଡ଼ ଜିଲା ନୂଆଗାଁ ନିକଟସ୍ଥ ଉଦୟପୁର ଗାଁରେ ଜନ୍ମ ଗ୍ରହଣ କରିଥିବା ବେଳେ ୧୯୯୭ରେ ତାଙ୍କର ପରଲୋକ ଘଟିଥିଲା ।

## ୩ ବର୍ଗରେ ୯ ଛାତ୍ରୀଛାତ୍ର ପୁରସ୍କୃତ

### ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ସାଧାରଣ ଜ୍ଞାନ ପ୍ରତିଯୋଗିତା


ପୁରସ୍କାର ଗ୍ରହଣ କରିଥିବା କୃତୀ ଛାତ୍ରୀଛାତ୍ର।

ଓଡ଼ଗାଁ,୧୨।୯
(ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ମଣ୍ଡଳସ୍ତରୀୟ କୁଇଜ୍ ପ୍ରତିଯୋଗିତା-୨୦୨୪ ଜବାହରଲାଲ ସରକାରୀ ଉଚ୍ଚ ବିଦ୍ୟାଳୟ, ନନ୍ଦିଘୋର ପରିସରରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି।ସମଗ୍ର ଶିକ୍ଷା ଆନୁକୂଲ୍ୟରେ ଓଡ଼ଗାଁ ମଣ୍ଡଳ ଶିକ୍ଷା କାର୍ଯ୍ୟାଳୟ ଦ୍ୱାରା ଆୟୋଜିତ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ କାର୍ଯ୍ୟକ୍ରମ ଅନ୍ତର୍ଗତ କୁଇଜ ପ୍ରତିଯୋଗିତାରେ ବ୍ଲକର ୩ୟ ଶ୍ରେଣୀଠାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ସର୍ବକନିଷ୍ଠ ବର୍ଗରେ ୭୫ଜଣ, ଷଷ୍ଠରୁ ୮ମ ଶ୍ରେଣୀ ମଧ୍ୟରେ କନିଷ୍ଠ ବର୍ଗରେ ୭୫ଜଣ,ସେହିପରି ବରିଷ୍ଠ ବର୍ଗରେ ୯ମ ଓ ୧୦ମ ଶ୍ରେଣୀର ୮୨ ଜଣ ଏହିପରି ମୋଟ ୨୪୨ ଜଣ ଛାତ୍ରଛାତ୍ରୀ କୁଇଜ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ସର୍ବକନିଷ୍ଠ ବର୍ଗରେ ସରକାରୀ ପ୍ରାଥମିକ ବିଦ୍ୟାଳୟ ମକରପଦା ପଞ୍ଚମ ଶ୍ରେଣୀ ଛାତ୍ର ଅଂଶୁମାନ ସାହୁ ପ୍ରଥମ, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଦଣ୍ଡୋର ପଞ୍ଚମ ଶ୍ରେଣୀ ଛାତ୍ରୀ ଆୟୁସ୍ମିତା ପାତ୍ର ୨ୟ ଏବଂ ସରକାରୀ ପ୍ରାଥମିକ ବିଦ୍ୟାଳୟ ବାଉଁଶଗାଡିଆର ପଞ୍ଚମ ଶ୍ରେଣୀ ଛାତ୍ରୀ ଚିନ୍ମୟୀ ସୁନ୍ଦରାୟ ୩ୟ ସ୍ଥାନ ଅଧିକାର କରିଥିବା ବେଳେ କନିଷ୍ଠ ବର୍ଗରେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସୁନାମୁହିଁର ୮ମ ଶ୍ରେଣୀ ଛାତ୍ର ଉମାକାନ୍ତ ମହାନ୍ତି ପ୍ରଥମ , ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟ, ଚଢ଼େୟା ପଲ୍ଲୀର ବିଭୂତି ନାହାକ ୨ୟ ଏବଂ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଦଣ୍ଡୋରର ଅଷ୍ଟମ ଶ୍ରେଣୀ ଛାତ୍ର ସୋହମ ପଣ୍ଡା ୩ୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ବରିଷ୍ଠ ବିଭାଗରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଆଖୁପଦର ୧୦ମ ଶ୍ରେଣୀ ଛାତ୍ର ସ୍ୱପ୍ନଜିତ ମହାପାତ୍ର ପ୍ରଥମ,କଳାକାହ୍ନୁ ଉଚ୍ଚ ବିଦ୍ୟାଳୟ, ଗୋଡ଼ିପଲ୍ଲୀର ୧୦ମ ଶ୍ରେଣୀ ଛାତ୍ର ଶୁଭମ ସ୍ୱାଇଁ ଦ୍ୱିତୀୟ ଏବଂ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ସୁନାମୁହିଁର ୧୦ମ ଶ୍ରେଣୀ ଛାତ୍ର ଶୁଭମ ମହାପାତ୍ର ତୃତୀୟ ସ୍ଥାନ ଅଧିକାର କରିଥିବା ବେଳେ ଏହିପରି ମୋଟ ୯ଜଣ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ସମସ୍ତ ପ୍ରତିଯୋଗୀଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ଓ ପ୍ରମାଣପତ୍ର ବଣ୍ଟନ ପ୍ରଦାନ କରାଯାଇଥିଲା। ମଣ୍ଡଳ ଶିକ୍ଷାଧିକାରୀ ଗୀତାଞ୍ଜଳୀ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଓଡ଼ଗାଁ ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଅତିରିକ୍ତ ବ୍ଲକ୍ ଶିକ୍ଷାଧିକାରୀ କମଳିନୀ ସାହୁ, ରବିନ୍ଦ୍ର କୁମାର ନାୟକ ଏବଂ ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସୁଲୋଚନା ସ୍ୱାଇଁ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ଶିକ୍ଷକ ଶ୍ରୀଧର ପରିଡ଼ା, ଯଶୋବନ୍ତ ପଟ୍ଟନାୟକ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ରଞ୍ଜନ କୁମାର ଦାଶଙ୍କ ସହିତ ପ୍ରତ୍ୟେକ ବିଦ୍ୟାଳୟରୁ ଆସିଥିବା ଶିକ୍ଷୟିତ୍ରୀ ଶିକ୍ଷକ ମାନେ ସହଯୋଗ କରିଥିଲେ ।

## ନୂଆଗାଁ ବ୍ଲକରେ ଦୁର୍ନୀତିକୁ ଭାଜପାର ବିରୋଧ

ନୂଆଗାଁ,୧୨।୯
(ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ କାର୍ଯ୍ୟାଳୟରେ ହେଉଥିବା ବିଭିନ୍ନ ଦୁର୍ନୀତି ବିରୋଧରେ ସ୍ୱର ଉଠାଇ ଗୁରୁବାର ଭାଜପା ନେତା ରାଘବ ମଲିକଙ୍କ ସମେତ ଭାଜପା କର୍ମୀମାନେ ବିଡିଓଙ୍କ ଜରିଆରେ ନୟାଗଡ଼ ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି।

ଦଶପଲା ନିର୍ବାଚନ ମଣ୍ଡଳୀ ଭାରତୀୟ ଜନତା ପାର୍ଟି ବିଧାୟକ ପ୍ରାର୍ଥୀ ରାଘବ ମଲିକଙ୍କ ସମେତ ଭାଜପା କର୍ମୀମାନଙ୍କ ଅଭିଯୋଗ ମୁତାବକ ସରକାରଙ୍କ ମହିଳା ସଂରକ୍ଷଣ ବ୍ୟବସ୍ଥା ଆଇନ ଅନୁସାରେ ମହିଳା ଜନ ପ୍ରତିନିଧିମାନଙ୍କ ସ୍ୱାମୀ, ସମ୍ପର୍କୀୟ କିମ୍ବା ପ୍ରତିନିଧିମାନେ ନିର୍ବାଚିତ ଜନ ପ୍ରତିନିଧିଙ୍କ କାର୍ଯ୍ୟାଳୟରେ ବସି ଜନ ପ୍ରତିନିଧିଙ୍କ କୌଣସି କାର୍ଯ୍ୟ କରି ପାରିବେ ନାହିଁ। କିନ୍ତୁ ନୂଆଗାଁ ବ୍ଲକ ଅଧ୍ୟକ୍ଷାଙ୍କ ସ୍ୱାମୀ ବ୍ଲକରେ ଅନଧିକାର ପ୍ରବେଶ କରି ସରକାରଙ୍କ ଆଇନକୁ ଉଲ୍ଲଂଘନ କରୁଛନ୍ତି। ତେଣୁ ଭାଜପା ନେତା ମଲିକ ନୂଆଗାଁ ବ୍ଲକ ପରିସରରେ ଥିବା ଅଧ୍ୟକ୍ଷାଙ୍କ କାର୍ଯ୍ୟାଳୟରେ ପଶି ଏହାର ପ୍ରତିବାଦ କରିଥିଲେ। ଅଧ୍ୟକ୍ଷାଙ୍କ ସ୍ୱାମୀ ପୁନର୍ବାର ଏପରି ନ କରନ୍ତୁ ବୋଲି ମଲିକ ଅଧ୍ୟକ୍ଷାଙ୍କୁ କହିଥିଲେ। ତେବେ ମୋ ସ୍ୱାମୀ ମୋର କୌଣସି କାର୍ଯ୍ୟରେ ହସ୍ତକ୍ଷେପ କରୁ ନାହାନ୍ତି ବୋଲି ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ବେହେରା କହିଥିଲେ। ମୋ ସ୍ତ୍ରୀ ଅଧ୍ୟକ୍ଷା ହୋଇ


ଉତ୍ତ୍ୟକ୍ତ ଭାଜପା କର୍ମୀମାନଙ୍କୁ ପୋଲିସ ବୁଝାଶୁଝା କରୁଛି ।

- ବିଡିଓଙ୍କ ଜରିଆରେ ଜିଲାପାଳଙ୍କୁ ଅଭିଯୋଗ ପତ୍ର ପ୍ରଦାନ
- ଅଧ୍ୟକ୍ଷାଙ୍କ ସ୍ୱାମୀଙ୍କ ହସ୍ତକ୍ଷେପକୁ ନେଇ ହୋହଲ୍ଲା

ଥିବାରୁ ମୁଁ ତାଙ୍କୁ ଗାଡ଼ିରେ ନେବା ଆଣିବା କରେ। କିନ୍ତୁ ତାଙ୍କର କୌଣସି କାମରେ ମୁଁ ହସ୍ତକ୍ଷେପ କରେ ନାହିଁ ବୋଲି ଅଧ୍ୟକ୍ଷାଙ୍କ ସ୍ୱାମୀ ଶଙ୍କର୍ଷଣ ବେହେରା ମଲିକଙ୍କୁ କହିଥିଲେ। ଅଧ୍ୟକ୍ଷା ଏବଂ ଭାଜପା ନେତା ମଲିକଙ୍କ ସହିତ ଆଲୋଚନା ବେଳେ ବାହାଡାଝୋଲା ସମିତି ସଭ୍ୟା ମୀତା ଅଧିକାରୀ ଭାଜପାକୁ ମାଡ଼ ଦରକାର ବୋଲି କହିଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ଭାଜପା କର୍ମୀମାନେ ହୋହଲ୍ଲା କରି ସମିତି ସଭ୍ୟା ଭୁଲ ମାଗନ୍ତୁ ବୋଲି ଜିଦ୍ ଧରିଥିଲେ। ଏହି ଘଟଣାକୁ ନେଇ ପାଟିତୁଣ୍ଡ ହୋଇଥିଲା। ଖବର ପାଇ ପୋଲିସ ପହଞ୍ଚି ବୁଝାଶୁଝା କରିଥିଲା। ତେବେ ମୁଁ ସରକାରଙ୍କୁ ଏପରି କିଛି କହି ନାହିଁ। ରାଘବ ଭାଇଙ୍କ ଉପରେ ପୂର୍ବରୁ ରାଗ ଥିବାରୁ ତାଙ୍କୁ ଦେଖାଇ ମୁଁ ଏପରି କହିଥିଲି ବୋଲି ସମିତି ସଭ୍ୟା ଅଧିକାରୀ କହିଛନ୍ତି।

କେତେଜଣ ଯନ୍ତ୍ରୀ ଦୀର୍ଘ ବର୍ଷ ହେଲା ନୂଆଗାଁ ବ୍ଲକରେ ରହି ଦୁର୍ନୀତିରେ ଲିପ୍ତ ଅଛନ୍ତି। ଏପରିକି କାମ ନ କରି ମଧ୍ୟ ବିଲ କରୁଛନ୍ତି। ବେରୁହାଁବାରି ପଞ୍ଚାୟତର ଖେଳ ପଡିଆ କାମ ନ ହୋଇ ମଷ୍ଟରରୋଲ ବାହାରିବା, ଆମ ଓଡ଼ିଶା ନବୀନ ଓଡ଼ିଶା କାମ ହୋଇ ନ ଥିଲେ ମଧ୍ୟ ସରକାରଙ୍କ ନିୟମକୁ ଉଲ୍ଲଂଘନ କରାଯିବା ଭଳି କାର୍ଯ୍ୟରେ ଯନ୍ତ୍ରୀ ଲିପ୍ତ ରହିଛନ୍ତି। ତେଣୁ ସେମାନଙ୍କୁ ଅନ୍ୟତ୍ର ବଦଳି କରିବା ପାଇଁ ମଲିକ ନିଜ ପ୍ୟାଡରେ ଲେଖି ମଣ୍ଡଳ ସଭାପତି ବିପିନ ବେହେରା , ଜିଲା ଭାଜପା ଉପସଭାପତି ଗୋଲକ ବିହାରୀ ମୁଦୁଲି , ମଣ୍ଡଳ ସଭାପତି ଦିନବନ୍ଧୁ ସାହୁଙ୍କ ସମେତ ୨୫ରୁ ଊର୍ଦ୍ଧ୍ୱ କର୍ମୀଙ୍କ ଦସ୍ତଖତ ଥାଇ ଅଭିଯୋଗ ପତ୍ର ନୂଆଗାଁ ବିଡିଓ ବାସୁଦେବ ନାୟକଙ୍କ ଜରିଆରେ ନୟାଗଡ଼ ଜିଲାପାଳଙ୍କୁ ପ୍ରଦାନ କରାଯାଇଛି ।

ଧରିତ୍ରୀ 50 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶୁକ୍ରବାର, ସେପ୍ଟେମ୍ବର ୧୩/୨୦୨୪ Bhubaneswar, Friday, September 13/ 2024

# କୋରିଆକୁ ୩-୧ରେ ହରାଇଲା ଭାରତ

**ହୁଲୁନବୁଇର,୧୨।୯(ପି.ଟି.)**

ଚଳିତ ଏସିଆନ ଚାମ୍ପିୟନ୍ସ ଟ୍ରଫି ହକି ଟୁର୍ନାମେଣ୍ଟର ସେମିଫାଇନାଲରେ ପ୍ରବେଶ କରି ସାରିଥିବା ଭାରତ ଗୁରୁବାର କୋରିଆକୁ ୩-୧ରେ ପରାସ୍ତ କରିଛି। ଅଧିନାୟକ ହରମନ୍‌ପ୍ରୀତ୍ ସିଂ ଡବଲ୍ ଗୋଲ ସ୍କୋର କରି ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ପୂର୍ବରୁ

**ଏସିଆନ୍ ଚାମ୍ପିୟନ୍ସ ଟ୍ରଫି ହକି**

**ହରମନ୍‌ପ୍ରୀତ୍‌ଙ୍କ ଡବଲ ଗୋଲ୍**

ହରମନ୍‌ପ୍ରୀତ୍‌ଙ୍କ ନେତୃତ୍ୱାଧୀନ ଦଳ ଚାଇନାକୁ ୩-୦, ଜାପାନକୁ ୫-୧ ଓ ବୁଧବାର କୋରିଆକୁ ୮-୧ରେ ପରାସ୍ତ କରିଥିଲା। ୩ ମ୍ୟାଚ୍‌ରେ ଅପରାଜେୟ ରହିଥିବା ଅଲିମ୍ପିକ୍ସ ବ୍ରୋଞ୍ଜ ବିଜୟୀ ଭାରତୀୟ ଦଳ ପ୍ରଥମ କ୍ୱାର୍ଟରରେ ହିଁ ୨-୦ରେ ଆଗୁଆ ରହିଥିଲା। ମାଲେସିଆ ବିପକ୍ଷରେ ଡବଲ୍ ଗୋଲ କରିଥିବା ଅରାଇଜିତ ସିଂ ହୁଣ୍ଡାଲ ଅଷ୍ଟମ ମିନିଟରେ ପ୍ରଥମ ଗୋଲ ସ୍କୋର କରିଥିଲେ। ଅନ୍ୟପକ୍ଷରେ ମ୍ୟାଚ୍‌ର ନବମ ଓ ୪୩ତମ ମିନିଟରେ ଅନ୍ୟ ଦୁଇଟି ଗୋଲ ସ୍କୋର କରିଥିଲେ ହରମନ୍‌ପ୍ରୀତ୍। କୋରିଆ ପକ୍ଷରୁ ୩୦ତମ ମିନିଟରେ ଜିହୁନ୍ ୟାଙ୍ଗ ପେନାଲ୍ଟି କର୍ନରରୁ ଏକମାତ୍ର ଗୋଲ ପରିଶୋଧ କରିଥିଲେ। ୪ ମ୍ୟାଚରୁ ୧୨ ପଏଣ୍ଟ ପାଇ ଭାରତ ଟେବୁଲର ଶୀର୍ଷରେ ଅପରିବର୍ତ୍ତିତ ରହିଛି।

ଚମତ୍କାର ଫର୍ମରେ ଥିବା ଭାରତ ପ୍ରଥମରୁ ଆକ୍ରମଣାତ୍ମକ ପ୍ରଦର୍ଶନ କରିଥିଲା। ସୁଖଜିତ ସିଂହଙ୍କ ପାଶ୍‌ରୁ ଚମତ୍କାର ଷ୍ଟ୍ରୋକ ଜରିଆରେ ସ୍କୋର ଭାରତକୁ ଆଗୁଆ କରିଥିଲେ ଅରାଇଜିତ। ଏହାର ଗୋଟିଏ ମିନିଟ ପରେ ଭାରତ ପକ୍ଷରୁ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ସ୍କୋର କରିଥିଲେ ଅଧିନାୟକ ହରମନ୍‌ପ୍ରୀତ୍। ପ୍ରଥମ କ୍ୱାର୍ଟରରେ ଭାରତ ୨-୦ରେ ଆଗୁଆ ରହିଥିଲା। ଦ୍ୱିତୀୟ କ୍ୱାର୍ଟର ଗୋଲ ଶୂନ୍ୟ ରହିଥିଲେ ମଧ୍ୟ କୋରିଆ ପ୍ରାଧାନ୍ୟ ବିସ୍ତାର କରି ଭାରତୀୟ ଖେଳାଳିଙ୍କୁ ଚାପରେ ରଖିଥିଲା। ଭାରତର ରିଜର୍ଭ ଗୋଲକିପର ସୂରଜ କାରକେରାଙ୍କୁ ସୁଯୋଗ ମିଳିଥିବା ବେଳେ ସେ ଚମତ୍କାର ପ୍ରଦର୍ଶନ କରିଥିଲେ। ତୃତୀୟ କ୍ୱାର୍ଟର ଆରମ୍ଭରୁ ଜିହୁନ୍ ୟାଙ୍ଗ ପେନାଲ୍ଟି କର୍ନରରୁ ଗୋଟିଏ ଗୋଲ ପରିଶୋଧ କରିଥିବା ବେଳେ ୩୫ତମ ମିନିଟ୍‌ରେ କ୍ରମାଗତ ଦୁଇଟି ପେନାଲ୍ଟି ମିଳିଥିଲା। ତେବେ ଭାରତୀୟ ଗୋଲକିପର ଏହାକୁ ରୋକିବାରେ ସକ୍ଷମ ହୋଇଥିଲେ। ୪୩ତମ ମିନିଟ୍‌ରେ ହରମନ୍‌ପ୍ରୀତ ପେନାଲ୍ଟି କର୍ନରରୁ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ସ୍କୋର କରିଥିଲେ। ପାକିସ୍ତାନ ବିପକ୍ଷରେ ଶନିବାର ଭାରତ ଏହାର ଶେଷ ଲିଗ୍ ମ୍ୟାଚ୍ ଖେଳିବ।




ଭାରତ ଓ କୋରିଆ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

# ପଦକ ବିଜେତାଙ୍କୁ ଭେଟିଲେ ମୋଦି

**ନୂଆଦିଲ୍ଲୀ,୧୨।୯(ପି.ଟି.)**

ପ୍ୟାରିସ୍ ପାରାଲିମ୍ପିକ୍ସ ୨୦୨୪ର ପଦକ ବିଜେତା ଆଥଲେଟ୍ ମାନଙ୍କୁ ଭେଟିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଗୁରୁବାର ପ୍ରଧାନମନ୍ତ୍ରୀଙ୍କ ବାସଭବନରେ ଖେଳାଳିମାନେ ମୋଦିଙ୍କୁ ଭେଟିଥିଲେ। କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ଏକ ୪୩ ସେକେଣ୍ଡର ଭିଡିଓ ଜାରି କରାଯାଇଛି, ଯେଉଁଥିରେ ମୋଦି ଖେଳାଳିମାନଙ୍କ ସହ ଆଲୋଚନା କରୁଥିବାର ଦେଖିବାକୁ ମିଳିଛି। ପ୍ୟାରିସ୍‌ରେ ୨୯ ପଦକ ଜିତି ଭାରତ ଏହାର ପାରାଲିମ୍ପିକ୍ସ ଇତିହାସର ସର୍ବଶ୍ରେଷ୍ଠ ପ୍ରଦର୍ଶନ କରିଥିଲା। ୭ ସ୍ୱର୍ଣ୍ଣ ସହ ୯ ରୌପ୍ୟ ଓ ୧୩ ବ୍ରୋଞ୍ଜ ଜିତି ଇତିହାସ ରଚିଥିଲେ ଭାରତୀୟ ଆଥଲେଟ୍। ଏହି କାର୍ଯ୍ୟକ୍ରମରେ କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ଓ ପାରାଲିମ୍ପିକ୍ସ କମିଟି ଅଫ ଇଣ୍ଡିଆ ମୁଖ୍ୟ ଦେବେନ୍ଦ୍ର ଝାଝରିଆ ଉପସ୍ଥିତ ଥିଲେ। ହୁଇଲ ଚେୟାରରେ ଥିବା ଶୁଟର ଅଭନି ଲେଖରା, ଜୁଡୋରେ ଐତିହାସିକ ବ୍ରୋଞ୍ଜ ପଦକ ଜିତିଥିବା କପିଲ ପରମାର ପ୍ରମୁଖ ପ୍ରଧାନମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ। ଏପରି କି କପିଲ ନିଜ ପଦକରେ ପ୍ରଧାନମନ୍ତ୍ରୀଙ୍କ ଅଟୋଗ୍ରାଫ୍ ମଧ୍ୟ ନେଇଥିଲେ। ଭାରତ ଚଳିତ ସଂସ୍କରଣରେ ୮୪ ଜଣିଆ ଦଳ ପଠାଇଥିବା ବେଳେ ଟୋକିଓର ପଦକ ସଂଖ୍ୟା ୧୯କୁ ଅତିକ୍ରମ କରିଥିଲା। ଏପରି କି ଆଥ୍‌ଲେଟିକ୍ସର ଟ୍ରାକ୍ ଇଭେଣ୍ଟ ଓ ଜୁଡୋରେ ଭାରତ ପ୍ରଥମ ପଦକ ହାସଲ କରିଥିବା ବେଳେ ଆର୍ଚେରୀରେ ହରବିନ୍ଦର ସିଂ ଐତିହାସିକ ସ୍ୱର୍ଣ୍ଣ ପଦକ ଜିତିଥିଲେ। ପ୍ରତ୍ୟାବର୍ତ୍ତନ ପରେ ସ୍ୱର୍ଣ୍ଣ ବିଜେତା ଖେଳାଳିଙ୍କୁ ୭୫ ଲକ୍ଷ, ରୌପ୍ୟ ବିଜେତାଙ୍କୁ ୫୦ ଲକ୍ଷ ଓ ବ୍ରୋଞ୍ଜ ବିଜେତାଙ୍କୁ ୩୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରିଥିଲେ କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ। ଆର୍ଚେରୀର ମିକ୍ସଡ ଇଭେଣ୍ଟରେ ଅଂଶଗ୍ରହଣ କରିଥିବା ରାକେଶ କୁମାର ଓ ଶୀତଲ ଦେବୀଙ୍କୁ ୨୨.୫ ଲକ୍ଷ ଟଙ୍କାର ଅର୍ଥରାଶି ମିଳିବ।



ପାରାଲିମ୍ପିକ୍ସ ଆଥ୍‌ଲେଟ୍‌ଙ୍କ ଗହଣରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

## ଭାରତୀୟ ଚ୍ୟାଲେଞ୍ଜର ନେତୃତ୍ୱ ନେବେ ଚୋପ୍ରା, ସାବ୍‌ଲେ

**ବ୍ରସେଲ୍ସ, ୧୨।୯ (ପି.ଟି.):** ବିଶ୍ୱର ଷ୍ଟାର ଆଥ୍‌ଲେଟମାନଙ୍କୁ ନେଇ ଡାଇମଣ୍ଡ ଲିଗ୍ ସିଜନ ଫିନାଲେ ଶୁକ୍ରବାରଠାରୁ ଆରମ୍ଭ ହେବ। ଏଥିରେ ଭାରତୀୟ ଦଳର ନେତୃତ୍ୱ ନେବେ ଜାଭେଲିନ୍ ଥ୍ରୋ ଷ୍ଟାର ନୀରଜ ଚୋପ୍ରା ଓ ଷ୍ଟିପଲ ଚେଜର ଅବିନାଶ ସାବ୍‌ଲେ। ସ୍ଥାନୀୟ କିଙ୍ଗ ବାଉଡିନ୍ ଷ୍ଟାଡିୟମରେ ୩୨ଟି କ୍ରୀଡ଼ାକୁ ନେଇ ଏହି ଇଭେଣ୍ଟ ଦୁଇ ଦିନ ଧରି ଚାଲିବ। ଏଥିରେ ଭାଗ ନେଉଥିବା ପ୍ରମୁଖ ଆଥ୍‌ଲେଟମାନଙ୍କ ମଧ୍ୟରେ ରହିଛନ୍ତି, ପୋଲ୍‌ଭଲ୍ଟ ବିଶ୍ୱ ରେକର୍ଡଧାରୀ ଆର୍ମାଣ୍ଡ ଡୁପ୍ଲାଣ୍ଟିସ୍, ଆମେରିକାନ ସ୍ପ୍ରିଣ୍ଟ କୁଇନ୍ ଶା'କାରୀ ରିଚାର୍ଡସନ ଏବଂ ସୁପରଷ୍ଟାର ହର୍ଡଲର ସିଡ୍‌ନୀ ମ୍ୟାକ୍‌ଲାଫିନ୍। ଅଲିମ୍ପିକରେ ୧୧ଶ ସ୍ଥାନ ଅଧିକାର କରିଥିବା ଜାତୀୟ ରେକର୍ଡଧାରୀ ୩୦୦୦ମିଟର ଷ୍ଟିପଲଚେଜର ଅବିନାଶ ସାବ୍‌ଲେ ପ୍ରଥମ ଥର ଫାଇନାଲରେ ଭାଗ ନେବାକୁ ଯାଉଛନ୍ତି।

# ବିଜୟ ସହ ଭାରତର ଅଭିଯାନ



ଭାରତୀୟ ମହିଳା ଚେସ୍ ଦଳ।

**୪୫ତମ ଚେସ୍ ଅଲିମ୍ପିଆଡ୍**

**ବୁଦାପେଷ୍ଟ, ୧୨।୯**

ଚେସ୍ ଅଲିମ୍ପିଆଡ୍‌ର ୪୫ତମ ସଂସ୍କରଣ ବୁଧବାର ଏଠାରେ ଆରମ୍ଭ ହୋଇଛି। ପ୍ରଥମ ରାଉଣ୍ଡରେ ପ୍ରଭାବୀ ପ୍ରଦର୍ଶନ କରି ଭାରତର ଉଭୟ ମହିଳା ଓ ପୁରୁଷ ଦଳ ବିଜୟ ସହ ଅଭିଯାନ ଆରମ୍ଭ କରିଛନ୍ତି। ପ୍ରଥମ ରାଉଣ୍ଡରେ ଭାରତୀୟ ମହିଳା ଦଳ ଜାମାଇକାକୁ ୩.୫-୦.୫ ପଏଣ୍ଟରେ ପରାସ୍ତ କରିଛି। ଭାରତ ପକ୍ଷରୁ ଆର. ବୈଶାଳୀ, ଦିବ୍ୟା ଦେଶମୁଖ ଓ ତାନିଆ ସଚ୍ଚଦେବ ବିଜୟୀ ହୋଇଥିବାବେଳେ ଭାନ୍ତିକା ଅଗ୍ରୱାଲ ନିଜ ମ୍ୟାଚ ଡ୍ର ରଖିଛନ୍ତି। ଦ୍ୱିତୀୟ ରାଉଣ୍ଡରେ ଭାରତ ପ୍ରତିପକ୍ଷ ଚେକ୍ ରିପବ୍ଲିକ୍‌କୁ ଭେଟୁଛି। ଏଥିରେ ଭାରତର ଦ୍ରୋଣାଭାଲି ହାରିକା, ଦିବ୍ୟା ଦେଶମୁଖ, ଭାନ୍ତିକା ଅଗ୍ରୱାଲ ଓ ତାନିଆ ସଚ୍ଚଦେବ ଖେଳୁଛନ୍ତି। ଓଡ଼ିଶା ଗ୍ରାଣ୍ଡମାଷ୍ଟର ସ୍ୱୟମ୍ଭ ମିଶ୍ର ଭାରତୀୟ ମହିଳା ଦଳର ସପୋର୍ଟ ଷ୍ଟାଫ୍ ଅଛନ୍ତି। ଚେକ୍ ରିପବ୍ଲିକ୍ ପ୍ରଥମ ରାଉଣ୍ଡରେ ୪-୦ରେ ଗୁଆମକୁ ପରାସ୍ତ କରିଥିଲା।

ଓପନ ବିଭାଗରେ ଭାରତ ପ୍ରଥମ ରାଉଣ୍ଡରେ ୪-୦ରେ ମରକ୍କୋକୁ ପରାସ୍ତ କରିଛି। ଧଳା ଦାନରେ ଆର. ପ୍ରଜ୍ଞାନନ୍ଦ ଓ ଭିଦିତ ସନ୍ତୋଷ ଗୁଜରାଠି ଏବଂ କଳା ଦାନରେ ଅର୍ଜୁନ ଇରିଗାସି ଓ ପେଣ୍ଟାଲା ହରିକ୍ରିଷ୍ଣା ବିଜୟ ହାସଲ କରିଛନ୍ତି। ଦ୍ୱିତୀୟ ରାଉଣ୍ଡରେ ଆଇସଲାଣ୍ଡକୁ ଭେଟୁଛି ଭାରତ। ଏଥିରେ ଡି. ଗୁକେଶ, ଅର୍ଜୁନ ଇରିଗାସି, ଭିଦିତ ସନ୍ତୋଷ ଗୁଜରାଠି ଓ ପେଣ୍ଟାଲା ହରିକ୍ରିଷ୍ଣା ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରୁଛନ୍ତି।

ପ୍ରକାଶଯୋଗ୍ୟ ଯେ, ଭାରତୀୟ ମହିଳା ଦଳ ପ୍ରତିଯୋଗିତାରେ ଟପ୍ ସିଡ୍‌ର ମାନ୍ୟତା ପାଇଛି। ପଛକୁ ଜର୍ଜିଆ ଦ୍ୱିତୀୟ ଓ ପୋଲାଣ୍ଡ ତୃତୀୟ ସିଡ୍‌ର ମାନ୍ୟତା ପାଇଛି। ଚାଇନା ଓ ୟୁକ୍ରେନ ଏହା ପଛରେ ରହିଛନ୍ତି। ଅନ୍ୟପକ୍ଷରେ ଭିଦିତ ଗୁଜରାଠି, ଆର. ପ୍ରଜ୍ଞାନନ୍ଦ, ଡି. ଗୁକେଶ, ଅର୍ଜୁନ ଇରିଗାସି ଓ ପି. ହରିକ୍ରିଷ୍ଣାଙ୍କୁ ନେଇ ଗଠିତ ଭାରତୀୟ ଯୁବ ପୁରୁଷ ଦଳ ଦ୍ୱିତୀୟ ସିଡ୍‌ର ମାନ୍ୟତା ପାଇଛି। ପ୍ରତିଯୋଗିତାର ଓପନ ବିଭାଗରେ ରେକର୍ଡ ସଂଖ୍ୟକ ୧୯୩ ଏବଂ ମହିଳାରେ ୧୮୩ ଦଳ ଅଂଶଗ୍ରହଣ କରୁଛନ୍ତି। ହଙ୍ଗେରି ରାଜଧାନୀରେ ଏହି ପ୍ରତିଯୋଗିତା ଆସନ୍ତା ୨୩ ତାରିଖ ପର୍ଯ୍ୟନ୍ତ ଚାଲିବ।

## ୟୁପି, ଉତ୍ତରାଖଣ୍ଡ, ମହାରାଷ୍ଟ୍ର ବିଜୟୀ

**ଜଳନ୍ଧର, ୧୨।୯ (ପି.ଟି.):** ଏଠାରେ ଚାଲିଥିବା ୧୪ତମ ହକି ଇଣ୍ଡିଆ ଜାତୀୟ ଜୁନିୟର ପୁରୁଷ ଚାମ୍ପିୟନଶିପ୍‌ର ଚତୁର୍ଥ ଦିବସରେ ଉତ୍ତରାଖଣ୍ଡ, ଉତ୍ତରପ୍ରଦେଶ ଓ ମହାରାଷ୍ଟ୍ର ସେମାନଙ୍କ ମ୍ୟାଚରେ ବିଜୟ ଲାଭ କରିଛନ୍ତି। ଏହାଛଡ଼ା ଗୁରୁବାର ମଣିପୁର, ଝାଡ଼ଖଣ୍ଡ ଓ ବିହାର ମଧ୍ୟ ସେମାନଙ୍କ ମ୍ୟାଚରେ ବିଜୟ ଲାଭ କରିଛନ୍ତି। ଦିନର ଓପନିଂ ଗେମ୍ ହାଇସ୍କୋରିଂ ଥିଲା। ଏଥିରେ ଛତିଶଗଡ଼ ବିପକ୍ଷରେ ଉତ୍ତରାଖଣ୍ଡ ୭-୫ ଗୋଲ୍‌ରେ ବିଜୟ ଲାଭ କରିଥିଲା। ପରେ ଉତ୍ତରପ୍ରଦେଶ ୬-୧ ଗୋଲ୍‌ରେ ପୁଡୁଚେରୀକୁ ପରାସ୍ତ କରିଥିଲା। ଏକ ଏକତରଫା ମ୍ୟାଚରେ ମହାରାଷ୍ଟ୍ର ୧୭-୧ଗୋଲ୍‌ରେ ଗୋଆକୁ ହରାଇ ଦେଇଛି। ସେହିପରି ହିମାଚଳ ବିପକ୍ଷରେ ମଣିପୁର ୨-୦ ଏବଂ ବେଙ୍ଗଲ ବିପକ୍ଷରେ ଝାଡ଼ଖଣ୍ଡ ୫-୧ ଗୋଲ୍‌ରେ ବିଜୟ ଲାଭ କରିଛି।

# ମୁମ୍ବାଇ-ମୋହନବାଗାନ ଖେଳିବେ ଉଦ୍‌ଘାଟନୀ

**ଆଜିଠୁ ଇଣ୍ଡିଆନ୍ ସୁପର୍ ଲିଗ୍**

**କୋଲକାତା,୧୨।୯(ପି.ଟି.)**

ଇଣ୍ଡିଆନ୍ ସୁପର୍ ଲିଗ୍ (ଆଇଏସ୍ଏଲ୍)ର ୧୧ତମ ସଂସ୍କରଣ ଶୁକ୍ରବାର ଆରମ୍ଭ ହେବାକୁ ଯାଉଛି। ବିଗତ ସଂସ୍କରଣର ଦୁଇ ଫାଇନାଲିଷ୍ଟ ମୁମ୍ବାଇ ସିଟି ଏଫ୍‌ସି ଓ ମୋହନବାଗାନ ସୁପର ଜାଏଣ୍ଟ୍ସ ମଧ୍ୟରେ ପ୍ରଥମ ମ୍ୟାଚ୍ ସଲ୍ଟ ଲେକ୍ ଷ୍ଟାଡିୟମରେ ଖେଳାଯିବ। କୋଲକାତାର ୩ ପୁରାତନ କ୍ଲବ ଚଳିତବର୍ଷ ଅଂଶଗ୍ରହଣ କରୁଥିବା ବେଳେ ମୁକାବିଲା ଅଧିକ ରୋଚକ ହୋଇଛ। ପୂର୍ବରୁ ମୋହନ ବାଗାନ ଓ ଇଷ୍ଟବେଙ୍ଗଲ ଯୋଗ୍ୟତା ହାସଲ କରି ସାରିଥିବା ବେଳେ ଆଇ ଲିଗ୍ ଚାମ୍ପିୟନ ମହମ୍ମଡାନ ସ୍ପୋର୍ଟିଂ ମଧ୍ୟ ଯୋଗ୍ୟତା ଅର୍ଜନ କରିଛି। ଏହା ସହ ଅନୱର ଅଲୀଙ୍କୁ ନେଇ ମୋହନ ବାଗାନ ଓ ଇଷ୍ଟ ବେଙ୍ଗଲ ମଧ୍ୟରେ ଚାଲିଥିବା ବିବାଦ ସ୍ଥିତିକୁ ଅଧିକ ରୋଚକ କରିଛି।

ଗତ ସିଜନରେ ଲିଗ୍ ସିଲ୍ଡ ହାସଲ କରିଥିବା ମୋହନ ବାଗାନ ଫାଇନାଲରେ ମୁମ୍ବାଇ ସିଟି ଏଫ୍‌ସି ନିକଟରୁ ପରାଜିତ ହୋଇଥିଲା। ଚଳିତ ସିଜନ ପାଇଁ ଅଷ୍ଟ୍ରେଲିଆନ ଏ ଲିଗ୍ ଖେଳାଳି ଜେମି ମ୍ୟାକ୍‌ଲରେନ୍‌ଙ୍କୁ ମୋହନ ବାଗାନ ସାଇନ୍ କରିଛି। ତେବେ ଜେମି ବର୍ତ୍ତମାନ ଆହତ ଅଛନ୍ତି। ତେବେ ଚଳିତ ସିଜନରେ ଦଳର ଡିଫେନ୍ସ ବେଶ୍ ଦୁର୍ବଳ ମନେ ହେଉଛି। ଅନୱର ଅଲୀ ଇଷ୍ଟ ବେଙ୍ଗଲରେ ଯୋଗଦେଇଥିବା ବେଳେ ବ୍ରେଣ୍ଡନ ହାମିଲ ଓ ହେକ୍ଟର ୟୁଷ୍ଟେ ମଧ୍ୟ କ୍ଲବ୍ ଛାଡି ସାରିଛନ୍ତି।

ଅନ୍ୟପକ୍ଷରେ ମୁମ୍ବାଇ ସିଟି ଏଫ୍‌ସି ଅଧିନାୟକ ରାହୁଲ ଭେକେ, ଆପୁଇଆ, ଆଲବର୍ଟୋ ନୋଗୁଏରା ଓ ଜର୍ଜ ପେରେରା ଡିଆଜ ଦଳ ଛାଡ଼ିଥିବା ବେଳେ ବ୍ରାଣ୍ଡନ ଫର୍ନାଣ୍ଡେସ୍, ଜେରେମି ମାଞ୍ଜୋରୋ, ଜନ୍ ଟୋରାଲ, ଟି.ପି. ରେନେଶ, ହିତେଶ ଶର୍ମା ଓ ସାହିଲ ପନୱର ଦଳରେ ଯୋଗ ଦେଇଛନ୍ତି। ନୂଆ ଖେଳାଳିଙ୍କୁ ଦଳରେ ସାମିଲ କରିବା କୋଚ୍ ଜୋସ୍ ମୋଲିନାଙ୍କ ପାଇଁ ମଧ୍ୟ ସମସ୍ୟା ସୃଷ୍ଟି କରିପାରେ।

## ଡେଭିସ୍ କପ୍ ଫାଇନାଲ୍ସରେ ଜର୍ମାନୀ

**ଝୁହାଇ, ୧୨।୯ (ଏପି):** ଗୁରୁବାର ଚିଲି ବିପକ୍ଷରେ ୨-୦ରେ ଅଗ୍ରଣୀ ପରେ ଜର୍ମାନୀ ଡେଭିସ୍‌କପ୍ ଟେନିସ ପ୍ରତିଯୋଗିତାର ଫାଇନାଲ୍ସରେ ପ୍ରବେଶ କରିଛି। ଚାଇନାର ଝୁହାଇସ୍ଥିତ ଇନ୍‌ଡୋର ହାର୍ଡକୋର୍ଟରେ ଗ୍ରୁପ୍ 'ସି'ର ଡବଲ୍ସ ମ୍ୟାଚ ପୂର୍ବରୁ ଅନୁଷ୍ଠିତ ଏକ ସିଙ୍ଗଲ୍ସ ମ୍ୟାଚରେ ଜର୍ମାନୀର ମାକ୍ସିମିଲାନ ମାର୍ଟେରର ୬-୧, ୬-୩ ସେଟ୍‌ରେ ଟୋମାସ ବାରିଅସ୍ ଭେରାଙ୍କୁ ହରାଇ ଦେଇଛନ୍ତି। ପରେ ୟାନିକ୍ ହାମ୍ପମାନ ୭-୫, ୬-୪ରେ ଆଲେଜାଣ୍ଡ୍ରୋ ଟାବିଲୋଙ୍କୁ ପରାସ୍ତ କରି ଫାଇନାଲ୍ସ ପାଇଁ ଆଗୁଆ ସ୍ଥାନ ପକ୍କା କରିସାରିଛି।

# ମହିଳା ୪x୧୦୦ମି. ମିଡ୍‌ଲେ: ଓଡ଼ିଶାକୁ ସ୍ୱର୍ଣ୍ଣ




ସ୍ୱର୍ଣ୍ଣପଦକ ବିଜେତା ୪x୧୦୦ ମିଟର ମିଡ୍‌ଲେ ରିଲେ ଦଳ।

**ଜାତୀୟ ସିନିୟର ଆକ୍ୱାଟିକ୍ ଚାମ୍ପିୟନଶିପ୍**

**ଭୁବନେଶ୍ୱର, ୧୨।୯ (ତପନ ସ୍ୱାଇଁ)**

ଜାତୀୟ ସିନିୟର ସନ୍ତରଣ ଓଡ଼ିଶା ପ୍ରତିଯୋଗୀଙ୍କ ଚମକ ଜାରି ରହିଛି। କର୍ନାଟକର ମାଙ୍ଗାଲୋରଠାରେ ଚାଲିଥିବା ୭୭ତମ ଜାତୀୟ ସିନିୟର ଆକ୍ୱାଟିକ୍ ଚାମ୍ପିୟନଶିପର ମହିଳା ୪x୧୦୦ ମିଟର ମିଡ୍‌ଲେ ରିଲେରେ ଓଡ଼ିଶା ସ୍ୱର୍ଣ୍ଣ ପଦକ ହାସଲ କରିଛି। ପ୍ରତ୍ୟାଶା ରାୟ, ମନ୍ନତା ମିଶ୍ର, ସୃଷ୍ଟି ଉପାଧ୍ୟାୟ ଓ ସୋନିଆ ପଟେଲଙ୍କୁ ନେଇ ଗଠିତ ଓଡ଼ିଶା ଦଳ ୪:୨୭.୯୦ ସେକେଣ୍ଡ ସମୟ ନେଇ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଏଥିରେ ପ୍ରତ୍ୟାଶା ବ୍ୟାକ୍‌ଷ୍ଟ୍ରୋକ୍, ମନ୍ନତା ବ୍ରେଷ୍ଟ ଷ୍ଟ୍ରୋକ୍, ସୃଷ୍ଟି ବଟରଫ୍ଲାଏ ଓ ସୋନିଆ ଫ୍ରିଷ୍ଟାଇଲ ସୁଇମିଂ କରିଥିଲେ। ମହାରାଷ୍ଟ୍ର ଟିମ୍ ୪:୨୮.୧୮ ସେକେଣ୍ଡ ସହ ରୌପ୍ୟ ଓ ଆରଏସପିବି ଦଳ ୪:୩୧.୧୬ ସେକେଣ୍ଡ ନେଇ ବ୍ରୋଞ୍ଜ ପଦକ ହାସଲ କରିଛି। ପୂର୍ବରୁ ଏହି ପ୍ରତିଯୋଗିତାରେ ଓଡ଼ିଶାର ପ୍ରଥମ ସୁଇମରଭାବେ ପ୍ରତ୍ୟାଶା ରୌପ୍ୟ ପଦକ ଜିତି ରାଜ୍ୟକୁ ଗର୍ବିତ କରିଥିଲେ।

ସେହିପରି ମହିଳା ୪x୨୦୦ ମିଟର ଫ୍ରିଷ୍ଟାଇଲରେ ଓଡ଼ିଶା ଦଳ ବ୍ରୋଞ୍ଜ ପଦକ ହାସଲ କରିଥିଲା। ସୋନିଆ ପଟେଲ, ଦିବ୍ୟଙ୍କା ଦିବ୍ୟଜ୍ୟୋତି ପ୍ରଧାନ, ପ୍ରତ୍ୟାଶା ରାୟ ଓ ସୃଷ୍ଟି ଉପାଧ୍ୟାୟଙ୍କୁ ନେଇ ଗଠିତ ଓଡ଼ିଶା ଦଳ ୯:୦୩.୫୩ ସେକେଣ୍ଡ ସମୟ ନେଇ ତୃତୀୟ ସ୍ଥାନ ଅଧିକାର କରିଥିଲା।






4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ